
ଅଷ୍ଟ୍ରେଲିଆନ୍ ଓପନ୍
ସେମିରେ ଜୋକୋଭିଚ୍
▶କ୍ରୀଡ଼ା ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-207 ◆BHUBANESWAR ◆WEDNESDAY ◆22 JANUARY 2025 ◆PAGE-14 ◆₹ 6.00
◆ବର୍ଷ-୪୨ ◆ସଂଖ୍ୟା-୨୦୭ ◆ଭୁବନେଶ୍ୱର ◆ବୁଧବାର ◆୨୨ ଜାନୁଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


## ରାଜଧାନୀରେ ବସି ସରକାରଙ୍କ ଝାଡ଼ାବାନ୍ତି ନିୟନ୍ତ୍ରଣ

# ବେକାବୁ ପରେ ନିଦ ଭାଙ୍ଗିଲା



### ୪ ଜୀବନ ଗଲା ପରେ ସ୍ୱୀକାର କଲେ ଜଣଙ୍କ ମୃତ୍ୟୁ
### ୧୦ ଦିନ ପରେ ଜିଲ୍ଲାପାଳଙ୍କ ଦେଖା ମିଳିଲା
### ଉଦ୍‌ବେଗ ପ୍ରକାଶ କଲେ ବିରୋଧୀ ଦଳ ନେତା

■ **ଭୁବନେଶ୍ୱର, ୨୧।୧ (ସମିସ):** ନୂଆ ସରକାରରେ ବିକଶିତ ଓଡ଼ିଶାର ଆଉ ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି। ଖାଦ୍ୟାଭାବରୁ ଆମ୍ବ ଟାକୁଆ କୋଇଲିର ବାସି ଜାଉ ଖାଇ କନ୍ଧମାଳ ଜିଲ୍ଲାର ମାଣ୍ଡିପଙ୍କାାରେ ଝାଡ଼ାବାନ୍ତି ମୃତ୍ୟୁ ଘଟଣା ମନରୁ ଲିଭି ନ ଥିବା ବେଳେ ରାଜଧାନୀରୁ ଅନତିଦୂର ପୁରୀ ଜିଲ୍ଲା କଣାସରେ ବିଶୁଦ୍ଧ ପାଣି ଯୋଗାଣ ଅଭାବରୁ ଦୟାର ଦୂଷିତ ପାଣି ପିଇ ୪ଜଣ ଆଖି ବୁଜିଥିବା ନେଇ ଅଭିଯୋଗ ହୋଇଛି। ଶତାଧିକ ଲୋକ ଦୂଷିତ ଜଳ ଯୋଗୁଁ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

ସ୍ୱାସ୍ଥ୍ୟ ବିଭାଗ ଓ ସ୍ଥାନୀୟ ପ୍ରଶାସନର ଅବହେଳା ଯୋଗୁଁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି। ଏପରିସ୍ଥଳେ ଝାଡ଼ାବାନ୍ତିରେ


**ପ୍ରତ୍ୟେକ ଜୀବନ ମୂଲ୍ୟବାନ, ସୁରକ୍ଷା ଦିଅ: ନବୀନ**

ମାତ୍ର ଜଣଙ୍କର ମୃତ୍ୟୁ ହୋଇଥିବା ଏବଂ ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ସବୁଠାରୁ ପରିତାପର ବିଷୟ ହେଲା, ରାଜଧାନୀ ଭୁବନେଶ୍ୱରରୁ ମାତ୍ର ଘଣ୍ଟାକର ବାଟ ହୋଇଥିଲେ ହେଁ ସ୍ଥିତି ଅନୁଧ୍ୟାନ ପାଇଁ କଣାସରେ କୌଣସି ମନ୍ତ୍ରୀ, ନେତା କି ସରକାରୀ ଉଚ୍ଚ ଅଧିକାରୀଙ୍କ ପାଦ ପଡ଼ିନାହିଁ। ୧୦ ଦିନ ପରେ ଝାଡ଼ାବାନ୍ତି ପରିସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ହେବା ପରେ ଜିଲ୍ଲାପାଳ ସ୍ଥିତି ପରଖିଛନ୍ତି। ପ୍ରଶାସନର ଉଦାସୀନତାକୁ ସାଧାରଣରେ ତୀବ୍ର ନିନ୍ଦା କରାଯିବା ସହ ଅବହେଳା ଅଭିଯୋଗରେ ପୁରୀ ଜିଲ୍ଲାପାଳଙ୍କ ନାମରେ ଏତଲା ଦିଆଯାଇଛି। ଝାଡ଼ାବାନ୍ତି ସ୍ଥିତି ବେକାବୁ ହେବା ପରେ ବି ସରକାର କିଛି ତଳିଆ ଅଧିକାରୀଙ୍କୁ ପଠାଇ ଦାୟିତ୍ୱ ଝାଡ଼ିଦେଇଛନ୍ତି। ଝାଡ଼ାବାନ୍ତିରେ ଲୋକଙ୍କ ଜୀବନ ଯିବା ପରେ ପ୍ରାଥମିକ ଅବସ୍ଥାରେ ସରକାର ସଚିବାଳୟରୁ ସ୍ଥିତି ନିୟନ୍ତ୍ରଣ ଚଳାଇଲେ। ବିରୋଧୀଙ୍କ ଗର୍ଜନ ଏବଂ ସେଠାରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବା ପରେ ଆଜି ଜିଲ୍ଲାପାଳ ଘଟଣାସ୍ଥଳରେ ପହଞ୍ଚି ସମୀକ୍ଷା କରିଛନ୍ତି।

ଏପରି ସଙ୍ଗୀନ ସ୍ଥିତିରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସରକାରଙ୍କ ଉଦାସୀନତାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ପୁରୀ ଜିଲ୍ଲାର କଣାସ ବ୍ଲକ୍‌ରେ ଝାଡ଼ାବାନ୍ତି ପରିସ୍ଥିତି ଲୋକଙ୍କ ମନରେ ଭୟ ସଂଚାର କରୁଛି। ସ୍ଥିତି ନିୟନ୍ତ୍ରଣକୁ ଆସିବା ପରିବର୍ତ୍ତେ ଆହୁରି ଖରାପ ହେବାରେ ଲାଗିଛି। ଚିକିତ୍ସା, ବିଶୁଦ୍ଧ ପାନୀୟ ଜଳ ନ ପାଇ ନିରୀହ ଲୋକଙ୍କ ଜୀବନ ଯାଉଛି। ପ୍ରତିଟି ଜୀବନ ମୂଲ୍ୟବାନ, ଏହାର ସୁରକ୍ଷା ପାଇଁ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି। ସ୍ଥିତି ନିୟନ୍ତ୍ରଣ ପାଇଁ ସମସ୍ତେ ପ୍ରଶାସନକୁ ସହଯୋଗ କରନ୍ତୁ ବୋଲି ମଧ୍ୟ ନବୀନ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଛନ୍ତି।

ସପ୍ତାହେରୁ ଅଧିକ ସମୟ ହେଲା କଣାସ ବ୍ଲକ୍‌ରେ ନଦୀ-ପୋଖରୀର ଦୂଷିତ ପାଣି ପିଇ ଝାଡ଼ାବାନ୍ତି ବ୍ୟାପିଲାଣି। ▶ପୃଷ୍ଠା-୭

# ପ୍ରଥମ ଦିନରୁ ନାଲିଆଖି ଦେଖାଇଲେ ଟ୍ରମ୍ପ



## ରଦ୍ଦ କଲେ ଜନ୍ମାଧିକାର ନାଗରିକତା

■ **ୱାସିଂଟନ, ୨୧।୧ (ଏଜେନ୍ସି):** ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟଥର ଲାଗି ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଦେଶବିଦେଶରେ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି ହୋଇଛି। ସେ ୭୨ଟି ପୁରୁଣା ନିଷ୍ପତ୍ତିକୁ ବଦଳାଇବା ସହିତ ଶତାଧିକ ନୂଆ ନିର୍ଦ୍ଦେଶନାମାରେ ଦସ୍ତଖତ କରିଛନ୍ତି। ବିଶେଷ କରି ତାଙ୍କର ଦୁଇଟି ନିର୍ଦ୍ଦେଶନାମା ଯୋଗୁଁ ଭାରତ ସର୍ବାଧିକ କ୍ଷତିଗ୍ରସ୍ତ ହେବାକୁ ଯାଉଛି। ପ୍ରଥମଟି ହେଲା ଜନ୍ମାଧିକାର ନାଗରିକତା ଆଇନର ସମାପ୍ତି ଏବଂ ଦ୍ୱିତୀୟଟି ହେଉଛି ବ୍ରିକ୍ସ ସଦସ୍ୟରାଷ୍ଟ୍ରଙ୍କ ଉପରେ ଶତପ୍ରତିଶତ ଶୁଳ୍କ ଲାଗୁ ପାଇଁ ଚେତାବନୀ। ଏହାକୁ ନେଇ କେବଳ ଆମେରିକା ନୁହେଁ, ଭାରତରେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଲାଣି। ▶ପୃଷ୍ଠା-୭

**କ୍ଷତିଗ୍ରସ୍ତ ହେବେ ଲକ୍ଷାଧିକ ଭାରତୀୟ**

## ଓଡ଼ିଶା-ଛତିଶଗଡ଼ ସୀମାରେ ଏନ୍‌କାଉଣ୍ଟର

# ୧୬ ମାଓବାଦୀ ନିହତ



### ରାମଚନ୍ଦ୍ର ବି ନିହତ, ମୁଣ୍ଡ ଉପରେ ଥିଲା କୋଟିଏ ଟଙ୍କାର ପୁରସ୍କାର
### ଏସ୍‌ଓଜି ଯବାନଙ୍କ ସ୍ୱତନ୍ତ୍ର ଭତ୍ତା ୨୫ ହଜାରକୁ ବଢ଼ାଇଲେ ମୁଖ୍ୟମନ୍ତ୍ରୀ

■ **ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି):** ନକ୍ସଲ ଦମନ ଅଭିଯାନରେ ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ସୁରକ୍ଷା ବାହିନୀକୁ ବଡ଼ ସଫଳତା ମିଳିଛି। ଦୁଇ ରାଜ୍ୟର ସୁରକ୍ଷାବଳଙ୍କ ମିଳିତ ଅପରେସନରେ ଛତିଶଗଡ଼ ଗରିଆବନ୍ଦ ଜିଲ୍ଲାର ଭାଲୁଡିଗି ପାହାଡ଼ିଆ ଜଙ୍ଗଲରେ ହୋଇଥିବା ଏନକାଉଣ୍ଟରରେ ଜଣେ ପ୍ରମୁଖ ମାଓ ନେତାଙ୍କ ସମେତ ୧୬ ନକ୍ସଲ ନିହତ ହୋଇଛନ୍ତି। ଏନକାଉଣ୍ଟର ଜାରି ରହିଥିବାରୁ ନକ୍ସଲ ମୃତ୍ୟୁସଂଖ୍ୟା ଆହୁରି ବଢିପାରେ ବୋଲି କୁହାଯାଇଛି।

ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରାଯାଇ ଡ୍ରୋନ ମାଧ୍ୟମରେ ଏହି ଜଙ୍ଗଲରେ ଲୁଚି ରହିଥିବା ନକ୍ସଲମାନଙ୍କୁ ସୁରକ୍ଷାକର୍ମୀମାନେ ଖୋଜି ▶ପୃଷ୍ଠା-୭

## ଘନ କୁହୁଡ଼ି ଚେତାବନୀ

# ୪ ଡିଗ୍ରୀ ବଢ଼ିବ ତାପମାତ୍ରା

■ **ଭୁବନେଶ୍ୱର, ୨୧।୧ (ସମିସ):** ରାଜ୍ୟରେ ଜାରି ରହିଥିବା ଶୀତର ପ୍ରଭାବ ହ୍ରାସ ପାଇବ। ବୁଧବାରଠାରୁ ଧୀରେ ଧୀରେ ତାପମାତ୍ରା ବୃଦ୍ଧି ପାଇବ। ଶୀତ କମିବା ସହ ରାଜ୍ୟରେ ୨ ଦିନ ଘନ କୁହୁଡ଼ି ହେବ। ବିଶେଷକରି ୨୨ ଓ ୨୩ ତାରିଖରେ ପ୍ରବଳ କୁହୁଡ଼ି ହେବ। ଏଥିପାଇଁ ୪ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ଚେତାବନୀ ଜାରି କରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ୨୨ ତାରିଖରୁ ପରବର୍ତ୍ତୀ ୪ ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଗୋଟିଏ ଗୁରୁଚାପ ବଳୟର ପ୍ରଭାବ ହେତୁ ରାଜ୍ୟକୁ ବଙ୍ଗୋପସାଗର ପଟୁ ଉଷ୍ମ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରିବ। ଏଥିପାଇଁ ରାତି ତାପମାତ୍ରା ବୃଦ୍ଧି ହେବା ସହ ଶୀତ ପ୍ରକୋପ କମିବ।

ବୁଧବାର ରାତିରୁ ଗୁରୁବାର ସକାଳ ମଧ୍ୟରେ ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧାରେ ଘନ କୁହୁଡ଼ି ଆଶଙ୍କା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ▶ପୃଷ୍ଠା-୭

# ବିଜେପିରେ ଅଛୁଆଁ ହେଲେଣି 'ଦଳଡିଆଁ'

## ଗୁରୁତ୍ୱ ଦେଉନି କେନ୍ଦ୍ର, ରାଜ୍ୟରେ ବି ଅଲୋଡ଼ା

■ **ଭୁବନେଶ୍ୱର, ୨୧।୧ (ସମିସ):** ନା ସରକାର, ନା ସଂଗଠନ। ଉଭୟ ଦଳ ଏବଂ ସରକାରରେ ଅଛୁଆଁ ହୋଇଗଲେଣି। ନା କେନ୍ଦ୍ର ଗୁରୁତ୍ୱ ଦେଉଛି, ନା ରାଜ୍ୟରେ ଗୁରୁତ୍ୱ ମିଳୁଛି। ନିର୍ବାଚନ ପୂର୍ବରୁ ଏବଂ ନିର୍ବାଚନ ସମୟରେ ରାତି ଅଧିଆ ବିଜେପିକୁ ଡେଇଁଥିବା ଅନ୍ୟ ଦଳର ନେତାମାନଙ୍କ ଅବସ୍ଥା କହିଲେ ନ ସରେ। ନା କହିପାରୁଛନ୍ତି, ନା ହଜମ କରିପାରୁଛନ୍ତି।

୭ ମାସ ତଳେ ବିଜେପି ରାଜ୍ୟରେ ପ୍ରଥମଥର ସରକାର ଗଠନ କରିଥିବା ବେଳେ ଏହି ଦଳଡିଆଁମାନଙ୍କ ମଧ୍ୟରୁ ଅଧିକାଂଶ ଭାବିନେଇଥିଲେ ଯେ ସେମାନଙ୍କୁ ମନ୍ତ୍ରୀ ପଦ ମିଳିବ। କିନ୍ତୁ ସେମାନଙ୍କୁ ନିରାଶ ହେବାକୁ ପଡ଼ିଥିଲା। ମନ୍ତ୍ରିମଣ୍ଡଳରେ ଜଣେ ହେଲେ ଅନ୍ୟ ଦଳରୁ ଆସିଥିବା ନେତାଙ୍କୁ ବିଜେପି ସାମିଲ କରିନଥିଲା। କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ଲାଗି ଏଭଳି ଜଣେ ନେତା ମଧ୍ୟ ଆଶା ବାନ୍ଧିଥିଲେ। ମନ୍ତ୍ରିମଣ୍ଡଳରେ ସ୍ଥାନ ତ ମିଳିଲାନି, ଦଳୀୟ ବ୍ୟାପାରରେ ବାହାରେ କିଛି କହିବାକୁ ମଧ୍ୟ ତାଙ୍କୁ ତାଗିଦ କରାଯାଇଥିବା କୁହାଯାଉଛି।

ରାଜ୍ୟରେ ଏବେ ବିଜେପିର ସାଂଗଠନିକ ନିର୍ବାଚନ ଚାଲିଥିବା ବେଳେ ଦଳଡିଆଁ ନେତାମାନେ ମଧ୍ୟ ସମଦଶା ଭୋଗୁଛନ୍ତି। ଆଉ କିଛିଦିନ ମଧ୍ୟରେ ବିଜେପି ପକ୍ଷରୁ ନୂଆ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କରାଯିବ। ଭିତିରି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦଳର ପୁରୁଣା ନେତାଙ୍କୁ ହିଁ ସୁଯୋଗ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଆସନ୍ତା ମାସରେ ଦଳ ବିଭିନ୍ନ ନିଗମ, ବୋର୍ଡରେ ଅଧ୍ୟକ୍ଷ, ସଦସ୍ୟ ଏବଂ ଉପଦେଷ୍ଟା ନିଯୁକ୍ତି ଦେବାକୁ ଯୋଜନା କରିଛି। ଏଥିପାଇଁ ଦଳର ଶୀର୍ଷ ନେତୃତ୍ୱ ଯେଉଁ ତାଲିକା ପ୍ରସ୍ତୁତ କରୁଛନ୍ତି, ତାହା ଦଳଡିଆଁଙ୍କୁ ଝଟକା ଦେବା ନିଶ୍ଚିତ। ଅତିକମରେ ନିଗମ ପଦ ହାତେଇବା ପାଇଁ ଏମାନେ ନିଜ ନିଜର ନେତାଙ୍କୁ ଧରି ଲବି ଜାରି ରଖିଥିଲେ ମଧ୍ୟ ତାହା ବିଶେଷ ଫଳପ୍ରଦ ହେବାର ସମ୍ଭାବନା ବି ନାହିଁ। ଅଳ୍ପ ହାତଗଣତି କିଛି ନେତାଙ୍କୁ ଛାଡ଼ିଦେଲେ ଦଳୀୟ ଆନୁଗତ୍ୟ, ଦଳରେ କାମ କରିଥିବା ଅଭିଜ୍ଞ ନେତାଙ୍କୁ ବିଜେପି ସୁଯୋଗ ଦେବ ବୋଲି କେନ୍ଦ୍ରୀୟ ନେତୃତ୍ୱ ରାଜ୍ୟସ୍ତରୀୟ ନେତାଙ୍କୁ ସଫାସଫା ଶୁଣାଇ ଦେଇଛନ୍ତି।

**ମନସ୍ତାପରେ ଅଭିଜ୍ଞ ନେତା**

### ସରକାର, ସଂଗଠନରେ ବିଜେପିର ପୁରୁଣା ମୁହଁକୁ ଗୁରୁତ୍ୱ
### ଶୀର୍ଷ ନେତୃତ୍ୱଙ୍କ ପରାମର୍ଶ, ଦଳୀୟ ଆନୁଗତ୍ୟକୁ ଗୁରୁତ୍ୱ ଦିଅ

ଜୁନ୍ ୧୨ ତାରିଖରେ ବିଜେପି ରାଜ୍ୟରେ ସରକାର ଗଠନ କରିବା ପୂର୍ବରୁ ଅନ୍ୟ ଦଳର ବହୁ ଛାମୁଆ ନେତା ଦଳ ଛାଡ଼ି ପଦ୍ମଫୁଲ ଧରିଥିଲେ। ଭାଗ୍ୟକୁ ବିଜେପି ଅପ୍ରତ୍ୟାଶିତ ଭାବେ ରାଜ୍ୟରେ ସରକାର ମଧ୍ୟ ▶ପୃଷ୍ଠା-୭

# ଫେବୃଆରୀ ୧୩ରୁ ବିଧାନସଭା ବଜେଟ ଅଧିବେଶନ

## ୧୭ରେ ଗୃହରେ ବଜେଟ ଆଗତ କରିବେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୨୧।୧ (ସମିସ):** ଆସନ୍ତା ଫେବୃଆରୀ ୧୩ ତାରିଖରୁ ସପ୍ତଦଶ ବିଧାନସଭାର ତୃତୀୟ ତଥା ବଜେଟ୍ ଅଧିବେଶନ ଆରମ୍ଭ ହେବ। ଏପ୍ରିଲ ୫ ତାରିଖ ଯାଏଁ ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ ୨୮ଟି କାର୍ଯ୍ୟ ଦିବସ ରହିଛି। ଫେବୃଆରୀ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ ଆଗତ କରିବାକୁ ଥିବାବେଳେ ମାର୍ଚ୍ଚ ୨୯ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ। ବିଧାନସଭା ସଚିବାଳୟ ପକ୍ଷରୁ ଏନେଇ ଆଜି ବିଜ୍ଞପ୍ତି ଜାରି କରାଯାଇଛି।

ବିଜ୍ଞପ୍ତି ଅନୁଯାୟୀ, ବିଧାନସଭାର ବଜେଟ ଅଧିବେଶନ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୧୩ରୁ ୨୧ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୭ରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଗୃହରେ ଅଭିଭାଷଣ ରଖିବେ। ଫେବୃୟାରୀ ୧୪ ଓ ୧୫ତାରିଖ ଦୁଇଦିନ ଧରି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ▶ପୃଷ୍ଠା-୭

**୨ଟି ପର୍ଯ୍ୟାୟରେ ଅଧିବେଶନ, ୨୮ଟି କାର୍ଯ୍ୟ ଦିବସ**

**ମାର୍ଚ୍ଚ ୨୯ରେ ଆଗତ ହେବ ବ୍ୟୟମଞ୍ଜୁରୀ ବିଧେୟକ**






**ଜଙ୍ଗଲରୁ ମୁମୂର୍ଷୁ ଯୁବତୀ ଉଦ୍ଧାର ଘଟଣା**

# ଟିଟିଲାଗଡ଼ ଷ୍ଟେସନ୍‌ରୁ ମୁଖ୍ୟ ଅଭିଯୁକ୍ତ ଗିରଫ


**ଗିରଫଦାରୀ ସଂଖ୍ୟା ୫କୁ ବୃଦ୍ଧି**

■ **ବଲାଙ୍ଗିର/ବରଗଡ଼, ୨୧।୧ (ସମିସ):** ବରଗଡ଼ ଧନୁଯାତ୍ରା ଦେଖିବାକୁ ଆସି ଜଣେ ଯୁବତୀ ନିଖୋଜ ହେବା ଓ ୪୮ ଘଣ୍ଟା ପରେ ସ୍ଥାନୀୟ କୁର୍ଲା ଜଙ୍ଗଲରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହେବା ଘଟଣାରେ ମଙ୍ଗଳବାର ବରଗଡ଼ ପୁଲିସ୍ ମୁଖ୍ୟ ଅଭିଯୁକ୍ତ ରାକେଶ ଡନସେନା ସମେତ ଆଉ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ରାକେଶ ଆଜି ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ରେଲୱେ ଷ୍ଟେସନ୍‌ରେ ବୁଲୁଥିବା ବେଳେ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ୍‌ର ଏକ ଟିମ୍ ତାକୁ ସେଠାରୁ ଗିରଫ କରିଛି।

ଦୀର୍ଘ ୧୦ ଦିନ ହେଲା ସେ ପୁଲିସ୍ ଆଖିରେ ଧୂଳି ଦେଇ ବିଭିନ୍ନ ସ୍ଥାନରେ ଆତ୍ମଗୋପନ କରୁଥିଲା। ସେହିପରି ଏହି ଘଟଣାରେ ▶ପୃଷ୍ଠା-୭

# ପାଠ୍ୟକ୍ରମରେ ରହୁ ଓଡ଼ିଶା ସଂସ୍କୃତି, ଐତିହ୍ୟର ଛାପ

## ଜାତୀୟ ଶିକ୍ଷା ନୀତି ସମ୍ପର୍କିତ ତିନିଦିନିଆ କର୍ମଶାଳା ଆରମ୍ଭ

■ **ଭୁବନେଶ୍ୱର, ୨୧।୧ (ସମିସ):** ରାଜ୍ୟରେ ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ଲାଗୁ ହେଲେ ପ୍ରାଥମିକ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ ହେବ। ପ୍ରାଥମିକ ସ୍ତରରୁ ଛାତ୍ରଛାତ୍ରୀଙ୍କୁ ମୌଳିକ ଓ ସଂଖ୍ୟାଜ୍ଞାନ ଅବଗତ କରାଯିବ। ଗୁଣାତ୍ମକ ଶିକ୍ଷାଦାନକୁ ପ୍ରାଥମିକତା ଦିଆଯିବ। ମୂଳଦୁଆ ସୁଦୃଢ଼ ହେଲେ ପିଲାମାନଙ୍କ ସାମଗ୍ରିକ ବିକାଶ ହୋଇପାରିବ। ମଙ୍ଗଳବାର ଲୋକସେବା ଭବନରେ ଜାତୀୟ ଶିକ୍ଷା ନୀତି(ଏନ୍‌ଇପି) ସମ୍ପର୍କିତ ତିନିଦିନିଆ ରାଷ୍ଟ୍ରୀୟ କର୍ମଶାଳା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି।

କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି ଯେ ଓଡ଼ିଶାର ସଭ୍ୟତା ଓ ସାଂସ୍କୃତିକ ମୂଲ୍ୟବୋଧ, ଇତିହାସ, ଐତିହ୍ୟ ଓ ଜ୍ଞାନ ପରମ୍ପରାକୁ ଭିତ୍ତି କରି ନୂତନ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବା ସହ ସେହି ଆଧାରରେ ଶିକ୍ଷାଦାନ ହେବ। ସମସ୍ତଙ୍କୁ ସହଜରେ ଓ ସୁବିଧାରେ ଶିକ୍ଷା ପ୍ରଦାନ କରିବାରେ ନୂଆ ଶିକ୍ଷା ନୀତି ବେଶ୍ ସହାୟକ ହେବ ବୋଲି ସେ କହିଛନ୍ତି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ନୂଆ ଶିକ୍ଷାନୀତି ଅନୁସାରେ ବିଦ୍ୟାଳୟସ୍ତରରେ ଧନ୍ଦାମୂଳକ ▶ପୃଷ୍ଠା-୭


**ସୁଦୃଢ଼ ମୂଳଦୁଆ ଶିକ୍ଷାର୍ଥୀଙ୍କ ବିକାଶରେ ସହାୟକ: ମୁଖ୍ୟମନ୍ତ୍ରୀ**

## 'ବର୍ଡର-୨'ର ସୁଟିଂ ଆରମ୍ଭ କଲେ ବରୁଣ

ବଲିଉଡ୍ ଅଭିନେତା ସନ୍ନି ଦେଓ୍ୱଲ ଫିଲ୍ମ 'ବର୍ଡର-୨' କଥା ଘୋଷଣା କରିବା ପରେ ଏହାକୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ୨୭ ବର୍ଷ ପରେ ଏହା ପୁରୁଣା ଓ ନୂଆ କଳାକାରଙ୍କୁ ନେଇ ବକ୍ସ ଅଫିସ୍‌ରେ ପୁଣି ଥରେ ଇତିହାସ ରଚିବାକୁ ଯାଉଛି। ଏଥିରେ ସନ୍ନିଙ୍କ ସହ ବରୁଣ ଧୱନ୍, ଦିଲଜିତ୍ ଦୋସାଞ୍ଜ ଓ ଅହାନ୍ ସେଟ୍ଟୀ ମଧ୍ୟ ନଜର ଆସିବେ। ଇତିମଧ୍ୟରେ ବରୁଣ ଫିଲ୍ମର ସୁଟିଂ ଆରମ୍ଭ କରିଛନ୍ତି। ନିଜେ ବରୁଣ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ସେୟାର୍ କରି ଲେଖିଛନ୍ତି- 'ବହୁତ ପରିଶ୍ରମ କରୁଥିବା ଏକ ଟିମ୍ ସହ ନୂଆ ଆରମ୍ଭ। ଜୟହିନ୍ଦ୍ # ବର୍ଡର-୨।' ଝାନ୍‌ସୀସ୍ଥିତ କ୍ୟାଣ୍ଟୋନମେଣ୍ଟ ଇଲାକାରେ ସୁଟିଂ ଆରମ୍ଭ ହୋଇଛି। ଏହା ଏକ ୱାର୍ ଡ୍ରାମା ହେବ। ଏଥିରେ ଦେଶଭକ୍ତି, ଆକ୍ସନ ଓ ଭାବନାର ଏକ ଅଦ୍ଭୁତ ସମ୍ମିଶ୍ରଣ ଦେଖିବାକୁ ମିଳିବ ବୋଲି ଫିଲ୍ମର ନିର୍ମାତା କହିଛନ୍ତି। ଅନୁରାଗ ସିଂହ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏହାର ପ୍ରଯୋଜନା ଦାୟିତ୍ୱରେ ଭୂଷଣ କୁମାର, କୃଷ୍ଣ କୁମାର, ଜେପି ଦତ୍ତା ଓ ନିଧି ଦତ୍ତା ରହିଛନ୍ତି। 'ବର୍ଡର-୨' ଆସନ୍ତାବର୍ଷ ଜାନୁଆରୀ, ୨୩ରେ ପରଦାକୁ ଆସିବ।




## ଆଜିର ଇତିହାସ

- ୧୬୬୬-ମୋଗଲ ସମ୍ରାଟ୍ ଶାହାଜାହାନଙ୍କ ଦେହାନ୍ତ।
- ୧୯୦୧- ବ୍ରିଟେନରେ ୬୩ ବର୍ଷ ପରେ ମହାରାଣୀ ଭିକ୍ଟୋରିଆଙ୍କ ଡାକଟିକେଟ୍ ବନ୍ଦ।
- ୧୯୩୪-ପ୍ରସିଦ୍ଧ ଫିଲ୍ମ ନିର୍ମାତା ବିଜୟ ଆନନ୍ଦଙ୍କ ଜନ୍ମ।
- ୧୯ ୯୩- ଇଣ୍ଡିଆନ ଏୟାରଲାଇନ୍ସର ଏକ ବିମାନ ଔରଙ୍ଗାବାଦଠାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୬୧ ଯାତ୍ରୀଙ୍କ ମୃତ୍ୟୁ।
- ୨୦୦୧- ପାକିସ୍ତାନରେ ତାଲିବାନର ସମସ୍ତ କାର୍ଯ୍ୟାଳୟକୁ ବନ୍ଦ କରି ଦିଆଗଲା।
- ୨୦୦୯ - 'ସ୍ଲମ୍‌ଡଗ୍ ମିଲେନିୟର୍' ଫିଲ୍ମ ଓସ୍କାର ପୁରସ୍କାର ପାଇଁ ମନୋନୀତ ହେଲା।

## ରିଲ୍ସରୁ ରକ୍ତଚାପ!

ସାମାଜିକ ଗଣମାଧ୍ୟମରେ ଘଣ୍ଟା ଘଣ୍ଟା ଧରି ରିଲ୍ସ ଦେଖିବା ଏବେ ସବୁ ବୟସବର୍ଗଙ୍କ ପାଇଁ ଏକ ସାଧାରଣ କଥା ପାଲଟିଛି। ଏହା ଯୋଗୁଁ ଅଯଥାରେ ସମୟ ନଷ୍ଟ ହେବା ସହ କାମ ମଧ୍ୟ ବାଧାପ୍ରାପ୍ତ ହେଉଛି। ସେହିପରି କେବଳ ଦିନରେ ନୁହେଁ, ବରଂ ଅନେକଙ୍କର ଶୋଇବା ପୂର୍ବରୁ ରିଲ୍ସ ଦେଖିବା ଏକପ୍ରକାର ଅଭ୍ୟାସ ବା ନିଶାରେ ପରିଣତ ହୋଇଛି। ତେବେ ଜାଣିବା ଉଚିତ୍, ଶୋଇବା ପୂର୍ବରୁ ରିଲ୍ସ ଦେଖିବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ସୃଷ୍ଟି ହେବା ଆଶଙ୍କା ଅଛି। ବିଏମ୍‌ସି ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଶୋଇବା ପୂର୍ବରୁ ରିଲ୍ସ ଦେଖିବାରେ ଯେଉଁ ସମୟ ଅତିବାହିତ କରାଯାଉଛି, ତାହା ଯୁବ ଏବଂ ମଧ୍ୟବୟସ୍କ ବର୍ଗଙ୍କଠାରେ ଉଚ୍ଚ ରକ୍ତଚାପ ସୃଷ୍ଟି କରିପାରେ। ଚୀନ୍‌ର ଏକ ଗବେଷକ ଦଳ ୪,୩୧୮ ଜଣଙ୍କ ତଥ୍ୟକୁ ବିଶ୍ଳେଷଣ କରିଥିଲେ। ସେମାନେ ସମସ୍ତେ ନିଜର ସ୍କ୍ରିନ ଟାଇମ୍‌ର ରିପୋର୍ଟ ପ୍ରଦାନ କରିଥିଲେ। ଏହାସହ ଜାନୁଆରୀରୁ ସେପ୍ଟେମ୍ବର ୨୦୨୩ ମଧ୍ୟରେ ସେମାନଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। ତେବେ ଏହି ଅଧ୍ୟୟନ ଶୋଇବା ବେଳେ ରିଲ୍ସ ଦେଖିବା ସମୟ ଉପରେ ଗୁରୁତ୍ୱ ଦେଇଥିଲା। ଏଥିରେ ଟିଭି ଦେଖିବା, ଭିଡିଓ ଗେମ୍ ଖେଳିବା ଏବଂ କମ୍ପ୍ୟୁଟର ବ୍ୟବହାର କରିବା ଆଦି ସାମିଲ ଥିଲା। ସେହିପରି ଏଥିରୁ ଜଣାପଡ଼ିଛି ରାତିରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରିଲ୍ସ ଦେଖିବା ଦ୍ୱାରା ଉଚ୍ଚ ରକ୍ତଚାପ ସ୍ତର ବୃଦ୍ଧି ପାଏ। ତେବେ ରିଲ୍ସ ନିଶା ଯୁବ ଏବଂ ମଧ୍ୟ ବୟସବର୍ଗ ଲୋକଙ୍କଠାରେ ଉଚ୍ଚ ରକ୍ତଚାପ ସହିତ ଜଡ଼ିତ ଥିଲା। ସେହିପରି ଶୋଇବା ବେଳେ ଏଭଳି ଭିଡିଓ ଦେଖିବା ଦ୍ୱାରା ଉତ୍ତେଜନା ସୃଷ୍ଟି ହୁଏ। ଏଣୁ ରାତିରେ ସ୍କ୍ରିନ ସମୟ ସୀମିତ କରିବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଏହାବାଦ୍ ଶରୀରର ଓଜନ, ରକ୍ତ ଶର୍କରା ଏବଂ ୟୁରିକ୍ ଏସିଡ୍ ସ୍ତରକୁ ନିୟନ୍ତ୍ରିତ କରିବା ସହ ଉଚ୍ଚ ସୋଡିୟମ୍‌ଯୁକ୍ତ ଆହାର କମ୍ କରିବାକୁ ପରାମର୍ଶ ଦିଆଯାଇଛି। ଏପରି କରିବା ଦ୍ୱାରା ରକ୍ତଚାପ ଆଶଙ୍କାକୁ କମ୍ କରାଯାଇପାରିବ। ଅନ୍ୟପଟେ ବେଙ୍ଗାଲୁରୁର ହୃଦ୍‌ରୋଗ ବିଶେଷଜ୍ଞ ଡା.ଦୀପକ କୃଷ୍ଣମୂର୍ତ୍ତି ଏବିଷୟରେ ନିଜ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଏହା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି।




## ଜ୍ୱାଇଁଙ୍କ ଚର୍ଚ୍ଚାରେ ୪୫୬ ପ୍ରକାର ବ୍ୟଞ୍ଜନ

ସାଧାରଣତଃ ଶ୍ୱଶୁର ଘରେ ଜ୍ୱାଇଁ ଚର୍ଚ୍ଚାରେ କୌଣସି ଅବହେଳା କରାଯାଏ ନାହିଁ। ଜ୍ୱାଇଁଙ୍କ ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଏ। ଏହି କ୍ରମରେ ଏବେ ଆନ୍ଧ୍ରପ୍ରଦେଶରୁ ଏକ ଅଜବ ଜ୍ୱାଇଁ ଚର୍ଚ୍ଚା ଘଟଣା ସାମ୍ନାକୁ ଆସିଛି। ସାମାଜିକ ଗଣମାଧ୍ୟମରେ ଏହାର ଏକ ଭିଡିଓ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଗତବର୍ଷ ହରିନ୍ୟା ଏବଂ ସାକେତଙ୍କ ବିବାହ ହୋଇଥିଲା। ବାହାଘର ପରେ ପ୍ରଥମ ମକର ସଂକ୍ରାନ୍ତି ଅବସରରେ କନିଆ ଘର ପକ୍ଷରୁ ଝିଅ ଜ୍ୱାଇଁଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଏହି ଅବସରରେ ସେମାନଙ୍କ ପାଇଁ ବିଶେଷ ଆୟୋଜନ କରାଯାଇଥିଲା। ସେମାନଙ୍କ ପାଇଁ ଗୋଟିଏ ଖାଇବା ଟେବୁଲ ସଜାଯାଇଥିଲା ଏବଂ ସେଥିରେ ଝିଅ ଓ ଜ୍ୱାଇଁ ବସିଥିଲେ। କେବଳ ସେତିକି ନୁହେଁ, ଜ୍ୱାଇଁଙ୍କ ସମ୍ମୁଖରେ ଗୋଟିଏ କି ଦୁଇଟି କିମ୍ବା ୭-୮ଟି ନୁହେଁ, ବରଂ ୪୫୬ ପ୍ରକାର ରାନ୍ଧଣା ପରଷା ଯାଇଥିଲା। ଫଳ, ପେଷ୍ଟ୍ରି, ମିଠା, ଥଣ୍ଡା ପାନୀୟଠାରୁ ଆରମ୍ଭ କରି ଖାଦ୍ୟପଦାର୍ଥରେ ଅନେକ କିଛି ସାମିଲ ଥିଲା। ଅବଶ୍ୟ ଏହାକୁ ଜ୍ୱାଇଁଙ୍କ ପାଇଁ 'ମହାଥାଳି' ବୋଲି କୁହାଯାଉଛି। ଏହାସହ ଏହି ମହାଥାଳିର ମେନ୍ୟୁରେ ପୂରା ଦେଶର ଖାଦ୍ୟ ପାନୀୟର ଝଲକ ଦେଖିବାକୁ ମିଳିଛି। ତେବେ ଶ୍ୱଶୁର ଘରର ଏଭଳି ଆତିଥ୍ୟତା ଦେଖି ଜ୍ୱାଇଁ ଅତ୍ୟନ୍ତ ଖୁସି ଥିବା ଭିଡିଓରେ ଦେଖାଯାଇଛି।



## ଆଜି ବାହୁଡ଼ିଥିଲେ

### ନାଟ୍ୟ ସାହିତ୍ୟର ଅନନ୍ୟ ବିନ୍ଧାଣି



ସ୍ୱନାମଧନ୍ୟ ନାଟ୍ୟକାର ପଦ୍ମଶ୍ରୀ ଗୋପାଳ ଛୋଟରାୟ ଆଧୁନିକ ଓଡ଼ିଆ ରଙ୍ଗମଞ୍ଚର ସ୍ରଷ୍ଟା ଥିଲେ। ସାଧାରଣ ମଣିଷର ଜୀବନଧାରଣ ଓ ନିତିଦିନିଆ ଚଳଣିକୁ ନେଇ ତାଙ୍କର ନାଟକ ଥିଲା ପରିପୁଷ୍ଟ ଓ ଜୀବନ୍ତ। ଆକାଶବାଣୀ ଓ ଦୂରଦର୍ଶନ ପାଇଁ ସେ ରଚନା କରିଥିବା ଅନେକ ନାଟକ ଆଜି ବି ଲୋକପ୍ରିୟ। ସେ ନାଟକର ସଂଳାପକୁ ଗୁରୁତ୍ୱ ଦେଉଥିଲେ ଓ ତାଙ୍କ ସଂଳାପରେ ଥିଲା ବଳିଷ୍ଠ ସମ୍ମୋହନୀ ଶକ୍ତି। ରେଡିଓ ଭଳି ସେ ଟିଭି ଦ୍ୱାରା ଓଡ଼ିଆ ଅପେରାକୁ ସମାଜର ସବୁସ୍ତରର ଦର୍ଶକଙ୍କ ପାଖରେ ପହଞ୍ଚାଇ ପାରିଥିଲେ। ଓଡ଼ିଆ ନାଟକର କଥାବସ୍ତୁ ଗଠନରୀତି ଅଧ୍ୟୟନରେ ସେ ଏକ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଆଣିଥିଲେ। ବହୁ ଔପନ୍ୟାସିକ ଓ ଗାଳ୍ପିକଙ୍କ ରଚନାକୁ ସେ ନାଟ୍ୟରୂପ ଦେଇ ଯଥେଷ୍ଟ ସଫଳତା ଲାଭ କରିଥିଲେ। ତନ୍ମଧ୍ୟରେ ଉପେନ୍ଦ୍ର କିଶୋର ଦାସଙ୍କ 'ମଲାଜହ୍ନ', ଡ. ହରେକୃଷ୍ଣ ମହତାବଙ୍କ 'ପ୍ରତିଭା', ବସନ୍ତ କୁମାରୀ ପଟ୍ଟନାୟକଙ୍କ 'ଅମଡ଼ାବାଟ', କାହ୍ନୁଚରଣ ମହାନ୍ତିଙ୍କ 'ଝଞ୍ଜା', ଫକୀର ମୋହନ ସେନାପତିଙ୍କ 'ମାମୁଁ', 'ଛ' ମାଣ ଆଠଗୁଣ୍ଠ', ଗୋପୀନାଥ ମହାନ୍ତିଙ୍କ 'ପରଜା', କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମୁକ୍ତାଗଡ଼ର କ୍ଷୁଧା' ଓ ବିଭୂତି ପଟ୍ଟନାୟକଙ୍କ 'ବଧୂ ନିରୁପମା' ଅନ୍ୟତମ। ଜଗତସିଂହପୁର ଜିଲ୍ଲା ପୁରୁଣାଗଡ଼ ଗ୍ରାମରେ ୧୯୧୬ ମସିହା ଏପ୍ରିଲ ମାସ ୨୦ ତାରିଖରେ ଗୋପାଳ ଛୋଟରାୟ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ହଳଧର ଛୋଟରାୟ ଓ ମାତାଙ୍କ ନାମ ଇନ୍ଦୁମତୀ ଦେବୀ। ଗାଁ ମାଇନର ସ୍କୁଲରେ ପାଠ ପଢୁଥିବାବେଳେ ସେ ସମଗ୍ର ଓଡ଼ିଶାରେ ପ୍ରଥମ ହୋଇଥିଲେ। ଏହାପରେ ସେ ପ୍ୟାରୀମୋହନ ଏକାଡେମୀରୁ କୃତିତ୍ୱର ସହ ମାଟ୍ରିକ୍ ପାସ୍ କରିଥିଲେ। ସ୍କୁଲ ଓ ହଷ୍ଟେଲର ପତ୍ରିକାଗୁଡ଼ିକରେ ସେ ଲେଖାଲେଖି କରୁଥିଲେ। ମହାତ୍ମା ଗାନ୍ଧୀଙ୍କ 'ଗାଁକୁ ଫେରିଚାଲ' ଆହ୍ୱାନ ଉପରେ ତାଙ୍କ ରଚିତ 'ଫେରିଆ' ନାଟକ ହେଉଛି ଏକ ଯୁଗାନ୍ତକାରୀ ନାଟକ। 'ପରକଲମ' ହେଉଛି ତାଙ୍କର ଏକ ସଫଳ ରାଜନୈତିକ ନାଟକ। ସମୟ ଥିଲା, ଯେତେବେଳେ କଟକର ଦୁଇଟି ପେସାଦାର ରଙ୍ଗମଞ୍ଚ ଅନ୍ନପୂର୍ଣ୍ଣା 'ଏ' ଓ 'ବି'ରେ ଏକଦିନରେ ପ୍ରତ୍ୟେକ ଦିନ ତାଙ୍କ ରଚିତ ନାଟକ ହିଁ ଅଭିନୀତ ହେଉଥିଲା। ଏହି ଭାବରେ ତିନି ଦଶନ୍ଧିରୁ ଅଧିକ ସମୟ ଓଡ଼ିଶାର ପେସାଦାର ରଙ୍ଗମଞ୍ଚଗୁଡ଼ିକରେ ଗୋପାଳ ଛୋଟରାୟ ପ୍ରଭାବ ବିସ୍ତାର କରିଥିଲେ। ୧୯୪୮ ମସିହାରେ କଟକରେ ଆକାଶବାଣୀ କେନ୍ଦ୍ରର ଆରମ୍ଭ ହୋଇଥିଲା। ଗୋପାଳ ଛୋଟରାୟ ସେହି ସମୟରୁ ହିଁ ତା' ସହିତ ଯୋଡ଼ି ହୋଇଗଲେ। ରାଜ୍ୟ ଦୂରଦର୍ଶନ ପାଇଁ ସେ ୧୦୦ଟି ନାଟକ ଓ ଫିଚର୍ ଲେଖିଥିଲେ। ଜୀବନବ୍ୟାପୀ ସାଧନାର ସ୍ୱୀକୃତି ସ୍ୱରୂପ ସେ ଅନେକ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଥିଲେ। ଏହି ମହାନ୍ ନାଟ୍ୟକାର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଶାରଳା ପୁରସ୍କାର, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଥିଲେ। ୧୯୪୯ ମସିହାରେ ନିର୍ମିତ 'ଶ୍ରୀଜଗନ୍ନାଥ' ଫିଲ୍ମର ସେ ସଂଳାପ ଲେଖିଥିଲେ। ପରେ ପରେ 'ଅମଡ଼ାବାଟ', 'ଅଭିନେତ୍ରୀ', 'ମା', 'ନୂଆବୋଉ', 'ଅଦିନମେଘ', 'ମାଟିରମଣିଷ', 'ଧରିତ୍ରୀ' ପରି ୨୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରର ସଂଳାପ ରଚନା କରିଥିଲେ। ୨୦୦୩ ମସିହା ଆଜିର ଦିନରେ ଓଡ଼ିଆ ନାଟକ ଜଗତର ଏହି ମହାନ୍ ସ୍ରଷ୍ଟାଙ୍କର ବିୟୋଗ ଘଟିଥିଲା।

## ସବୁଠୁ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ

ସୁସ୍ଥ ତଥା ନୀରୋଗ ରହିବା ପାଇଁ ସ୍ୱାସ୍ଥ୍ୟକର ଖାଦ୍ୟ ଆବଶ୍ୟକ। ତେବେ ବିଶ୍ୱର ସବୁଠୁ ହେଲ୍‌ଦି ଡାଏଟ୍ କ'ଣ ବା ହୋଇପାରେ ସେ କଥା ଅନେକ ଜାଣି ନ ଥିବେ। ୟୁଏସ୍ ନ୍ୟୁଜ୍ ଆଣ୍ଡ ୱାର୍ଲ୍ଡ ରିପୋର୍ଟ ୨୦୨୫ ସବୁଠୁ ଉତ୍ତମ ଡାଏଟ୍‌କୁ ନେଇ ଏକ ରିପୋର୍ଟ ପ୍ରକାଶ କରିଛି। ଉକ୍ତ ରିପୋର୍ଟ ଅନୁସାରେ, 'ମେଡିଟେରେନିଆନ ଡାଏଟ୍'କୁ ଏବର ସମୟରେ ବିଶ୍ୱର ସବୁଠୁ ଉତ୍ତମ ଡାଏଟ୍ ବୋଲି କୁହାଯାଉଛି। ଏହି ଡାଏଟ୍‌କୁ ୫ ନମ୍ବରରୁ ୪.୮ ନମ୍ବର ମିଳିଛି। ଅନେକ ଅଧ୍ୟୟନରୁ ଦେଖାଯାଇଛି ଯେ, ଏହି ଖାଦ୍ୟ ହୃଦ୍‌ରୋଗ ଏବଂ ଟାଇପ୍-୨ ମଧୁମେହ ଆଶଙ୍କାକୁ କମ୍ କରିଥାଏ। ତେବେ ଏହି ଡାଏଟ୍ ଜୀବନର ଗୁଣବତ୍ତାକୁ ଉନ୍ନତମାନର କରିବା ସହ ଲୋକଙ୍କୁ ଦୀର୍ଘାୟୁ କରିଥାଏ। ସେହିପରି ଏହାକୁ ସୁବୁଠୁ ହେଲ୍‌ଦି ତଥା ଉତ୍ତମ ଡାଏଟ୍ କହିବା ପଛର କାରଣ ସମ୍ପର୍କରେ ମଧ୍ୟ ଦର୍ଶାଯାଇଛି। ଏହି ଡାଏଟ୍‌ରେ ପୋଷକ ତତ୍ତ୍ୱ ଯୁକ୍ତ ଖାଦ୍ୟପଦାର୍ଥ ଉପରେ ଗୁରୁତ୍ୱ ଦିଆଯାଏ। କାରଣ ଏହି ଡାଏଟ୍ ଭୂମଧ୍ୟସାଗରୀୟ ଦେଶଗୁଡ଼ିକର ପାରମ୍ପରିକ ବ୍ୟଞ୍ଜନର ଅଂଶବିଶେଷ। ତେଣୁ ଏହାର ନାଁ 'ମେଡିଟେରେନିଆନ ଡାଏଟ୍' ରଖାଯାଇଛି। ଏହାବାଦ୍ ଉକ୍ତ ଡାଏଟ୍‌ରେ ତାଜା ଫଳ, ପନିପରିବା, ଶସ୍ୟ,ମଞ୍ଜି ଆଦି ରହିଛି। ତା'ସହ ମାଛ ଏବଂ ଡାଲିରୁ ମିଳୁଥିବା ଲୀନ ପ୍ରୋଟିନ ଏହି ଡାଏଟ୍‌ରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହାଦ୍ୱାରା ମାଂସପେଶୀ ମଜଭୁତ ହୁଏ। ହୃଦୟ ଓ ମସ୍ତିଷ୍କର ବିକାଶ ଲାଗି ଏଥିରୁ ଓମେଗା ଥ୍ରି ଫ୍ୟାଟି ଏସିଡ୍ ମିଳିଥାଏ। ସେହିପରି ଏହି ଡାଏଟ୍‌କୁ ଆପଣାଉଥିବା ଲୋକେ ରେଡ୍ ମିଟ୍ ଏବଂ ପ୍ରୋସେସଡ୍ ଖାଦ୍ୟ ସୀମିତ ମାତ୍ରାରେ ଖାଇଥାନ୍ତି। କେବଳ ସେତିକି ନୁହେଁ, ଏହି ଡାଏଟ୍‌ରେ ଫାଇବର ବି ଶରୀରକୁ ବହୁଳ ଭାବେ ମିଳିଥାଏ। ଯାହାକି ପାଚନକ୍ରିୟାକୁ ଠିକ୍ ରଖିବା ସହ ରକ୍ତର ଶର୍କରାକୁ ନିୟନ୍ତ୍ରଣରେ ରଖେ। ଏହାବାଦ୍ ଏହା ହୃଦୟ ପାଇଁ ମଧ୍ୟ ଭଲ ହୋଇଥାଏ।



## ଅନନ୍ୟ ନିର୍ମାଣଶୈଳୀର ସ୍ମାରକୀ

### କକନମଠ ମନ୍ଦିର

ଭାରତରେ ଅନେକ ମନ୍ଦିର ରହିଛି, ଯାହା ନିଜର ନିର୍ମାଣଶୈଳୀ, ସ୍ୱତନ୍ତ୍ରତା ତଥା ମାନ୍ୟତା ପାଇଁ ପ୍ରସିଦ୍ଧି ଲାଭ କରିଥାଏ। ଏମିତି ଏକ ଆଶ୍ଚର୍ଯ୍ୟଚକିତ କରିବା ଭଳି ମନ୍ଦିର ହେଉଛି ମଧ୍ୟପ୍ରଦେଶର ସିହୋନିଆରେ ଥିବା କକନମଠ ମନ୍ଦିର। ହଜାର ହଜାର ବର୍ଷର ଏହି ପୁରୁଣା ମନ୍ଦିର ଗୋଟିଏ ରାତିରେ ତିଆରି ହୋଇଥିବା ଶୁଣିବାକୁ ମିଳେ। ଏହାର ଆଖପାଖରେ ଥିବା ବହୁ ମନ୍ଦିରଗୁଡ଼ିକ ନଷ୍ଟ ହୋଇଯାଇଥିଲେ ବି ଏହି ମନ୍ଦିର କିନ୍ତୁ ଏବେ ବି ତା'ର ସ୍ଥିତି ବଜାୟ ରଖିଛି। ପଥରକୁ ପଥର ଯୋଡ଼ି ନିର୍ମିତ ହୋଇଥିବା ଏହି ମନ୍ଦିରଟି ଯେଉଁ ପଥରରେ ତିଆରି ହୋଇଛି, ତାହା ଆଖପାଖ ଅଞ୍ଚଳରେ ଦେଖିବାକୁ ମିଳେନି। ପଥର ଯୋଡ଼େଇରେ ଚୂନ କିମ୍ବା ଅନ୍ୟ କୌଣସି ପଦାର୍ଥ ବ୍ୟବହାର ହୋଇ ନାହିଁ। ମନ୍ଦିରର ମଧ୍ୟଭାଗରେ ମହାଦେବଙ୍କ ଏକ ବିଶାଳ ମୂର୍ତ୍ତି ଓ ବିରାଟ ଶିବଲିଙ୍ଗ ରହିଛି। କକନମଠ ମନ୍ଦିର ଏକାଦଶ ଶତାବ୍ଦୀରେ କଚ୍ଛପଘାଟ ଶାସକ କୀର୍ତ୍ତିରାଜଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ବିଶ୍ୱାସ କରାଯାଏ ଯେ, ରାଜା କୀର୍ତ୍ତିରାଜଙ୍କ ରାଣୀ କକନାବତୀ ଭଗବାନ ଶିବଙ୍କ ପ୍ରତି ଅତ୍ୟନ୍ତ ଭକ୍ତି ରଖୁଥିଲେ ଏବଂ ଏହି ମନ୍ଦିର ତାଙ୍କ ନିର୍ଦ୍ଦେଶରେ ନିର୍ମିତ ହୋଇଥିଲା। ତେଣୁ ଏହି ମନ୍ଦିରକୁ ରାଣୀ କକନାବତୀଙ୍କ ନାମରେ କକନମଠ ମନ୍ଦିର ଭାବରେ ନାମିତ କରାଯାଇଥିଲା। ଲୋକକଥା ଅନୁସାରେ, ଏହି ମନ୍ଦିରଟିକୁ ଭୂତମାନଙ୍କ ଦ୍ୱାରା ନିର୍ମିତ କରାଯାଇଥିଲା। ଏହି ମନ୍ଦିରର ନିର୍ମାଣ କାର୍ଯ୍ୟ ଭୂତମାନଙ୍କ ଉପରେ ନ୍ୟସ୍ତ ହୋଇଥିଲା ଏବଂ ସେମାନଙ୍କୁ ଏହି କାମ ଗୋଟିଏ ରାତିରେ ଶେଷ କରିବାକୁ ପଡ଼ିଥିଲା। କିନ୍ତୁ ସକାଳ ସୁଦ୍ଧା ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିଲା। ସେବେଠାରୁ ମନ୍ଦିର ଅସମ୍ପୂର୍ଣ୍ଣ ହୋଇରହିଛି। ମନ୍ଦିର ନିର୍ମାଣ ପାଇଁ ଆବଶ୍ୟକ ଥିବା ସାମଗ୍ରୀ ଏଥିରେ ପ୍ରାୟତଃ ବ୍ୟବହାର ହୋଇନାହିଁ। କୁହାଯାଏ ଯେ, ଏହି ମନ୍ଦିରର ପଥର ଝୁଲିକି ରହିଥାଏ। ମନ୍ଦିରର ଉପରି ଭାଗରେ ଏକ ଭାରୀ ପଥର ରଖାଯାଇଛି, ଯାହାର ଓଜନ ଅନେକ ଟନ୍ ସହିତ ସମାନ। ଏହାକୁ ଦେଖି ଏହା କୁହାଯାଇଥାଏ ଯେ, ଜଣେ ମଣିଷ ଏହା କରିବା ସମ୍ଭବ ନୁହେଁ। ସେଥିପାଇଁ ମନ୍ଦିରର ସମସ୍ତ କଥା ରହସ୍ୟ ହୋଇ ରହିଯାଇଛି।



## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାରର ସହଯୋଗ ମିଳିବ। ସମ୍ପର୍କୀୟ ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟି କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସହଯୋଗ ମନୋଭାବ ରହିବ। ବାହନ ସୁଖ ପ୍ରାପ୍ତ ହେବ।

**ବୃଷ:** ଜମିବାଡ଼ି କିଣିବା ଯୋଜନା କରିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ଉଜ୍ଜ୍ୱଳ ଭବିଷ୍ୟତ ରହିବ। କୌଣସି ଶୁଭ ସମାଚାର ମିଳିବ। ସେୟାର ବଜାରରେ ନିବେଶ କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**ମିଥୁନ:** ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ପୁସ୍ତକ ପ୍ରତି ରୁଚି ବଢ଼ିବ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି। କଥାବାର୍ତ୍ତାରେ ମଧୁରତା ରଖିବେ।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ। ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ମାଆଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ।

**ସିଂହ:** ଦିନଟି ହସଖୁସିରେ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପରିବାରରେ କୌଣସି ସଦସ୍ୟଙ୍କୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ଧ୍ୟାନ କେନ୍ଦ୍ରିତ କରିବେ।

**କନ୍ୟା:** ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଟ୍ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି। ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ।

**ତୁଳା:** ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ବିବାହକୁ ନେଇ ଶୁଭ ସମାଚାର ମିଳିବ।

**ବିଛା:** ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ବୈବାହିକ ଜୀବନରେ ମନୋମାଳିନ୍ୟ ଆସିବ। ନୂଆ ଯାନବାହନ କିଣିବାର ଯୋଗ ଅଛି।

**ଧନୁ:** କୌଣସି ନୂଆ କାମ ମିଳିବ। ନିବେଶ ପାଇଁ ଭଲ ସମୟ। ରାଜନୀତିରେ କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। କୌଣସି କାମ ପାଇଁ ପ୍ରଶଂସିତ ହେବେ।

**ମକର:** ଚାକିରିରେ ବଦଳି ସମ୍ଭାବନା ରହିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ବିବାହ ସ୍ଥିର ହେବା ସମ୍ଭାବନା ଅଛି।

**କୁମ୍ଭ:** ପରିବାରର ସହଯୋଗ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ରହିବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ବିଦେଶ ଯାତ୍ରା ଯୋଗ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ଦେଖାଦେବ।

# ସାମୁଦ୍ରିକ ସମ୍ପଦ ବିନିଯୋଗରେ ଆର୍ଥିକ ବିକାଶ ପାଇଁ ସହାୟକ ହେବ ବାୟୋଟେକ୍ନୋଲୋଜି

- ଷ୍ଟାର୍ଟଅପ୍, ଶିଳ୍ପ ସହିତ ପରିବେଶ ସୁରକ୍ଷାରେ ବଡ଼ ଯୋଗଦାନ
- ପ୍ରତିଷ୍ଠା ହେବ ବାୟୋଟେକ୍ନୋଲୋଜି ରିସର୍ଚ୍ଚ କରିଡର୍
- ବଙ୍ଗୋପସାଗରରୁ ସମୃଦ୍ଧିର ମାର୍ଗ ସନ୍ଧାନ ପାଇଁ ଗବେଷଣା

**ଭୁବନେଶ୍ୱର,୨୧।୧(ସମିସ):** ଓଡ଼ିଶାର ସୁଦୀର୍ଘ ୪୮୦ କିମି ସମୁଦ୍ର ତଟରେ କ'ଣ ରହସ୍ୟ ଲୁକ୍କାୟିତ ଅଛି, ସାମୁଦ୍ରିକ ସମ୍ପଦ କିପରି ଆର୍ଥିକ ବିକାଶରେ ବିନିଯୋଗ ହୋଇପାରିବ, ତାହା ଉନ୍ମୋଚନ କରିବା ଲାଗି ଆରମ୍ଭ ହେବ ବାୟୋଟେକ୍ନୋଲୋଜି ଗବେଷଣା। ୫ ବର୍ଷ ପାଇଁ ଚାଲିବାକୁ ଥିବା ଏହି ଗବେଷଣା କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଆଇଏଲ୍ଏସ୍, ଆଇଆଇଟି ସମେତ ବ୍ରହ୍ମପୁରର ଆଇଜର ଏବଂ ଫକିରମୋହନ ବିଶ୍ୱବିଦ୍ୟାଳୟର ଗବେଷକ, ବୈଜ୍ଞାନିକମାନେ ସାମିଲ ହେବ। ରାଜ୍ୟ ବିଜ୍ଞାନ ଓ କାରିଗରୀ ବିଭାଗ ନେତୃତ୍ୱରେ ଚାଲିବାକୁ ଥିବା ଏହି ଜାତୀୟସ୍ତରର ଗବେଷଣା ପାଇଁ ଓଡ଼ିଶା ମେରାଇନ୍ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ କରିଡର୍ ପ୍ରତିଷ୍ଠା ହେବ। ଜଟଣୀ ନିକଟରେ ଏହାର ମୁଖ୍ୟାଳୟ ନିର୍ମାଣ ପାଇଁ ଯୋଜନା ହୋଇଛି।

ନୀଳ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ଉପରେ ଭାରତ ସରକାର ଗୁରୁତ୍ୱ ଦେଉଥିବା ବେଳେ ଓଡ଼ିଶା ସଂଲଗ୍ନ ବଙ୍ଗୋପସାଗର ମଧ୍ୟରୁ ପ୍ରଗତିର ସମ୍ଭାବନା ଉଜାଗର କରିବା ଲକ୍ଷ୍ୟ ନେଇ ଏହି ପ୍ରକଳ୍ପ ଆରମ୍ଭ କରାଯାଉଛି। ନୀଳ ଜଳରାଶି ମଧ୍ୟରେ ଲୁକ୍କାୟିତ ଜୈବ ବିବିଧତା ସମ୍ପର୍କରେ ଗବେଷଣା ଆରମ୍ଭ ହେବ। ଆସନ୍ତା ଫେବୃଆରୀ ସୁଦ୍ଧା ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁସାରେ ଗବେଷଣାରୁ ଯେଉଁ ତଥ୍ୟ ହସ୍ତଗତ ହେବ ତାହା କେବଳ ପରିବେଶ ଦୃଷ୍ଟିରୁ ନୁହେଁ ବରଂ ଶିକ୍ଷା ଓ ଅର୍ଥନୈତିକ କାରବାର ପାଇଁ ଉପାଦେୟ ହୋଇପାରିବ। ଏହା ଜରିଆରେ ଷ୍ଟାର୍ଟଅପ୍, ଇନୋଭେସନ୍ ଏବଂ ଶିଳ୍ପ କ୍ଷେତ୍ରକୁ ସମୃଦ୍ଧ କରିବା ପାଇଁ ଲକ୍ଷ୍ୟ ରହିଛି। ଏଥିରେ କେବଳ ବୈଜ୍ଞାନିକ, ଗବେଷକ ନୁହେଁ, ଉପକୂଳ ଅଞ୍ଚଳର ଜନସାଧାରଣ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀଙ୍କୁ ସାମିଲ କରିବା ପାଇଁ ଯୋଜନା ହୋଇଛି। ଆଗାମୀ ୫ ବର୍ଷ ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି। ସମ୍ମିଳିତ ଭାଗିଦାରୀ ମାଧ୍ୟମରେ ପ୍ରଥମ ଥର ପାଇଁ ଓଡ଼ିଶାର ସମ୍ପୂର୍ଣ୍ଣ ଉପକୂଳକୁ ନେଇ ଗବେଷଣା ଆରମ୍ଭ କରାଯାଉଛି।

**ସରକାରଙ୍କ ଉପରେ ବର୍ଷିଲା ବିଜେଡି**

# ଲୋକଙ୍କୁ ଦେଇପାରୁନାହାନ୍ତି ବିଶୁଦ୍ଧ ଜଳ

**ଭୁବନେଶ୍ୱର,୨୧।୧(ସମିସ):** ସରକାର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ପାରୁନାହାନ୍ତି। ବର୍ଜ୍ୟଜଳ ବିଶୋଧନ ପ୍ରକଳ୍ପ କାମ ଆଗକୁ ଯାଇପାରୁନାହିଁ। ସବୁ ଘରକୁ ପାଣି ପାଇପ୍ ବିଛାଇବା ପାଇଁ ଚାଲିଥିବା କାମ ଅଟକି ଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି। ପୁରୀ ଜିଲ୍ଲାର କଣାସ ଅଞ୍ଚଳରେ ଡାଇରିଆରେ ୪ଜଣଙ୍କ ମୃତ୍ୟୁ ଘଟଣାରେ ଆଜି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜୁ ଜନତା ଦଳ।

ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ତଥା ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ ଡାଇରିଆରେ ୪ ଜଣଙ୍କ ମୃତ୍ୟୁ ଓ ଶତାଧିକ ଆକ୍ରାନ୍ତ ହୋଇଥିଲେ ହେଁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଇନାହିଁ।

ଶ୍ରୀ ସାମନ୍ତରାୟ କହିଥିଲେ, କଣାସ ଅଞ୍ଚଳର ବାସିନ୍ଦାମାନେ ଗତ ୧୦ଦିନ ହେବ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ଓ ଗଣମାଧ୍ୟମରେ ଏହା ପ୍ରସାରିତ ହୋଇଥିବା ସତ୍ତ୍ୱେ ରାଜ୍ୟ ସରକାରଙ୍କ ପ୍ରତିନିଧି ତ ଦୂରର କଥା, ସ୍ଥାନୀୟ ବିଧାୟକ ଓ ସାଂସଦ ମଧ୍ୟ ଗତକାଲି ପର୍ଯ୍ୟନ୍ତ ଘଟଣାସ୍ଥଳରେ ପହଞ୍ଚି ନଥିଲେ। ଗତକାଲି ସନ୍ଧ୍ୟାରେ ସେମାନେ ସେଠାରେ ପହଞ୍ଚିଲା ପରେ ଲୋକଙ୍କ ରୋଷର ଶିକାର ହୋଇଥିଲେ।



- ଅଟକି ଯାଇଛି ବିଶୋଧନାଗାର, ପାଣି ପାଇପ୍ ପ୍ରକଳ୍ପ
- ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଦିଅ
- ୪ ଜଣଙ୍କ ଜୀବନ ଯିବା ପରେ ବି ସରକାରଙ୍କ ପାଦ ପଡ଼ିନି

ଏହି ସମସ୍ୟା ମୁଖ୍ୟତଃ ଦୟା, ଲୁଣା ଓ ମକରା ନଦୀର ପ୍ରଦୂଷିତ ଜଳକୁ ଜନସାଧାରଣ ପିଇବା ପାଇଁ ବ୍ୟବହାର କରୁଥିବାରୁ ଘଟୁଛି ବୋଲି କୁହାଯାଉଛି।

ଉଲ୍ଲେଖଯୋଗ୍ୟ, ଗଙ୍ଗୁଆରେ ଭୁବନେଶ୍ୱରର ସ୍ୱେରେଜ୍ ପାଣି ମିଶିବା ଓ ସେହି ପାଣି ଦୟାରେ ମିଶି ନଦୀଜଳକୁ ପ୍ରଦୂଷିତ କରୁଛି। ଏହା ପାନୀୟ ଉପଯୋଗୀ ରହୁନାହିଁ। ଏହି ପ୍ରଦୂଷିତ ଜଳକୁ ବିଶୋଧନ କରିବା ପାଇଁ ଏକ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ପୂର୍ବ ସରକାର ୯୦୦ କୋଟି ଟଙ୍କା ମଞ୍ଜୁରୀ ଦେଇଥିଲେ। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଓ ନଗର ଉନ୍ନୟନ ବିଭାଗ, ଜଙ୍ଗଲ ପରିବେଶ ବିଭାଗ ସଚିବଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ଏହି ଟ୍ରିଟମେଣ୍ଟ ପ୍ଲାଣ୍ଟ କାମ ପ୍ରାୟ ୮୦% ଶେଷ ହୋଇଯାଇଥିଲା। କିନ୍ତୁ ନୂଆ ସରକାର ଆସିବା ପରେ କାମ ବନ୍ଦ ହୋଇଯାଇଛି। ସେହିପରି ଗଙ୍ଗୁଆ ଓ ଦୟାରେ ପ୍ରଦୂଷିତ ଜଳ ନମିଶିବା ଲାଗି ଆଉ ଏକ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଲାଗିବ ବୋଲି ଟେଣ୍ଡର୍ ଡକାଯାଇଥିଲା। ନୂଆ ସରକାର ଆସିବା ପରେ ଏହି କାର୍ଯ୍ୟ ମଧ୍ୟ ଆଗକୁ ବଢୁନାହିଁ। କଣାସ ପିଏଚ୍‌ସିରେ ଏବେ ବି ତାଲା ଝୁଲୁଛି। ବିଧାୟକଙ୍କ ଦୁର୍ବ୍ୟବହାର ଯୋଗୁଁ ସେଠାରେ କାର୍ଯ୍ୟରତ ଥିବା ଲୋକପ୍ରିୟ ଡାକ୍ତର ରମେଶ ବେହେରା ସ୍ୱେଚ୍ଛାକୃତ ଅବସର ନେଇଛନ୍ତି।

ପୂର୍ବ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପାଇପ୍ ଯୋଗେ ପ୍ରତି ଘରକୁ ଜଳଯୋଗାଣ ବ୍ୟବସ୍ଥା କାମ ପ୍ରାୟତଃ ଶେଷ ହୋଇ ଆସିଥିଲେ ମଧ୍ୟ ନୂଆ ସରକାର ଆସିବା ପରେ କାମ ବନ୍ଦ ହୋଇ ରହିଛି। ତେଣୁ ସରକାର ବ୍ୟବସ୍ଥିତ ହୋଇସାରିଥିବା କାର୍ଯ୍ୟକୁ ତୁରନ୍ତ କରନ୍ତୁ। ତା' ଛଡ଼ା ଆକ୍ରାନ୍ତ ହୋଇଥିବା ଲୋକଙ୍କୁ ତୁରନ୍ତ ଉପଯୁକ୍ତ ଚିକିତ୍ସା ପ୍ରଦାନ, ଡାଇରିଆ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ଏବଂ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରିବାକୁ ବିଜୁ ଜନତା ଦଳ ଦାବି କରୁଛି ବୋଲି ଶ୍ରୀ ସାମନ୍ତରାୟ କହିଛନ୍ତି।

## ପାଚକ, ପାଚିକାଙ୍କ ମାସିକ ପାରିଶ୍ରମିକ ବୃଦ୍ଧି

**ଭୁବନେଶ୍ୱର,୨୧।୧(ସମିସ):** ପି.ଏମ୍ ପୋଷଣ ଯୋଜନା (ମଧ୍ୟାହ୍ନ ଭୋଜନ)ରେ କାମ କରୁଥିବା ଏକ ଲକ୍ଷରୁ ଅଧିକ ପାଚକ-ପାଚିକାମାନଙ୍କ ମାସିକ ପାରିଶ୍ରମିକ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ପାଚକ-ପାଚିକାମାନଙ୍କ କାମ, ଦକ୍ଷତା ଓ ପରିଶ୍ରମକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହି ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ମାସିକ ପାରିଶ୍ରମିକ ୨ ହଜାର ଟଙ୍କାରୁ ୩ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ପି.ଏମ୍ ପୋଷଣ ଯୋଜନାରେ ରାଜ୍ୟରେ ନିୟୋଜିତ ହୋଇଥିବା ୧, ୧୨, ୦୯୦ଜଣ ପାଚକ-ପାଚିକା(କୁକ୍ କମ୍ ହେଲପର୍ସ) ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୧୧୨କୋଟି ୯ ଲକ୍ଷ ଟଙ୍କା ବ୍ୟୟ କରିବେ। ଏହି ପାଚକ-ପାଚିକାମାନେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ୫୦,୬୧୮ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪୨.୪୫ ଲକ୍ଷ ଛାତ୍ରଛାତ୍ରୀଙ୍କୁ ରନ୍ଧା ଖାଦ୍ୟ ପରିବେଷଣ କରୁଛନ୍ତି।

**ଉପକୃତ ହେବେ ୧.୧୨ ଲକ୍ଷ ପାଚକପାଚିକା**

### ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୩୦.୦ | ୧୪.୩ |
| ଚାନ୍ଦବାଲି | ୨୮.୨ | ୧୪.୮ |
| କଟକ | ୨୭.୮ | ୧୩.୨ |
| ପାରାଦୀପ | ୨୮.୨ | ୧୫.୧ |
| ଭୁବନେଶ୍ୱର | ୩୦.୭ | ୧୩.୨ |
| ଗୋପାଳପୁର | ୨୯.୪ | ୧୪.୯ |
| ପୁରୀ | ୩୦.୦ | ୧୭.୬ |
| ଅନୁଗୋଳ | ୨୮.୭ | ୧୧.୦ |
| ବାରିପଦା | ୨୯.୦ | ୧୪.୦ |
| ଝାରସୁଗୁଡ଼ା | ୩୨.୪ | ୯.୮ |
| କେନ୍ଦୁଝର | ୨୯.୭ | ୧୨.୦ |
| ସମ୍ବଲପୁର | ୩୧.୧ | ୧୩.୮ |
| ସୁନ୍ଦରଗଡ଼ | ୩୨.୧ | ୧୨.୩ |
| ହୀରାକୁଦ | ୩୦.୧ | ୧୨.୬ |
| ତାଳଚେର | ୨୯.୮ | ୧୪.୬ |
| ଭବାନୀପାଟଣା | ୨୯.୦ | ୯.୪ |
| ବଲାଙ୍ଗିର | ୩୧.୮ | ୧୨.୩ |
| କୋରାପୁଟ | ୩୦.୦ | ୯.୫ |
| ଫୁଲବାଣୀ | ୨୯.୪ | ୭.୦ |
| ଟିଟିଲାଗଡ଼ | ୩୦.୦ | ୧୩.୫ |
| ମାଲକାନଗିରି | ୩୦.୮ | ୧୪.୩ |
| ସୋନପୁର | ୩୦.୨ | ୧୧.୪ |
| ଦାରିଙ୍ଗବାଡ଼ି | ୨୬.୦ | ୧୧.୫ |
| ନୟାଗଡ଼ | - | - |
| ବୌଦ୍ଧ | ୨୭.୦ | ୧୧.୦ |
| ଛତ୍ରପୁର | ୩୦.୪ | ୧୫.୭ |
| ପାରଳାଖେମୁଣ୍ଡି | ୩୧.୮ | ୧୫.୦ |
| ରାୟଗଡ଼ା | ୩୦.୨ | ୧୨.୦ |
| ଭଦ୍ରକ | ୩୧.୨ | - |
| ଯାଜପୁର | ୩୦.୪ | ୧୪.୨ |
| ଢେଙ୍କାନାଳ | ୨୮.୭ | ୧୨.୯ |
| ବରଗଡ଼ | ୩୧.୪ | ୧୪.୦ |
| ଦେଓଗଡ଼ | ୨୮.୮ | ୧୩.୪ |
| ନୂଆପଡ଼ା | ୩୧.୪ | ୧୨.୫ |
| ନବରଙ୍ଗପୁର | ୩୦.୦ | ୧୦.୫ |
| ଖୋର୍ଦ୍ଧା | ୨୮.୫ | - |
| ଜଗତସିଂହପୁର | ୩୦.୨ | ୧୪.୨ |
| କେନ୍ଦ୍ରାପଡ଼ା | ୨୯.୮ | ୧୫.୨ |
| ରାଉରକେଲା | ୨୯.୨ | ୯.୫ |

**ରାୟଗଡ଼ା ରେଳ ଷ୍ଟେସନରେ ଅଘଟଣ**

## ୨୫ କେଭି ବିଦ୍ୟୁତ୍ ତାର ଲାଗି ବୃଦ୍ଧ ମୃତ

**ରାୟଗଡ଼ା,୨୧।୧(ସମିସ):** ରାୟଗଡ଼ା ରେଳ ଷ୍ଟେସନ୍‌ରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଷ୍ଟେସନ୍‌ର ୨୫ କେଭି ରେଲଲାଇନ୍ ବିଦ୍ୟୁତ୍




ତାର ଛୁଇଁ ଜଣେ ବୃଦ୍ଧ ଜଳି ଯାଇଛନ୍ତି। ମୃତକ ହେଲେ, ନୂଆପଡ଼ା ଜିଲ୍ଲା ରାଜଖରିଆର ଥାନା ବଡ଼ମୂଳା, ଭୁଲିଆସିକୁଆଁ ଗ୍ରାମର ନରସିଂ କାଣ୍ଡ (୬୫)। ସେ ସିକନ୍ଦରାବାଦରେ କାମ କରୁଥିଲେ। ଆଜି ସେ ଟ୍ରେନ୍‌ରେ ନିଜ ଗାଁକୁ ଫେରୁଥିଲେ। ମାତ୍ର କୌଣସି କାରଣରୁ ରାୟଗଡ଼ା ରେଳ ଷ୍ଟେସନ୍‌ରେ ଓହ୍ଲାଇ ପଡ଼ିବା ପରେ ପ୍ଲାଟଫର୍ମରେ ଠିଆ ହୋଇଥିବା ଏକ ମାଲବାହୀ ଟ୍ରେନ୍ ଉପରକୁ ଚଢ଼ିଯାଇ ୨୫ କେଭି ବିଦ୍ୟୁତ୍ ତାରକୁ ଧରି ପକାଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ସେ ଜଳିଯାଇ ତଳକୁ ଖସିପଡ଼ିଥିଲେ। ଷ୍ଟେସନ୍‌ରେ ଥିବା ଆର୍‌ପିଏଫ୍ ପୁଲିସ୍ ତାଙ୍କୁ ଉଦ୍ଧାର କରି ତୁରନ୍ତ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନରସିଂଙ୍କ ନିକଟରୁ ମିଳିଥିବା ଆଧାର କାର୍ଡରେ ଥିବା ଠିକଣାକୁ ନେଇ ପୁଲିସ୍ ତାଙ୍କ ପରିବାରଲୋକଙ୍କୁ ଖବର ଦେଇଛି। ଦୀର୍ଘ ଦିନ ହେବ, ନରସିଂ ମାନସିକ ରୋଗରେ ପୀଡ଼ିତ ଥିଲେ ବୋଲି ପରିବାରଲୋକ କହିଛନ୍ତି। ଆସନ୍ତାକାଲି ତାଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାଯାଇଛି।

## ଶସ୍ୟ ପରିବହନ ଖର୍ଚ୍ଚ ୧୫୦ ଟଙ୍କାକୁ ବୃଦ୍ଧି

**ଭୁବନେଶ୍ୱର,୨୧।୧(ସମିସ):** ପରିପୂରକ ପୁଷ୍ଟି କାର୍ଯ୍ୟକ୍ରମରେ ଚାଉଳ ଓ ଗହମ ପରି ଶସ୍ୟ ପରିବହନ ପାଇଁ ଖର୍ଚ୍ଚ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଏହି ଶସ୍ୟ ପରିବହନ ବାବଦକୁ କୁଇଣ୍ଟାଲ ପିଛା ସର୍ବାଧିକ ମୂଲ୍ୟ ୭୫ ଟଙ୍କାରୁ ୧୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏ ସଂପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ପରିପୂରକ ପୁଷ୍ଟି କାର୍ଯ୍ୟକ୍ରମରେ ଗରମ ରନ୍ଧା ଖାଦ୍ୟ ପାଇଁ ଅଙ୍ଗନବାଡ଼ି କେନ୍ଦ୍ର ମାନଙ୍କୁ ଚାଉଳ ଯୋଗାଇ ଦିଆଯାଏ। ଏହାସହିତ ଘରକୁ ରାସନ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଗହମ ପ୍ରଦାନ କରାଯାଇଥାଏ। ଏହି ଚାଉଳ ଓ ଗହମ ପରିବହନ କରିବା ପାଇଁ ପରିବହନ ଏଜେଣ୍ଟ ମାନଙ୍କୁ ନିୟୋଜିତ କରାଯାଇଥାଏ। ବଢୁଥିବା ଇନ୍ଧନ ଖର୍ଚ୍ଚ ଓ ଅନ୍ୟାନ୍ୟ ଦରଦାମ୍ ବୃଦ୍ଧିକୁ ଦୃଷ୍ଟିରେ ରଖି ପରିବହନ ମୂଲ୍ୟରେ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ମୂଲ୍ୟ ବର୍ତ୍ତମାନ ନିୟୋଜିତ ଥିବା ପରିବହନ ଏଜେଣ୍ଟ ମାନେ ଦାବି କରିପାରିବେ ନାହିଁ। କେବଳ ନୂତନ ଭାବେ ନିୟୋଜିତ ହେବାକୁ ଥିବା ଏଜେଣ୍ଟ ମାନଙ୍କ ପାଇଁ ଏହା ଲାଗୁ ହେବ। ପରିବହନ ପାଇଁ ଯେଉଁ ନୂଆ ଏଜେଣ୍ଟ ମାନଙ୍କୁ ନିୟୋଜିତ କରାଯିବ, ଟେଣ୍ଡର ପ୍ରକ୍ରିୟା ଜରିଆରେ ଏହାର ପ୍ରକୃତ ମୂଲ୍ୟ ନିର୍ଦ୍ଧାରଣ କରାଯିବ।

**ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଟାସ୍କଫୋର୍ସ**

## ଯୋଡ଼ିହେଲେ ଆଉ ୨ ସଦସ୍ୟ

**ଭୁବନେଶ୍ୱର, ୨୧।୧(ସମିସ):** ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ଯେଉଁ ଟାସ୍କଫୋର୍ସ ଗଠନ କରାଯାଇଛି, ସେଥିରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକା ଏବଂ ଗୁଣୁପୁର ବିଧାୟକ ସତ୍ୟଜିତ ଗୋମାଙ୍ଗୋଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ନେଇଛନ୍ତି।

ସୂଚନାଯୋଗ୍ୟ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଟାସ୍କଫୋର୍ସରେ ପୂର୍ବରୁ ୯ ଜଣ ସଦସ୍ୟ ସ୍ଥାନ ପାଇଛନ୍ତି। ଏମାନଙ୍କ ବ୍ୟତୀତ ୩ଜଣ ଏକ୍ସ-ଅଫିସିଓ ସଦସ୍ୟ ଅଛନ୍ତି। ଆଜି ଦୁଇ ନୂଆ ସଦସ୍ୟ ଯୋଡ଼ି ହେବା ପରେ ଟାସ୍କଫୋର୍ସର ସଦସ୍ୟ ସଂଖ୍ୟା ୧୧କୁ ବୃଦ୍ଧି ପାଇଛି।

ଟାସ୍କଫୋର୍ସର ପ୍ରଥମ ବୈଠକ ଗତ ୪ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୋରାପୁଟ କଂଗ୍ରେସ ସାଂସଦ ତଥା ରାୟଗଡ଼ା ଜିଲ୍ଲାରୁ କାହାକୁ ବି ପ୍ରତିନିଧି କରାଯାଇ ନଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ କରିଥିଲେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ। ସରକାର ସମସ୍ତଙ୍କୁ ନେଇ ଚାଲିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। କଂଗ୍ରେସର ଅସନ୍ତୋଷ ପରେ ରାଜ୍ୟ ସରକାର ଆଜି ଆଉ ୨ସଦସ୍ୟଙ୍କୁ ଏଥିରେ ସାମିଲ କରିଥିବା କୁହାଯାଉଛି। ସେହିପରି ଉକ୍ତ ବୈଠକରେ ୭ଟି ଜିଲ୍ଲାକୁ ନେଇ ଆଗାମୀ ଦିନରେ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରିବାକୁ ପ୍ରାରମ୍ଭିକ ନିଷ୍ପତ୍ତି ନିଆଯାଇଥିଲା। ୭ଟି ଜିଲ୍ଲା ମଧ୍ୟରେ କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା ଓ ନବରଙ୍ଗପୁର ରହିଛି।

**କୋରାପୁଟ ସାଂସଦ ଏବଂ ଗୁଣପୁର ବିଧାୟକଙ୍କୁ ସାମିଲ କଲେ ମୁଖ୍ୟମନ୍ତ୍ରୀ**

**ସ୍କୁଟିକୁ ଧକ୍କାଦେଲା ଟ୍ରକ୍**

## ଦୁଇ ଝିଅାରୀ ମୃତ; ଦାଦା ଗୁରୁତର

**ବଣାଇଁ, ୨୧।୧(ସମିସ):** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଅନ୍ତର୍ଗତ ରାଜାମୁଣ୍ଡା ବାଇପାସ୍ ଛକଠାରେ ମଙ୍ଗଳବାର ଏକ ଟ୍ରକ୍ ସହ ସ୍କୁଟି ଧକ୍କା ହେବାରୁ ଦୁଇ ଭଉଣୀଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, କୁଳିପୋଷ ଗ୍ରାମର ଜାନକୀ





ଠାକୁର (୧୩) ଓ କରିସ୍ମା ଠାକୁର(୯)। ଏହି ଦୁର୍ଘଟଣାରେ ସେମାନଙ୍କ ଦାଦା ସୁଧୀର ଠାକୁର ଗୁରୁତର ଆହତ ହୋଇଛନ୍ତି। ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଜେପି ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ପୁଲିସ୍ ଏନେଇ ଦୁର୍ଘଟଣାଜନିତ ଏକ ମାମଲା ରୁଜୁ କରିବା ସହ ଟ୍ରକ୍ ଓ ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ଦୁଇ ଝିଅାରୀ ଜାନକୀ ଓ କରିସ୍ମାଙ୍କ ସହ ସୁଧୀର ଏକ ସ୍କୁଟିରେ ଆଜି ଲହୁଣୀପଡ଼ା ଆସିଥିଲେ। କାମ ସାରି ବଣାଇଁ ଦେଇ ଘରକୁ ଫେରିବା ବେଳେ ଏହି ଅଘଟଣ ଘଟିଥିଲା। ରାଜାମୁଣ୍ଡା ବାଇପାସ୍ ରାସ୍ତାର ଗୋଲ ଛକି ଅତିକ୍ରମ କରୁଥିବା ବେଳେ ୧୪୩ ନମ୍ବର ଜାତୀୟରାଜପଥର ରାଉରକେଲାରୁ ବାରକୋଟ ପଟେ ଯାଉଥିବା ଏକ ଟ୍ରକ୍ ସେମାନଙ୍କୁ ପଛରୁ ଧକ୍କା ଦେଇଥିଲା। ଏଥିରେ ୩ ଜଣ ଯାକ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଲହୁଣୀପଡ଼ା ପୁଲିସ୍ ସେମାନଙ୍କୁ ଉଦ୍ଧାର କରି ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଜାନକୀ ଓ କରିସ୍ମାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

## ନବଗଠିତ ପ୍ୟାକ୍ସ ଓ ଲ୍ୟାମ୍ପସ୍‌ଙ୍କୁ ମିଳିବ ୫ ଲକ୍ଷ ଲେଖାଏଁ ମୂଳଧନ

**ଭୁବନେଶ୍ୱର, ୨୧।୧(ସମିସ):** ରାଜ୍ୟରେ ଚାଷୀ ଓ ଅନ୍ୟାନ୍ୟ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କୁ ସମବାୟ ମାଧ୍ୟମରେ ସହାୟତା ଯୋଗାଇଦେବା ପାଇଁ ରାଜ୍ୟରେ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଏବଂ ବୃହତ୍ ଆଦିବାସୀ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ୍) ଗଠନ କରଯାଇଛି। ଏହା ମଧ୍ୟରେ ୧୫୪୨ଟି ନୂଆ ପ୍ୟାକ୍ସ ଓ ଲ୍ୟାମ୍ପସ୍ ଗଠନ କରାଯାଇଛି। ଏହି ନବଗଠିତ ସଂସ୍ଥାଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ପ୍ରତ୍ୟେକ ନବଗଠିତ ପ୍ୟାକ୍ସ କିମ୍ବା ଲ୍ୟାମ୍ପସ୍‌କୁ କାର୍ଯ୍ୟକ୍ଷମ ହେବା ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ମୂଳଧନ ବା ସିଡ୍ ମନି ଦିଆଯିବ। ଏ ସମ୍ପର୍କିତ ଏକ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହାଦ୍ୱାରା ନବଗଠିତ ୧୫୪୨ଟି ପ୍ୟାକ୍ସ ଓ ଲ୍ୟାମ୍ପସ୍‌କୁ ମୂଳଧନ ଭାବେ ୭୬.୮୦ କୋଟି ଟଙ୍କା ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟର ସମବାୟ କ୍ଷେତ୍ର ସୁଦୃଢ଼ ହେବା ସହ ଚାଷୀଭାଇମାନେ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପୋଷଣ କରିଛନ୍ତି।

**୧୫୪୨ଟି ସଂସ୍ଥା ପାଇବେ ୭୬.୮୦ କୋଟି**

## ପରିବେଶ ପୁନରୁଦ୍ଧାର ଏବଂ ଦୀର୍ଘସ୍ଥାୟୀ ପଦକ୍ଷେପ ଉପରେ କେନ୍ଦ୍ର ଖଣିମନ୍ତ୍ରୀଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୨୧।୧(ସମିସ):** ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଖଣି କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବେଆଇନ ଖନନ ପ୍ରତି ସରକାରଙ୍କ ଶୂନ୍ୟ-ସହନଶୀଳତା ଆଭିମୁଖ୍ୟକୁ ଆଧାର କରି ତଦାରଖ ଓ ପ୍ରବର୍ତ୍ତନ ପ୍ରଣାଳୀକୁ ସୁଦୃଢ଼ କରିବା ଆବଶ୍ୟକ। ଏଥିପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାକୁ ଖଣିମନ୍ତ୍ରୀ ଜି କିଶନ ରେଡ୍ଡୀ ଗୁରୁତ୍ୱାରୋପ କରିଛନ୍ତି। କୋଣାର୍କର ଇକୋ ରିଟ୍ରିଟଠାରେ ଅନୁଷ୍ଠିତ ତୃତୀୟ ଜାତୀୟ ଖଣି ମନ୍ତ୍ରୀ ସମ୍ମିଳନୀର ଦ୍ୱିତୀୟ ଦିବସରେ ମନ୍ତ୍ରୀ ଶ୍ରୀ ରେଡ୍ଡି ତାଙ୍କ ଅଭିଭାଷଣରେ ପରିବେଶ ପୁନରୁଦ୍ଧାର ଏବଂ ଦୀର୍ଘସ୍ଥାୟିତ୍ୱ ସୁନିଶ୍ଚିତ କରିବା ପାଇଁ ଦାୟିତ୍ୱପୂର୍ଣ୍ଣ ଖଣି ବନ୍ଦ ଅଭ୍ୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଖଣି କାର୍ଯ୍ୟକଳାପର ପରିବେଶଗତ ପ୍ରଭାବକୁ ହ୍ରାସ କରିବା ପାଇଁ ବନୀକରଣ ପ୍ରୟାସ, ସୌର ଶକ୍ତି ଗ୍ରହଣ ଏବଂ ଦୀର୍ଘସ୍ଥାୟୀ ବର୍ଜ୍ୟ ପରିଚାଳନା ସମେତ ସବୁଜ ପଦକ୍ଷେପକୁ ଏକୀକୃତ କରିବା ସକାଶେ ସେ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ।

ଏହି ସମ୍ମିଳନୀରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏମଓଇଏଫସିସି) ର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ମଧ୍ୟ ପ୍ରଦର୍ଶିତ ହୋଇଥିଲା, ଯାହା ଜଙ୍ଗଲ ସଂରକ୍ଷଣ ଏବଂ ପରିବେଶ ସୁରକ୍ଷା ବିଷୟରେ ମୂଲ୍ୟବାନ ଦୃଷ୍ଟିକୋଣ ପ୍ରଦାନ କରିଥିଲା। ପରିବେଶ ସଂରକ୍ଷଣ ସହିତ ଆର୍ଥିକ ଅଭିବୃଦ୍ଧିକୁ ସନ୍ତୁଳିତ କରୁଥିବା ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ରାଜ୍ୟ ଏବଂ




ଅଂଶୀଦାରମାନଙ୍କୁ ମାର୍ଗଦର୍ଶନ କରିବାରେ ଏହା ସହାୟକ ହେବ ବୋଲି କୁହାଯାଇଛି। ଏହାବ୍ୟତୀତ ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମଏସ) ଖଣି କାର୍ଯ୍ୟରେ ଶ୍ରମିକଙ୍କ ସୁରକ୍ଷାକୁ ବୃଦ୍ଧି କରିବା ପାଇଁ ସୁରକ୍ଷା ମାନକ, ବୈଷୟିକ ପ୍ରଗତି ଏବଂ ତାଲିମ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଥିଲା। ସେହିପରି ଏଠାରେ ଆୟୋଜିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ) ପ୍ରଦର୍ଶନୀକୁ ଯାଇ ମନ୍ତ୍ରୀ ପରିଦର୍ଶନ କରିଥିଲେ।

# ଖର୍ଚ୍ଚ ହୋଇପାରୁନି ବିପର୍ଯ୍ୟୟ ପ୍ରଶମନ ପାଣ୍ଠି

**ଭୁବନେଶ୍ୱର, ୨୧।୧ (ସମିସ):** ବିପର୍ଯ୍ୟୟପ୍ରଶମନ ପାଣ୍ଠି ଖର୍ଚ୍ଚ କରି ପାରୁ ନାହାନ୍ତି ରାଜ୍ୟ ସରକାର। ପ୍ରଶାସନିକ ନିଷ୍କ୍ରିୟତା ଯୋଗୁଁ ଆବଣ୍ଟିତ ହୋଇଥିବା ପ୍ରାୟ ୨୧୦୦ କୋଟିରୁ ଅଧିକ ଟଙ୍କା ଟଙ୍କା ପଡ଼ି ରହିଛି। ଏହି ଅର୍ଥ ଖର୍ଚ୍ଚ କରିବା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ ହୋଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ରାଜ୍ୟ ସରକାର ଏହି ଅର୍ଥ ଖର୍ଚ୍ଚ କରିବାରେ ବିଫଳ ହେଲେ ଏହା ଫେରିଯିବାର ମଧ୍ୟ ସମ୍ଭାବନା ରହିଛି। ଅନ୍ୟପଟେ ଓଡ଼ିଶା ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟରେ ପ୍ରତି ବର୍ଷ ବର୍ଷ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହେଉଛି। ହେଲେ ଆବଣ୍ଟିତ ଅର୍ଥ ଖର୍ଚ୍ଚ କରିବାରେ କାହିଁକି ସମସ୍ୟା ସୃଷ୍ଟି ହେଉଛି, ତାକୁ ନେଇ ପ୍ରଶ୍ନ ଉଠିଛି।

ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ଅନୁଯାୟୀ ରାଜ୍ୟରେ ବିପର୍ଯ୍ୟୟ ପ୍ରଶମନ ଏବଂ ମୁକାବିଲା କାର୍ଯ୍ୟକଳାପ ପାଇଁ ୨,୧୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ଆବଣ୍ଟିତ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷ ଶେଷରେ କମିଶନର ଅବଧି ଶେଷ ହେବାକୁ ଯାଉଛି। ହେଲେ କମିଶନଙ୍କ ସୁପାରିସ୍‌ରେ ପ୍ରଦାନ କରାଯାଇଥିବା ଏହି ଅର୍ଥ ମଧ୍ୟରୁ ରାଜ୍ୟ ବିପର୍ଯ୍ୟୟପ୍ରଶମନ ପାଣ୍ଠି (ଏସ୍‌ଡିଆରଏଫ୍) ଅଧୀନରେ ପ୍ରାୟ ୧,୪୨୦ କୋଟି ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି (ଏସ୍‌ଡିଏମ୍‌ଏଫ୍) ଅଧୀନରେ ୬୮୯ କୋଟି ଟଙ୍କା ପଡ଼ି ରହିଛି। ଡିସେମ୍ବର ସୁଦ୍ଧା ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଉଥିବା ପ୍ରମୁଖ ପାଞ୍ଚଟି ରାଜ୍ୟ ମଧ୍ୟରେ, ୨୦୨୧-୨୬ ଅବଧିରେ ଓଡ଼ିଶା ପାଇଁ ୮ ହଜାର ୮୬୫ କୋଟି ଟଙ୍କା ସୁପାରିସ କରାଯାଇଥିବା ବେଳେ

- ପଡ଼ିରହିଛି ୨୧୦୦ କୋଟିରୁ ଅଧିକ ଆବଣ୍ଟିତ ରାଶି
- ଏସ୍‌ଡିଆରଏଫ୍ ଓ ଏସ୍‌ଡିଏମ୍‌ଏଫ୍ ପାଣ୍ଠିରେ ପଡ଼ିରହିଛି ଟଙ୍କା
- ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ଅନୁଯାୟୀ ମିଳିଥିଲା ଅର୍ଥ

ଏଥି ମଧ୍ୟରୁ ଏପର୍ଯ୍ୟନ୍ତ ୬,୭୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ଆବଣ୍ଟିତ ହୋଇଛି। ଘୂର୍ଣ୍ଣିଝଡ଼, ବନ୍ୟା ଏବଂ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଓଡ଼ିଶା ନିୟମିତ ଭାବରେ କ୍ଷତିଗ୍ରସ୍ତ ହେଉଛି। ତେଣୁ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ପାଇଁ ସକ୍ରିୟ ପଦକ୍ଷେପ ନେବାରେ ଅତ୍ୟନ୍ତ ଆବଶ୍ୟକତା ରହିଛି। ଅବ୍ୟବହୃତ ପାଣ୍ଠିକୁ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳଗୁଡ଼ିକୁ ସୁଦୃଢ଼ କରିବା ଭଳି ଅତ୍ୟାବଶ୍ୟକୀୟ ପ୍ରକଳ୍ପ ପାଇଁ ବ୍ୟବହାର କରାଯାଇପାରିଥାନ୍ତା। ଯାହା ବିପର୍ଯ୍ୟୟ ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାରେ ସହାୟକ ହୋଇଥାନ୍ତି। ସେହିପରି ପ୍ରାକ୍ ଚେତାବନୀ ବ୍ୟବସ୍ଥାକୁ ଉନ୍ନତକରଣ, ପାଣିପାଗ ଏବଂ ସତର୍କୀକରଣ ଭିତ୍ତିଭୂମିକୁ ବୃଦ୍ଧି କରିବା ସହିତ ସରକାର ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଜଳ ନିଷ୍କାସନ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ମଧ୍ୟ ଏହି ଅର୍ଥ ବିନିଯୋଗ ହୋଇପାରିଥାନ୍ତା।

ବିଭାଗୀୟ ସୂତ୍ର ଅନୁଯାୟୀ ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ବିକାଶ, ଗୃହ ଏବଂ ନଗର ଉନ୍ନୟନ ଭଳି ବିଭାଗ ଦ୍ୱାରା ପଠାଯାଇଥିବା ଅନେକ ପ୍ରସ୍ତାବକୁ ଯାଞ୍ଚ କରିବାରେ ବିଳମ୍ବ ହେଉଛି। ଏହାସହିତ ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ ଏବଂ ମୂଲ୍ୟ ବୃଦ୍ଧି ସମେତ ବିଭିନ୍ନ କାରଣ ଯୋଗୁଁ ମାସ ମାସ ଧରି ପ୍ରସ୍ତାବଗୁଡ଼ିକ ଅନୁମୋଦନ ପାଇଁ ପଡ଼ି ରହୁଛି। ନିକଟରେ ବନ୍ୟା-ପ୍ରତିରୋଧୀ ରାସ୍ତା ନିର୍ମାଣ ପାଇଁ ୨୫୪ କୋଟି ଟଙ୍କାର ଗ୍ରାମ୍ୟ ନିର୍ମାଣ ପ୍ରସ୍ତାବକୁ ପୁଣି ଥରେ ସମୀକ୍ଷା କରିବା ଏବଂ ଏସ୍‌ଡିଏମ୍‌ଏଫ୍ ନିର୍ଦ୍ଦେଶାବଳୀ ଅନୁପାଳନ କରି ଆବଶ୍ୟକ ସଂଶୋଧନ ପରେ ଏହାକୁ ପୁନର୍ବାର ଦାଖଲ ପରାମର୍ଶ ସହିତ ଫାଇଲ୍‌କୁ ଫେରସ୍ତ କରାଯାଇଛି। ସେହିପରି ବଲାଙ୍ଗିର, ବରଗଡ଼, କଳାହାଣ୍ଡି ଏବଂ ନୂଆପଡ଼ା ଜିଲ୍ଲାର ୨୦ଟି ବ୍ଲକର ମରୁଡ଼ି ପ୍ରମାଣୀକରଣ ପାଇଁ ପଞ୍ଚାୟତିରାଜ ବିଭାଗ ଦେଇଥିବା ପ୍ରାୟ ୨୦.୧୪ କୋଟି ଟଙ୍କାର ଆଉ ଏକ ପ୍ରସ୍ତାବ ମଧ୍ୟ ବିଚାରାଧୀନ ରହିଛି। କାରଣ ପ୍ରସ୍ତାବରେ ମୁଖ୍ୟତଃ ଚେକ୍ ଡ୍ୟାମ୍ ନିର୍ମାଣ ଅନ୍ତର୍ଭୁକ୍ତ ରହିଥିବା ବେଳେ ଏଥିରେ ହେବାକୁ ଥିବା ଖର୍ଚ୍ଚର ଉପକାରିତା ବିଶ୍ଳେଷଣ କରାଯାଇ ନାହିଁ। ଏଭଳି କିଛି ସମସ୍ୟା ପାଇଁ ଏହି ଅର୍ଥ ଖର୍ଚ୍ଚ କରିବାରେ ବିଳମ୍ବ ହେଉଥିବା ଜଣାପଡ଼ିଛି। ରାଜ୍ୟ ସରକାର ପୂର୍ବରୁ ପ୍ରଦାନ କରାଯାଇଥିବା ପାଣ୍ଠିର ତୁରନ୍ତ ବ୍ୟବହାର ଏବଂ ଯଥାଶୀଘ୍ର ବ୍ୟବହାର ପ୍ରମାଣପତ୍ର ଦାଖଲ କରିବାକୁ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଥିବା ବେଳେ ଏହି ପାଣ୍ଠି ପାଇଁ ଜାତୀୟ ନିର୍ଦ୍ଦେଶାବଳୀକୁ ସଠିକ୍ ଭାବରେ ଅନୁସରଣ କରି ପ୍ରସ୍ତାବ ଦାଖଲ କରିବା ପାଇଁ ସବୁ ବିଭାଗକୁ କୁହାଯାଇଥିବା ଜଣାପଡ଼ିଛି।

**ଅଲକଏଦା ଲିଙ୍କ୍**

## ଜାମିନ ପାଇଁ ହାଇକୋର୍ଟରେ ଅବଦୁର ରହେମାନ

**କଟକ, ୨୧।୧ (ସମିସ):** ଅଲ୍‌କାଏଦା ସହ ଲିଙ୍କ୍ ଅଭିଯୋଗରେ ଗିରଫ ଅବଦୁର ରହେମାନର ଜାମିନ ଆବେଦନକୁ କଟକ ଦୌରାଜଜ୍ ଅଦାଲତ ଖାରଜ କରିଦେବାରୁ ସେ ହାଇକୋର୍ଟରେ ନିୟମିତ ଜାମିନ ଆବେଦନ କରିଛି। ଦୌରା ଅଦାଲତ ଗତ ଜାନୁଆରି ୭ରେ ରହେମାନର ଜାମିନ ଖାରଜ କରିଥିଲେ। ଏହାପରେ ସେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ପ୍ରକାଶଥାଉକି, ପୂର୍ବରୁ ମଧ୍ୟ ୨୦୨୪ ନଭେମ୍ବର ୮ରେ ରହେମାନର ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଥିଲେ। ଏହା ପରେ ରହେମାନ ଜିଲ୍ଲା ଦୌରା ଅଦାଲତରେ ଜାମିନ ଆବେଦନ କରିଥିଲା ତାହା ଖାରଜ ହେବାରୁ ପୁଣି ହାଇକୋର୍ଟରେ ଜାମିନ ଆବେଦନ କରିଛି।



# ଅସ୍ତବ୍ୟସ୍ତ କଲାଣି ବିକଟାଳ ହର୍ଣ୍ଣ

## ୧୦୦ ମୋଡିଫାଏଡ୍ ସାଇଲେନ୍ସର ଜବତ



ଭୁବନେଶ୍ୱର, ୨୧।୧(ସମିସ): ରାଜଧାନୀରେ ବିକଟାଳ ଶବ୍ଦ କରୁଥିବା ଗାଡ଼ିଗୁଡ଼ିକୁ ରାଜଧାନୀ ରାଜରାସ୍ତାକୁ ମନା କରାଯାଇଛି। ସାଇଲେନ୍ସ ଲଗାଇ ଠୋଠୋ ଶବ୍ଦ ଓ ନିଆଁ ବାହାର କରୁଥିବା ବୁଲେଟ୍‌ଗୁଡ଼ିକୁ ଜବତ କରିବା ଲାଗି ଅଣ୍ଟା ଭିଡ଼ିଛି କମିସନରେଟ୍ ପୁଲିସ। ରାଜଧାନୀର ବିଭିନ୍ନ ଛକରେ ବିକଟାଳ ଶବ୍ଦ କରୁଥିବା ବୁଲେଟ୍ ଓ ଅନ୍ୟ ଗାଡ଼ିଗୁଡ଼ିକୁ ଧରିବା ଲାଗି ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ ଚଳାଇଛି। ଉଚ୍ଚଶବ୍ଦ ସୃଷ୍ଟି କରି ପ୍ରଦୂଷଣ କରୁଥିବା ୧୦୦ଟି ମୋଡିଫାଏଡ୍ ସାଇଲେନ୍ସର ଜବତ କରାଯାଇଛି। ବିକଟାଳ ଶବ୍ଦ ଅବୈଧ ଓ ଶବ୍ଦସୀମା ୮୦ ଡେସିବଲ୍‌ରୁ ଅଧିକ ହେଲେ, ଏହାର ଉଲ୍ଲଂଘନକୁ କଡ଼ାକଡ଼ି କରାଯିବ। ଧରାଯାଇଥିବା ଗାଡ଼ିଗୁଡ଼ିକରୁ ସାଇଲେନ୍ସର ବାହାର କରାଯିବା ସହ ଜରିମାନା ଆଦାୟ କରାଯାଇଛି।

## ଅତିଷ୍ଠ କଲେଣି ବସ୍ ଚାଳକ

ବସ୍‌ର ବିକଟାଳ ହର୍ଣ୍ଣରେ ରାଜଧାନୀବାସୀ ଅସ୍ତବ୍ୟସ୍ତ। ହର୍ଣ୍ଣର ଶବ୍ଦ ଏତେ ବିକଟାଳ ଓ ପ୍ରଚଣ୍ଡ ଯେ ସାଧାରଣ ଲୋକ ଏଥିରେ ପ୍ରଭାବିତ ହେବା ସହ ଅତିଷ୍ଠ ହେଲେଣି। ବସ୍ ଆଖପାଖ ଦେଇ ଯାଉଥିବା ବାଇକ୍ ଚାଳକ ବି ବିକଟାଳ ହର୍ଣ୍ଣରେ ଯୋଗୁଁ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଭଳି ହର୍ଣ୍ଣ ବେଆଇନ ହୋଇଥିଲେ ମଧ୍ୟ ପରିବହନ ବିଭାଗ ଓ କମିସନରେଟ୍ ପୁଲିସ ଚୁପ୍ ହୋଇ ବସିଛନ୍ତି। ସେହିପରି ଯାତ୍ରୀଙ୍କୁ ଆକୃଷ୍ଟ କରିବା ଲାଗି ବସ୍‌ରେ ବିକଟାଳ ହର୍ଣ୍ଣ ବ୍ୟବହାର କରାଯାଉଛି ବୋଲି କୁହାଯାଇଛି। ଅତି ଜୋର୍‌ରେ ବସ୍ ଆଗରେ ଯାଉଥିବା ବାଇକ୍ ଓ ସାଇକଲ ଚାଳକମାନେ ଏଭଳି ହର୍ଣ୍ଣରେ ଚମକି ପଡୁଛନ୍ତି। ବିଭିନ୍ନ ଛକରେ ଯାତ୍ରୀ ଉଠାଇବା ପାଇଁ ଚାଳକମାନେ ଏମିତି ହର୍ଣ୍ଣ ବଜାଉଛନ୍ତି, ଯେ କେହି ବି ବିରକ୍ତ ହୋଇଯିବ। କିନ୍ତୁ ଏଥିରେ ସେମାନଙ୍କର କିଛି ବି ପରବାୟ ନ ଥାଏ। ବସ୍‌ରେ ଲାଗିଥିବା ଏହି ହର୍ଣ୍ଣର ଶବ୍ଦ ଅତ୍ୟନ୍ତ ତୀବ୍ର ଓ ବିକଟାଳ। ୬୫ ଡେସିବଲ୍ ମଧ୍ୟରେ ଶବ୍ଦ ରହିବା ନିୟମ ଥିଲେ ମଧ୍ୟ ବସ୍ ମାଲିକମାନେ ଏହାର ଖିଲାପ କରି ଉଚ୍ଚଶବ୍ଦଯୁକ୍ତ ହର୍ଣ୍ଣ ଲଗାଉଛନ୍ତି। ଏୟାର ପ୍ରେସର୍ ହର୍ଣ୍ଣ ଅତ୍ୟଧିକ ଶବ୍ଦଯୁକ୍ତ ହୋଇଥିବାରୁ ଏହାକୁ ପସନ୍ଦ କରୁଛନ୍ତି। ବିଶେଷକରି ଦୂରଗାମୀ ବସ୍ ମାଲିକମାନେ ଏହା ଲଗାଉଛନ୍ତି। କିନ୍ତୁ ଏବେ ପରିସ୍ଥିତି ବଦଳିବା ସହ ଭୁବନେଶ୍ୱରରୁ କଟକ ଯିବାଆସିବା କରୁଥିବା ବସ୍‌ରେ ଅଧିକ ବ୍ୟବହାର କରୁଥିବା ଦେଖାଯାଉଛି। ବସ୍‌ଗୁଡ଼ିକୁ ଅତି ଜୋର୍‌ରେ ହର୍ଣ୍ଣ ବଜାଇ ସହରବାସୀଙ୍କୁ ଅତିଷ୍ଠ କରୁଛନ୍ତି। ବସ୍‌ରେ ଲାଗିଥିବା ହର୍ଣ୍ଣ ମାତ୍ରାଧିକ ଶବ୍ଦ ସୃଷ୍ଟି କରୁଥିବାରୁ ଏହାର ପ୍ରଭାବରେ ଶବ୍ଦ ପ୍ରଦୂଷଣ ମଧ୍ୟ ହେଉଛି।



ସେହିପରି ଜାତୀୟ ରାଜପଥର ସିଆର୍‌ପି ଛକରୁ ଆରମ୍ଭ କରି ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ବାଣୀବିହାର, ରସୁଲଗଡ଼, ପଳାଶୁଣୀରେ ଏହି ବସ୍‌ଗୁଡ଼ିକରେ ଏଭଳି ଉଚ୍ଚ ଶବ୍ଦରେ ହର୍ଣ୍ଣ ବଜାଇଥା'ନ୍ତି। କେବଳ ଜାତୀୟ ରାଜପଥ କାହିଁକି, ସହର ଭିତରକୁ ଆସୁଥିବା ବସ୍ ମଧ୍ୟ ଖୁବ୍ ଉଚ୍ଚ ଶବ୍ଦରେ ହର୍ଣ୍ଣ ବଜାଉଛନ୍ତି। ବିଶେଷକରି ମାଷ୍ଟରକ୍ୟାଣ୍ଟିନ୍ ଛକରେ ଥିବା ବସ୍‌ଷ୍ଟାଣ୍ଡ ଓ କଳ୍ପନା ଛକରେ ଲାଗୁଥିବା ବସ୍‌ଗୁଡ଼ିକ ଏଭଳି ଉଚ୍ଚ ଶବ୍ଦରେ ହର୍ଣ୍ଣ ବଜାଉଛନ୍ତି। କେବଳ ବସ୍ ନୁହେଁ; ଟ୍ରକ୍ ଓ ଅନ୍ୟ ଗାଡ଼ିଗୁଡ଼ିକରେ ମଧ୍ୟ ଏପରି ହର୍ଣ୍ଣ ବ୍ୟବହାର କରୁଥିବା ପରିଲକ୍ଷିତ ହେଉଛି। ସେପଟେ ବସ୍‌ରେ ଉଚ୍ଚ ଶବ୍ଦରେ ସୃଷ୍ଟି କରୁଥିବା ହର୍ଣ୍ଣଗୁଡ଼ିକୁ ଚଢ଼ଉ କରାଯିବାକୁ ଯୋଜନା କରୁଛି ପରିବହନ ବିଭାଗ। ବେଆଇନ ହର୍ଣ୍ଣ ବ୍ୟବହାର କରୁଥିବା ବସ୍‌ଗୁଡ଼ିକର ତାଲିକା କରାଯାଇଛି। ଏଭଳି ନିୟମ ଉଲ୍ଲଂଘନ ଦ୍ୱିତୀୟଥର କଲେ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ। ଏହାଛଡ଼ା ଯେଉଁ ଦୋକାନରେ ଏଭଳି ବେଆଇନ୍ ହର୍ଣ୍ଣ ବିକ୍ରି ହେଉଛି, ସେଗୁଡ଼ିକୁ ଚିହ୍ନଟ କରାଯାଉଛି। କମିସନରେଟ୍ ପୁଲିସ ମିଶି ସ୍ୱତନ୍ତ୍ର ଧରପଗଡ଼ କରାଯିବ ବୋଲି ପରିବହନ ବିଭାଗର ଜଣେ ଅଧିକାରୀ କହିଛନ୍ତି।

### ସ୍ପିଡ୍ ବାଇକ୍‌ଧାରୀଙ୍କ ଥମୁନି ଉତ୍ପାତ

ସହର ମଧ୍ୟରେ ୫୦ କି.ମି. ଗତିରେ ବାଇକ୍ ଚଳାଇବାର ନିୟମ ଥିଲେ ମଧ୍ୟ ବାଇକ୍‌ଚାଳକ ଏହାକୁ ଖାତିର୍ କରୁନାହାନ୍ତି। ଦ୍ରୁତଗତିରେ ଗାଡ଼ି ଚଳାଉଥିବାରୁ ନିଜେ ଦୁର୍ଘଟଣାର ଶିକାର ହେଉଛନ୍ତି, ଅନ୍ୟମାନଙ୍କୁ ମଧ୍ୟ ମୃତ୍ୟୁମୁଖକୁ ଠେଲି ଦେଉଛନ୍ତି। ବାଇକ୍ ଷ୍ଟାଣ୍ଡକୁ ରାସ୍ତାରେ ଘଷି ଘଷି ନିଆଁ ବାହାର କରୁଛନ୍ତି। ଏକାବେଳକେ ୩/୪ ବାଇକ୍‌ଚାଳକ ଏଭଳି ବିଭିନ୍ନ ରାସ୍ତାରେ ଉତ୍ପାତ ଓ ଆତଙ୍କ ଖେଳାଉଥିଲେ ମଧ୍ୟ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି।

### ସ୍ପିଡ୍ ଲେଜର ଗନ୍ ଅଚଳ

ଦ୍ରୁତଗତିରେ ଗାଡ଼ି ଚଳାଉଥିବା ବାଇକ୍‌ଧାରୀଙ୍କ ଉପରେ ନଜର ରଖିବାକୁ ଟ୍ରାଫିକ୍ ପୁଲିସ ପକ୍ଷରୁ ୩ଟି ସ୍ପିଡ୍ ଲେଜର ଗନ୍ ମେସିନ୍ ଅଣାଯାଇଛି। ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୩ଟି ସ୍ପିଡ୍ ଲେଜର ଗନ୍ ଅଣାଯାଇଥିଲା। ଯୋଜନା ଥିଲା ଯେ କୌଣସି ଗୋଟିଏ ଛକରେ ପୁଲିସ ଏହି ଲେଜର୍ ଗନ୍ ଲଗାଇ ବସିବ। ୨୦୦ ମିଟର ଦୂରରୁ ଆସୁଥିବା ବାଇକ୍‌ର ଗତି ସମ୍ପର୍କରେ ଆଗୁଆ ଜାଣିପାରିବ। ଏହା ପରେ ଟ୍ରାଫିକ୍ ପୁଲିସ ସେହି ଗାଡ଼ିକୁ ଅଟକାଇ ଜରିମାନା ଆଦାୟ କରିବେ। କିନ୍ତୁ ଏବେ ସେହି ସ୍ପିଡ୍ ଲେଜର୍ ଗନ୍ ମେସିନ୍ ଉଭାନ୍ ହୋଇଯାଇଥିବା କୁହାଯାଇଛି।

## ଦୁଇ ହତ୍ୟାକାରୀଙ୍କୁ ଆଜୀବନ ଜେଲ୍

ଭୁବନେଶ୍ୱର, ୨୧।୧(ସମିସ): ୨୦୨୨ରେ ସହିଦନଗର ଥାନା ଅଞ୍ଚଳରେ ହୋଇଥିବା ଏକ ହତ୍ୟା ମାମଲାର ବିଚାର କରି ଦୁଇ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍‌ଦଣ୍ଡାଦେଶ ଦିଆଯାଇଛି। ଦୁଇ ଅଭିଯୁକ୍ତ ହେଲେ ଅଶୋକ ଦାଶ ଓରଫ କାବୁ ଏବଂ ମନୋଜ ଦାଶ ଓରଫ ପାପୁନି। ମଙ୍ଗଳବାର ଭୁବନେଶ୍ୱର ଜିଲ୍ଲା ସେସନ୍ସ ଜଜ୍‌ର ବିଚାରପତି ଏହି ରାୟ ଶୁଣାଇଛନ୍ତି।





ସୂଚନାଯୋଗ୍ୟ ଯେ, ମୃତ ସୌମ୍ୟରଞ୍ଜନ କୁଣ୍ଡ ବାଣୀବିହାର ଛକ ନିକଟ ଡିସିପି କାର୍ଯ୍ୟାଳୟ ସାମ୍ନା ମେଟ୍ରୋ ବିଲ୍ଡିଂ ଓ କଲ୍ୟାଣ ଜୁଏଲାରୀ ମଧ୍ୟବର୍ତ୍ତୀ ସ୍ଥାନରେ ଏକ ପାନ ଦୋକାନ କରିଥିଲେ। ତାଙ୍କ ସାନ ଭାଇ ସାଗର ଏହି ଦୋକାନ ନିକଟରେ ଏକ ହୋଟେଲ ବ୍ୟବସାୟ କରୁଥିଲେ। ୨୦୨୨ ଅଗଷ୍ଟ ୩୧ ତାରିଖ ରାତିରେ ସୌମ୍ୟରଞ୍ଜନ ପାନ ଦୋକାନରେ ଶୋଇଥିଲେ। କୌଣସି କାରଣକୁ କେନ୍ଦ୍ରକରି ସୌମ୍ୟରଞ୍ଜନଙ୍କୁ ଅତି ନିର୍ମମ ଭାବେ ଦୁଇ ଅଭିଯୁକ୍ତ ହତ୍ୟା କରିଥିଲେ। ଏନେଇ ସହିଦନଗର ଥାନାରେ ହତ୍ୟା ଅଭିଯୋଗ ହେବା ପରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସହିଦନଗର ଥାନାର ତତ୍କାଳୀନ ଭରପ୍ରାପ୍ତ ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ ଏହାର ତଦନ୍ତଭାର ନେଇଥିଲେ। ନିର୍ଦ୍ଧାରିତ ସମୟ ପୂର୍ବରୁ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଅଦାଲତରେ ଚାର୍ଜସିଟ୍ ଦାଖଲ ହୋଇଥିଲା। ଉକ୍ତ ମାମଲାର ବିଚାର କରି ଅଦାଲତ ୧୮ ଜଣ ସାକ୍ଷୀଙ୍କ ବୟାନ ଓ ବିଭିନ୍ନ ଦସ୍ତାବିଜ୍‌କୁ ଆଧାର କରି ଅଭିଯୁକ୍ତ କାବୁ ଓ ପାପୁନିକୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସେମାନଙ୍କୁ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ୧ବର୍ଷ ଅଧିକ କାରାଦଣ୍ଡାଦେଶ ଲାଗି ମଧ୍ୟ ଆଦେଶ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ପବ୍ଲିକ୍ ପ୍ରୋସିକ୍ୟୁଟର ଶରଦ ଚନ୍ଦ୍ର ସାମନ୍ତ (ଓଏସ୍‌ପିଏସ୍-୧) ଓ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରଶ୍ମୀରଞ୍ଜନ ବ୍ରହ୍ମ ପ୍ରମୁଖ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ସମୁଦାୟ ୯୨ଟି ମାମଲାରେ ଦୋଷୀମାନଙ୍କୁ ସଜା ଦିଆଯାଇ ସାରିଥିବାବେଳେ ଚଳିତ ବର୍ଷର ଏହା ହେଉଛି ସପ୍ତମ ମାମଲା।

## ଟ୍ରାଫିକ୍‌ରେ ଇ-ଚାଲାଣ ବ୍ୟବସ୍ଥା ଫେଲ୍

- ନଗଦ କ୍ୟାସ୍ ଦେଇ ଭରୁଛନ୍ତି ଚାଲାଣ
- ଟଙ୍କା ହେର୍‌ଫେର୍ ହେବାର ସମ୍ଭାବନା

ଭୁବନେଶ୍ୱର, ୨୧।୧(ସମିସ): ରାଜଧାନୀରେ ଟ୍ରାଫିକ୍ ପୁଲିସର ଇ-ଚାଲାଣ ବ୍ୟବସ୍ଥା ଫେଲ୍ ମାରିଛି। ସରକାର ଟଙ୍କା ବାଟମାରଣା ଉପରେ ରୋକ୍ ଲଗାଇବା ପାଇଁ ଇ-ଚାଲାଣ ବ୍ୟବସ୍ଥା ଆରମ୍ଭ କରିଥିଲେ ମଧ୍ୟ ଏହି ବ୍ୟବସ୍ଥା ଏବେ ଫେଲ୍ ମାରିଛି। ଅନେକ ବ୍ୟକ୍ତି ବେପରୁଆ ଗାଡ଼ି ଚାଳନା କରିଥିବାରୁ ଇ-ଚାଲାଣ କଟୁଛି। ଅନ୍‌ଲାଇନ୍‌ରେ ଇ-ଚାଲାଣ ବ୍ୟବସ୍ଥା ଫେଲ୍ ମାରିଥିବାରୁ ସେମାନେ ବାଧ ହୋଇ ଟ୍ରାଫିକ୍ ଅଫିସ ଯାଇ ନଗଦ ଟଙ୍କା ଦେଉଛନ୍ତି। ଏକାଧିକ ଲୋକ ନଗଦ ଚାଲାଣ ଦେବାକୁ ଯାଉଥିବାବେଳେ ଅଫିସରେ ଭିଡ଼ ଜମୁଛି। ସେମାନେ ଅଫ୍‌ଲାଇନ୍‌ରେ ଟଙ୍କା ପୈଠ କରୁଥିବାରୁ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏଟିଏମ୍‌ରୁ ଟଙ୍କା ଉଠାଇ ଆଣି ପୈଠ କରିବାରେ ବିଳମ୍ବ ହେଉଛି। ଟଙ୍କା ଆଣି ଆସିବା ପରେ ଟ୍ରାଫିକ୍ ପୁଲିସ ରହୁନାହାନ୍ତି। ଶେଷରେ ବହୁ ସମୟ ଅପେକ୍ଷା କରିବା ପରେ ଅଫ୍‌ଲାଇନ୍‌ରେ ଟଙ୍କା ପୈଠ କରି ଯାଉଛନ୍ତି।

ପୂର୍ବରୁ ରାଜଧାନୀରେ ବିଭିନ୍ନ ଛକରେ ଟ୍ରାଫିକ୍ ପୁଲିସ ପକ୍ଷରୁ ଯାଞ୍ଚ କଡ଼ାକଡ଼ି କରାଯାଉଥିଲା। ଯେଉଁମାନେ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିଲେ, ସେମାନେ ଘଟଣାସ୍ଥଳରେ ହିଁ ଜରିମାନା ଭରୁଥିଲେ। କିନ୍ତୁ ଜରିମାନା ନାମରେ ଟ୍ରାଫିକ୍ ପୁଲିସ ଅର୍ଥ ହରିଲୁଟ୍ କରୁଥିଲେ। ଏହି ଅର୍ଥ ଲୁଟ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଇ-ଚାଲାଣ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ସିଧା ଜରିମାନା ଟଙ୍କା ସରକାରୀ ଖଜାନାକୁ ଯାଉଥିଲା। କିନ୍ତୁ ଏହି ବ୍ୟବସ୍ଥା ଫେଲ୍ ମାରିବାରୁ ଅର୍ଥ ହରିଲୁଟ୍ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏନେଇ ବରିଷ୍ଠ ଅଧିକାରୀଙ୍କୁ ପଚରାଯାଇଥିଲେ ମଧ୍ୟ ସେମାନେ ଏ କଥାକୁ ଏଡ଼ାଇ ଯାଇଥିଲେ। ଟେକ୍ନିକାଲରେ କିଛି ସମସ୍ୟା ଥିବାରୁ ଇ-ଚାଲାଣ ବ୍ୟବସ୍ଥା ଫେଲ୍ ମାରିଥିବା କହିଛନ୍ତି। ଖୁବ୍‌ଶୀଘ୍ର ଏହି ବ୍ୟବସ୍ଥାକୁ ଠିକ୍ କରାଯିବ ବୋଲି କହିଛନ୍ତି।

## ବ୍ୟାବସାୟିକ ସଂସ୍ଥାକୁ ବିଦ୍ୟୁତ୍ ସଂଯୋଗ ନେଇ ଉତ୍ତେଜନା

ବାଲିଅନ୍ତା, ୨୧।୧(ସମିସ): ବାଲିଅନ୍ତା ବ୍ଲକ ଚିଙ୍ଗୁଡ଼ିଆ ଗ୍ରାମ ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ ଏକ ଫ୍ୟାକ୍ଟ୍ରିକୁ ଫୁଲନଖରା ବିଦ୍ୟୁତ୍ ସେକ୍ସନ୍ ପକ୍ଷରୁ ବିଦ୍ୟୁତ୍ ଯୋଗାଣକୁ ନେଇ ମଙ୍ଗଳବାର ଗ୍ରାମରେ ଭୀଷଣ ଉତ୍ତେଜନା ଦେଖାଦେଇଛି। କୌଣସି ପରିସ୍ଥିତିରେ ବି ଗ୍ରାମର ଟ୍ରାନ୍ସଫର୍ମରରୁ ୩ ଫେଜ୍ ଲାଇନ୍ ବ୍ୟାବସାୟିକ ସଂସ୍ଥାକୁ ଦିଆଯାଇପାରିବ ନାହିଁ ବୋଲି ଗ୍ରାମବାସୀମାନେ ବିରୋଧ କରି କାମ ବନ୍ଦ କରାଇଥିଲେ। ତେଣୁ ଚିଙ୍ଗୁଡ଼ିଆ ଗ୍ରାମବାସୀ ଟ୍ରାନ୍ସଫର୍ମର ନିକଟରେ ପହଞ୍ଚି ତାରଟଣାକୁ ବିରୋଧ କରି କାମ ବନ୍ଦ କରାଇଥିଲେ। ଖବର ପାଇ ବାଲିଅନ୍ତା ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଉକ୍ତ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉପରେ ନିର୍ଭର କରୁଥିବା ଶତାଧିକ ଗ୍ରାମବାସୀ ଏ ସମ୍ପର୍କରେ ଫୁଲନଖରା ବିଦ୍ୟୁତ୍ ସେକ୍ସନ୍ ଓ ରସୁଲଗଡ଼ ଡିଭିଜନ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାଇଛନ୍ତି। ବିଭାଗୀୟ ଅଧିକାରୀ ଏନେଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।



ସୂଚନା ଅନୁସାରେ, ୧୦୦ କେଭି କ୍ଷମତା ବିଶିଷ୍ଟ ଚିଙ୍ଗୁଡ଼ିଆ ଟ୍ରାନ୍ସଫର୍ମର ଉପରେ ଶତାଧିକ ଉପଭୋକ୍ତା ନିର୍ଭର କରନ୍ତି। ହେଲେ ଅରିଙ୍ଗୋଳ ଗ୍ରାମ ନିକଟରେ ବ୍ୟବସାୟ ନେଇ ବାହାର ଅଞ୍ଚଳର ଜଣେ ବ୍ୟକ୍ତି ଏହି ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ସଂଯୋଗ ନେଇ ଉଦ୍ୟମ ଚଳାଇଛନ୍ତି। ପୂର୍ବରୁ ଖୁଣ୍ଟରେ ତାର ଟାଣିବାବେଳେ ଗ୍ରାମବାସୀ ବିରୋଧ କରିବାରୁ କାମ ବନ୍ଦ ରହିଥିଲା। ମଙ୍ଗଳବାର ପୂର୍ବାହ୍ଣରେ ଉକ୍ତ ସଂସ୍ଥାର କର୍ମଚାରୀ ପୁଣି ଖୁଣ୍ଟରେ ତାରଟାଣି ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ସଂଯୋଗ ନେଇ ଚେଷ୍ଟା କରିବାରୁ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ଗ୍ରାମବାସୀ ଟ୍ରାନ୍ସଫର୍ମର ନିକଟରେ ପହଞ୍ଚି ପ୍ରତିବାଦ କରିବା ସହ କାମ ବନ୍ଦ କରାଇଥିଲେ। ପରେ ଖବର ପାଇ ଥାନା ଏଏସ୍‌ଆଇ ଅନୀଲ ନାୟକ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ।

## ବୋଲେରୋ ଧକ୍କାରେ ବାପା ମୃତ, ପୁଅ ଗୁରୁତର

ନନ୍ଦନକାନନ, ୨୧।୧(ସମିସ): ରଘୁନାଥପୁର ଗାଁ ମୁଣ୍ଡ ବ୍ରିଜ୍ ନିକଟରେ ସୋମବାର ସନ୍ଧ୍ୟାରେ ଏକ ବୋଲେରୋ ଧକ୍କାରେ ବାପାଙ୍କର ମୃତ୍ୟୁ ଘଟିଥିବାବେଳେ ପୁଅ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ହେଲେ କେନ୍ଦ୍ରାପଡ଼ା ଥାନା ଅନ୍ତର୍ଗତ ନରଣପଡ଼ା ଚାନ୍ଦୋଳ ଗ୍ରାମର ବିକାଶ ମହାନ୍ତି(୫୧)। ସୋମବାର ସନ୍ଧ୍ୟାରେ ବିକ୍ରମ, ସ୍ତ୍ରୀ ଅଞ୍ଜନାବାଳା ମହାନ୍ତି, ପୁଅ ଜ୍ଞାନ ରଞ୍ଜନ ମହାନ୍ତି ଏକ ବାଇକ୍ ଯୋଗେ ଭୁବନେଶ୍ୱରରୁ ନିଜ ଗାଁକୁ ଫେରୁଥିବାବେଳେ ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଗାଁ ମୁଣ୍ଡ ବ୍ରିଜ୍ ପାଖରେ ତାଙ୍କ ପଛପଟୁ ଦ୍ରୁତଗତିରେ ଆସି ଏକ ବୋଲେରୋ ଗାଡ଼ି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବିକାଶଙ୍କର ମୃତ୍ୟୁ ଘଟିଥିବାବେଳେ ପୁଅ ଜ୍ଞାନ ରଞ୍ଜନ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ମୃତ ବିକାଶଙ୍କ ସ୍ତ୍ରୀ ନନ୍ଦନକାନନ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୈତ୍ରୀବିହାର ଥାନା ପୁଲିସ ସହାୟତାରେ ଦୁର୍ଘଟଣା ଘଟାଇଥିବା ବୋଲେରା ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି।

# ରାସ୍ତା ସଙ୍କୁଚିତ; ଯନ୍ତ୍ରଣାରେ ଛଟପଟ ଜନତା



ଭୁବନେଶ୍ୱର, ୨୧।୧(ସମିସ): ରାଜଧାନୀରେ ଟ୍ରାଫିକ୍ ସମସ୍ୟା ବଢ଼ାଇବା ପଛର ମୁଖ୍ୟ କାରଣ ହେଲା ସଙ୍କୁଚିତ ରାସ୍ତା। ଗାଡ଼ି ପଞ୍ଜୀକରଣ ସଂଖ୍ୟା ବର୍ଷକୁ ବର୍ଷ ବଢ଼ୁଥିବାବେଳେ ସେହି ଅନୁସାରେ ରାସ୍ତା ସମ୍ପ୍ରସାରଣ ହେଉନାହିଁ। ଯେଉଁଥିପାଇଁ ସଙ୍କୁଚିତ ରାସ୍ତାରେ ଏକାଧିକ ଗାଡ଼ି ଗଡୁଥିବାରୁ ଟ୍ରାଫିକ୍ ସମସ୍ୟା ବଢ଼ୁଛି। ଏହି ସଙ୍କୁଚିତ ରାସ୍ତାରେ ରଙ୍ଗ୍‌ସାଇଡ୍ ଗାଡ଼ି ଚାଳନା ଟ୍ରାଫିକ୍ ସମସ୍ୟାକୁ ଆହୁରି ଦୁଇଗୁଣିତ କରି ଦେଇଛି। ଅନେକ ଗାଡ଼ି ରଙ୍ଗ୍‌ସାଇଡ୍‌ରେ ଆସୁଥିବାବେଳେ ଦୁର୍ଘଟଣା ଘଟି ଅନେକ ଜୀବନ ମଧ୍ୟ ଯାଉଛି। ବିଶେଷକରି କସ୍ମପଲ୍ଲୀ ଛକରୁ ତମାଣ୍ଡୋ ପର୍ଯ୍ୟନ୍ତ ରଙ୍ଗ୍‌ସାଇଡ୍ ଗାଡ଼ି ଚାଳନା ବଢ଼ୁଛି। କାରଣ ବ୍ରିଜ୍ ତଳେ ରାସ୍ତା ନ ଥିବାରୁ ଏକାଧିକ ଗାଡ଼ି ରଙ୍ଗ୍‌ସାଇଡ୍‌ରେ ଯାଉଛନ୍ତି। ଅନେକ ବାଇକ୍ ଚାଳକ ରଙ୍ଗ୍‌ସାଇଡ୍‌ରେ ଦ୍ରୁତଗତିରେ ଯାଉଥିବାରୁ ବଡ଼ ଧରଣର ଦୁର୍ଘଟଣା ବି ଘଟୁଛି। ରଙ୍ଗ୍‌ସାଇଡ୍ ଗାଡ଼ି ଚାଳନା ବଢ଼ୁଥିବାବେଳେ ଟ୍ରାଫିକ୍ ପୁଲିସର ଦେଖାନାହିଁ। ଟ୍ରାଫିକ୍ ପୁଲିସ ଏହି ଛକରେ ଛିଡ଼ା ହୋଇ ଯାଞ୍ଚ କରି ବେପରୁଆ ଗାଡ଼ି ଚାଳକଙ୍କୁ ଧରିଲେ କିଛି ମାତ୍ରାରେ ଏହା କମିବ ବୋଲି କୁହାଯାଉଛି। କେବଳ ଏହି ସ୍ଥାନ ନୁହେଁ, ସହରର ଅନେକ ରାସ୍ତାରେ ରଙ୍ଗ୍‌ସାଇଡ୍ ଗାଡ଼ି ଚାଳନା ବଢ଼ୁଛି।

ଭୁବନେଶ୍ୱରରେ ଥିବା ଦୁଇଟି ଆର୍‌ଟିଓ ଦପ୍ତରରେ ଏବେ ବର୍ଷକୁ ହାରାହାରି ୭୫ହଜାରରୁ ଅଧିକ ଯାନ ପଞ୍ଜୀକରଣ ହେଉଛି। ଏହାର ସିଂହଭାଗ ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରେ ଗଡୁଛି। ସର୍ବାଧିକ ପଞ୍ଜୀକରଣ ହେଉଥିବା ଦୁଇଚକିଆ ଯାନ ରାଜଧାନୀରେ ଚଳପ୍ରଚଳ କରୁଥିବାବେଳେ ଏବେ ସହରରେ ସରକାରୀ ବସ୍ ଚଳାଚଳ ସଂଖ୍ୟା ବି ବଢ଼ିଛି। ହେଲେ ସେହି ଅନୁପାତରେ ସହରର ପ୍ରମୁଖ ସଡ଼କଗୁଡ଼ିକ ଆଉ ସମ୍ପ୍ରସାରିତ ହେଉନାହିଁ। ଓଲଟା ଅନେକ ସ୍ଥାନରେ ସୌନ୍ଦର୍ଯ୍ୟକରଣ ନାମରେ ସ୍ମାର୍ଟ ସିଟି କର୍ତ୍ତୃପକ୍ଷ ସଡ଼କକୁ ସଙ୍କୁଚିତ କରିବାରେ ଲାଗିଛନ୍ତି। ଯେତିକି ସମ୍ପ୍ରସାରଣ କାର୍ଯ୍ୟ ହୋଇଥିଲା ସ୍ମାର୍ଟ ସିଟି ସୌନ୍ଦର୍ଯ୍ୟକରଣ ନାଁରେ ଟାଇଲ୍ ବିଛାଇ ସଡ଼କକୁ ସଙ୍କୁଚିତ କରାଗଲା। ସେହିଭଳି ଏଜି ଛକରୁ ଆଚାର୍ଯ୍ୟବିହାର ପର୍ଯ୍ୟନ୍ତ ଲମ୍ବିଥିବା ସଚିବାଳୟ ମାର୍ଗର ଅବସ୍ଥା ଅତି ଶୋଚନୀୟ। ଏହି ସଡ଼କ ଉପରେ ଯାନ ସଂଖ୍ୟା ବହୁଗୁଣିତ ହେଉଥିବାବେଳେ ଏହାର ସମ୍ପ୍ରସାରଣ ପାଇଁ ଆଉ ସୁଯୋଗ ନାହିଁ। ରାଜଭବନରୁ ଆଚାର୍ଯ୍ୟବିହାର, କଳ୍ପନାରୁ ଏଜି ଛକ, ବିମାନବନ୍ଦରରୁ ଏଜି ଛକ, ସିଆର୍‌ପି ଛକରୁ ପାୱାର୍ ହାଉସ୍ ଛକ ଆଦି ଅଞ୍ଚଳରେ ସଡ଼କ ସମ୍ପ୍ରସାରଣ କାର୍ଯ୍ୟ ଦୀର୍ଘଦିନ ହେଲା ହୋଇନାହିଁ।

ଏହିସବୁ ରାସ୍ତାର ଦୁଇପଟେ ମଜଭୁତ୍ ଡ୍ରେନ୍‌ନିର୍ମାଣ ସରିଥିବାରୁ ଓ ସ୍ଥାନାଭାବ ଯୋଗୁଁ ଏହିସବୁ ସଡ଼କ ସମ୍ପ୍ରସାରିତ ହେବାର ବି ସୁଯୋଗ ନାହିଁ। ସ୍ମାର୍ଟସିଟି ଭୁବନେଶ୍ୱର ରାଜମହଲ ଓଭରବ୍ରିଜ୍ ଓ ସହିଦନଗର ନିକଟରେ ଥିବା ଓଭରବ୍ରିଜ୍‌କୁ ବାଦ୍ ଦେଲେ ଅନ୍ୟ ଓଭରବ୍ରିଜ୍‌ଗୁଡ଼ିକ ରେଳପଥ ଓ ରାଜପଥ ଉପରେ ରହିଛି। ଭିଡ଼ ନିୟନ୍ତ୍ରଣ ପାଇଁ ନିର୍ମାଣ ହୋଇଥିବା ରାଜମହଲ ଓଭରବ୍ରିଜ୍‌ର ନକ୍ସା ବଦଳି ଥିବାବେଳେ ସହିଦନଗରରୁ ରସୁଲଗଡ଼ ପର୍ଯ୍ୟନ୍ତ ଲମ୍ବିଥିବା ଓଭରବ୍ରିଜ୍‌ଟିରେ ଦୁଇ ପଟରୁ ଯାନ ଚଳାଚଳର ସୁବିଧା ନ ଥିବାରୁ ଏହା ଏକପ୍ରକାର ଦୁର୍ଘଟଣାପ୍ରବଣ ଓଭରବ୍ରିଜ୍ ପାଲଟିଛି। ସହର ମଧ୍ୟଦେଇ ଯାଇଥିବା ରାଜପଥ ଉପରେ ଖଣ୍ଡଗିରିଠାରୁ ରସୁଲଗଡ଼ ପର୍ଯ୍ୟନ୍ତ ଓଭରବ୍ରିଜ୍ ଥିବାରୁ କୌଣସି ପ୍ରକାରେ ଏଠାରେ ଯାନବାହନ ଭିଡ଼କୁ ରୋକାଯାଇ ପାରୁଛି। ଯଦି କୌଣସି ସମୟରେ ଏହି ଓଭରବ୍ରିଜ୍ ଉପରେ ଦୁର୍ଘଟଣା ଘଟୁଛି କିମ୍ବା ଭାରୀଯାନ ଅଚଳ ହେଉଛି, ତେବେ ଯାନବାହନଗୁଡ଼ିକ ଘଣ୍ଟା ଘଣ୍ଟା ଧରି ଅଟକି ଯାଉଛି। ବଢ଼ି ଚାଲିଥିବା ଯାନବାହନ ନିୟନ୍ତ୍ରଣ ପାଇଁ ଓଭରବ୍ରିଜ୍ ନିର୍ମାଣ ଅତି ଜରୁରୀ ହୋଇପଡ଼ିଛି।

**କସ୍ମପଲ୍ଲୀଠୁ ତମାଣ୍ଡୋ ପର୍ଯ୍ୟନ୍ତ ବଢ଼ୁଛି ରଙ୍ଗ୍‌ସାଇଡ୍ ଗାଡ଼ି ଚାଳନା**

**ଏକାଧିକ ଦୁର୍ଘଟଣାରେ ଯାଉଛି ଚାଳକଙ୍କ ଜୀବନ**


**ଟ୍ରାଫିକ୍ ସିଗ୍‌ନାଲ ମାନୁନାହାନ୍ତି ବେପରୁଆ ଚାଳକ**

## ଦୁର୍ଘଟଣା ପରେ ଗର୍ଭବତୀ ମହିଳାଙ୍କୁ ଗୋଇଠାମାଡ଼

**ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି, ୨ ଅଟକ**

ଭୁବନେଶ୍ୱର, ୨୧।୧(ସମିସ): ଦୁର୍ଘଟଣା ଜଣେ ମହିଳାଙ୍କ ପାଇଁ କାଳ ହୋଇଛି। ଅଭିଯୁକ୍ତମାନେ ଯୁକ୍ତିତର୍କ କରି ଗର୍ଭବତୀ ମହିଳାଙ୍କୁ ଗୋଇଠା ମାରି ଗର୍ଭ ନଷ୍ଟ କରିବା ନେଇ ଅଭିଯୋଗ ହୋଇଛି। ଏଭଳି ଘଟଣା ନୂଆପଲ୍ଲୀ ଥାନା ସିଆର୍‌ପି ଛକରେ ଦେଖିବାକୁ ମିଳିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ମଧୁସ୍ମିତା ତାଙ୍କ ସ୍ୱାମୀଙ୍କ ସହ ଏକାମ୍ର ପାର୍କ ଅଭିମୁଖେ ଯାଉଥିଲେ। ଏହି ସମୟରେ ସିଆର୍‌ପି ଛକରେ ଅନ୍ୟ ଏକ ଗାଡ଼ି ସହ ତାଙ୍କର ଧକ୍କା ହୋଇଥିଲା। ଯାହାକୁ ନେଇ ଅଭିଯୁକ୍ତମାନେ ଯୁକ୍ତିତର୍କ କରିଥିଲେ। ଏପରିକି ମଧୁସ୍ମିତା ଗର୍ଭବତୀ ଥିବାବେଳେ ତାଙ୍କ ପେଟକୁ ଗୋଇଠା ମାରିଥିବା ଅଭିଯୋଗ ହୋଇଛି। ଫଳରେ ସେ ଗୁରୁତର ହୋଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏନେଇ ଥାନାରେ ମଧୁସ୍ମିତା ଅଭିଯୋଗ କରିବା ପରେ ପୁଲିସ ୨ଜଣଙ୍କୁ ଅଟକ ରଖିଛି।

ଶ୍ରଦ୍ଧାଞ୍ଜଳି



୰ ଡାକ୍ତର ବିଜୟ କୁମାର ସାହୁ
ବୟାଳିଶବାଟି, ଗୋପ, ପୁରୀ
ଆବିର୍ଭାବ - ତା ୫.୦୭.୧୯୫୬ / ତିରୋଧାନ - ତା ୧୩.୦୧.୨୦୨୫

ହେ ପୁଣ୍ୟାତ୍ମା,
ଆପଣ ଆମ୍ଭମାନଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲେ। ଆପଣଙ୍କ ଅମଳିନ ସ୍ନେହ, ଶ୍ରଦ୍ଧା ଓ ମାର୍ଗଦର୍ଶନରୁ ଏବେ ଆମେ ବଞ୍ଚିତ। ଅଶ୍ରୁସିକ୍ତ ନୟନରେ ଆପଣଙ୍କ ସ୍ମୃତିକୁ ଝୁରିବା ବ୍ୟତିରେକେ ଅନ୍ୟ ଉପାୟ ନାହିଁ। ଈଶ୍ୱରଙ୍କ ଏ ଚରାଚର ସୃଷ୍ଟିରେ ଆପଣ ଯେଉଁଠି ଥିଲେ ବି ଆଲୋକବର୍ତ୍ତିକା ହୋଇ ଆମକୁ ଆଶୀର୍ବାଦ କରୁଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ଚିର ଶାନ୍ତି ଲାଭ କରୁ, ଆଜି ଏକାଦଶାହ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଆପଣଙ୍କର ଶୋକସନ୍ତପ୍ତ ପରିବାର



## ରାଜଧାନୀ ଉପକଣ୍ଠରେ ମାତିଛନ୍ତି ବିଲ୍ଡର

# କ୍ଷେତ ପାଲଟୁଛି ପ୍ଲଟ୍; ଚାଷ ହରାଉଛି ଚାଷୀ

ଭୁବନେଶ୍ୱର, ୨୧।୧(ସମିସ): ରାଜଧାନୀ ଉପକଣ୍ଠରେ ମାତିଛନ୍ତି ବିଲ୍ଡର। ଶାଗମାଛ ଦରରେ ଚାଷୀଙ୍କଠାରୁ ଚାଷଜମି କିଣି ମୋରମ୍ ପକାଇ ତାକୁ ପୋତି ଦେଉଛନ୍ତି। ତା'ପରେ ସେହି ଜମିକୁ ଖଣ୍ଡ ଖଣ୍ଡ କରି ପ୍ଲଟିଂ କରି ବିକ୍ରି କରୁଛନ୍ତି। ସରକାରୀ ଯାନ୍ତ୍ରିକତାର ସୁଯୋଗ ନେଇ ଏମାନେ ନଦୀ, ନାଳ, କେନାଲ ସବୁ ପୋତି ରାସ୍ତା ବାହାର କରି ଦେଉଛନ୍ତି। ଏମାନଙ୍କୁ କେହି ଜଗିବାକୁ ନାହାନ୍ତି କି ବିଲ୍ଡରମାନେ କାହାକୁ ଭୟ ବି କରୁନାହାନ୍ତି। ଜମି ବିକ୍ରି ଉପରେ ସରକାର କରିଥିବା କଟକଣା ଓ ନିୟମ କାନୁନ୍‌କୁ ସବୁ ଦଳିମକଚି ନଷ୍ଟ କରି ଦେଉଛନ୍ତି। ରାଜ୍ୟସାରା ଲୋକମାନେ ବି ରାଜଧାନୀକୁ ଜମି ଖଣ୍ଡେ କିଣିବା ପାଇଁ ଧାଇଁ ଆସୁଛନ୍ତି। କଙ୍କଡ଼ାକୁ ଗୋଳି ପାଣି ସୁହାଇଲା ଭଳି ବିଲ୍ଡରମାନେ ଲୋକଙ୍କ ଆଗ୍ରହର ଭରପୂର ଫାଇଦା ଉଠାଉଛନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ଚାଷ ମଧ୍ୟ ଆଉ ଭଲ ହେଉନି। ତେଣୁ ଚାଷୀ ଚାଷଠାରୁ ଦୂରେଇ ଯାଉଛି। ବାପ-ଅଜା ଚଉଦ ପୁରୁଷର ଜମିକୁ ପୁଅ ବିକ୍ରି କରିଦେଉଛି। ଫଳରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ରାଜଧାନୀକୁ ନେଇ ଯେଉଁ ବ୍ୟବସ୍ଥିତ ନୀଳନକ୍ସା ପରିକଳ୍ପନା କରୁଛି, ତାହା କାର୍ଯ୍ୟକାରୀ ହୋଇପାରୁନି। ତେଣୁ ରାଜଧାନୀରେ ଜଳବନ୍ଦୀଠାରୁ ଆରମ୍ଭ କରି ଟ୍ରାଫିକ୍ ଜାମ୍ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟା ଉପୁଜୁଛି। ଏହା ଉପରେ ଯଦି ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ ନ କରନ୍ତି, ତେବେ ଆଗାମୀ ଦିନରେ ସାଧାରଣ ଲୋକଙ୍କ ପକ୍ଷେ ଭୁବନେଶ୍ୱରରେ ଚଳିବା ମୁସ୍କିଲ୍ ହୋଇଯିବ ବୋଲି ଟାଉନ୍ ପ୍ଲାନର୍‌ମାନେ ମତପୋଷଣ କରିଛନ୍ତି। ଏମିତିକି ଏବେ ଯେତିକି ସମସ୍ୟା ଉପୁଜୁଛି, ଆଗକୁ ଏହା ଆହୁରି ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ ବୋଲି କୁହାଯାଉଛି।

ଭୁବନେଶ୍ୱର ସବ୍‌ରେଜିଷ୍ଟ୍ରାର୍ ଅଫିସ୍‌ରୁ ମିଳିଥିବା ତଥ୍ୟ ଅନୁସାରେ, ଗତ ୫ବର୍ଷ ଭିତରେ ରାଜଧାନୀରେ ୫୫ ହଜାରରୁ ଉର୍ଦ୍ଧ୍ୱ ଛୋଟ ବଡ଼ ପ୍ଲଟ୍ ପଞ୍ଜୀକରଣ ହୋଇଛି। କରୋନା ସମୟରେ ଏହା ସାମାନ୍ୟ ହ୍ରାସ ପାଇଥିବାବେଳେ କରୋନା ପରେ ହୁ' ହୁ' ହୋଇ ବଢ଼ିଚାଲିଛି। ବିକ୍ରିର ପରିସଂଖ୍ୟାନକୁ ଦେଖିଲେ ଏହା ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ସର୍ବାଧିକ ରାଜଧାନୀ ଉପକଣ୍ଠ ଜଟଣୀ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ହେଉଛି। ତେଣୁ ଜଟଣୀ ତହସିଲ୍ ଅଧୀନରେ ଥିବା ଜମି ଅଧିକ ବିକ୍ରି ହେଉଥିବା ଏଥିରୁ ସ୍ପଷ୍ଟ ହେଉଛି। ସେହିଭଳି ତା' ପଛକୁ ରହିଛି ଭୁବନେଶ୍ୱର, ଖଣ୍ଡଗିରି, ଖୋର୍ଦ୍ଧା, ବାଲିପାଟଣା ଓ ବାଲିଅନ୍ତା। ସବୁଠାରୁ ଅଧିକ ଜଟଣୀରେ ହୋଇଥିବାବେଳେ ସବୁଠୁ କମ୍ ବାଲିଅନ୍ତାରେ ବିକ୍ରି ହୋଇଛି। ସେହିଭଳି ପାର୍ଟ ପ୍ଲଟ୍ ପଞ୍ଜୀକରଣରେ ରହିତାଦେଶ ଲାଗିବା ସମୟରେ ବିକ୍ରି ଅଧିକ ହୋଇଥିବା ଜଣାପଡ଼ିଛି।

ସରକାରୀ ତଥ୍ୟରେ ଯେତିକି ଚାଷଜମି ଥିବା କୁହାଯାଉଛି, ବାସ୍ତବରେ ଏବେ ସେତିକି ନାହିଁ। ଚାଷଜମି ବିକ୍ରି ହୋଇ କୋଠାବାଡ଼ି ତିଆରି ହୋଇଛି। ବିଡିଏ କରିଥିବା ୧୮ଟି ଜୋନ୍‌କୁ କେହି ମାନୁନାହାନ୍ତି। ସମ୍ବେଦନଶୀଳ ଗ୍ରୀନ୍ ଜୋନ୍ ହେଉକି ଫରେଷ୍ଟ ଜୋନ୍ ସବୁ ଜାଗାରେ ଲୋକ ଘର କରି ଦେଉଛନ୍ତି। ଘରବାରି ପାଇଁ ବିଡିଏ ପ୍ଲାନ୍ ଅନୁମୋଦନ ବାଧ୍ୟତାମୂଳକ ହୋଇଥିଲେ ହେଁ ଲୋକମାନେ ଶାରଦ କିସମ ଜମିରେ ବି ବେଆଇନ ଭାବେ ଘର କରି ଦେଉଛନ୍ତି। ଏମାନଙ୍କୁ ରୋକିବା ଦିଗରେ ରାଜସ୍ୱ ବିଭାଗ କି ବିଡିଏ କୌଣସି ପଦକ୍ଷେପ ନେଉନାହାନ୍ତି। ଏମିତିକି ବିଡିଏ ପ୍ରସ୍ତାବିତ ରିଂରୋଡ୍ ରାସ୍ତା ଥିବା ପ୍ଲଟ୍‌ଗୁଡ଼ିକରେ ମଧ୍ୟ ବହୁତଳ ଅଟ୍ଟାଳିକା ସବୁ ଛିଡ଼ା ହୋଇଛି। ରାସ୍ତା ପାଇଁ ସେମାନେ ଜାଗା ଛାଡ଼ିବାକୁ କୌଣସି ପ୍ରକାରେ ପ୍ରସ୍ତୁତ ନାହାନ୍ତି। ତେଣୁ ରାଜଧାନୀକୁ ଟ୍ରାଫିକ୍‌ମୁକ୍ତ କରିବା ପାଇଁ ଏହି ରିଂରୋଡ୍ ପରିକଳ୍ପନା ଯେ କେତେ ଫଳପ୍ରଦ ହେବ ତାକୁ ନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଉଛି।

ଏ ସମ୍ପର୍କରେ ବିଡିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବିକଶିତ ସହରକୁ ନେଇ ବିଡିଏ ଯେଉଁ ପ୍ଲାନ୍ କରିଛି, ତାକୁ ନିଶ୍ଚିତ ଭାବେ କାର୍ଯ୍ୟକାରୀ କରିବ। ସେହି ପ୍ଲାନ୍ ଭିତରେ ଆସୁଥିବା ରାସ୍ତାରେ ବିଡିଏ କରିଥିବା ନିୟମକୁ ଉଲ୍ଲଂଘନ କରି ଯେଉଁମାନେ ଗୃହ ନିର୍ମାଣ କରିଛନ୍ତି, ତାଙ୍କ ଘରକୁ ଭଙ୍ଗାଯିବ। ସେହି ଜାଗାର କ୍ଷତିପୂରଣ ତାଙ୍କୁ ମିଳିବ। ହେଲେ ଘର ପାଇଁ କୌଣସି କ୍ଷତିପୂରଣ ମିଳିବନି। ଏହାକୁ ଯେଉଁମାନେ ମାନୁନାହାନ୍ତି ବିଲ୍ଡରଙ୍କ କଥାରେ ମନଇଚ୍ଛା ଘର କରୁଛନ୍ତି, ତାଙ୍କ ପାଇଁ ଭବିଷ୍ୟତରେ ସମସ୍ୟା ସୃଷ୍ଟି ହେବ ବୋଲି ସେ କହିଛନ୍ତି।

- ବିଡିଏ ନିୟମ ମାନୁନାହାନ୍ତି ଜମି ମାଲିକ
- ଜୋନ୍ ଓ ନକ୍ସା କରି ଚୁପ୍ ବସିଗଲେ ଅଧିକାରୀ
- ୫ ବର୍ଷରେ ୫୫ ହଜାର ପ୍ଲଟ୍ ପଞ୍ଜୀକରଣ



## ଓଡ଼ିଆ ଭାଷାରେ ଇଗ୍ନୋ ଏମ୍‌ବିଏ ପୁସ୍ତକ ଉନ୍ମୋଚିତ

# 'ଟ୍ରାନ୍ସଲେଟରରେ ଅନୁବାଦ କଲେ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବ ନାହିଁ'



ଭୁବନେଶ୍ୱର, ୨୧।୧(ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ଏମ୍‌ବିଏ ପାଠ୍ୟ ପୁସ୍ତକର ଓଡ଼ିଆ ସଂସ୍କରଣ ମଙ୍ଗଳବାର ଉନ୍ମୋଚିତ ହୋଇଛି। ଜୟଦେବ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି, ଏନ୍‌ଇପି ଅନୁଯାୟୀ ଆଞ୍ଚଳିକ ଭାଷାରେ ଶିକ୍ଷାଦାନ କରିବାକୁ ଏହା ଉତ୍ତମ ପଦକ୍ଷେପ। ଇଂରାଜୀ ପୁସ୍ତକକୁ କେବଳ ଟ୍ରାନ୍ସଲେଟରରେ ପକାଇ ଓଡ଼ିଆ ଅନୁବାଦ କଲେ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ। ପୁସ୍ତକରେ ଥିବା କିଛି ତ୍ରୁଟିକୁ ଉଲ୍ଲେଖ କରି ସଠିକ୍ ଭାବେ ପୁସ୍ତକକୁ ଲେଖିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଓଡ଼ିଆ ପାଠ୍ୟପୁସ୍ତକ ଛାତ୍ରଛାତ୍ରୀଙ୍କୁ ସହାୟକ ହେବ ବୋଲି ମତବ୍ୟକ୍ତ କରିଛନ୍ତି। ଇଗ୍ନୋ କୁଳପତି ପ୍ରଫେସର ଉମା କାଞ୍ଜିଲାଲ୍ ସ୍ୱାଗତ ଭାଷଣ ଦେଇଥିବାବେଳେ ଏଆଇସିଟିଇର ଅଧ୍ୟକ୍ଷ ପ୍ରଫେସର ଟି.ଜି. ସିଥାରାମ, ଇଗ୍ନୋ ମ୍ୟାନେଜମେଣ୍ଟ ବିଭାଗର ପ୍ରଫେସର ନୟନତାରା ପାଢ଼ୀ, ପ୍ରଫେସର ଏମ୍‌ଏସ୍‌ଏସ୍ ରାଜୁ ଏବଂ ପ୍ରଫେସର ରାଜୀବ ଶୁକ୍ଲା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସମେତ ଶିକ୍ଷା ବିଶେଷଜ୍ଞ, ପରାମର୍ଶଦାତା, ସଂଯୋଜକ, ଭୁବନେଶ୍ୱରର ବରିଷ୍ଠ ନିର୍ଦ୍ଦେଶକ ଡ. ସୁରେଶ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ଧାରୁଆରେ ଟିପି-୮କୁ ନେଇ ଜନଶୁଣାଣି

# ସମସ୍ୟା ବଖାଣିଲେ ଜମି ମାଲିକ; ସମାଧାନ ଶୁଣାଇଲା ବିଡିଏ



ଭୁବନେଶ୍ୱର, ୨୧।୧(ସମିସ): ବିଡିଏ ପକ୍ଷରୁ ପ୍ରସ୍ତାବିତ ଟିପି-୮ ସହର ଯୋଜନା ପରିକଳ୍ପନା ନେଇ ମଙ୍ଗଳବାର ଅନ୍ଧାରୁଆ ଆଦର୍ଶ ବିଦ୍ୟାଳୟ ସମ୍ମୁଖ ପଡ଼ିଆରେ ଏକ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଡିଏ କର୍ତ୍ତୃପକ୍ଷ ଏବଂ ସରକାରୀ ଅଧିକାରୀଙ୍କ ସହ ଅନ୍ଧାରୁଆ, ଦାସପୁର ଗ୍ରାମ ସମୂହର ଜମି ମାଲିକ (ଆଂଶିକ ରୂପେ)ଙ୍କ ଆପୋଷ ଆଲୋଚନାତ୍ମକ ବୈଠକ ହୋଇଥିଲା। ସହରର ଉନ୍ନତି ପାଇଁ କର୍ତ୍ତୃପକ୍ଷଗଣ ପ୍ରସ୍ତାବିତ ପ୍ରକଳ୍ପର ରୂପରେଖ ବର୍ଣ୍ଣନା କରିଥିବାବେଳେ ଲୋକମାନେ ଏହାକୁ ଅଧିକ ସୁଗମ କରିବା ନେଇ ପରାମର୍ଶ ଦେବା ସହ ନିଜର ଅସୁବିଧାମାନ ବଖାଣିଥିଲେ। ବିଡିଏ ଉପାଧ୍ୟକ୍ଷ ଡ.ଏନ୍ ତିରୁମାଲା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଟିପି ସ୍କିମ୍‌କୁ ନେଇ ଉପୁଜୁଥିବା ଅଭିଯୋଗର ଆଲୋଚନା କରାଯାଇଥିଲା। ଡେପୁଟି କମିସନର ଭବତରଣ ସାହୁ ଟାଉନ୍ ପ୍ଲାନିଂ ଯୋଜନାର ଉଦ୍ଦେଶ୍ୟ ଓ ସବିଶେଷ ବିବରଣୀ ରଖିବା ସହ ଭିତ୍ତିଭୂମି ବିକାଶ ତଥା ଜମି ଅଧିଗ୍ରହଣ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ବରୁ ସମୁଦାୟ ୯ଟି ମୌଜାରେ ଅନ୍ତର୍ଗତ ଥିବା ଶାହାଜାପୁର, ନାରାଗୁଡ଼ା, ପାଇକରାପୁର, ନୂଆଗାଁ, ତମାଣ୍ଡୋ, ବିଜିପୁର, ସିଜୁପୁଟ ଆଦି ଅଞ୍ଚଳରେ ସରିଥିବା ଟିପି ଯୋଜନା ୧, ୨, ୩ ଓ ୪ ବାବଦରେ ଲୋକଙ୍କୁ ବୁଝାଇଥିଲେ। ସେହିପରି ସମ୍ପୃକ୍ତ ଅଞ୍ଚଳ ଦେଇ ଚାଲିଥିବା ରିଂରୋଡ୍, ଓଡିଏ ଆକ୍ଟ-୧୯୮୨ ଅନୁଯାୟୀ ୩୦ ଜାନୁଆରୀ ୨୦୨୪ରେ ପ୍ରସ୍ତୁତ ହୋଇଥିବା ଟିପି-୮ ସ୍କିମ୍‌ର ପ୍ରସ୍ତାବିତ ପ୍ରକଳ୍ପ ଏବଂ ନିଆଯାଇଥିବା ପଦକ୍ଷେପ ବାବଦରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ। ଓଡ଼ିଶା ସରକାରଙ୍କ ନିୟମିତ ତତ୍ତ୍ୱାବଧାନରେ ସମ୍ପୃକ୍ତ ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ ଏନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଆର୍ଥିକ ଅନୁଦାନ ସହ ସହରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବିକଶିତ କରିବା ନେଇ ଯୋଜନା ପ୍ରସ୍ତୁତ କରୁଥିବା ସେ କହିଥିଲେ।

ବୈଠକରେ ଜମି ମାଲିକମାନେ ଯୋଜନା ସମ୍ବନ୍ଧୀୟ ନାନା ପ୍ରଶ୍ନ ପଚାରିଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏହାର ଉତ୍ତର ରଖିଥିଲେ। ତେବେ ଯୋଜନାଟି ଉପଯୁକ୍ତ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ ହେବ ଏବଂ ଏଥିରେ ଲୋକଙ୍କ ପାଇଁ କୌଣସି ସମସ୍ୟା ଉପୁଜିବ ନାହିଁ ବୋଲି ଆଶ୍ୱାସନା ଦେଇଥିଲେ। ଏଥିସହ ଆବଶ୍ୟକସ୍ଥଳେ କଳିଙ୍ଗ ନଗର ସ୍ଥିତ ଟିପି କାର୍ଯ୍ୟାଳୟରେ ଥିବା 'ଟିପି ସ୍କିମ୍ ସହାୟତା କେନ୍ଦ୍ର'ର ସାହାଯ୍ୟ ନେବାକୁ ପରାମର୍ଶ ଦେଇଥିଲେ। ଏଥିସହ ସମ୍ପୃକ୍ତ ଅଞ୍ଚଳ ଜମିରେ କୌଣସି ରାଜସ୍ୱ ସମ୍ବନ୍ଧୀୟ ସମସ୍ୟା ଥିଲେ ଏହାର ସମାଧାନ ନେଇ ଭୁବନେଶ୍ୱର ଉପଜିଲ୍ଲାପାଳଙ୍କୁ କହିଥିଲେ। ଟିପି ଯୋଜନା ଅଧୀନରେ ଜମି ମାଲିକମାନେ ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ ସେମାନଙ୍କର ୪୦ପ୍ରତିଶତ ଜମି ହସ୍ତାନ୍ତର କରିବାକୁ ଥିବାବେଳେ ବଳକା ୬୦ ପ୍ରତିଶତ ଜମି ମହଜୁଦ ରହିବ। ଯୋଜନାରେ ଅନ୍ତର୍ଭୁକ୍ତ ଜମିଗୁଡ଼ିକରେ ଡ୍ରେନେଜ୍, ଜଳ ଯୋଗାଣ, ସ୍ୱେରେଜ ଏବଂ ବିଦ୍ୟୁତ୍ ସଂଯୋଗ ସହିତ ସର୍ବନିମ୍ନ ୯ ମିଟର ଓସାର ରାସ୍ତା ରହିବ। ଏହି ସହରୀକରଣ ଯୋଜନା ଉନ୍ନତ ଭିତ୍ତିଭୂମିର ଛାପ ଦେବା ସହ ସଂରକ୍ଷିତ ଜମିର ମୂଲ୍ୟକୁ ଯଥେଷ୍ଟ ବୃଦ୍ଧି କରିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲ୍ୟାଣ୍ଡ ଅଫିସର ସିପକ କୁମାର ପାତ୍ର, ଉପଜିଲ୍ଲାପାଳ ମନୋରଞ୍ଜନ ସାହୁ, ବିଡିଓ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ତହସିଲ୍‌ଦାର ସିଦ୍ଧାର୍ଥ ଗୌରବ ପରିଡ଼ା, ଏଟିପି ମାନସୀ ମହାନ୍ତି ଓ ଅନ୍ଧାରୁଆ ସରପଞ୍ଚ ସ୍ୱର୍ଣ୍ଣଲତା ବଳିୟାରସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ୩ ଦିନିଆ ଖଣି, ଖଣିଜ ଦ୍ରବ୍ୟ, ଧାତୁ ଓ ସାମଗ୍ରୀ ସମ୍ମିଳନୀ

ଭୁବନେଶ୍ୱର, ୨୧।୧(ସମିସ): ଖଣି, ଖଣିଜ ଦ୍ରବ୍ୟ, ଧାତୁ ଓ ସାମଗ୍ରୀ ଉପରେ ଗୁଢ଼ ଆଲୋଚନା ହେବ। ଏଥିପାଇଁ ବୁଧବାରଠାରୁ ଭୁବନେଶ୍ୱର ସ୍ଥିତ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପରିସରରେ ଭାରତୀୟ 'ଖଣି, ଖଣିଜ ଦ୍ରବ୍ୟ, ଧାତୁ ଓ ସାମଗ୍ରୀ' ସଂଘ ପକ୍ଷରୁ ଏକ ୩ଦିନିଆ ସମ୍ମିଳନୀ ଆରମ୍ଭ ହେବାକୁ ଯାଉଛି। ଏହି ସମ୍ମିଳନୀରେ ବିଶ୍ୱର ବିଭିନ୍ନ ଦେଶରୁ ପ୍ରାୟ ୬୫୦ ଅତିଥି ଯୋଗଦେବାକୁ ଥିବାବେଳେ ୬୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତିବିଶେଷ ଏଠାରେ ଉଦ୍‌ବୋଧନ ଦେବେ। ସମ୍ମିଳନୀରେ ୨୦୦ରୁ ଅଧିକ ସନ୍ଦର୍ଭ ମୌଖିକ ଭାବେ ଉପସ୍ଥାପନ ହେବ ବୋଲି ଏନେଇ ମଙ୍ଗଳବାର 'ଖଣି, ଖଣିଜ ଦ୍ରବ୍ୟ, ଧାତୁ ଓ ସାମଗ୍ରୀ' ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

କାର୍ଯ୍ୟକ୍ରମରେ ଖଣିଜ ଓ ପଦାର୍ଥ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଅଭିନବ ଗବେଷଣା ଓ ଅଗ୍ରଗତି ଉପରେ ଏଠାରେ ମାନସ ମନ୍ଥନ କରାଯିବ। ଅତ୍ୟାଧୁନିକ ଖଣିଜ ପ୍ରକ୍ରିୟାକରଣ, ପିଜିଇ ପ୍ରକ୍ରିୟାକରଣ, ଲୁହାପଥର ଉପାଦେୟ ପାଇଲଟ୍ ପ୍ଲାଣ୍ଟ, ସମୁଦ୍ର ତଟ ଖଣିଜ ପ୍ରକ୍ରିୟାକରଣ ପାଇଲଟ୍ ପ୍ଲାଣ୍ଟ, ଧାତବ ରିସାଇକ୍ଲିଂ ସୁବିଧା, ସାଧାରଣ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ବିକାଶ ହବ୍ ଆଦି ବିଷୟରେ ମଧ୍ୟ ଆଲୋଚନା ହେବ। ବୈଷୟିକ ଜ୍ଞାନକୌଶଳ ଓ ସବୁଜ ଶକ୍ତିର ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ନିର୍ଭରଯୋଗ୍ୟ, ସ୍ଥାୟୀ ଉପଲବ୍ଧତାକୁ ସୁରକ୍ଷିତ ରଖିବା ଏହି ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ରହିଛି। ଶକ୍ତି ସଂରକ୍ଷଣ, ସୌର, ପବନ ଶକ୍ତି ଏବଂ ବୈଦ୍ୟୁତିକ ଯାନ କ୍ଷେତ୍ରରେ ଉଦ୍ଭାବନ ଯୋଗୁଁ ଆଗାମୀ ଦଶନ୍ଧିରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଚାହିଦା ଯଥେଷ୍ଟ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଏଭଳି ପରିସ୍ଥିତିରେ ଖଣି ମନ୍ତ୍ରଣାଳୟ ସମଗ୍ର ଯୋଗାଣ ଶୃଙ୍ଖଳାରେ ପରିବେଶ ସ୍ଥାୟିତା ଏବଂ ନୈତିକ ଅଭ୍ୟାସକୁ ପ୍ରାଥମିକତା ଦେଉଛି। ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଦାୟିତ୍ୱସମ୍ପନ୍ନ ଯୋଗାଣ ପାଇଁ ବିଭାଗ ଗୁରୁତ୍ୱ ଦେଉଥିବାବେଳେ ନୂତନ ଜ୍ଞାନକୌଶଳ ବିକଶିତ କରିବାରେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। ଯାହା ଖଣିଜ ଉତ୍ତୋଳନ ଏବଂ ପ୍ରକ୍ରିୟାକରଣର ଦକ୍ଷତା ବୃଦ୍ଧି କରିବ। ଖଣିଜନିତ ବର୍ଜ୍ୟବସ୍ତୁକୁ ହ୍ରାସ କରିବ ଏବଂ ପରିବେଶ ପ୍ରଭାବକୁ ହ୍ରାସ କରିବ। ଏହା ବ୍ୟତୀତ ଖଣିଜ ପଦାର୍ଥର 'ଜିରୋ ୱେଷ୍ଟ'କୁ ଗୁରୁତ୍ୱ ଦିଆଯାଉଥିବାରୁ ବିଭିନ୍ନ ଖଣିଜ ପଦାର୍ଥର ପୁନଃଚକ୍ରଣ ସମ୍ପର୍କରେ ମଧ୍ୟ ଏଠାରେ ଆଲୋଚନା କରାଯିବ ବୋଲି ସୂଚନା ଦିଆଯାଇଛି।




# ରାଧାଚରଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଝାଁଳା, ୨୧।୧(ସମିସ): ଜଟଣୀ ବ୍ଲକ ଅଧୀନ ରାଧାଚରଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ୟ ବାର୍ଷିକ ଉତ୍ସବ ଶନିବାର ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିନାଥ ଦେହୁରୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜଟଣୀ ବିଧାୟକ ବିଭୂତିଭୂଷଣ ବଳବନ୍ତରାୟ ଓ ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ସମାଜସେବୀ ତ୍ରିଲୋଚନ ପ୍ରଧାନ, ଡିଇଆଇଟି, ଖୋର୍ଦ୍ଧା ପ୍ରଶିକ୍ଷକ ବୀଣାପାଣି ପାଢ଼ୀ, ଏଲିମେଣ୍ଟାରୀ ଶିକ୍ଷକ ସଂଘ ପୂର୍ବତନ ସଭାପତି କୈଳାସ ଚନ୍ଦ୍ର ରାଉତ, ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜିକା ପୁଷ୍ପଲତା ପରିଡ଼ା, ବିଦ୍ୟାଳୟର ପରିଚାଳନା କମିଟି ଚେୟାରମ୍ୟାନ୍ ଗୌତମ ମାଝୀ, ମନ୍ମଥ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ବିଭିନ୍ନ ଅସୁବିଧା ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ୧ମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୮ଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପ୍ରଧାନ ଅତିଥି ପରିଚୟ ପ୍ରଦାନ ଏବଂ ସହକାରୀ ଶିକ୍ଷୟିତ୍ରୀ ସ୍ୱାଗତିକା ଭୋଇ ବାର୍ଷିକ ବିବରଣୀ ପାଠ କରିବା ସହ ମଞ୍ଚ ପରିଚାଳନା କରିଥିଲେ।

# ଡ୍ରୋଜର୍ ଆଗରେ ବସି ଉଚ୍ଛେଦକୁ ବିରୋଧ କଲେ ବିଧାୟକ



ଭୁବନେଶ୍ୱର, ୨୧।୧(ସମିସ): ମଧ୍ୟ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାଇନ୍ସ ପାର୍କ ଛକଠାରେ ମଙ୍ଗଳବାର ମହିଳା ଭେଣ୍ଡିଂଜୋନ୍‌କୁ ବିଡିଏ ଉଚ୍ଛେଦ କରିବାକୁ ଆସିଥିଲା। ଏହି ସମୟରେ ମହିଳାମାନେ ପ୍ରତିବାଦ କରିବାରୁ ପୁଲିସ୍ ମହିଳାମାନଙ୍କୁ ଜୋର୍‌ଜବରଦସ୍ତ ରାସ୍ତାରୁ ହଟାଇ ଉଚ୍ଛେଦ କାର୍ଯ୍ୟ ଚଳାଇଥିଲା। ସେହି ସମୟରେ ସ୍ଥାନୀୟ ବିଧାୟକ ଅନନ୍ତ ନାରାୟଣ ଜେନା ଘଟଣାସ୍ଥଳରେ ପହଞ୍ଚି ଡ୍ରୋଜର୍ ଆଗରେ ବସି ବିରୋଧ କରିଥିଲେ। ସେଠାରେ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ, ସମ୍ପାଦକ ଶୁଭଲକ୍ଷ୍ମୀ ମହାନ୍ତି, ସସ୍ମିତା ସାହୁ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀ ଦୋକାନୀମାନଙ୍କୁ ବୁଝାସୁଝା କରିଥିଲେ। ଉଚ୍ଛେଦ ପ୍ରସଙ୍ଗକୁ ନେଇ ଶ୍ରୀ ଜେନା ଭୁବନେଶ୍ୱର ସାଂସଦ, ବିଡିଏ ଅଧିକାରୀ, ବିଏମ୍‌ସିର ମଧ୍ୟ ଜେଡିସି, ଉଚ୍ଚପଦସ୍ଥ ପୁଲିସ ଅଧିକାରୀ ଏବଂ ବିଏମ୍‌ସିର ଉପାୟୁକ୍ତ ଅଜୟ କୁମାର ମହାନ୍ତିଙ୍କୁ ଫୋନ୍ କରି ଦୋକାନ ଉଚ୍ଛେଦକୁ ନେଇ ପ୍ରଶ୍ନ କରିଥିଲେ। ଏହାପରେ ଉଚ୍ଛେଦ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି।

# ଭାସ୍କର୍ଯ୍ୟରେ ନେତାଜୀଙ୍କ ଜୀବନୀ




ଭୁବନେଶ୍ୱର, ୨୧।୧(ସମିସ): କାନ୍‌ଭାସ୍ ଓ ଭାସ୍କର୍ଯ୍ୟ କଳାରେ ନେତାଜୀଙ୍କ ଜୀବନୀକୁ ବେଶ୍ ସୁନ୍ଦର ଓ ଆକର୍ଷଣୀୟ ଭାବେ ତୋଳି ଧରିଛନ୍ତି ଶିଳ୍ପୀ। ଶୈଶବରୁ ଲଣ୍ଡନ ଯାତ୍ରା ପର୍ଯ୍ୟନ୍ତ ସବୁକିଛି ମୁହୂର୍ତ୍ତ କାନ୍‌ଭାସ୍‌ରେ ଜୀବନ୍ତ ହୋଇଉଠିଛି। ତାଙ୍କ ପିଲାଦିନରୁ ଆରମ୍ଭ କରି ଯାତକ, ଆଜାଦ ହିନ୍ଦ୍ ଫୌଜ, ହିଟ୍‌ଲର୍‌ଙ୍କ ସହ ସାକ୍ଷାତ୍, ଗାନ୍ଧିଜୀଙ୍କ ସହ ଆଲୋଚନା ଆଦିର ଦୃଶ୍ୟ ସତେ ଯେମିତି ସମସ୍ତଙ୍କୁ ସ୍ୱାଧୀନତାର ସଂଘର୍ଷର ମୁହୂର୍ତ୍ତକୁ ସତେଜ କରିବ। କେବଳ କାନ୍‌ଭାସ୍ ନୁହେଁ ବରଂ ପଥର ଖୋଦେଇରେ ମଧ୍ୟ ଦେଖିବାକୁ ମିଳିଛି ସୁଭାଷ ବୋଷଙ୍କ ଜୀବନଚର୍ଯ୍ୟା। ଆସନ୍ତା ୨୩ ତାରିଖରେ ନେତାଜୀ ଜୟନ୍ତୀ ଅବସରରେ ଆୟୋଜିତ ହେବାକୁ ଥିବା ପରାକ୍ରମ ଦିବସରେ କଟକ ଇନ୍‌ଡୋର ଷ୍ଟାଡିୟମ୍‌ରେ ଏହି ସମସ୍ତ ଚିତ୍ରକଳା ପ୍ରଦର୍ଶିତ କରାଯିବ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୨୬ ଜଣ ଚିତ୍ରଶିଳ୍ପୀଙ୍କ ସମେତ ୫ଜଣ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀଙ୍କ ହାତ ସ୍ପର୍ଶରେ ଜୀବନ୍ତ ହୋଇଉଠିଛି ସମସ୍ତ ଚିତ୍ର।

ଭୁବନେଶ୍ୱର ଆଞ୍ଚଳିକ ଲଳିତକଳା ଏକାଡେମୀ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଭାସ୍କର୍ଯ୍ୟ ଓ ଚିତ୍ରଗୁଡ଼ିକରେ ସୁଭାଷ ବୋଷଙ୍କ ଜନ୍ମ, ପିଲାଦିନରୁ ଆରମ୍ଭ କରି ସ୍କୁଲ ସମୟ, କଟକର ବାସଭବନ, ବାରବାଟୀ ଦୂର୍ଗ, ନେତାଜୀଙ୍କ ଘୋଡ଼ା ଗାଡ଼ି, ଘୋଡ଼ା ଚଢ଼ିବା, ନେତାଜୀଙ୍କ କାର୍, ଖାଦ୍ୟପେୟ, ବିଦେଶ ଗସ୍ତ, ଆଜାଦ ହିନ୍ଦ୍ ଫୌଜ ଗଠନ, ନେତାଜୀଙ୍କ ଆହ୍ୱାନ ଆଦିର ଦୃଶ୍ୟଗୁଡ଼ିକ ସ୍ଥାନ ପାଇଛି। ପଥର ଖୋଦେଇଠାରୁ ଆରମ୍ଭ କରି ଫାଇବର ଗ୍ଲାସ୍, ସ୍କ୍ରାର୍ଭ ମେଟାଲ, ଡିଜିଟାଲ ଫର୍ମାଟ୍‌ରେ ରହିଛି ନେତାଜୀଙ୍କ ଜୀବନୀ। ଶିଳ୍ପୀ ନିତ୍ୟାନନ୍ଦ ଓଝା ଲେଜର କଟିଂ ମିଡିୟମ୍(ଟ୍ରାନ୍ସପରେଣ୍ଟ ପ୍ଲାଷ୍ଟିକ୍) ନେତାଜୀଙ୍କ ଚିତ୍ର କରିଥିବାବେଳେ ଶିଳ୍ପୀ ଜୟନ୍ତ ଦାସଙ୍କ ପଥର ଖୋଦେଇରେ ରହିଛି 'ମୋତେ ରକ୍ତ ଦିଅ ମୁଁ ସ୍ୱାଧୀନତା ଦେବି', ଚନ୍ଦନ ସାମଲଙ୍କ ଚିତ୍ରରେ 'ସୁଭାଷ ବୋଷ ଆଜ୍ ଏ ଟାଇଗର', ପ୍ରତାପ ଜେନାଙ୍କ ନଟ୍‌ବୋଲ୍ଟରେ ନିର୍ମିତ ହୋଇଛି ସୁଭାଷ ବୋଷଙ୍କ ପୋଟ୍ରେଟ୍। ସେହିପରି କଟକର ରବି ରଥ ଫାଇବର ଗ୍ଲାସ୍‌ରେ ସୁଭାଷ ବୋଷଙ୍କର ପ୍ରୋଫାଇଲ୍ ଫେସ୍ ପ୍ରସ୍ତୁତ କରିଛନ୍ତି। ୫ଜଣ ଶିଳ୍ପୀ ମଧ୍ୟ ନେତାଜୀଙ୍କ ବିଭିନ୍ନ ଥିମ୍ ନେଇ ପଥରରେ ବିଭିନ୍ନ କାରୁକାର୍ଯ୍ୟ କରିଥିବାବେଳେ ୨୬ ଜଣ ଚିତ୍ରଶିଳ୍ପୀ ନେତାଜୀଙ୍କ ବିଭିନ୍ନ ଥିମ୍‌ରେ ଚିତ୍ରଗୁଡ଼ିକ ଆଙ୍କିଛନ୍ତି।

## ପରାକ୍ରମ ଦିବସରେ ପ୍ରଦର୍ଶନ ହେବ କାନ୍‌ଭାସ୍‌ରେ ଜୀବନ୍ତ ଛବି





# ତୁର୍କୀ ହୋଟେଲରେ ନିଆଁ: ୭୬ ମୃତ



ଇସ୍ତାନବୁଲ, ୨୧।୧ (ଏଜେନ୍ସି): ତୁର୍କୀର ଏକ ପାହାଡ଼ ଉପରେ ଥିବା ୧୨ ମହଲା ବିଶିଷ୍ଟ ହୋଟେଲରେ ମଙ୍ଗଳବାର ବଡ଼ି ଭୋର୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ୭୬ ଜଣଙ୍କ ମୃତ୍ୟୁ ହୋଇଛି। ୫୧ ଜଣ ଆହତ ହୋଇଛନ୍ତି। ଦେଶର ଅନ୍ତରୀଣ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ। ପୁଲିସ ଏବଂ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ କରୁଛନ୍ତି। ରାଜଧାନୀ ଅଙ୍କାରାଠୁ ୧୭୦ କିମି ଦୂର 'କରତକାଲା ରିସୋର୍ଟ'ରେ ଥିବା ଏହି ହୋଟେଲ 'ଗ୍ରାଣ୍ଡ କାର୍ଟାଲ'ରେ କାଠର ଆବରଣ ଦିଆଯାଇଥିଲା। ଅଧିକାଂଶ ଉପକରଣ ମଧ୍ୟ କାଠରେ ପ୍ରସ୍ତୁତ ହୋଇଥିଲା। ତେଣୁ ରେସ୍ତୋରାଁରୁ ନିଆଁ ଲାଗିବା ପରେ ଏହା ଦ୍ରୁତଗତିରେ ବ୍ୟାପି ଯାଇଥିଲା। ଏଠାରେ ସୁରକ୍ଷା ମାନଦଣ୍ଡ ମଧ୍ୟ ପାଳନ କରାଯାଇ ନ ଥିଲା। ନିଆଁ ଲାଗିବା ପରେ ଆଲାର୍ମ ବାଜି ନ ଥିଲା। ଜରୁରୀକାଳୀନ ପାହାଚ ସହିତ ନିଆଁ ଲିଭାଇବା ପାଇଁ ଆବଶ୍ୟକ ଉପକରଣ ମଧ୍ୟ ନ ଥିଲା।

ଦୁଇ ସପ୍ତାହ ହେଲା ସ୍କୁଲ ଛୁଟିଥିବାରୁ ହୋଟେଲରେ ପ୍ରାୟ ୨୩୮ ଅତିଥି ଥିଲେ। ନିଆଁ ଦେଖିବା ପରେ ସେମାନେ ଜୀବନ ବିକଳରେ ଦୌଡ଼ିବାରେ ଲାଗିଥିଲେ। ମାତ୍ର ଝରକା କାଚରେ ନିବୁଜ ହୋଇଥିବାରୁ ବାହାରିବାକୁ ରାସ୍ତା ପାଇ ନ ଥିଲେ। ତେଣୁ ଶ୍ୱାସରୁଦ୍ଧ ହୋଇ ଅନେକଙ୍କ ଜୀବନ ଯାଇଥିଲା। ଅନ୍ୟମାନେ ଦଉଡ଼ି ଏବଂ ବେଡ୍‌ସିଟ୍ ମାଧ୍ୟମରେ ତଳକୁ ଓହ୍ଲାଇ ଜୀବନ ବଞ୍ଚାଇ ଥିଲେ। କିଛି ବ୍ୟକ୍ତି ଜୀବନ ବିକଳରେ ଛାତ ଏବଂ ଝରକାରୁ ତଳକୁ ଡେଇଁ ପ୍ରାଣ ହରାଇଥିଲେ। ହୋଟେଲଟି ଏକ ଚଟାଣ ଉପରେ ଥିବାରୁ ଉଦ୍ଧାରକାର୍ଯ୍ୟରେ କଡ଼ା ଆହ୍ୱାନ ସୃଷ୍ଟି ହୋଇଥିଲା। ଟିକେ ବ୍ୟତିକ୍ରମ ହେଲେ ଏହା ପଛରେ ଥିବା ଗଭୀର ଖାଇକୁ ଖସିବାର ସମ୍ଭାବନା ଥିଲା। ତୁର୍କୀ ରାଷ୍ଟ୍ରପତି ରିସିପ ତାଇପେ ଏର୍ଦୋଗାନ ଏହି ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଇଣ୍ଡୋନେସିଆରେ ଅଚାନକ ବନ୍ୟା: ୧୬ ମୃତ



ଜାକାର୍ତ୍ତା, ୨୧।୧ (ଏଜେନ୍ସି): ଇଣ୍ଡୋନେସିଆରେ ଜଳବାୟୁ ପରିବର୍ତ୍ତନର କରୁଣ ଚିତ୍ର ଦେଖିବାକୁ ମିଳିଛି। ସୋମବାର କେନ୍ଦ୍ରୀୟ ଜାଭାରେ ଏକ ପାହାଡ଼ିଆ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁଁ ନଦୀ ପୂର୍ଣ୍ଣ ହୋଇ ବନ୍ଧ ଭାଙ୍ଗି ଦେଇଛି। ଅଚାନକ ଆସିଥିବା ବନ୍ୟା ପେକାଲୋନଗନ୍ କ୍ଷେତ୍ରର ୯ଟି ଗାଁକୁ ଉଜାଡ଼ି ଦେଇଛି। ଏଥିରେ ୧୬ ଜଣଙ୍କ ମୃତ୍ୟୁ ହୋଇଛି। ୧୦ ଜଣ ଆହତ ହୋଇଛନ୍ତି। ୯ରୁ ଅଧିକ ନିଖୋଜ ଅଛନ୍ତି। ବନ୍ୟା ଅନେକ ଲୋକଙ୍କୁ ବାସଚ୍ୟୁତ କରିଦେଇଛି। ଏହି ବନ୍ୟାରେ ପେତୁଙ୍ଗକ୍ରିୟୋନ ଗାଁ ସର୍ବାଧିକ ପ୍ରଭାବିତ ହୋଇଛି। ମୂଷଳ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ମଧ୍ୟ ହୋଇଛି।

ସୂଚନା ଅନୁଯାୟୀ ସାଧାରଣତଃ ଅକ୍ଟୋବରରୁ ମାର୍ଚ୍ଚ ମଧ୍ୟରେ ଇଣ୍ଡୋନେସିଆରେ ବନ୍ୟା ଏବଂ ଭୂସ୍ଖଳନ ହୋଇଥାଏ। ୧୭ ହଜାର ଦ୍ୱୀପ ବିଶିଷ୍ଟ ଏହି ଦେଶର ଅଧିକାଂଶ ଲୋକ ପାହାଡିଆ ଅଞ୍ଚଳରେ ରହୁଛନ୍ତି। ତେଣୁ ଅଚାନକ ବର୍ଷା ହେଲେ ଧନଜୀବନ କ୍ଷୟକ୍ଷତି ହେଉଛି। ଅନ୍ୟପକ୍ଷରେ କେନ୍ଦ୍ରୀୟ ଜାକାର୍ତ୍ତାର କେମାୟୋରନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୫୦୦ ଘର ଜଳିଯାଇଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ୩୪ଟି ଦମକଳ ଗାଡ଼ି ନିଆଁ ଲିଭା କାର୍ଯ୍ୟରେ ମୁତୟନ ହୋଇଛି।

'ଏକ ରାଷ୍ଟ୍ର ଏକ ନିର୍ବାଚନ' ବିଲ୍

## ୩୧ରେ ଜେପିସି ବୈଠକ

ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି): ଆସନ୍ତା ୩୧ ତାରିଖରେ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ବିଲ୍‌କୁ ନେଇ ଗଠିତ ଯୁଗ୍ମ ସଂସଦୀୟ କମିଟି (ଜେପିସି)ର ବୈଠକ ବସିବାକୁ ଯାଉଛି। ଏହି ବୈଠକ ଅପରାହ୍ନ ୩ଟାରେ ପାର୍ଲାମେଣ୍ଟ ଆନେକ୍ସ ବିଲ୍ଡିଂର ମୁଖ୍ୟ କମିଟି ପ୍ରକୋଷ୍ଠରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଗତ ୮ ତାରିଖରେ ଜେପିସିର ପ୍ରଥମ ବୈଠକ ବସିଥିଲା। ଏହି ସମୟରେ ବିଲ୍‌କୁ ନେଇ ବିରୋଧୀ ଏବଂ ଶାସକ ଦଳ ମଧ୍ୟରେ ତୀବ୍ର ବିତର୍କ ହୋଇଥିଲା। ଏଠାରେ ବିଲ୍‌କୁ ନେଇ ନ୍ୟାୟ ମନ୍ତ୍ରାଳୟ ପକ୍ଷରୁ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଐତିହାସିକ ଏବଂ ୧୯୫୦ ଚିଠା ପ୍ରସ୍ତାବ ବିଷୟରେ ସୂଚନା ଦିଆଯାଇଥିଲା।

## କାର୍ ଧକ୍କାର ପ୍ରତିଶୋଧ ନେଲା କୁକୁର

ଭୋପାଳ, ୨୧।୧ (ଏଜେନ୍ସି): ମଧ୍ୟପ୍ରଦେଶ ସାଗର ଜିଲ୍ଲା ତିରୁପତି ପୁରମ କଲୋନୀରୁ ପ୍ରତିଶୋଧର ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଧକ୍କା ଦେଇଥିବା କାର୍‌ଠାରୁ କୁକୁର ପ୍ରତିଶୋଧ ନେଇଛି। କାର୍ ଡ୍ରାଇଭରଠାରୁ ପ୍ରତିଶୋଧ ନେବା ପାଇଁ ପିଛା କରିଛି। ସେହି ବାଟ ଦେଇ ପୁଣି ଫେରିବା ପରେ କାର୍‌କୁ ଆକ୍ରମଣ କରି ରାମ୍ପୁଡି ଅନେକ ସ୍କ୍ରାଚ୍ କରିଦେଇ ପଳାଇଛି। ସକାଳେ ଏହା ଦେଖିବା ପରେ କେହି ଦୁଷ୍ଟ ପିଲା ଏମିତି କରିଥିବ ବୋଲି ଗାଡ଼ି ମାଲିକ ଭାବିଥିଲେ। ମାତ୍ର ସିସିଟିଭି ଫୁଟେଜ ଦେଖିବା ପରେ ସେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲା। ଏବେ ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି।

ସୂଚନା ଅନୁଯାୟୀ ଗତ ୧୭ ତାରିଖ ଅପରାହ୍ନ ୨ଟାରେ ଏହି କଲୋନୀରେ ରହୁଥିବା ପ୍ରହ୍ଲାଦ ସିଂହ ଘୋଷୀଙ୍କ ପରିବାର କାର୍‌ରେ ଏକ ବିବାହ ଭୋଜିରେ ସାମିଲ ହେବାକୁ ଯାଇଥିଲେ। ଘରଠୁ ମାତ୍ର ୫୦୦ ମିଟର ଦୂରରେ ତାଙ୍କ କାର୍ ରାସ୍ତାକଡ଼ରେ ଶୋଇଥିବା ଏକ କୁକୁରକୁ ଧକ୍କା ଦେଇଥିଲା। ତେବେ କୁକୁରର ବିଶେଷ କ୍ଷତି ହୋଇ ନ ଥିଲା। ମାତ୍ର ସେ ପାରୁ ପର୍ଯ୍ୟନ୍ତ କାର୍‌କୁ ପିଛା କରିଥିଲା। ଏହାର ଅନେକ ଘଣ୍ଟା ପରେ ରାତି ୧ଟାରେ ଘୋଷିଙ୍କ ପରିବାର ଘରକୁ ଫେରିଥିଲେ। ଏହାର କିଛି ସମୟ ପରେ କୁକୁର କାର୍ ଉପରେ ଆକ୍ରମଣ କରିଥିଲା।

## ଘରକୁ ଫେରିଲେ ସୈଫ ଅଲ୍ଲି



ମୁମ୍ବାଇ, ୨୧।୧ (ଏଜେନ୍ସି): ଆକ୍ରମଣର ୬ ଦିନ ପରେ ମଙ୍ଗଳବାର ଲୀଳାବତି ହସ୍ପିଟାଲରୁ ଛାଡ଼ ପାଇଛନ୍ତି ଅଭିନେତା ସୈଫ ଅଲ୍ଲୀ ଖାନ୍। ସେ ପତ୍ନୀ କରିନା କପୁର ଖାନ ଏବଂ ଝିଅ ସାରା ଅଲ୍ଲୀ ଖାନ୍‌ଙ୍କ ସହ ସୁସ୍ଥ ହୋଇ ବାନ୍ଦ୍ରା ସ୍ଥିତି 'ସତ୍‌ଗୁରୁ ଶରନ' ବାସଭବନକୁ ଫେରିଛନ୍ତି। ଡାକ୍ତର ତାଙ୍କୁ ସପ୍ତାହେ ପାଇଁ ଆରାମ କରିବାକୁ ପରାମର୍ଶ ଦେଇଛନ୍ତି। ଅଭିନେତାଙ୍କ ଘର ଆଗରେ ସୁରକ୍ଷାକୁ ମଧ୍ୟ ଅଧିକ କଡ଼ାକଡ଼ି କରିଦିଆଯାଇଛି। ସୈଫ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ବାନ୍ଦ୍ରାର ଫର୍ଚ୍ୟୁନ ହାଇଟ୍ସରେ ଥିବା ପୂର୍ବ ଘରକୁ ପରିବାର ସହ ଫେରିବା ପାଇଁ ପତିପତ୍ନୀ ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷରେ ସୈଫଙ୍କୁ ଆକ୍ରମଣ କରିଥିବା ବାଂଲାଦେଶୀ ନାଗରିକ ଶେହଜାଦ ପୁଲିସକୁ ନୂଆ ସୂଚନା ଦେଇଛି। ଅଭିନେତା ତାକୁ ଜୋର୍‌ରେ ଧରି ପକାଇ ଥିଲେ। ତେଣୁ ସେ ବର୍ତ୍ତିବା ପାଇଁ ସୈଫଙ୍କ ପିଠିରେ ଛୁରା ମାଡ଼ କରି ଫେରାର ହୋଇ ଯାଇଥିଲା ବୋଲି କହିଛି।

## ସିନ୍ଧୁ ନଦୀଜଳ ଚୁକ୍ତିକୁ ନେଇ ଭାରତ ସପକ୍ଷରେ ବିଶେଷଜ୍ଞ କମିଟି

ନୂଆଦିଲ୍ଲୀ,୨୧।୧(ଏଜେନ୍ସି): ଭାରତ ଏବଂ ପାକିସ୍ତାନ ମଧ୍ୟରେ ସିନ୍ଧୁ ନଦୀ ଜଳ ବଣ୍ଟନକୁ ନେଇ ହୋଇଥିବା ଚୁକ୍ତି ଆଧାରରେ ଭାରତ ପକ୍ଷରୁ ଯେଉଁ ଦାବି କରାଯାଇଥିଲା ତାହାକୁ ' ନାଚୁରାଲ ଏକ୍ସପର୍ଟ କମିଟି' ପକ୍ଷରୁ ସମର୍ଥନ ଦିଆଯାଇଛି। ଏହି ନଦୀ ଜଳ ବଣ୍ଟନକୁ ନେଇ ଉଭୟ ଦେଶ ମଧ୍ୟରେ ବିବାଦ ଦେଖାଯାଇଥିଲା ବେଳେ ଭାରତ ପକ୍ଷରୁ ନିର୍ମାଣ କରାଯାଉଥିବା କେତେକ ବିଦ୍ୟୁତ ଜଳ ପ୍ରକଳ୍ପକୁ ନେଇ ପାକିସ୍ତାନ ପକ୍ଷରୁ ପ୍ରଶ୍ନ ଉତଥାପନ କରାଯାଇଥିଲା। କିନ୍ତୁ ନାଚୁରାଲ ଏକ୍ସପର୍ଟ କମିଟି' ସିନ୍ଧୁ ନଦୀ ଜଳ ଚୁକ୍ତିକୁ ତର୍ଜମା କରିବା ଏବଂ ସ୍ଥିତି ପରଖିବା ପରେ ଭାରତ ସପକ୍ଷରେ ମତ ରଖିଛନ୍ତି। ଏହାକୁ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା ବେଳେ ଏହି କମିଟି ରିପୋର୍ଟ ପାକିସ୍ତାନ ପାଇଁ ବଡ଼ ଧକ୍କା ହୋଇଛି।

# ଭୁଶୁଡ଼ିବ ବିଶ୍ୱ ସ୍ୱାସ୍ଥ୍ୟ ସୁରକ୍ଷା !

ୱାସିଂଟନ୍,୨୧।୧(ଏଜେନ୍ସି): ବିଶ୍ୱ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଜାତିସଂଘର ଏକ ଅଂଶୀଦାର ପ୍ରତିଷ୍ଠାନ ଭାବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ)ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ବିଶ୍ୱର ପ୍ରତି କୋଣ ଅନୁକୋଣରେ ଏହି ପ୍ରତିଷ୍ଠାନର ଭୂମିକା ପ୍ରତିଫଳିତ ହୋଇଥିଲା ବେଳେ ପ୍ରତିଶେଧକ ବ୍ୟବସ୍ଥା ଠାରୁ ଆରମ୍ଭ କରି ମହାମାରୀ ଏବଂ ଅନ୍ୟ ଦୂରାରୋଗ ବ୍ୟାଧି ନିଦାନ କ୍ଷେତ୍ରରେ 'ହୁ'ର ଭୂମିକା ମହତ୍ତ୍ୱପୂର୍ଣ୍ଣ ରହିଆସିଛି। କିନ୍ତୁ ଏଭଳି ଏକ ଅନୁଷ୍ଠାନରୁ ଆମେରିକା ଭଳି ବିଶ୍ୱର ପ୍ରତିପତିଶାଳୀ ରାଷ୍ଟ୍ର ଓହରିଯିବା ବିଶ୍ୱସମାଜ ପାଇଁ ବଡ଼ ସଂଘାତ ଆଣିବ ବୋଲି ଆନ୍ତର୍ଜାତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ପୋଲିଓ ଟିକାକରଣ ଠାରୁ ଆରମ୍ଭ କରି ମ୍ୟାଲେରିଆ ନିବାରଣ, ଏଡସ୍ ଓ କ୍ୟାନ୍ସର ନିୟନ୍ତ୍ରଣ ଆଦି କ୍ଷେତ୍ରରେ ଏହି ସଂଗଠନ ବିଶ୍ୱବ୍ୟାପୀ କାର୍ଯ୍ୟ କରୁଛି। ଏଥିପାଇଁ ବାର୍ଷିକ ହାରେ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରିବାକୁ ପଡୁଥିଲା ବେଳେ ଏହାର ସର୍ବାଧିକ ଭାଗ ଆମେରିକା ଠାରୁ ଆସିଥାଏ। କିନ୍ତୁ 'ହୁ'ରୁ ଆମେରିକା ଓହରିଯିବା ଟ୍ରମ୍ପଙ୍କ ନିଷ୍ପତ୍ତି ଏହି ସଂଗଠନର କାର୍ଯ୍ୟକାରିତାକୁ ନେଇ ବଡ଼ ପ୍ରଶ୍ନ ଉଠାଇଛି।

## 'ହୁ', ପ୍ୟାରିସ୍ ଜଳବାୟୁ ଚୁକ୍ତିରୁ ଓହରିବ ଆମେରିକା



ଟ୍ରମ୍ପଙ୍କ '୨୦୦ ଏକଜିକ୍ୟୁଟିଭ୍ ଅର୍ଡର'

ୱାସିଂଟନ୍,୨୧।୧(ଏଜେନ୍ସି): ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଗତକାଲି ଶପଥ ନେବା ପରେ ତୁରନ୍ତ ୨୦୦ ସରକାରୀ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାକୁ ତାଙ୍କ ସ୍ୱାଗତ ଅଭିଭାଷଣରେ ଘୋଷଣା କରିଥିଲେ। ଟ୍ରମ୍ପ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ କାର୍ଯ୍ୟକାଳରେ ଲାଗୁ କରାଯାଇଥିବା ପ୍ରାୟ ୭୨ଟି ନିଷ୍ପତ୍ତିକୁ ଖାରଜ କରିବା ସହିତ ତାଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଏହି ୨୦୦ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାକୁ କହିଥିଲେ। ଆମେରିକାରେ ବେଆଇନ ଭାବେ ବସବାସ କରୁଥିବା ବିଦେଶୀଙ୍କୁ ବିଦା କରିବା ( ମାସ୍ ଡିପୋର୍ଟେସନ), ଆମେରିକାରେ କେବଳ ଦୁଇ ଲିଙ୍ଗ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ( ଟ୍ରାନ୍ସଜେଣ୍ଡର ରାଇଟସ୍), ସୀମା ସୁରକ୍ଷା , ଡ୍ରଗ୍ସ କାରବାର ଉପରେ ଅଙ୍କୁଶ , ଆବଶ୍ୟକ ସ୍ଥଳେ ବିଭିନ୍ନ ଦେଶ ଉପରେ ଲାଗୁ କରାଯାଇଥିବା ଟାରିଫ୍‌ରେ ପରିବର୍ତ୍ତନ ଏବଂ ଆମେରିକାର ବୈଦେଶିକ ନୀତିକୁ ଆହୁରି ସଶକ୍ତ କରିବା ଭଳି ୨୦୦ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରାଯିବ ବୋଲି କହିଥିଲେ। ତେବେ ଏହାମଧ୍ୟରୁ ଯେଉଁ ଦୁଇଟି ନିଷ୍ପତ୍ତିକୁ ନେଇ ଏବେ ସର୍ବାଧିକ ଚର୍ଚ୍ଚା ଆରମ୍ଭ ହୋଇଛି ତାହା ହେଉଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ଏବଂ ପ୍ୟାରିସ୍ ଜଳବାୟୁ ଚୁକ୍ତିରୁ ଆମେରିକା ଓହରିଯିବା ପ୍ରସଙ୍ଗ। ଜାତିସଂଘ ଦ୍ୱାରା ପରିଚାଳିତ 'ହୁ'ରୁ ଆମେରିକା ଓହରିଯିବାକୁ ଟ୍ରମ୍ପ ଘୋଷଣା କରିଥିଲାବେଳେ ଜଳବାୟୁ ପରିବର୍ତ୍ତନ ସଙ୍କଟକୁ ନେଇ ପ୍ୟାରିସ୍ ଚୁକ୍ତିରୁ ମଧ୍ୟ ଆମେରିକା ଓହରିବ ବୋଲି ଟ୍ରମ୍ପ ନିଷ୍ପତ୍ତି ନେଇଛନ୍ତି। ୨୦୨୦ରେ କୋଭିଡ୍‌କୁ ନେଇ ବୈଶ୍ୱିକ ସ୍ତରରେ ସୃଷ୍ଟି ହୋଇଥିବା ମହାପ୍ରଳୟ ଟ୍ରମ୍ପଙ୍କୁ ବଡ଼ ଆଘାତ ଦେଇଛି। ଚୀନ୍‌ରୁ ଆରମ୍ଭ ହୋଇଥିବା ଏହି ମହାମାରୀ ଦ୍ୱାରା ଆମେରିକାକୁ ପ୍ରଭୂତ କ୍ଷତି ସହିବାକୁ ପଡ଼ିଛି। ଚୀନ୍ ତୁଳନାରେ ଆମେରିକା 'ହୁ'କୁ ସର୍ବାଧିକ ଅର୍ଥ ସହାୟତା ଦେଇଥିଲେ ମଧ୍ୟ ଏହି ସଂଗଠନ କୋଭିଡ୍ ପରିଚାଳନା କରିବାରେ ବିଫଳ ହୋଇଥିଲା। ଯାହାକୁ ନେଇ ଆମେରିକାର ଅନେକ କ୍ଷତି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଆମେରିକା ଆଉ 'ହୁ'କୁ ସହାୟତା ଯୋଗାଇବ ନାହିଁ ଏବଂ ଏଥିରୁ ଓହରିଯିବ ବୋଲି ଟ୍ରମ୍ପ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ପରିପ୍ରେକ୍ଷୀରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ପର୍ଯ୍ୟାପ୍ତ ସହାୟତା ସତ୍ତ୍ୱେ କୋଭିଡ୍ ପରିଚାଳନା କରିବାରେ 'ହୁ' ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହି ସଂଗଠନରେ ସଂସ୍କାର ଅଣାଯାଇ ନଥିଲା ବେଳେ ଏହାର ସଦସ୍ୟ ରାଷ୍ଟ୍ରଙ୍କ ରାଜନୀତି ସାଂଗଠନିକ କାର୍ଯ୍ୟକୁ ଆହୁରି ନିମ୍ନଗାମୀ କରିଛି। ଏହାସତ୍ତ୍ୱେ ଆମେରିକା ଠାରୁ ଏହି ସଂସ୍ଥା ବିନା କାରଣରେ ପର୍ଯ୍ୟାପ୍ତ ଅର୍ଥ ଉଠାଉଛି। ଆମେରିକା ଜନସଂଖ୍ୟାର ୩୦୦ ପ୍ରତିଶତ ଅଧିକ ଜନସଂଖ୍ୟା ଚୀନ୍‌ରେ ରହିଥିଲା ବେଳେ କେବଳ ଆମେରିକା ଠାରୁ 'ହୁ' ୯୦ ପ୍ରତିଶତ ଅର୍ଥ ନେଉଛି ବୋଲି ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି।

ସେହିପରି ଜଳବାୟୁ ପରିବର୍ତ୍ତନ ସଙ୍କଟରୁ ବିଶ୍ୱସମାଜକୁ ସୁରକ୍ଷା ଦେବା ଲାଗି ୨୦୧୬ରେ ଆନ୍ତର୍ଜାତିକ ସ୍ତରରେ ସ୍ୱାକ୍ଷରିତ ' ପ୍ୟାରିସ୍ ଜଳବାୟୁ ଚୁକ୍ତିନାମା'ରୁ ମଧ୍ୟ ଓହରିଯିବାକୁ ଟ୍ରମ୍ପ ନିଷ୍ପତ୍ତି ନେଇଛନ୍ତି। ଆମେରିକା ଏହି ଚୁକ୍ତିରୁ ଓହରିବା ନେଇ ଜାତିସଂଘକୁ ମଧ୍ୟ ଔପଚାରିକ ଭାବେ ଅବଗତ କରାଯିବା ସହିତ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଚିଠି ଲେଖାଯାଇସାରିଛି। ଏହି ଚୁକ୍ତି ଅନୁସାରେ ଜଳବାୟୁ ପରିର୍ତ୍ତନ ମୁକାବିଲା ପାଇଁ ଆମେରିକା ସର୍ବାଧିକ ହାରରେ ଅର୍ଥ ସହାୟତା କରିବାର ବ୍ୟବସ୍ଥା ରହିଥିଲା। ହେଲେ ଆମେରିକା ଏଥିରୁ ଓହରିଯିବା ପରେ ଆନ୍ତର୍ଜାତିକ ସ୍ତରରେ ଜଳବାୟୁ ପରିବର୍ତ୍ତନକୁ ନେଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ଅସମ୍ଭବ ହୋଇପଡ଼ିବ ବୋଲି କୁହାଯାଉଛି।

## ଶେଷ ହେବ 'ବାର୍ଥ ଟୁରିଜିମ୍'

ୱାଶିଂଟନ୍, ୨୧।୧(ଏଜେନ୍ସି): ଆମେରିକାରେ ଜନ୍ମାଧିକାର ନାଗରିକତାକୁ ନେଇ ଟ୍ରମ୍ପ ନେଇଥିବା ନିଷ୍ପତ୍ତି ମଧ୍ୟ ବିଭିନ୍ନ ମହଲକୁ ଚିନ୍ତିତ କରିଛି। ଏହି ବ୍ୟବସ୍ଥାକୁ ଟ୍ରମ୍ପ ଶେଷ କରିବାକୁ ନିଷ୍ପତ୍ତି ନେଇଥିବାରୁ ଏଠାରେ 'ବାର୍ଥ ଟୁରିଜିମ୍' ଶେଷ ହେବ ବୋଲି କୁହାଯାଉଛି। ଟ୍ରମ୍ପଙ୍କ ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ଅଣଆମେରିକୀୟଙ୍କ ଠାରୁ ଜନ୍ମ ହେଉଥିବା ପିଲାଙ୍କୁ ସ୍ୱତଃ ମିଳୁଥିବା ନାଗରିକତା ଉପରେ ଏଣିକି ରୋକ ଲାଗିବ। ଏଣିକି ଆମେରିକାରେ ଜନ୍ମ ହେଉଥିବା ପିଲାଙ୍କୁ ଆପେ ଆପେ ନାଗରିକତା ମିଳିପାରିବ ନାହିଁ। ଯଦି ପିଲାଟିର ବାପା ମା'ଙ୍କ ମଧ୍ୟରୁ ଜଣେ ଆମେରିକାର ନାଗରିକ ହୋଇଥିବେ କିମ୍ବା ସେମାନଙ୍କ ପାଖରେ ଆଇନଗତ ସ୍ଥାୟୀ ଠିକଣା(ଗ୍ରୀନ କାର୍ଡଧାରୀ) ଥିବ କିମ୍ବା ଆମେରିକା ସେନାର ସଦସ୍ୟ ଥିବା ଲୋକ ଠାରୁ ଜନ୍ମିତ ପିଲାଙ୍କୁ ହିଁ ନାଗରିକତା ମିଳିବ। ଆମେରିକାରେ ପ୍ରଚଳିତ ଜନ୍ମାଧିକାର ନାଗରିକତା ବ୍ୟବସ୍ଥା ଅନୁସାରେ ଯିଏ ଆମେରିକା ମାଟିରେ ଜନ୍ମ ଗ୍ରହଣ କରିବେ, ସେ ଆପେଆପେ ସେଠାକାର ନାଗରିକତା ପାଇବେ। କୌଣସି ଦମ୍ପତିଙ୍କ ନିକଟରେ ଯଦି ଆମେରିକାର ନାଗରିକତା ନଥିବ କିମ୍ବା ସେମାନେ ଶରଣାର୍ଥୀ ହୋଇଥିବେ ତଥାପି ସେମାନଙ୍କ ପିଲାମାନଙ୍କୁ ଆମେରିକାର ନାଗରିକତା ମିଳିବ।

# ପାନାମା କେନାଲ କବ୍‌ଜା କରିବାକୁ ଟ୍ରମ୍ପ ବ୍ୟଗ୍ର କାହିଁକି

ୱାସିଂଟନ୍,୨୧।୧(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତକାଲି ଶପଥ ନେବା ପରେ ତାଙ୍କ ସ୍ୱାଗତ ଭାଷଣରେ ଅନେକ କିଛି ପ୍ରସଙ୍ଗରେ ଇଙ୍ଗିତ କରିଥିଲେ। କେବଳ ଇଙ୍ଗିତ କରିବା କଥା ନୁହେଁ, ସେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଅତ୍ୟନ୍ତ ତ୍ୱରାନ୍ୱିତ ପ୍ରକ୍ରିୟାରେ ୨୦୦ଟି ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ବୋଲି କହିଥିଲେ। ସେଥିମଧ୍ୟରୁ ଗୋଟିଏ ହେଲା ପାନାମା କେନାଲ ପ୍ରସଙ୍ଗ। ପାନାମା କେନାଲକୁ ଚୀନ୍ କବଜାରୁ ଆମେରିକା ଅଧୀନକୁ ଫେରାଇ ଆଣିବାକୁ ଟ୍ରମ୍ପ କହିଥିଲେ। ଏହି କେନାଲକୁ ଏବେ ଚୀନ୍ ପରିଚାଳନା କରୁଛି ବୋଲି କହି ଏହାକୁ ଚୀନ୍ କବଜାରୁ ମୁକ୍ତ କରିବା ଜରୁରୀ ବୋଲି ଟ୍ରମ୍ପ କହିବା ସହିତ ଏହାକୁ ମୁଁ ହିଁ ଫେରାଇ ଆଣିବି ବୋଲି କହିଥିଲେ। ଏହି କେନାଲକୁ ଆମେରିକା ପାନାମା ସରକାରଙ୍କୁ ଦାନ ସୂତ୍ରରେ ଦେଇଥିଲା , ଚୀନକୁ ନୁହେଁ। କିନ୍ତୁ ଚୀନ୍ ଏହାର ଯେଭଳି ଦୂରପୋଯୋଗ କରୁଛି ତାହା ଆମକୁ ଚିନ୍ତିତ କରିଛି। ତେଣୁ ଆମେ ଏହାକୁ ପୁଣି ଆମେରିକା ଅଧୀନକୁ ନେଇ ଆସିବୁ ବୋଲି ଟ୍ରମ୍ପ ଦୃଢୋକ୍ତି କରିଥିଲେ। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ଅଭିଯୋଗକୁ ପାନାମା ସରକାର ବାରମ୍ବାର ଖଣ୍ଡନ କରିବା ସହିତ ଏହି କେନାଲକୁ ଚୀନ୍ ନୁହେଁ, ବରଂ ପାନାମା ସରକାର ପରିଚାଳିତ କରୁଛନ୍ତି ବୋଲି କହିଆସିଛନ୍ତି। ହେଲେ ଟ୍ରମ୍ପ ଏହାକୁ ବୁଝିବାକୁ ସମ୍ପୂର୍ଣ୍ଣ ନାରାଜ।



ତେବେ ଏହି କେନାଲକୁ ଆମେରିକା ଅଧୀନକୁ ଆଣିବାକୁ ଟ୍ରମ୍ପ କାହିଁକି ବ୍ୟଗ୍ର ଏବଂ ଏହା କ'ଣ ଆମେରିକା ପାଇଁ ଜରୁରୀ କି ବୋଲି ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

୮୨ କିମି ପରିବ୍ୟାପ୍ତ ପାନାମା କେନାଲ ବିଶ୍ୱର ବୃହତ ଏବଂ ମହତ୍ତ୍ୱପୂର୍ଣ୍ଣ ଭିତ୍ତିଭୂମି ମଧ୍ୟରୁ ଅନ୍ୟତମ। ଏହି କେନାଲ ଦ୍ୱାରା ପ୍ରଶାନ୍ତ ମହାସାଗର ଏବଂ ଆଟଲାଣ୍ଟିକ୍ ମହାସାଗର ଦେଇ ଯାତାୟତ କରୁଥିବା ପଣ୍ୟବାହୀ ଜାହାଜଗୁଡିକରୁ ଗନ୍ତବ୍ୟପଥ ଅନୂନ୍ୟ ୭୮୦୦ ମାଇଲ ହ୍ରାସ ପାଇଥାଏ। ବିଶ୍ୱର ସର୍ବାଧିକ ପଣ୍ୟବାହୀ ଜାହାଜ ଏହି କେନାଲ ଦେଇ ଯାତାୟତ କରିଥାଏ। ଏହି କେନାଲ ଦେଇ ସର୍ବାଧିକ ୭୫ ଭାଗ ଭାବେ ଆମେରିକୀୟ ଜାହାଜ ଯାତାୟତ କରିଥିଲା ବେଳେ ଏହାପଛକୁ ୨୧ ପ୍ରତିଶତ ଭାବେ ଚାଇନା ଜାହାଜ ଚଳାଚଳ କରିଥାଏ। ୨୦୨୦ ଶେଷ ସୁଦ୍ଧା ଏହି କେନାଲ ଦେଇ ହୋଇଥିବା କାରବାର ପରିମାଣ ୩.୪ ବିଲିୟନ ଡଲାର ଛୁଇଁଥିଲା। ୧୮୮୦ ମସିହାରେ ଏକ ଫରାସୀ କମ୍ପାନୀ କଲମ୍ବିଆର ଅଂଶ ରହିଥିବା ପାନାମାର ଇସ୍ଥମସ୍ ଅଞ୍ଚଳରେ କେନାଲ ପାଇଁ ଖନନ କାର୍ଯ୍ୟ ଆରମ୍ଭ କରିଥିଲା। କିନ୍ତୁ ଏହି ସମୟରେ କୌଣସି ମହାମାରୀ ଯୋଗୁଁ ଏଠାରେ କାର୍ଯ୍ୟ କରୁଥିବା ଲୋକମାନଙ୍କ ମଧ୍ୟରୁ ୨୨ ହଜାର ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଉକ୍ତ କମ୍ପାନୀ ଦେବାଳିଆ ହୋଇପଡ଼ିବା ପରେ ଏହି ପ୍ରକଳ୍ପକୁ ସଂପୃକ୍ତ ଫରାସୀ କମ୍ପାନୀ ୧୯୦୨ ମସିହାରେ ଆମେରିକାକୁ ୪୦ ନିୟୁତ ଡଲାରରେ ବିକ୍ରି କରିଦେଇଥିଲା। କିନ୍ତୁ ଏହାର ବର୍ଷକ ପରେ କଲମ୍ବିଆ ଠାରୁ ଅଲଗା ହୋଇ ପାନାମା ସ୍ୱତନ୍ତ୍ର ରାଷ୍ଟ୍ର ଭାବେ ମାନ୍ୟତା ପାଇଥିଲା। ପରେ ପରେ ଆମେରିକା ଏବଂ ପାନାମା ସରକାରଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହେବା ସହିତ ପାନାମା କେନାଲ ପାଇଁ ଆମେରିକା ଲିଜ୍ ସୂତ୍ରରେ ୧୦ ନିୟୁତ ଡଲାର ବିନିମୟରେ ଜମି ହାସଲ କରିଥିଲା।

## କୁମ୍ଭାଶ୍ଚର୍ଯ୍ୟ... କର୍ପୋରେଟ ଜଗତରୁ ଏମ୍‌ଟେକ୍ ବାବା



ପ୍ରୟାଗରାଜ, ୨୧।୧ (ଏଜେନ୍ସି): ଉତ୍ତର ପ୍ରଦେଶ ପ୍ରୟାଗରାଜରେ ୧୪୪ ବର୍ଷ ପରେ ଆୟୋଜିତ ମହାକୁମ୍ଭ ମେଳା ମଙ୍ଗଳବାର ନବମ ଦିନରେ ପହଞ୍ଚିଛି। ଏ ପର୍ଯ୍ୟନ୍ତ ୯ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଲେଣି। ଶିଳ୍ପପତି ଗୌତମ ଆଦାନୀ ମଙ୍ଗଳବାର ପରିବାର ସହିତ ମହାକୁମ୍ଭରେ ପହଞ୍ଚିଛନ୍ତି। ସେ ଏଠାରେ ଖାଦ୍ୟ ବଣ୍ଟନ କରିଛନ୍ତି। ଧାର୍ମିକ ମହତ୍ତ୍ୱ ଦୃଷ୍ଟିରୁ ମହାକୁମ୍ଭ ହିନ୍ଦୁଙ୍କର ସବୁଠୁ ବଡ଼ ମେଳା। ଏଠାରେ ସାମିଲ ଅନେକ ବ୍ୟକ୍ତି ବିଶେଷଙ୍କ ରୋଚକ ଜୀବନୀ ଲୋକେ ଜାଣିପାରୁଛନ୍ତି। ଆଇଆଇଟିଆନ ବାବା, ସୁନ୍ଦରୀ ସାଧ୍ୱୀ, ଆମ୍ବାସାଡ଼ର ବାବା, ଚାଏୱାଲା ବାବାଙ୍କ ପରେ ଏବେ ଏମ୍‌ଟେକ୍ ବାବାଙ୍କୁ ନେଇ ଚର୍ଚ୍ଚା ହେଉଛି। ସାଧୁ ଦିଗମ୍ବର କ୍ରିଷ୍ଣା ଗିରି ଏମ୍‌ଟେକ୍ ବାବା ଭାବେ ପ୍ରସିଦ୍ଧି ହାସଲ କରିଛନ୍ତି। ଶାନ୍ତି ପାଇଁ କର୍ପୋରେଟ ଜଗତରୁ ଏମଟେକ୍ ବାବା ପର୍ଯ୍ୟନ୍ତ ତାଙ୍କର ଯାତ୍ରା ବିଷୟରେ ଶୁଣି ଲୋକେ ଆଶ୍ଚର୍ଯ୍ୟ ହେଇଯାଉଛନ୍ତି।

ଦକ୍ଷିଣ ଭାରତର ଏକ ବ୍ରାହ୍ମଣ ପରିବାରରେ ଜନ୍ମିତ ସାଧୁ କ୍ରୀଷ୍ଣା ଗିରି କର୍ଣ୍ଣାଟକ ୟୁନିଭର୍ସିଟିରୁ ପିଜି କରିଥିଲେ। ପରେ ଏମ୍‌ଟେକ୍ ସାରି ବିଶ୍ୱର ପ୍ରମୁଖ ଏମ୍‌ଏନ୍‌ସିରେ ଚାକିରି କରିଥିଲେ। ସେ ୪୦୦ କର୍ମଚାରୀଙ୍କ ନେତୃତ୍ୱ ମଧ୍ୟ ନେଇଥିଲେ। ଭଲ ଦରମା ମଧ୍ୟ ପାଉଥିଲେ। କ୍ୟାରିୟରର ଶିଖରରେ ପହଞ୍ଚିବାକୁ ଲୋକେ ସଫଳତା ଭାବୁଥିବାବେଳେ ଏମଟେକ୍ ବାବା ୨୦୧୦ରେ ଶାନ୍ତିର ସନ୍ଧାନ ପାଇଁ କର୍ପୋରେଟ ଜଗତର ବିଳାଶପୂର୍ଣ୍ଣ ଜୀବନକୁ ଛାଡ଼ି ଦେଇଥିଲେ। ତେବେ ଏହାର ୧୦ ବର୍ଷ ପରେ ସେ ଧାର୍ମିକ ପଥରେ ଯାତ୍ରା କରିଥିଲେ। ୨୦୧୯ରେ ନାଗା ସାଧୁ ହୋଇଥିଲେ। ସେ ପ୍ରଥମେ ସବୁ ଆଖଡ଼ାକୁ ଯାଇଥିଲେ। ମାତ୍ର ସମସ୍ତେ ତାଙ୍କୁ ସାଧୁ କରିବାକୁ ମନା କରିଦେଇଥିଲେ। ଏହା ପରେ ସେ ହରିଦ୍ୱାର ଚାଲି ଯାଇଥିଲେ। ଏଠାରେ ସେ ନିଜର ସମସ୍ତ ସାମଗ୍ରୀକୁ ଗଙ୍ଗାରେ ବିସର୍ଜନ କରି ସଂସାର ତ୍ୟାଗ କରିଥିଲେ। ୧୦ ଦିନ ପର୍ଯ୍ୟନ୍ତ ଗଙ୍ଗା ନଦୀ କୂଳରେ ଭିକାରୀ ଏବଂ ସାଧୁବେଶରେ ବୁଲିଥିଲେ। ପ୍ରଥମେ ତାଙ୍କୁ ବୀଭତ୍ସ ଲାଗିଥିଲା, ମାତ୍ର ପରେ ସେ ନୂଆ ଜୀବନ ପାଇଥିଲେ। ଶେଷରେ ନିରଞ୍ଜନୀ ଆଖଡାର ମହନ୍ତ ଶ୍ରୀ ରାମ ରତନ ଗିରି ମହାରାଜ ତାଙ୍କୁ ନାଗା ସାଧୁ କରିଥିଲେ। ଏବେ ସେ ଉତ୍ତରକାଶୀର ଏକ ଛୋଟ ଗାଁରେ ରହୁଛନ୍ତି।

## ଅଭିଯୁକ୍ତକୁ ମୃତ୍ୟୁଦଣ୍ଡ ଦାବିରେ ହାଇକୋର୍ଟ ଗଲେ ମମତା


କୋଲକାତା, ୨୧।୧ (ଏଜେନ୍ସି): କୋଲକାତାର ଆରଜିକେ ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଅଭିଯୁକ୍ତ ସଞ୍ଜୟ ରୟକୁ ହାଇକୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୁକ୍ତକୁ ଫାଶୀ ଦଣ୍ଡ ଦେବାର ଥିଲା ବୋଲି ଦାବି କରିଛନ୍ତି। ଏହି କ୍ରମରେ ମଙ୍ଗଳବାର ରାଜ୍ୟ ସରକାର କଲକତା ହାଇକୋର୍ଟରେ ନୂଆ ଆବେଦନ ଦାଏର କରିଛନ୍ତି। ଏଥିରେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ପରିବର୍ତ୍ତେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରାଯାଇଛି।



ଆଡଭୋକେଟ ଜେନେରାଲ କିଶୋର ଦତ୍ତା ଏ ନେଇ ଡିଭିଜନ ବେଞ୍ଚଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୋର୍ଟ ମଧ୍ୟର ଆବେଦନ ଦାଏର କରିବାକୁ ଅନୁମତି ଦେଇଛନ୍ତି।

ମମତା ମଙ୍ଗଳବାର ମାଲଦାରେ ଏକ ଜନସଭାକୁ ସମ୍ବୋଧନ କରି ଅଭିଯୁକ୍ତ ସଞ୍ଜୟ ରୟକୁ ମୃତ୍ୟୁଦଣ୍ଡ ଦେବାକୁ ଦାବି କରିଥିଲେ। ଯଦି ଜଣେ ଏଭଳି ରାକ୍ଷସ ଏବଂ ବୀଭତ୍ସ ପାଲଟି ଯିବ ତେବେ ସମାଜ କେମିତି ସଭ୍ୟ ହୋଇ ରହିବ ବୋଲି ମମତା କହିଛନ୍ତି। ରାଜ୍ୟ ସରକାର ଅପରାଜିତା ବିଲ୍ ପାସ୍ କରାଇଛନ୍ତି। ମାତ୍ର କେନ୍ଦ୍ର ଏହା ଉପରେ କୌଣସି ପଦକ୍ଷେପ ନେଉନାହିଁ ବୋଲି ମମତା ଅଭିଯୋଗ କରିଛନ୍ତି।

# ସମ୍ପାଦକୀୟ



ନିଜ ଭିତରେ ଥିବା ଦକ୍ଷତା, ଆତ୍ମବିଶ୍ୱାସ ଓ ସମ୍ଭାବନାକୁ ହୃଦୟଙ୍ଗମ କରିପାରିଲେ ଆମେ ଏକ ଉନ୍ନତ ବିଶ୍ୱଗଠନ କରିପାରିବା।
-ଦଲାଇ ଲାମା

ସକାଳ
THE SAKALA

## ଅସ୍ଥିର ବନ୍ଧୁ

ପଞ୍ଚତନ୍ତ୍ରରେ ହିତୋପଦେଶ ଛଳରେ ଲିଖିତ ଅନେକ କାହାଣୀ ମଧ୍ୟରୁ ଗୋଟିଏ ହେଉଛି - ଶହେ ଶତ୍ରୁଠାରୁ ଜଣେ ମୂର୍ଖମିତ୍ର ଭୟଙ୍କର। ପଞ୍ଚତନ୍ତ୍ରର ରଚୟିତା ବିଷ୍ଣୁ ଶର୍ମା ଯଦି ଆଜି ଜୀବିତ ଥା'ନ୍ତେ ଏବଂ ସାମ୍ପ୍ରତିକ ଭୂ-ରାଜନୈତିକ ସ୍ଥିତି ଆଧାରରେ, ବିଶେଷକରି ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପଲକ୍ଷ୍ୟରେ, ରାଷ୍ଟ୍ରହିତରେ କାହାଣୀଟିଏ ଲେଖିଥା'ନ୍ତେ ତେବେ ତାହାର ଶୀର୍ଷକ ହୋଇଥା'ନ୍ତା - 'ଶହେ ଅପଢ଼ ପଡ଼ୋଶୀ ତୁଳନାରେ ଗୋଟିଏ ଅସ୍ଥିର ବନ୍ଧୁରାଷ୍ଟ୍ର ଅହିତକର।' ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ରପତି ଭାବେ ଶପଥ ନେବା ଦିନ ହିଁ ଦୁଇଶହ ସରିକି ଯେଉଁ ଆଦେଶନାମାଗୁଡ଼ିକରେ ଡୋନାଲ୍ଡ ଟ୍ରମ୍ପ ଦସ୍ତଖତ କରିଛନ୍ତି, ସେଥିରୁ ତାଙ୍କର ଚପଳ ଓ ଅସ୍ଥିର ଭାବମୂର୍ତ୍ତିର କିଛିଟା ଝଲକ୍ ସ୍ପଷ୍ଟ ହୋଇଛି। ନିର୍ବାଚନ ପ୍ରଚାର ଓ ରାଷ୍ଟ୍ରପତି ରୂପେ ଶପଥ ଗ୍ରହଣ ପରେ ଶାନ୍ତିର ବାର୍ତ୍ତା ଦେଇଥିବା ଟ୍ରମ୍ପଙ୍କର କଠୋର-ଚପଳ ଆଭିମୁଖ୍ୟ ଆଗାମୀ ଦିନରେ ବିଶ୍ୱ ଭୂ-ରାଜନୀତିକୁ ଯେ ଅଧିକ ଅସ୍ଥିର କରିବ ତାହା ଏବେଠାରୁ ଅନୁମାନ କରାଗଲାଣି। ହୁଏତ ଯୁଦ୍ଧର ଚରିତ୍ର ଗୁଳିଗୋଳାରୁ ପଣ୍ୟକୁ ରୂପାନ୍ତରିତ ହେବ। ବାଣିଜ୍ୟ-ଟାରିଫ୍ ଯୁଦ୍ଧରେ ବିଶ୍ୱ ଅଧିକ ଅସ୍ଥିର ଓ ଅଶାନ୍ତ ହେବ ଏବଂ ତାହାର ପରାଭବ ଭୋଗିବେ ଦରିଦ୍ର ରାଷ୍ଟ୍ରର ବାସିନ୍ଦାମାନେ। ଟ୍ରମ୍ପଙ୍କର ଏହି ଚଳପଚରିତ୍ର ମଧ୍ୟ ତଥାକଥିତ ମିତ୍ର-ରାଷ୍ଟ୍ର ଭାରତ ପାଇଁ ଅନେକ କ୍ଷେତ୍ରରେ ଅସ୍ୱସ୍ତିକର ହୋଇପାରେ।

ଟ୍ରମ୍ପ-୧.୦ରେ ଆମେରିକାର ମୁଖ୍ୟ ରଣନୈତିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଚୀନ୍‌ର ଆବିର୍ଭାବ ଘଟିଥିଲା। ସ୍ୱାଭିମାନ ଓ ପ୍ରତିସ୍ପର୍ଦ୍ଧାର ବିଦ୍ୱେଷ ଏତେ ଚରମ ସୀମାରେ ପହଞ୍ଚିଥିଲା ଯେ କୋଭିଡ୍ ୧୯ ଚୀନ୍‌ରୁ ସୃଷ୍ଟି ହୋଇଥିବାରୁ ମହାମାରୀକୁ ପ୍ରତିହତ କରିବା ପାଇଁ ବୈଶ୍ୱିକ କଟକଣା ମାନିବାକୁ ଟ୍ରମ୍ପ ଅଗ୍ରାହ୍ୟ କରିଦେଇଥିଲେ। ତାଙ୍କର ସେହି ଜିଦ୍‌ଖୋର ମନୋଭାବ ଯୋଗୁଁ କୋଭିଡ୍ ସଂକ୍ରମଣରେ ସେ ନିଜେ ଆକ୍ରାନ୍ତ ହେବା ସହିତ ସର୍ବାଧିକ କୋଭିଡ୍ ଆକ୍ରାନ୍ତ ଓ ମୃତକଙ୍କ ଦେଶ ଭିତରେ ଆମେରିକା ସର୍ବାଗ୍ରେ ରହି ଏକ ଅଲୋଡ଼ା ରେକର୍ଡ ସୃଷ୍ଟି କଲା। ସେହିପରି ଚୀନ୍‌ରୁ ଆମଦାନୀ ବିଭିନ୍ନ ସାମଗ୍ରୀ ଉପରେ ଟ୍ରମ୍ପ ଉଚ୍ଚ ହାରରେ ଶୁଳ୍କ ଲାଗୁ କରିବା ସହିତ ଚୀନ୍‌କୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର ଉପରେ କଠୋର କଟକଣା ଲାଗୁ କଲେ। ବିଶ୍ୱର ସର୍ବାଦୃତ ଭିଡିଓ ଗେମ୍ 'ଟିକ୍‌ଟିକ୍'କୁ ଆମେରିକା ବିଶ୍ୱର ପ୍ରଥମ ଦେଶ ଭାବରେ ନିଷେଧ କରିଥିଲା। ଅଥଚ ଆଶ୍ଚର୍ଯ୍ୟଜନକ ଭାବେ ରାଷ୍ଟ୍ରପତି ଭାବେ ଦ୍ୱିତୀୟ ପାଳି ଆରମ୍ଭ କରିବାର ପ୍ରଥମ ଦିନରେ ହିଁ ଟ୍ରମ୍ପ 'ଟିକ୍‌ଟକ୍' ଉପରୁ ନିଷେଧାଜ୍ଞା ହଟାଇ ଦେଇ କୋହଳ ସର୍ତ୍ତ ଆଧାରିତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଚୀନ୍ ସହିତ ବାଣିଜ୍ୟ କାରବାରରେ ଟ୍ରମ୍ପ କେତେ କଠୋର ହୋଇପାରନ୍ତି ତାହା ଜାଣିବା ପାଇଁ ସମଗ୍ର ବିଶ୍ୱ ଅପେକ୍ଷା କରିଥିବା ତାଙ୍କର ଟିକ୍‌ଟକ୍-ଆଭିମୁଖ୍ୟ ବାଣିଜ୍ୟ ବିଶାରଦମାନଙ୍କୁ ଆଚମ୍ବିତ କରିଛି। ଅପରପକ୍ଷରେ 'ବ୍ରିକ୍ସ'ର ନିଜସ୍ୱ ମୁଦ୍ରା ପ୍ରଚଳନ ସମ୍ଭାବନା ସମ୍ପର୍କରେ ଜଣେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ କହିଛନ୍ତି ଯେ ଯଦି ଏପରି ହୁଏ ତେବେ 'ବ୍ରିକ୍ସ'ର ଯେକୌଣସି ସଦସ୍ୟ ରାଷ୍ଟ୍ରରୁ ଆମଦାନୀ ଉପରେ ଶତପ୍ରତିଶତ ଶୁଳ୍କ ଲାଗୁ ହେବ। ଏଥିରୁ ଚୀନ୍ ପ୍ରତି ଟ୍ରମ୍ପଙ୍କ ଚପଳ ଆଭିମୁଖ୍ୟ ଯେତିକି ଅସ୍ୱଚ୍ଛ ସେତିକି ଜଟିଳ।

ଟ୍ରମ୍ପ-୨.୦ର ପ୍ରଥମ ଦିନରେ ଯେଉଁ କେତେକ ନୀତିଗତ ନିର୍ଦ୍ଦେଶନାମା ଜାରି ହୋଇଛି ସେଥିରେ ଭାରତ ପ୍ରଭାବିତ ହେବାର ଆଶଙ୍କା ଅଧିକ। 'ବାର୍ଥରାଇଟ୍ ସିଟିଜେନ୍‌ସିପ୍(ଅବୈଧ ବହିରାଗତ ଦମ୍ପତିଙ୍କ ଦ୍ୱାରା ଆମେରିକାରେ ଜନ୍ମିତ ଶିଶୁଙ୍କ ନାଗରିକତ୍ୱ ଅଧିକାର) ରାଇଟ୍ ଉଚ୍ଛେଦ ପାଇଁ ଟ୍ରମ୍ପ ଯେଉଁ ଆଦେଶନାମା ଜାରି କରିଛନ୍ତି ସେଥିରେ ବର୍ତ୍ତମାନ ଆମେରିକାରେ ଥିବା ସେଭଳି ୧୪୫୦୦୦ ଭାରତୀୟ ସେଠାକାର ନାଗରିକତ୍ୱ ଅଧିକାରରୁ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହାଛଡ଼ା ଅନୁପ୍ରବେଶ ନିରୁତ୍ସାହିତ ନୀତିକୁ ଟ୍ରମ୍ପ ଆହୁରି କଠୋର କରିବାକୁ ଯାଉଥିବାରୁ ଭାରତୀୟମାନଙ୍କ ଭିସା ସଙ୍କଟ ଉତ୍କଟ ହୋଇପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଆମେରିକାର ସଦସ୍ୟତା ପ୍ରତ୍ୟାହାର ପାଇଁ ଟ୍ରମ୍ପ ନିର୍ଦ୍ଦେଶନାମା ଜାରି କରିବା ପରେ ସେହି ସଂସ୍ଥାର ପାଣ୍ଠି ଓ ବିଶେଷଜ୍ଞ ସମ୍ବଳ ସଙ୍କଟ ଉତ୍କଟ ହେବା ନିଶ୍ଚିତ। ଫଳରେ ଭାରତରେ ଚାଲିଆସୁଥିବା ଏଚ୍‌ଆଇଭି, ମ୍ୟାଲେରିଆ, ଯକ୍ଷ୍ମା, ଭୂତାଣୁ ବାହିତ ରୋଗ ନିରାକରଣ ଓ ଟିକାକରଣ ଅଭିଯାନ ଗୁରୁତର ବାଧାପ୍ରାପ୍ତ ହେବ।

ଟ୍ରମ୍ପ ପ୍ରଥମ ପାଳିରେ ବିଶ୍ୱ ବାଣିଜ୍ୟ ସଂଗଠନର ବିବାଦ ସମାଧାନ ମଞ୍ଚ ବା ଅର୍ଦ୍ଧନ୍ୟାୟିକ ବ୍ୟବସ୍ଥା ଭାଙ୍ଗି ଦେଇଥିବା ବେଳେ ଦ୍ୱିତୀୟ ପାଳିରେ 'ଆମେରିକା ଫାର୍ଷ୍ଟ' ନୀତିରେ ସଂଗଠନରୁ ଆମେରିକାର ସଦସ୍ୟତା ପ୍ରତ୍ୟାହାର କରିନେବା ପ୍ରାୟ ନିଶ୍ଚିତ ବୋଲି ଅନୁମାନ କରାଯାଉଛି। ଏହାଦ୍ୱାରା ଆମେରିକା ଆମଦାନୀ ଉପରେ ମନଇଚ୍ଛା ଶୁଳ୍କ ଲାଗୁ କରିପାରିବ। ଟ୍ରମ୍ପ -୧.୦ରେ ମଧ୍ୟ ଭାରତଠାରୁ 'ଜେନେରାଲାଇଜ୍‌ଡ ସିଷ୍ଟମ୍ ଅଫ୍ ପ୍ରିଫେରେନ୍ସ(ଜିଏସ୍‌ପି)' ମାନ୍ୟତା ପ୍ରତ୍ୟାହାର କରିନିଆଯାଇଥିଲା, ଯାହାଦ୍ୱାରା ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ କାରବାରରୁ ୫.୭ ବିଲିୟନ ଡଲାର ଲାଭବାନ ହୋଇଥିଲା। ବିଶେଷଜ୍ଞଙ୍କ ମତରେ ଚୀନ୍ ସାମଗ୍ରୀ ଉପରେ ଟ୍ରମ୍ପ ଅଧିକ ଟିକସ ଲାଗୁ କଲେ ସେଥିରୁ ଭାରତ ଲାଭବାନ ହେବ ବୋଲି ଯେଉଁ ଆଶା କରାଯାଉଛି ସେ ସମ୍ଭାବନା ପ୍ରାୟତଃ ନାହିଁ। କାରଣ ଚୀନ୍ କେବଳ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟାରେ ଆମେରିକାର ପ୍ରତିଦ୍ୱନ୍ଦ୍ୱୀ। ଚୀନ୍‌ର ଧାତବ ଓ ପଣ୍ୟ ଦ୍ରବ୍ୟ ଉପରେ ଆମେରିକା ନିର୍ଭର କରୁଥିବାରୁ ସେହିସବୁ ସମାଗ୍ରୀ ଉପରେ ଅଧିକ ଟିକସ ଲାଗୁ ହୋଇ ନ ପାରେ। ତେଣୁ ଭାରତର ଆଲୁମିନିୟମ, ଇସ୍ପାତ୍, ଗହଣା, ରତ୍ନପଥର, ବୟନ, ଆଇଟି ଏବଂ ଔଷଧୀୟ ସାମଗ୍ରୀ ଆମେରିକା ବଜାରରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାର ସାମ୍ନା କରିବ ଏବଂ ଆମେରିକା ସହିତ ଭାରତର ବାଣିଜ୍ୟ ନିଅଣ୍ଟ ପରିମାଣ ଆହୁରି ବୃଦ୍ଧି ପାଇବ।

ଆମେରିକାର କୂଟ-ନୀତିରେ ଯେତେବେଳେ କୌଣସି ରାଷ୍ଟ୍ର ତା'ର ସମକକ୍ଷ ବା ପ୍ରତିଦ୍ୱନ୍ଦ୍ୱୀ ହେବା ଭଳି ସ୍ଥିତିକୁ ଆସିଯାଏ ଆମେରିକା ଦୃଷ୍ଟିରେ ସେହି ରାଷ୍ଟ୍ର ବନ୍ଧୁରୁ ପ୍ରତିଦ୍ୱନ୍ଦ୍ୱୀ ହୋଇଯାଏ। ମୁକ୍ତ ବାଣିଜ୍ୟ ସଂସ୍କୃତିରେ ଚୀନ୍‌କୁ ସାଙ୍ଗରେ ନେଇ ଚାଲିଥିବା ଆମେରିକାର ଆଭିମୁଖ୍ୟ ଏବେ ସେହି ରାଷ୍ଟ୍ର ପ୍ରତି ଯାହା, ତାହା ପୂର୍ବରୁ ଜାପାନ୍ ସହିତ ମଧ୍ୟ ଘଟିଥିଲା। ସମୟ ସ୍ରୋତରେ ବନ୍ଧୁ ପ୍ରତିଦ୍ୱନ୍ଦ୍ୱୀ ହେବାର ଉଦାହରଣ ଜାପାନ୍, ଚୀନ୍ ପରେ ଭାରତ ଯେ ନ ହେବ ତାହା ନିଶ୍ଚିତ କରିହେଉ ନାହିଁ। ବିଶେଷକରି ଟ୍ରମ୍ପଙ୍କ ପରି ଆମେରିକାର ଚପଳ ଓ ଅସ୍ଥିରମତି ରାଷ୍ଟ୍ରନେତାଙ୍କ ଅମଳରେ ବନ୍ଧୁତ୍ୱର ସଂଜ୍ଞା ପରିବର୍ତ୍ତନରେ ବେଶି ବିଳମ୍ବ ହେବ ନାହିଁ। ବିଷ୍ଣୁ ଶର୍ମାଙ୍କ ମାର୍ମିକ ଉପଦେଶ ଅନୁଯାୟୀ ଏଭଳି ଅସ୍ଥିର ବନ୍ଧୁ ସହିତ ଭାରତ ହାତେ ମାପି ଚାଖଣ୍ଡେ ଚାଲିବା ଶ୍ରେୟସ୍କର।

## ପତ୍ନୀଙ୍କ ମୁଖଦର୍ଶନ: କର୍ମଜୀବନରେ ସନ୍ତୁଳନ

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ସ୍ୱନାମଧନ୍ୟ ବହୁଦେଶୀୟ କମ୍ପାନୀମାନଙ୍କର କ୍ରମବର୍ଦ୍ଧମାନ ଶୋଷଣ ମନୋଭାବ ପୁନଶ୍ଚ ପ୍ରତିପାଦିତ ହୋଇଛି 'ଏଲ୍‌ଆଣ୍ଡଟି'ର ଅଧ୍ୟକ୍ଷ ଏସ୍‌ଏନ୍ ସୁବ୍ରମଣ୍ୟନ୍ ନିକଟରେ (୫.୧.୨୦୨୫) ଅନ୍‌ଲାଇନ୍‌ରେ ପ୍ରଦାନ କରିଥିବା ଏକ ମନ୍ତବ୍ୟରୁ। ସେଥିରେ ସେ ତାଙ୍କ କର୍ମଚାରୀମାନଙ୍କୁ କାର୍ଯ୍ୟ କରିବାର ସମୟ ସପ୍ତାହକୁ ୯୦ ଘଣ୍ଟା ପର୍ଯ୍ୟନ୍ତ(ଛ'ଟି କାର୍ଯ୍ୟ ଦିବସରେ ଦୈନିକ ୧୫ ଘଣ୍ଟା ଲେଖାଏଁ) ବୃଦ୍ଧି କରିବାକୁ ପରାମର୍ଶ ଦେବା ସହିତ ରବିବାରରେ ମଧ୍ୟ ଛୁଟି ନ ଦେଇ କାର୍ଯ୍ୟରେ ଯୋଗ ଦେବାକୁ ଆହ୍ୱାନ ଦେଇଛନ୍ତି। ତାଙ୍କ ମତରେ ଏ ଦିନଟା 'ପତ୍ନୀଙ୍କ ମୁହଁ ଚାହିଁ' କଟାଇବା ଅପେକ୍ଷା କିଛି କାର୍ଯ୍ୟରେ ନିୟୋଜିତ ରହିଲେ ଦେଶର ବିକାଶ ଘଟିବ। ତାଙ୍କର ଏ ମନ୍ତବ୍ୟ ମୂଳରେ ଦେଶପ୍ରେମ ଅପେକ୍ଷା ଲାଭଖୋର ମନୋଭାବ ଅଧିକମାତ୍ରାରେ ଲୁକ୍କାୟିତ ଥିବା ମନେ ହୁଏ। ଏଥିପୂର୍ବରୁ ଏ ସମୟ ୭୦ ଘଣ୍ଟାରେ ଧାର୍ଯ୍ୟ କରିବା ଲାଗି ପରାମର୍ଶ ଦେଇଥିଲେ 'ଇନ୍‌ଫୋସିସ୍'ର ପୂର୍ବତନ ମୁଖ୍ୟ ଏନ୍‌ଆର୍ ନାରାୟଣ ମୂର୍ତ୍ତୀ। ଅତଏବ ବର୍ତ୍ତମାନ ସୁବ୍ରମଣ୍ୟନ୍ ତାଙ୍କଠାରୁ ପାଦଟିଏ ଆଗକୁ ବଢ଼ିଛନ୍ତି।

ଏଥିରୁ ସ୍ପଷ୍ଟ ମନେ ହୁଏ ଆନ୍ତର୍ଜାତିକସ୍ତରରେ ସୁପ୍ରତିଷ୍ଠିତ ବ୍ୟବସାୟିକ ସଂସ୍ଥାମାନଙ୍କର ମୁଖ୍ୟ ହେଲେ ହେଁ ସେମାନଙ୍କର ମଣିଷର ମନସ୍ତତ୍ତ୍ୱ ଏବଂ ଶରୀର ବିଜ୍ଞାନ ଉପରେ ଧାରଣା କେତେ କମ୍। ସାଧାରଣ ଜୀବନରେ ବ୍ୟାପକ ଅଭିଜ୍ଞତା ସତ୍ତ୍ୱେ ବି ସେମାନେ ବୁଝିପାରିନାହାନ୍ତି ଯେ ଅତ୍ୟଧିକ କାର୍ଯ୍ୟର ଚାପ ବ୍ୟକ୍ତିର କେବଳ ଶାରୀରିକ ଓ ମାନସିକ ଅବସ୍ଥାକୁ ପ୍ରଭାବିତ କରେ ତା' ନୁହେଁ, ତା' ଦକ୍ଷତାକୁ ମଧ୍ୟ ହ୍ରାସ କରେ। ଫଳରେ ଉତ୍ପାଦନ ଗଭୀର ଭାବେ ପ୍ରଭାବିତ ହୁଏ।

ମଣିଷ ଗୋଟାଏ ଯନ୍ତ୍ର ନୁହେଁ। ଏକ ନିର୍ଦ୍ଦିଷ୍ଟ ସମୟ ଧରି କାର୍ଯ୍ୟକଲା ପରେ ତା'ର ଲୋଡ଼ା ହୁଏ ନିଦ୍ରା ଓ ବିଶ୍ରାମ। ଏହାବ୍ୟତୀତ ତା'ର ରହିଛି ନାନାଦି ପାରିବାରିକ ତଥା ସାମାଜିକ ଦାୟିତ୍ୱ ଏବଂ ନିଜର ରୁଚି ଅନୁସାରେ କିଛି କରିବାର ଇଚ୍ଛା। ଦିନକୁ ୧୫ ଘଣ୍ଟା ଧରି କ୍ରମାଗତ ଭାବେ କାର୍ଯ୍ୟ କଲାପରେ ଅବଶିଷ୍ଟ ସମୟ ଏସବୁ ପାଇଁ ଯଥେଷ୍ଟ ନୁହେଁ। ଏଣୁ ତା'ର ସ୍ୱାସ୍ଥ୍ୟ, ଚିନ୍ତାଶକ୍ତି, ଆୟୁ ସମେତ କାର୍ଯ୍ୟଦକ୍ଷତାକୁ ମଧ୍ୟ ନିମ୍ନଗାମୀ କରିଚାଲିବ। ତେଣୁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଛ'ଦିନିଆ କାର୍ଯ୍ୟଦିବସ ଯୁକ୍ତ ସପ୍ତାହରେ ୪୮ ଘଣ୍ଟା (ଦିନକୁ ୮ ଘଣ୍ଟା) କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛି। ଚୀନ୍‌ର କେତେକ ବଡ଼ ବଡ଼ କମ୍ପାନୀ ଆରମ୍ଭ କରିଥିବା '୯୯୬ କାର୍ଯ୍ୟଧାରା', ଅର୍ଥାତ୍ ସପ୍ତାହକୁ ୬ ଦିନଧରି ପ୍ରତ୍ୟେହ ସକାଳ ୯ଟାରୁ ସଂଧ୍ୟା ୯ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ସେଠାରେ ବେଆଇନ ବୋଲି କୁହାଗଲାଣି।

ଏବେ ଆସିବା ରବିବାରକୁ କାର୍ଯ୍ୟ ଦିବସରେ ରୂପାନ୍ତରିତ କରିବା ପ୍ରସ୍ତାବକୁ। ଏହି ଦିନଟି ଅଧିକାଂଶ ଦେଶରେ ଛୁଟି ରୂପେ ପ୍ରଚଳିତ ହୋଇଆସୁଛି ସମ୍ଭବତଃ ଶିଳ୍ପ ବିପ୍ଳବର ଆରମ୍ଭ କାଳରୁ। ସୁବ୍ରମଣ୍ୟନ୍‌ଙ୍କ ମତରେ ସିନା ଏ ଦିନଟି ବୃଥାରେ କଟୁଛି 'ପତ୍ନୀଙ୍କ ମୁହଁ ଚାହିଁବା'ରେ, ତେବେ ପ୍ରକୃତରେ ଏହା ଅତ୍ୟାବଶ୍ୟକ। ପ୍ରଥମତଃ, ଛୁଟି ହୋଇଥିବାରୁ କର୍ମକ୍ଳାନ୍ତ ମଣିଷଟି ଏହାକୁ କଟାଇପାରେ ତା' ମନମୁତାବକ, ଯାହାକି ଉଭୟ ଶାରୀରିକ ଏବଂ ମାନସିକ ଚାପ ଦୂର କରିଥାଏ। ଏଥିସହିତ ପତ୍ନୀଙ୍କ ମୁହଁ ଚାହିଁ ବସିବା ଦ୍ୱାରା ସେ ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହୁଏ। କାରଣ ବୈଜ୍ଞାନିକମାନଙ୍କ ମତରେ ପତି ଓ ପତ୍ନୀ ଶ୍ରଦ୍ଧାର ସହ ପରସ୍ପରକୁ ଚାହିଁଲେ ମସ୍ତିଷ୍କରେ ତଥାକଥିତ ଉତ୍ତମ ଅନୁଭବ ଦାୟୀ ହରମୋନ୍ 'ଡୋପାମିନ୍', 'ଅକ୍ସିଟୋସିନ୍', 'ସେରୋଟୋନିକ୍' ଆଦିର କ୍ଷରଣ ବୃଦ୍ଧିପାଏ। ଏହା ସେମାନଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରେ ଏବଂ ମନକୁ ଉତ୍‌ଫୁଲ୍ଲିତ କରେ। ଫଳରେ ମାନସିକ ଚାପ ହ୍ରାସ ପାଇବା ସହିତ ଶାରୀରିକ ଯନ୍ତ୍ରଣା ଦୂର ହୁଏ। ହୃତ୍‌ସ୍ପନ୍ଦନ ହାର ଏବଂ କାମ କରିବାର ଶାନ୍ତି ଓ ଉତ୍ସାହ ବଢ଼େ, ସୃଜନଶୀଳ ମାନସିକତା ସୃଷ୍ଟି ହୁଏ। ଏଭଳି ପ୍ରତିକ୍ରିୟା ଆଉ ଟିକିଏ ଅଧିକ ଭାବେ ସୃଷ୍ଟି ହୋଇଥାଏ କେବଳ ମା' ଏବଂ ଶିଶୁ ମଧ୍ୟରେ ଦୃଷ୍ଟି ବିନିମୟ ହେଲେ। ଅନ୍ୟପକ୍ଷରେ, ସପ୍ତାହ ସାରା କାର୍ଯ୍ୟବ୍ୟସ୍ତ ରହୁଥିବା ଲୋକଟିଏ ନିଜର ସନ୍ତାନସନ୍ତତି, ବୃଦ୍ଧ ପିତାମାତା ତଥା ପରିବାରର ଅନ୍ୟମାନଙ୍କ ସହ ମଧ୍ୟ ମିଶିବାର ସୁଯୋଗ ପାଏ। ପୁନଶ୍ଚ ସେ ତା'ର ରୁଚି ଅନୁସାରେ ମଧ୍ୟ କାମ କରିପାରେ। ଏସବୁ ତା'ଠାରେ ସେହି ଅନୁରୂପ ପ୍ରତିକ୍ରିୟାମାନ ସୃଷ୍ଟି କରନ୍ତି। ଏଣୁ ଏହାପରେ ସେ ଏକ ସୁସ୍ଥ ଦେହ ଓ ମନ ନେଇ କର୍ମକ୍ଷେତ୍ରକୁ ଫେରେ। ଏପରିସ୍ଥଳେ, ରବିବାର କିମ୍ବା ଅନ୍ୟ କୌଣସି ଛୁଟି ଦିନରେ କାମ କରିବାକୁ ଯିବା ଆଦୌ ସ୍ପୃହଣୀୟ ନୁହେଁ।

ସପ୍ତାହକୁ ୭୦ କିମ୍ବା ୯୦ ଦିନ କାମ କରିବା ପ୍ରସ୍ତାବ ମଧ୍ୟ ଏକ ଅବାନ୍ତର ଚିନ୍ତାଧାରା। ସ୍ୱାସ୍ଥ୍ୟବିଜ୍ଞାନୀଙ୍କ ମତରେ ସପ୍ତାହକୁ ଏହା ୫୫ ଘଣ୍ଟାରୁ ଅଧିକ ହେଲେ ଧୀରେ ଧୀରେ ଦକ୍ଷତା ଓ ଉତ୍ପାଦନକ୍ଷମତା ହ୍ରାସ ପାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଦ୍ୱାରା ୨୦୨୧ ମସିହାରେ ହୋଇଥିବା ଏକ ଅଧ୍ୟୟନ ଅନୁସାରେ ସପ୍ତାହକୁ ୫୫ ଘଣ୍ଟାରୁ ଅଧିକ କାମ କରିବା ଦ୍ୱାରା ସଂଘାତର ଆଶଙ୍କା ୩୫ ଶତାଂଶ ଏବଂ ହୃଦଘାତରେ ମୃତ୍ୟୁବରଣ କରିବାର ଆଶଙ୍କା ୧୭ ଶତାଂଶ ବୃଦ୍ଧିପାଏ। ତେଣୁ ସପ୍ତାହକୁ ପ୍ରାୟ ୪୦ ଘଣ୍ଟା କାମ କରିବା ଶାରୀରିକ ତଥା ମାନସିକ ସ୍ୱାସ୍ଥ୍ୟ ପାଇଁ ଶୁଭଙ୍କର। ଏହାଦ୍ୱାରା ସୃଜନାତ୍ମକ ଓ ଉତ୍ପାଦନ କ୍ଷମତା ବୃଦ୍ଧି ପାଏ। ଅବଶ୍ୟ କାର୍ଯ୍ୟର ପ୍ରକାରଭେଦ ଉପରେ ନିର୍ଭର କରି ଏ ସମୟ କିଛିଟା କମ୍ ବେଶୀ ହୋଇପାରେ।

ବହୁଦେଶୀୟ ଆମେରିକୀୟ ସଂସ୍ଥା 'ମ୍ୟାକ୍ କିନସଲେ' ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଭାରତୀୟମାନେ ପୃଥିବୀର ସର୍ବାଧିକ କଠିନ ପରିଶ୍ରମୀ। ୩୦ଟି ଦେଶରେ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ ଏଠାକାର ସର୍ବାଧିକ ୬୦ ଶତାଂଶ କର୍ମଜୀବୀଙ୍କଠାରେ କଠୋର ପରିଶ୍ରମଜନିତ ବିବିଧ ଦୀର୍ଘସ୍ଥାୟୀ ଶାରୀରିକ କ୍ଳାନ୍ତି ଏବଂ ଭାବପ୍ରବଣତା ତଥା ମାନସିକ ଅବସାଦ ଅତି ଗଭୀର ରୂପେ ପ୍ରକଟିତ ହୁଏ (ମୁମ୍ବାଇ ପୃଥିବୀର ସବୁଠାରୁ କଠିନ ପରିଶ୍ରମୀଙ୍କ ସହର)। ପୁନଶ୍ଚ ଏମାନେ ଖୁବ୍ କମ୍ ସମୟ ପାଇଥା'ନ୍ତି ଅବସର ବିନୋଦନ ପାଇଁ।

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଏବଂ ଆନ୍ତର୍ଜାତିକ ଶ୍ରମ ସଂଗଠନ ୨୦୨୧ ମସିହାରେ ପ୍ରକାଶ କରିଥିଲେ ଦୀର୍ଘକାଳୀନ ଶ୍ରମର ପ୍ରଭାବ ସମ୍ପର୍କରେ ତାଙ୍କ ଅଧ୍ୟୟନର ଫଳାଫଳ। ଏଥିରେ ସୂଚୀତ କରାଯାଇଛି ଯେ ସପ୍ତାହକୁ ୫୫ ଘଣ୍ଟା କିମ୍ବା ତହିଁରୁ ଅଧିକ ସମୟ କାମ କରୁଥିବା ଲୋକଙ୍କର ୩୫ ରୁ ୪୦ ଘଣ୍ଟା ଶ୍ରମ କରୁଥିବା ଲୋକଙ୍କ ତୁଳନା ଅକାଳମୃତ୍ୟୁର ଆଶଙ୍କା ଅଧିକ। ଭାରତରେ ଏମାନଙ୍କ ସଂଖ୍ୟା ସର୍ବାଧିକ। ୨୦୦୦ ମସିହାରେ ଏହା ୧, ୩୭, ୫୫୧ ଥିବା ବେଳେ ୨୦୧୬ରେ ୨, ୦୧, ୮୪୦ କୁ ଏବଂ ଦ୍ୱିତୀୟ ସ୍ଥାନରେ ଥିବା ଚୀନ୍‌ରେ ଯଥାକ୍ରମେ ୧, ୧୧, ୭୭୭ ରୁ ୧, ୬୦, ୩୩୧ କୁ ବୃଦ୍ଧି ପାଇଥିଲା। ଅନ୍ୟପକ୍ଷରେ ଏସମୟ ମଧ୍ୟରେ ଏ ସଂଖ୍ୟା ଜାପାନରେ ୧୩, ୩୫୯ ରୁ ୯, ୧୩୯କୁ ଆମେରିକାରେ ୮, ୨୮୫ରୁ ୭, ୩୮୨କୁ, ଇଂଲଣ୍ଡରେ ୩, ୩୫୭ରୁ ୧, ୮୩୧କୁ ଏବଂ ଜର୍ମାନୀରେ ୪, ୪୫୦ ରୁ ୨, ୬୫୮କୁ ହ୍ରାସ ହେବାର ଦେଖାଯାଇଥିଲା।

ଆନ୍ତର୍ଜାତିକ ଶ୍ରମ ସଂଗଠନର ସୂଚନା ଅନୁସାରେ କର୍ମଜୀବୀ ଭାରତୀୟମାନଙ୍କ ମଧ୍ୟରୁ ୫୧.୪ ଶତାଂଶ ସପ୍ତାହକୁ ୪୯ ଘଣ୍ଟାରୁ ଅଧିକ ସମୟ ଶ୍ରମ କରିଥା'ନ୍ତି। ଏହା ବିଶ୍ୱରେ ଦ୍ୱିତୀୟ ସର୍ବାଧିକ। ପ୍ରଥମ ସ୍ଥାନରେ ରହିଛି ଭୁଟାନ୍- ଏହାର ୬୧.୩ ଶତାଂଶ ଲୋକ ଏହା କରନ୍ତି। ଅନ୍ୟପକ୍ଷରେ ଭାରତରେ ସପ୍ତାହକୁ ହାରାହାରି ୪୬.୭ ଘଣ୍ଟା କାର୍ଯ୍ୟ କରିବାକୁ ପଡୁଥିବା ବେଳେ ଚୀନ୍‌ରେ ତାହା ପ୍ରାୟ ୪୬ ଶତାଂଶ। ଅବଶ୍ୟ କର୍ମଜୀବୀର ବୟସ ତଥା କର୍ମକ୍ଷେତ୍ରର ପ୍ରକାରଭେଦ ନେଇ ଏହା ଭିନ୍ନ ଭିନ୍ନ। ଉଦାହରଣ ସ୍ୱରୂପ ସୂଚନା ଓ ଯୋଗାଯୋଗ କ୍ଷେତ୍ରରେ ଏହା ୫୭.୫ ଘଣ୍ଟା। ପୁନଶ୍ଚ କାର୍ଯ୍ୟର ଚାପ ଯୋଗୁଁ ଆତ୍ମହତ୍ୟା ସଂଖ୍ୟା ଆମ ଦେଶରେ ୨୦୦୧ ମସିହାରେ ୮୫୭ ଥିବା ବେଳେ ୨୦୨୩ରେ ପହଞ୍ଚିଥିଲା ୨୫୯୩ରେ। ଆନନ୍ଦିତ ସୂଚକାଙ୍କ (ହାପିନେସ୍ ଇଣ୍ଡେକ୍ସ)ରେ ବିଶ୍ୱରେ ଆମ ଦେଶ ଏତେ ପଛୁଆ ହେବାର ଏହା ମଧ୍ୟ ଅନ୍ୟତମ ମୁଖ୍ୟ କାରଣ।

ଏସବୁ ଦୃଷ୍ଟିରୁ ବିଚାର କରି ନାରାୟଣ ମୂର୍ତ୍ତୀ ନିଜ ମତକୁ କୋହଳ କରି କହିଛନ୍ତି, ଯଦି ତୁମେ କିଛି ସମୟ ଘରେ ପ୍ରିୟପରିଜନ ଓ ବନ୍ଧୁମାନଙ୍କ ସହିତ କିମ୍ବା ପଢ଼ାପଢ଼ି ଆଦିରେ ନ କଟାଅ, ଯଦି ତୁମର ମନର କଥା ଅନ୍ୟ ଆଗରେ ପ୍ରକାଶ କରିବାକୁ ସମୟ ନ ମିଳେ, ତେବେ ତୁମେ ଠିକ୍ ନିଷ୍ପତ୍ତି ନେଇ ପାରିବ କେମିତି? ଯଦି ତୁମର ଜୀବନ ସ୍ୱୟଂ ସମ୍ପୂର୍ଣ୍ଣ ହୋଇଥାଏ, ତା'ହେଲେ ତୁମେ ଉତ୍ତମ ନିଷ୍ପତ୍ତି ନେବାକୁ ସମର୍ଥ ହେବ।' ଅନ୍ୟପକ୍ଷରେ 'ବିଗ୍‌ବାସ୍କେଟ୍' କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ହରି ମେନନ ପରିହାସ କରି କହିଛନ୍ତି, ରବିବାରକୁ 'ଦର୍ଶନ ଦିବସ' (ଷ୍ଟେୟାର ଡେ) ରୂପେ ପାଳନ କରି ଯେତେ ସମୟ ସମ୍ଭବ ପତ୍ନୀଙ୍କ ମୁହଁ ଚାହିଁ ବସିବାକୁ। ତାହା କର୍ମ ଓ ଜୀବନ ମଧ୍ୟରେ ସନ୍ତୁଳନ ଆଣିବ। ଏହା କମ୍ପାନୀ ଏବଂ କର୍ମଚାରୀ ଉଭୟଙ୍କ ପାଇଁ ଲାଭଜନକ ହେବ।

ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

## ଯାତ୍ରା ଏକାଡେମୀ କେବେ?

ହର ବାରିକ

ଯାତ୍ରାକୁ ମନୋରଞ୍ଜନର ବଡ଼ ପ୍ରଭାବୀ ମାଧ୍ୟମ କୁହାଯାଉଥିବା ବେଳେ ମୁଁ ଏହାକୁ ଏକ ଗଣମାଧ୍ୟମ ବୋଲି ବିଚାର କରେ। ଯାତ୍ରା ଜରିଆରେ ସମାଜକୁ ଅନେକ ବାର୍ତ୍ତା ବା ଖବର ଦେଇହୁଏ। ଅନେକ ସଂସ୍କାରର କଥା କହି ସମାଜ ପରିବର୍ତ୍ତନ କରାଯାଇପାରେ।

ଆରମ୍ଭରୁ ରାମାୟଣ ଓ ମହାଭାରତର କାହାଣୀକୁ ଲୋକମାନଙ୍କ ପାଖରେ ପହଞ୍ଚାଇ ସାହିତ୍ୟ, ସଂସ୍କୃତି, ଲୋକକଥା, ଚଳଣି ଏବଂ ତା'ର ନିର୍ଯାସ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇ ପାରୁଥିବା ଯାତ୍ରା ପରବର୍ତ୍ତୀ ସମୟରେ କାଳ୍ପନିକ କାହାଣୀ, ଲୋକକଥା, ଇତିହାସର ଘଟଣାବଳୀକୁ ନେଇ ଏମିତି ବାର୍ତ୍ତାବହୁଳ ନାଟକ ଓ ନୀତି ଆଦର୍ଶ ଥିବା କାହାଣୀ ସାଧାରଣ ଦର୍ଶକ ସାମ୍ନାକୁ ଆଣୁଥିଲା ଯେ- ଓଡ଼ିଶାର କଳା ସଂସ୍କୃତିପ୍ରେମୀ ଯାତ୍ରା ମୋହରେ ପାଗଳ ଥିଲେ। ପରବର୍ତ୍ତୀ କାଳରେ ଗାନ୍ଧୀବାଦର ଆଦର୍ଶ- ସ୍ୱାଧୀନତା ସଂଗ୍ରାମର ଧାରା ପରିବାରିକ ଜୀବନ, ଭାଇ-ଭାଇର ସମ୍ପର୍କ, ଆଦର୍ଶ ବାପାର କାହାଣୀ, ମାଆର ମମତା, ସାହୁକାରର ନିର୍ଯାତନା ଆଦି ଯାତ୍ରା ମଞ୍ଚକୁ ଆସିଲା।

ମଞ୍ଚ ବଦଳିବା ସହିତ ନାଟକର ରୂପରେଖ ବଦଳିଲା। ସାମାଜିକ ନାଟକ ପରିବେଷଣ ଯାତ୍ରାପ୍ରେମୀଙ୍କୁ ବାନ୍ଧି ରଖିଲା ପୂର୍ବପରି। ପୁଣି ନାଟକ ମଝିରେ ବାର୍ତ୍ତାବହୁଳ ହାସ୍ୟରସ ଭରା ଡୁଏଟ ଲୋକମାନଙ୍କୁ ଆହୁରି ବେଶୀ ମନୋରଞ୍ଜନ କରୁଥିଲା ସାମାଜିକ ସଚେତନତା ସହ। ମଞ୍ଚ ସଜା, ଆଲୋକ, ଶବ୍ଦ, ପୋଷାକ, ନାଟକର ଉପସ୍ଥାପନା ବଦଳିଗଲା ସମୟକ୍ରମେ। ଥିଏଟର ଗ୍ରୁପର ପତନ ଏବଂ ଯାତ୍ରାରେ ମିଶ୍ରଣ ଯାତ୍ରାକୁ ଆଉ ଏକ ରୂପ ଦେଲା। ମୁକ୍ତମଞ୍ଚରେ ସଂଯୋଜିତ ହେଲା ସାଇକ୍ଲୋରମା। ପ୍ରବେଶ ପ୍ରସ୍ଥାନର ଅଲଗା ବାଟ ରହିଲା ଏକ ସୁଖି ମଞ୍ଚର ଅନୁକରଣରେ। ଚାରି ପାଖରେ ବସୁଥିବା ଦର୍ଶକ ତିନିପାଖରେ ବସିଲେ। ଯାତ୍ରାର କାହାଣୀରେ ସାଇକ୍ଲୋରମା ମାଧ୍ୟମରେ ଯୋଡ଼ାହେଲା କାହାଣୀ ଅନୁକୂଳ ଦୃଶ୍ୟ। ଦର୍ଶକ ବେଶ ଆଦର କଲେ। ଗାଁର ପର୍ବପର୍ବାଣୀରେ ଲୋଡ଼ା ପଡୁଥିଲା ଯାତ୍ରା। ଚାରିପାଖରେ ପାଲ ଗୁଡ଼େଇ ତମ୍ବୁଘରକୁ ଅସ୍ଥାୟୀ ପ୍ରେକ୍ଷାଳୟ କରାଗଲା ଏବଂ ଦର୍ଶକମାନେ ଟିକେଟକାଟି ଯାତ୍ରା ଦେଖିଲେ।

ଯାତ୍ରାକୁ ପ୍ରାରମ୍ଭିକ ପର୍ଯ୍ୟାୟର ନୃତ୍ୟନାଟିକା ଛନ୍ଦରେ ପ୍ରବେଶ କଲା ରେକର୍ଡ ଡ୍ୟାନ୍ସ ଓ ପରେ ମେଲୋଡି। ଏହା ଯାତ୍ରା ପରମ୍ପରାରୁ ନୃତ୍ୟ ନାଟିକାକୁ ହଜେଇ ଦେଇ ନିଜର ଆଧିପତ୍ୟ ବିସ୍ତାର କଲା, ଜନାଦୃତ ବି ହେଲା। ରେକର୍ଡରେ ବାଜୁଥିବା ସୁନ୍ଦର ଗୀତର ତାଳରେ ନାଚିଲେ ଯାତ୍ରାର ନର୍ତ୍ତକୀମାନେ। ଯେତେ ସମ୍ଭବ ଆକର୍ଷଣୀୟ କରିବାକୁ ଝିଅମାନେ ସଂକ୍ଷିପ୍ତ ପୋଷାକ ପିନ୍ଧି ଦର୍ଶକଙ୍କ ଆଗକୁ ଆସିବାକୁ ପ୍ରତିଯୋଗିତା କଲେ। ଦର୍ଶକ ବଢ଼ିଲେ ସତ, ହେଲେ ଯାତ୍ରାପ୍ରେମୀ ବା ନାଟକପ୍ରେମୀ ନୁହନ୍ତି। ରେକର୍ଡ ଡ୍ୟାନ୍ସ ପ୍ରେମୀ ବଢ଼ିଲେ, ଯେଉଁମାନେ ରେକର୍ଡଡ୍ୟାନ୍ସ ପରେ ଟେଣ୍ଟ ଛାଡ଼ିଲେ। ରେକର୍ଡ ଡ୍ୟାନ୍ସ ଅତିବାସ୍ତବତା ଓ ଆକର୍ଷଣୀୟକୁ ଛୁଇଁବାକୁ ଯାଇ 'ଟିପିଟିପି ବର୍ଷା ପାଣି...'ପରି ହିନ୍ଦୀ ଗୀତରେ ରାତି ଅଧିରେ ଅତି ପତଳା ଶାଢ଼ି ପିନ୍ଧେଇ ମଞ୍ଚରେ ଓଦାକଲା ନର୍ତ୍ତକୀମାନଙ୍କୁ। ଆଉ ଟିକେ ଆଗକୁ ଯାଇ ସର୍କସ ପରି ମଞ୍ଚଉପରୁ ତଳକୁ ଡେଇଁବା, ଦଉଡ଼ିରେ ଝୁଲିବା, ନିଆଁର ରିଂ ଭିତରୁ ବାହାରିବା ପରି ଭୟଙ୍କର ଦୃଶ୍ୟକୁ ଯୋଡ଼ିଲେ ରେକର୍ଡ ଡ୍ୟାନ୍ସରେ। ଅଶ୍ଳୀଳତାର ପଡ଼ୋଶୀ ବନିଗଲା ଯାତ୍ରା। ହାସ୍ୟ ଅଭିନେତାଙ୍କର ଦ୍ୱିଅର୍ଥବୋଧକ ସଂଳାପ ଓ ଦୃଶ୍ୟ ବି ନାଟକ ଭିତରେ କାୟାବିସ୍ତାର କଲା।

ଏହି ସମୟ ଭିତରେ ସଂସ୍କୃତିପ୍ରେମୀ ମାଲିକଙ୍କ ଅନୁଷ୍ଠାନକୁ ବନ୍ଦ କରି ଯାତ୍ରା ପ୍ରଯୋଜନାରୁ ଓହରିବା ଆରମ୍ଭ କରି ସାରିଥିଲେ ଏବଂ ପଇସା ଥିବା ଶିଳ୍ପପତି- ବ୍ୟବସାୟୀ- ରାଜନେତାମାନେ ଯାତ୍ରାର ପ୍ରଯୋଜନାରେ ପାଦଥାପି ସାରିଥିଲେ। ଦେଢ଼ଶହ ବର୍ଷର ପରମ୍ପରା କୁଆଡ଼େ ଯାଉଥିଲା, ସେ ସବୁକୁ କାହାର ନଜର ନଥିଲା। କେବଳ ନଜର ଥିଲା କାହା ଟେଣ୍ଟରେ କେତେ ଦର୍ଶକ। ଲାଇଟ୍, ସାଉଣ୍ଡ, ଗେଟ୍ ବଦଳିଗଲା। ସାଇକ୍ଲୋରମା ସ୍ଥାନ ନେଲା ଆଠଫୁଟରୁ ଷୋଳଫୁଟ ଏଲ୍‌ଇଡି ୱାଲ୍। ଡଲ୍‌ବି ସାଉଣ୍ଡରେ ଛାତି ଫାଟିଗଲା। ସାର୍ପି ଆଉ ଲେଜର ଲାଇଟ୍‌ରେ ଜଳକା ହେଲେ ଦର୍ଶକ, ଅଣନିଃଶ୍ୱାସୀ ହେଲେ କଳାକାର। ଏବେ ଦର୍ଶକ ଖୋଜିଲେ କାହା ଲାଇଟ୍, ସାଉଣ୍ଡ, ରେକର୍ଡ ଡ୍ୟାନ୍ସ ଆଉ ଗେଟ୍ ଭଲ। କେହି ଆଉ ଭଲ ନାଟକ କଥା ପଚାରିଲେନି। ଭଲ ନାଟକକୁ ନେଇ ଆଉ ପାର୍ଟିର ପରିଚୟ ରହିଲାନି। ମାଲିକଠୁ କଳାକାର କେହି ଭଲ ନାଟକକୁ ଗୁରୁତ୍ୱ ଦେଲେନି।

ତା'ପରେ ଆରମ୍ଭ ହେଲା ସିନେମା ସିରିୟଲ କଳାକାରଙ୍କ ପ୍ରବେଶ। ସେମାନେ କ'ଣ କଲେ- କେତେଥର ବାହାରିଲେ, ଲଭ ସିନ୍-ରେପ୍‌ସିନ୍-ମାଡ଼ପିଟା ସିନ୍ କେତେ କଲେ ଆଉ କେମିତି କଲେ। ଦର୍ଶକଠୁ ମାଲିକ ପରିଚାଳକ ସେମାନଙ୍କ ବିନା ଯାତ୍ରା ପାର୍ଟି ଚଳେଇବାକୁ ସାହସ କଲେନି। ହାଟରେ ଛଅଟି ବଳଦ କିଣିବାକୁ ପଚାଶ ଚାଷୀ, ଛଅ ହଜାର ଟଙ୍କାର ବଳଦ, ଷାଠିଏ ହଜାର ଟଙ୍କାରେ ବିକ୍ରିହେଲା ପରି କଥା ହେଲା। ମାତ୍ର ୬ଜଣ ଚାଷୀ ଚାଷବାସ ଭଲ କଲେ, ଅନ୍ୟମାନଙ୍କ ଜମି ପଡ଼ିଆ ପଡ଼ିଲା। ସେହି ରାଗରେ ଅନ୍ୟ ଚାଷୀମାନେ ନିଜ ଜମିରେ ଷଣ୍ଢ ଆଣି ଛାଡ଼ିଲେ। ଷଣ୍ଢମାନେ ସାରା ଗହିରକୁ ରାତାରାତି ନଷ୍ଟ କରି ଦେଲେ। ସେମିତି ଏକ ପରିସ୍ଥିତି ଏବେ ଯାତ୍ରାରେ, ଯାହା ମଞ୍ଚ ଚାରିପାଖ ପଡ଼ିଆ- ସିଏ ଆମେ ଆଇଟମ୍ ଗାର୍ଲକୁ ନଚେଇଲେ। ଯାତ୍ରା ସମୁଦାୟ ବଦନାମ।

ଏଠି ମୁରବି କିଏ? କିଏ ଯାତ୍ରା ପାଇଁ ବାହାରିବ? କେମିତି ବଞ୍ଚିବ ଏ ସଂସ୍କୃତି? ଏତେ ଦିନର ସଂସ୍କୃତିଟିଏ କ'ଣ ଏହିଭଳି ଅପସଂସ୍କୃତିର ଶିକାର ହୋଇ ବୁଡ଼ିଯିବ? ନିଜକୁ ସୁରକ୍ଷିତ ରଖିବାକୁ ସରକାର ଷଣ୍ଢ ହୁଡ଼େଇବାକୁ କେବଳ ନିଆଁହୁଳା ଦେଖେଇ ଟିଣ ବାଡ଼େଇଲେ କ'ଣ ଦାୟିତ୍ୱ ସରିଯିବ?

ଏକଶହରୁ ଅଧିକ ଯାତ୍ରା ଅନୁଷ୍ଠାନ ସାରା ଓଡ଼ିଶାରେ ପ୍ରତ୍ୟକ୍ଷ ପରୋକ୍ଷ ଦଶଲକ୍ଷ ଲୋକଙ୍କ ଜୀବନ ଜୀବିକା। ନାଟ୍ୟକାର, ନିର୍ଦ୍ଦେଶକ, କଳାକାରଙ୍କ ତ୍ୟାଗ ଓ ଜୀବନ ଜୀବିକା- ଏସବୁ କ'ଣ ବିଚାର କରିବାର ସମୟ ଆସିନି? ଏତେ ବଡ଼ ମାଧ୍ୟମ ପାଇଁ ଏକାଡେମିଟିଏ ଗଠନ କରି ସରକାର କ'ଣ ବ୍ୟବସ୍ଥିତ କରିବାକୁ ଉଚିତ ମଣିବେ ନାହିଁ? ଅନ୍ୟ ରାଜ୍ୟମାନେ ବିଭିନ୍ନ ଲୋକକଳାକୁ ଏକାଡେମୀଭୁକ୍ତ କରି ତାଙ୍କ ପାଇଁ ନୀତି, ନିୟମ, ସମ୍ମାନ ଇତ୍ୟାଦି ପ୍ରଦାନ କରୁଥିବା ବେଳେ ଆମ ସରକାର ଯାତ୍ରାକୁ ନେଇ ଏମିତି ନିରବ କାହିଁକି?

ମୋ: ୯୯୩୮୦୮୭୮୫୬

## ଭିତର ବେଢ଼ାରେ କୁତାମ ଚଣ୍ଡୀ

### ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ସେତେବେଳେ ଶ୍ରୀମନ୍ଦିର ପରିସରରେ କୁକୁର ପଶି ଯାଇ ଅପବିତ୍ର କରିଦେଉ ଥିବାରୁ ଠାକୁରମାନଙ୍କର ମହାସ୍ନାନ ସହିତ ମନ୍ଦିର ଓ ମନ୍ଦିର ପରିସରକୁ ଧୂଆ ହୋଇ ପବିତ୍ର କରିବାକୁ ପଡୁଥିଲା। ରନ୍ଧା ପ୍ରସାଦକୁ ପୋତି ଦିଆ ଯାଇ ପୁଣି ରୋଷ ହୋମ ଆଦି କରି ପ୍ରସାଦ ପ୍ରସ୍ତୁତ କରାଯାଉଥିଲା। ଏହା ଅନେକ ବ୍ୟୟ ଓ ଶ୍ରମସାପେକ୍ଷ ହେବା ସହିତ ମହାପ୍ରଭୁଙ୍କ ନୀତି ବିଳମ୍ବିତ ହେଉଥିଲା। ସେବକ ଓ ଦର୍ଶନାର୍ଥୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ତା'ର କୌଣସି ସମାଧାନର ସୂତ୍ର ପାଇ ପାରୁ ନ ଥିଲେ।

ଥରେ ଉଜ୍ଜୟିନୀରୁ ନାଗନା ନାମଧାରୀ ଜଣେ ପ୍ରଥିତଯଶା ତାନ୍ତ୍ରିକ ତନ୍ତ୍ରଶିରୋମଣୀ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସିଲେ। ସେଦିନ ମଧ୍ୟ ମନ୍ଦିରରେ କୁକୁର ପଶି ଯିବାରୁ ଠାକୁରଙ୍କ ନୀତି ବିଳମ୍ବିତ ହେଲା। ନାଗନା ଏ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଶ୍ୱାନ ଭୈରବୀଙ୍କୁ ତାନ୍ତ୍ରିକ ପଦ୍ଧତିରେ ଆରାଧନା କଲେ। ଦେବୀ ତାଙ୍କ ଆରାଧନାରେ ସନ୍ତୁଷ୍ଟ ହୋଇ କୁକୁର ବାହାନରେ ଆରୋହଣ କରି ଆବିର୍ଭୂତା ହେଲେ ଏବଂ ସମସ୍ୟା ସମାଧାନ କରିବା ପାଇଁ ରାଜି ହେଲେ। ତାଙ୍କ ପରାମର୍ଶକ୍ରମେ ଶ୍ୱାନ ଭୈରବୀ ଗର୍ଭଗୃହରେ ସ୍ଥାପିତା ହୋଇ ପୂଜା ପାଇଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କ ଆରାଧନା ପରେ ତାଙ୍କ ପ୍ରସାଦ ଶ୍ୱାନ ଭୈରବୀଙ୍କୁ ସମର୍ପିତ ହେଲା। ସେ ଲୋକମୁଖରେ 'କୁତାମ ଚଣ୍ଡୀ' ନାମରେ ବିଖ୍ୟାତ ହେଲେ। ସେହି ଦିନଠାରୁ ଶ୍ରୀମନ୍ଦିରରେ ଆଉ କୁକୁର ପଶିବାର ଦେଖାଗଲା ନାହିଁ। ଅନ୍ୟ କୌଣସି କାରଣରୁ ପରିସରରେ ରକ୍ତ ପଡ଼ିଥିଲେ ବା ଅନ୍ୟ କୌଣସି ଅଶୌଚ ଘଟଣା ଘଟିଲେ, କେଉଁ କୁକୁରଟିଏ ଆସି ସେଠାରେ ଠିଆ ହୋଇ ସେବକମାନଙ୍କର ଦୃଷ୍ଟି ଆକର୍ଷଣ କରେ। ସେବକମାନେ ଅଶୌଚ ଘଟଣା ଦେଖିବା ପର୍ଯ୍ୟନ୍ତ ସେ କୁକୁର ସେଠାରେ ଥାଏ ଓ ତା' ପରେ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଏ, କେହି ଜାଣି ପାରନ୍ତି ନାହିଁ।

ଶ୍ରୀଚୈତନ୍ୟଙ୍କ ପୁରୀ ଆଗମନ ପରେ ଶ୍ରୀଜଗନ୍ନାଥ ମହାବିଷ୍ଣୁ ରୂପେ ଆରାଧିତ ହେବାରୁ ବିଷ୍ଣୁ ମନ୍ଦିରର ଗର୍ଭଗୃହରେ ଶ୍ୱାନ ଭୈରବୀଙ୍କ ଉପସ୍ଥିତି ଅଗ୍ରହଣୀୟ ହେଲା। ତେଣୁ ଦେବୀ ଗର୍ଭଗୃହର କ୍ଷେତ୍ରପାଳ ମହାଦେବଙ୍କ ମନ୍ଦିରର ପୂର୍ବ କାନ୍ଥକୁ ସ୍ଥାନାନ୍ତରିତା ହେଲେ। ସେ ତାଙ୍କର ବାହାନ କୁକୁର ଉପରେ ବସିଛନ୍ତି ଓ ଖଣ୍ଡାଖର୍ପର ଧାରଣ କରିଛନ୍ତି। ସବୁଦିନ ବଡ଼ବାଡ଼ ବଳଭଦ୍ରଙ୍କ ଥାଳି ଖେଚୁଡ଼ି କୁତାମ ଚଣ୍ଡୀଙ୍କୁ ସମର୍ପଣ ହୁଏ। ସେ 'ଶ୍ୱାନ ଭୈରବୀ', 'ଉଚ୍ଛିଷ୍ଟ ଭୈରବୀ' ଓ 'ଉଡ୍ଡୀଶ ଭୈରବୀ' ରୂପେ ମଧ୍ୟ ଜଣାଯାଆନ୍ତି।

ଆଉ ଏକ ଲୋକକଥା ଅନୁସାରେ ତ୍ରେତୟା ଯୁଗରେ ରାମଭକ୍ତ ବିଭୀଷଣଙ୍କ ପତ୍ନୀ ସରମା ଜଣେ ଋଷିଙ୍କ ଔରସରୁ ଅପ୍‌ସରାଙ୍କ ଗର୍ଭରୁ ଜନ୍ମ ନେଇଥିଲେ। ଜନ୍ମ ହେବା କନ୍ୟାଟିକୁ ସମୁଦ୍ର କୂଳରେ ପରିତ୍ୟାଗ କରି ଅପ୍‌ସରା ସ୍ୱର୍ଗକୁ ଚାଲିଗଲେ। କନ୍ୟାଟି ସମୁଦ୍ର ତରଙ୍ଗରେ ଭାସି ଯିବାର ଭୟ ଥିବାରୁ ଋଷି ସମୁଦ୍ରକୁ କନ୍ୟା ଆଡ଼କୁ ନ ଆସିବା ପାଇଁ ଆଦେଶ ଦେଲେ - 'ସର, ମା ବର୍ଦ୍ଧତୁ'। ତେଣୁ ଝିଅଟିର ନାମ 'ସରମା' ରହିଲା। ବିଭୀଷଣଙ୍କୁ ବିବାହ କଲା ପରେ ସରମା ସ୍ୱାମୀଙ୍କୁ ବିଷ୍ଣୁଭକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ରାବଣର ନିଧନ ପରେ ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ର ବିଭୀଷଣଙ୍କୁ ଲଙ୍କା ସିଂହାସନରେ ରାଜା ଓ ମନ୍ଦୋଦରୀଙ୍କୁ ରାଣୀ ରୂପେ ଅଭିଷିକ୍ତ କଲେ। ଏଥିରେ ସରମା ରୁଷ୍ଟା ହୋଇ ପ୍ରତିକାର ପାଇଁ ଶ୍ରୀରାମଙ୍କୁ ପ୍ରାର୍ଥନା କଲେ, 'ପ୍ରଭୋ! ମୋର ସ୍ୱାମୀଙ୍କୁ ବିଷ୍ଣୁଭକ୍ତ କରିବା ପଛରେ ମୋର ପ୍ରତ୍ୟକ୍ଷ ଭୂମିକା ଥିଲା। ନ ହେଲେ ହୁଏତ ସେ ଅନ୍ୟ ଦୁଇ ଭାଇଙ୍କ ପରି ରାକ୍ଷସ ପ୍ରବୃତ୍ତି ସମ୍ପନ୍ନ ହୋଇ ଥା'ନ୍ତେ। ଆପଣଙ୍କ ପରି ନ୍ୟାୟବନ୍ତ ମର୍ଯ୍ୟାଦାପୁରୁଷ ଥାଉଁଥାଉଁ ମୁଁ ମୋ ଜୀବନବ୍ୟାପୀ ସାଧନା ଯୋଗୁଁ ଅର୍ଜିତ ପୁଣ୍ୟରୁ ବଞ୍ଚିତ ହେବା ଉଚିତ ନୁହେଁ।' ପ୍ରଭୁ ଶ୍ରୀରାମଙ୍କ ଆଶ୍ୱାସନା ଭରା ପ୍ରତିଶ୍ରୁତି ଥିଲା, 'ମାତା! କଳିଯୁଗରେ ମୁଁ ପୁରୁଷୋତ୍ତମ କ୍ଷେତ୍ରରେ ଦାରୁବ୍ରହ୍ମ ରୂପେ ଆରାଧିତ ହେବି। ସେତେବେଳେ କୁକୁରମାନେ ମୋର ପ୍ରାସାଦ, ପରିସର ଓ ପ୍ରସାଦକୁ ଅଶୁଦ୍ଧ କରି ଦେବାର ଆଶଙ୍କା ଉପୁଜିବ। ସେତେବେଳେ ଆପଣ ପରିସରରେ 'ଶ୍ୱାନ ଭୈରବୀ' ରୂପେ ଆରାଧିତା ହୋଇ କୁକୁରମାନଙ୍କଠାରୁ ମୋ ପ୍ରାସାଦ, ପରିସର ଓ ପ୍ରସାଦର ଶୁଦ୍ଧତା ରକ୍ଷା କରିବେ ଏବଂ ପରିସର ଓ ମନ୍ଦିରର ଯାବତୀୟ ଅପବିତ୍ରତା ବିଷୟରେ ସୂଚିତ କରିବେ।' ତେଣୁ ସରମା ବଡ଼ଦେଉଳରେ 'ସରମା ଭୈରବୀ', 'ଶ୍ୱାନ ଭୈରବୀ' ବା 'କୁତାମ ଚଣ୍ଡୀ' ରୂପେ ଆରାଧିତା ହେଉଛନ୍ତି।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## କଟକରେ ଜାତୀୟ ପତାକା ଉତ୍ତୋଳନ କରିବେ ମୁଖ୍ୟମନ୍ତ୍ରୀ

### ୧୫ ଜିଲ୍ଲାରେ ଯୋଗଦେବେ ମନ୍ତ୍ରୀ

**ଭୁବନେଶ୍ୱର,୨୧।୧(ସମିସ):** ଆସନ୍ତା ୨୬ ତାରିଖ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ପରେଡ୍‌ରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଅଭିବାଦନ ଗ୍ରହଣ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକରେ ଜାତୀୟ ପତାକା ଉତ୍ତୋଳନ କରିବେ। ସେହିପରି ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ପୁରୀ ଏବଂ ପ୍ରଭାତୀ ପରିଡ଼ା ଖୋର୍ଦ୍ଧାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ଜାତୀୟ ପତାକା ଉତ୍ତୋଳନ କରିବେ। ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ସୁନ୍ଦରଗଡ଼ରେ ପତାକା ଉତ୍ତୋଳନ କରିବାକୁ ଥିବା ବେଳେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୁବର୍ଣ୍ଣପୁର, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କୋରାପୁଟ, ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜଗତସିଂହପୁର, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯାଜପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସେହିପରି ରାୟଗଡ଼ାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ , ଗଜପତିରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବାଲେଶ୍ୱରରେ ନଗର ଉନ୍ନୟନ ମନ୍ତ୍ରୀ ଡ଼ା କୃଷ୍ଣଚନ୍ଦ୍ର ମହାପାତ୍ର, କେନ୍ଦୁଝରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଷ ରାମସିଂଖୁଣ୍ଟିଆ, ନୂଆପଡ଼ାରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଢେଙ୍କାନାଳରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମାଲକାନଗିରିରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଏବଂ ନୟାଗଡ଼ରେ ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କରିବେ। ଅପରପକ୍ଷେ କେନ୍ଦ୍ରାପଡ଼ା, ବ୍ରହ୍ମପୁର ଓ ରାଉରକେଲାରେ ଆରଡିସି ଏବଂ ଅବଶିଷ୍ଟ ଜିଲ୍ଲାରେ ଆୟୋଜିତ ସମାରୋହରେ ଜିଲ୍ଲାପାଳମାନେ ପତାକା ଉତ୍ତୋଳନ କରିବେ।

## ୨୦୨୪-୨୫ ପାଇଁ ଶିକ୍ଷକ ବଦଳି ପୋର୍ଟାଲ୍ କେବେ ଖୋଲିବ?

**ଭୁବନେଶ୍ୱର, ୨୧।୧(ସମିସ):** ଠିକ୍ ସମୟରେ ଖୋଲୁନି ଶିକ୍ଷକ ବଦଳି ପୋର୍ଟାଲ୍। ଆଉ ମାତ୍ର ଦୁଇମାସ ପରେ ୨୦୨୫-୨୬ ଶିକ୍ଷାବର୍ଷ ଆରମ୍ଭ ହେବ, ହେଲେ ୨୦୨୩-୨୪ ଶିକ୍ଷାବର୍ଷର ବଦଳି ପ୍ରକ୍ରିୟା ଏବେଯାଏଁ ସରିନାହିଁ। ତାହାଲେ ଚଳିତ ୨୦୨୪-୨୫ ଶିକ୍ଷାବର୍ଷର ବଦଳି ପ୍ରକ୍ରିୟା କେବେ ଆରମ୍ଭ ହେବ ବୋଲି ପ୍ରଶ୍ନ ଉଠିଛି। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଥିଲେ ମଧ୍ୟ ଘରଠାରୁ ବହୁ ଦୂରରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନେ ନାଚାର ହେଉଛନ୍ତି। ପ୍ରତି ବର୍ଷ ଫେବୃଆରୀ ମାସରେ ଶିକ୍ଷକ ବଦଳି ପୋର୍ଟାଲ୍ ଖୋଲିବା ସହ ସମସ୍ତ ପ୍ରକ୍ରିୟା ଜୁନ ମାସ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ରହିଛି। ହେଲେ ପ୍ରତି ବର୍ଷ ଏହାକୁ ବିଳମ୍ବ କରାଯାଉଛି। ୨୦୨୨ରେ ଜୁନ ମାସରେ ପୋର୍ଟାଲ୍ ଖୋଲିଥିଲା। ୨୦୨୩ ରେ ଏହାକୁ ଅଧିକ ବିଳମ୍ବ କରାଯାଇ ନଭେମ୍ବର ମାସରେ ପୋର୍ଟାଲ୍ ଖୋଲାଯାଇଥିଲା। ଏହି ପ୍ରକ୍ରିୟା ଏପର୍ଯ୍ୟନ୍ତ ସରିନାହିଁ। ପର୍ଯ୍ୟାୟ କ୍ରମେ ଏହା ମାତ୍ରାଧିକ ବିଳମ୍ବ ହେବାରୁ ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ କେବେ ପୋର୍ଟାଲ୍ ଏବେଯାଏଁ ଖୋଲି ପାରିନି। ତୁରନ୍ତ ବଦଳି ପୋର୍ଟାଲ୍ ଖୋଲିବାକୁ ସୋମବାର ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସଭାପତି ପ୍ରଦୀପ ପ୍ରଧାନ କହିଛନ୍ତି, ବହୁ ଶିକ୍ଷକ ଘର ଠାରୁ ବହୁ ଦୂରରେ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ବାପା ମା ଅସୁସ୍ଥ ଥିଲେ ମଧ୍ୟ ଚିକିତ୍ସା ଓ ସେବା କରି ନ ପାରି ମାନସିକ ଯନ୍ତ୍ରଣା ମଧ୍ୟରେ ରହୁଛନ୍ତି। ଅସୁସ୍ଥ ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ବଦଳି ପାଇଁ ଆବେଦନ କରି ପାରୁନାହାନ୍ତି। ଏପରିକି ଚିକିତ୍ସା ଅଭାବରୁ ଦେହାନ୍ତ ହେବା ଶିକ୍ଷକ ସମାଜକୁ ସ୍ତବ୍ଧ କରିଛି। ଏଣୁ ତୁରନ୍ତ ବଦଳି ପୋର୍ଟାଲ୍ ଖୋଲିବାକୁ ସେ ଦାବି କରିଛନ୍ତି।

**ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଏନ୍‌ପିଏସ୍ ଶିକ୍ଷକ ସଂଘ**

■ **ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

## ଏସ୍‌ସି-ଏସ୍‌ଟି ଆଇନ ଅନ୍ତର୍ଗତ ମାମଲାରେ ଅଭିଯୁକ୍ତଙ୍କୁ ବ୍ୟକ୍ତିଗତ ହାଜିରାରୁ ମୁକ୍ତ କରାଯାଇପାରିବ

**କଟକ, ୨୧।୧(ସମିସ):** ଅନୁସୂଚିତ ଜାତି ଓ ଜନଜାତି (ଅତ୍ୟାଚାର ନିବାରଣ) ଅଧିନିୟମ ଅନୁଯାୟୀ ହୋଇଥିବା ଅପରାଧର ଅଭିଯୁକ୍ତଙ୍କୁ ବ୍ୟକ୍ତିଗତ ହାଜିରାରୁ ମୁକ୍ତ କରାଯାଇପାରିବ। ଏହାକୁ ବାରଣ କରିବାକୁ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ସିଆରପିସିର ଧାରା-୨୦୫ ଅନୁଯାୟୀ ଅଭିଯୁକ୍ତଙ୍କ ପାଇଁ ଏଭଳି ବ୍ୟବସ୍ଥା ରହିଛି। ବ୍ୟକ୍ତିଗତ ହାଜିରାରୁ ମୁକ୍ତ ହେବାକୁ ଚାହୁଁଥିବା ଆବେଦନକାରୀଙ୍କ ଆବେଦନକୁ ନିମ୍ନ ଅଦାଲତଙ୍କ ଖାରଜ ଆଦେଶ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିବା ସହ ଏଭଳି ଆଦେଶକୁ ରଦ୍ଦ କରିଦେଇଛନ୍ତି। ଅନୁପ ଘୋଷ ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏସ୍‌ସି ଓ ଏସ୍‌ଟି ଆଇନ ଅନୁଯାୟୀ ଅପରାଧ ସହ ଜଡ଼ିତ ମାମଲାରେ ଅଭିଯୁକ୍ତଙ୍କୁ ହାଜିରାରୁ ମୁକ୍ତ କରିବା ପାଇଁ ନିମ୍ନ ଅଦାଲତଙ୍କ ମଧ୍ୟ କ୍ଷମତା ରହିଛି। ସେହିପରି ଆବେଦନକାରୀ ଅଭିଯୁକ୍ତମାନେ ବିଜୁଳି ବିତରଣ କମ୍ପାନୀର କର୍ମଚାରୀ ଭାବରେ କାର୍ଯ୍ୟ କରୁଥିବା ହେତୁ ସେମାନଙ୍କ ନିୟମିତ ବ୍ୟକ୍ତିଗତ ହାଜିରା ଦ୍ୱାରା ବିଜୁଳି ସେବା ପ୍ରଦାନରେ ବିଭ୍ରାଟ ସୃଷ୍ଟି ହେବ ବୋଲି ହାଇକୋର୍ଟ କହିଛନ୍ତି।

ପ୍ରକାଶଥାଉକି ଆବେଦନକାରୀମାନଙ୍କ ବିରୋଧରେ ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିବାରଣ ଅଧିନିୟମ ଅନୁଯାୟୀ ଏକ ଅପରାଧ ଅଭିଯୋଗ ହୋଇଥିଲା। ସେମାନେ ବିଦ୍ୟୁତ୍ ବିତରଣ କମ୍ପାନୀର କର୍ମଚାରୀ ହୋଇଥିବାରୁ କୋର୍ଟରେ ନିୟମିତ ବ୍ୟକ୍ତିଗତ ହାଜିରାରୁ ମୁକ୍ତ କରିବାକୁ ବାଲେଶ୍ୱର ସ୍ୱତନ୍ତ୍ର ଏସ୍‌ସି-ଏସଟି ଅଦାଲତରେ ଆବେଦନ କରିଥିଲେ। ତେବେ ଏହାକୁ ସମ୍ପୃକ୍ତ ଅଦାଲତ ଖାରଜ କରିଦେବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ଅସ୍ତରଙ୍ଗରେ ପ୍ରସ୍ତାବିତ ବନ୍ଦର ପାଇଁ ଜନଶୁଣାଣି**

## 'ମରିବୁ ପଛେ; ବନ୍ଦର କରାଇଦେବୁନି'

**ଅସ୍ତରଙ୍ଗ, ୨୧।୧(ସମିସ):** ଅସ୍ତରଙ୍ଗଠାରେ ପ୍ରସ୍ତାବିତ ବନ୍ଦର ପାଇଁ ମଙ୍ଗଳବାର ଛୁରିଆନା ପଞ୍ଚାୟତ ପୀର ଜାହାନିଆ ବେଳାଭୂମି ନିକଟରେ ହୋଇଥିବା ଜନଶୁଣାଣି ହୋ-ହଲ୍ଲା ଓ ତୀବ୍ର ବିରୋଧ ମଧ୍ୟରେ ଶେଷ ହୋଇଛି। ଜନଶୁଣାଣିରେ ଯୋଗ ଦେଇଥିବା ଛୁରିଆନା, ଶିଶୁଅ, ନୂଆଗଡ଼, ଅସ୍ତରଙ୍ଗ ଭଳି ଉପକୂଳ ପଞ୍ଚାୟତର ପ୍ରାୟ ୧୫ ହଜାର ଲୋକ ଏହି ପ୍ରସ୍ତାବିତ ବନ୍ଦର ପ୍ରକଳ୍ପକୁ ତୀବ୍ର ବିରୋଧ କରିଛନ୍ତି।




ଅଞ୍ଚଳବାସୀଙ୍କ କହିବା କଥା, ଧାନ, ପାନ, ମୀନ ଚାଷକୁ ନେଇ ଅସ୍ତରଙ୍ଗ ପ୍ରସିଦ୍ଧ। ଏଠାକାର ବାସିନ୍ଦା ନଦୀ ଓ ସମୁଦ୍ରରୁ ମାଛ ଧରି ନିଜ ପରିବାର ପୋଷଣ କରନ୍ତି। ଏହାସହ, ପ୍ରକୃତିର ବରଦାନ ସଦୃଶ ଏଠାକାର ଲୁଣା ଜଙ୍ଗଲ ପ୍ରାକୃତିକ ଦୁର୍ବିପାକରୁ ଲୋକଙ୍କୁ ସୁରକ୍ଷା ଦେଇ ଆସୁଛି। ଖାଲି ସେତିକି ନୁହେଁ; ବିରଳ ଅଲିଭ-ରିଡଲେ କଇଁଛ ଏହି ଅଞ୍ଚଳକୁ ଅଣ୍ଡା ଦେବା ପାଇଁ ବହୁଳ ମାତ୍ରାରେ ଆସୁଛନ୍ତି। ଏହାସହ ଅନେକ ବିଦେଶାଗତ ପକ୍ଷୀ, ଡଲଫିନ୍ ମଧ୍ୟ ଏହି ଅଞ୍ଚଳକୁ ଆସନ୍ତି। ଏପରି ସ୍ଥିତିରେ, ବନ୍ଦର ନିର୍ମାଣ ହେଲେ ଏଠାକାର ଜୈବବିବିଧତା ଉପରେ କୁ-ପ୍ରଭାବ ପଡ଼ିବ ବୋଲି ପରିବେଶବିତ ବିଚିତ୍ରାନନ୍ଦ ବିଶ୍ୱାଳ ମତ ପ୍ରକାଶ କରିଛନ୍ତି। ସେହିପରି ବିସ୍ଥାପିତ ପରିବାରମାନଙ୍କୁ ଚାକିରି, ଜମିହରାଙ୍କୁ ସହାୟତାର ପ୍ରଲୋଭନ ଦେଇ କମ୍ପାନୀ ଭବିଷ୍ୟତରେ ଠକିଲେ, ଅନେକ ପରିବାର ପ୍ରଭାବିତ ହେବେ ବୋଲି ବିଧାୟକ ତୁଷାରକାନ୍ତି ବେହେରା କହିଛନ୍ତି। ଯୁବ ବିଜେପି ନେତା ଦିବାକର ଛାଟୋଇ କହିଛନ୍ତି, ପ୍ରାକୃତିକ ସମ୍ବଳରେ ପରିପୂର୍ଣ୍ଣ ଅସ୍ତରଙ୍ଗ ଉପକୂଳକୁ କୌଣସି ପରିସ୍ଥିତିରେ ବି ନବଯୁଗ କମ୍ପାନୀ ହାତରେ ଟେକିଦେବୁ ନାହିଁ। ଆଗକୁ ଏହାର ତୀବ୍ର ବିରୋଧ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। କଂଗ୍ରେସ ନେତା ବିଶ୍ୱଭୂଷଣ ଦାସ ଲୋକମାନଙ୍କ ଦାବି ପାଇଁ ଲୋକଙ୍କ ସହ ଶେଷ ପର୍ଯ୍ୟନ୍ତ ରହି ଆନ୍ଦୋଳନ କରିବାକୁ ଦାବି ଉପସ୍ଥାପନ କରିଛନ୍ତି।

ସୂଚନାଯୋଗ୍ୟ, ୨୦୦୬ ମସିହା ଇଆଇଏ ବିଜ୍ଞପ୍ତି ଅନୁସାରେ, ଅସ୍ତରଙ୍ଗଠାରେ ପ୍ରସ୍ତାବିତ ବନ୍ଦର ପ୍ରଥମ ଶ୍ରେଣୀ ପରିସରଭୁକ୍ତ ଓ ଭାରତ ସରକାରଙ୍କ ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ତରଫରୁ ସର୍ତ୍ତ ହାସଲ କରିବା ପରେ ହାଇଦ୍ରାବାଦର ନବଯୁଗ କମ୍ପାନୀ ଏହି ପ୍ରକଳ୍ପକୁ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରଥମ ଜନଶୁଣାଣିରେ ଲୋକଙ୍କ ରାୟକୁ ନେଇ ପ୍ରସ୍ତାବିତ ବନ୍ଦରକୁ ବିରୋଧ କରାଯିବା ପରେ ଏହା ଉପରେ ହାଇକୋର୍ଟ ରହିତାଦେଶ ଦେଇଥିଲେ। ପୁନର୍ବାର ପ୍ରସ୍ତାବିତ ଅଞ୍ଚଳରେ ଲୋକମାନଙ୍କୁ ନେଇ ଜନଶୁଣାଣି କରିବାକୁ ନିର୍ଦ୍ଦେଶ ରହିଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରିପ୍ରେକ୍ଷୀରେ ଆଜି ପୁଣିଥରେ ଜନଶୁଣାଣି ହୋଇଥିଲା। ଜନଶୁଣାଣିରେ ଉପସ୍ଥିତ ଅତିରିକ୍ତ ଜିଲ୍ଲାପାଳ ଏହି ସବୁ ତଥ୍ୟ ସରକାରଙ୍କୁ ପଠାଇବା ପରେ ତଦନୁଯାୟୀ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି।

## ବାର୍‌ହା ଫାଶରେ ଜୀବନ୍ତ ଜଳିଗଲେ ଦମ୍ପତି

**ନନ୍ଦପୁର,୨୧।୧(ସମିସ):** ଜାଳେଣି ସଂଗ୍ରହ ପାଇଁ ଜଙ୍ଗଲକୁ ଯାଇଥିବା ଏକ ଦମ୍ପତି ବାର୍‌ହା ଫାଶରେ ପଡ଼ି ଜୀଅନ୍ତା ଜଳିଯିବା ଘଟଣା ଆଜି ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତକଦ୍ୱୟ ହେଲେ, ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଗେରୁପୁଟ ଗାଁର ବଳରାମ ଗାଲେଲ ଓ ତାଙ୍କ ପତ୍ନୀ ବଲା ଗାଲେଲ। ସୋମବାର ରାତିରେ ଏହି ହୃଦୟ ବିଦାରକ ଘଟଣା ଘଟିଛି। ସୂଚନାନୁଯାୟୀ, ବଳରାମ ଓ ବଲା ଗତକାଲି ନିକଟସ୍ଥ ଜଙ୍ଗଲକୁ ଜାଳେଣି କାଠ ଆଣିବାକୁ ଯାଇଥିଲେ। କିନ୍ତୁ ସେଠାରେ ମୃତ୍ୟୁ ଯେ ଦୁହିଁଙ୍କୁ ଛକି ବସିଥିଲା, ତାହା ସେମାନେ ଜାଣିପାରିନଥିଲେ। ଜାଳେଣି ସଂଗ୍ରହ କରୁକରୁ ସେଠାରେ ପୂର୍ବରୁ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ଏକ ୧୧ କେଭି ବିଦ୍ୟୁତ୍ ଫାଶରେ ଦୁହେଁ ଛନ୍ଦି ହୋଇଯାଇଥିଲେ। ବିଦ୍ୟୁତ୍ ସଂସ୍ପର୍ଶରେ ଆସିବା କ୍ଷଣି ଘଟଣାସ୍ଥଳରେ ଉଭୟ ଜଳିଯାଇଥିଲେ। ଫଳରେ ସେହିଠାରେ ହିଁ ସେମାନଙ୍କର ମୃତ୍ୟୁ ହୋଇଥିଲା। ମଧ୍ୟରାତ୍ରରେ ପୁଲିସ୍ ଖବର ପାଇ ମୃତ ଦମ୍ପତିଙ୍କୁ ଉଦ୍ଧାର କରି ମେଡ଼ିକାଲକୁ ଆଣିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଆଜି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଆଜି ସକାଳେ ପରିବାରଲୋକଙ୍କ ସହ ମିଶି ଗ୍ରାମବାସୀ କ୍ଷତିପୂରଣ ଦାବିରେ ନନ୍ଦପୁର ଥାନା ସମ୍ମୁଖରେ ବିକ୍ଷୋଭ କରିଥିଲେ।

## ୬୩ ହଜାର ସ୍କୁଲ୍‌ରେ ଖୋଲିବ ଶିଶୁ ବାଟିକା

**ଭୁବନେଶ୍ୱର, ୨୧।୧(ସମିସ):** ରାଜ୍ୟର ଗଣଶିକ୍ଷା ବିଭାଗରେ ଜାତୀୟ ଶିକ୍ଷା ନୀତି ଲାଗୁ ହେବାପରେ ପ୍ରଥମ ଥର ପାଇଁ ଶିଶୁ ବାଟିକାରେ ନାମଲେଖା ଆରମ୍ଭ ହେବ। ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଇ ଶିଶୁ ବାଟିକା ୧, ୨ ଓ ୩ ରେ ପିଲାମାନଙ୍କୁ ମୌଳିକ ଓ ସଂଖ୍ୟା ଜ୍ଞାନ ଶିକ୍ଷା ଦିଆଯିବ। ଆସନ୍ତା ଏପ୍ରିଲ୍ ମାସରୁ ୫ ବର୍ଷ ବୟସ୍କ ପିଲାଙ୍କ ନାମଲେଖା ଶିଶୁ ବାଟିକା-୩ ରେ ଆରମ୍ଭ କରିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏପରିକି ଏଥିରେ ନାମଲେଖା ପାଇଁ ଏକ ତିଥି ଧାର୍ଯ୍ୟ କରିବାକୁ ସେ କହିଛନ୍ତି। ସେହି ତିଥିରେ ରାଜ୍ୟର ସମସ୍ତ ୬୩ ହଜାର ବିଦ୍ୟାଳୟରେ ଏକା ସାଙ୍ଗରେ ଆରମ୍ଭ କରି ଏକ ଉତ୍ସବ ଆୟୋଜନ କରାଯିବ। ପ୍ରତି ବିଦ୍ୟାଳୟକୁ ଅତି କମ୍‌ରେ ଜଣେ ଶିକ୍ଷାବିତ୍ ବା ଗଣ୍ୟମାନ୍ୟ ବ୍ୟକ୍ତି ଯାଇ ଏହାକୁ ଆରମ୍ଭ କରିବେ। ଶିକ୍ଷା କ୍ଷେତ୍ରରେ ନୂତନ ଜାଗରଣ ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ଡ୍ରପ୍ ଆଉଟ୍ ରୋକିବାକୁ ମଧ୍ୟ ସେ ଏକ ପ୍ରସ୍ତାବ ଦେଇଛନ୍ତି। ମେ କିମ୍ବା ଜୁନ୍ ମାସରେ ରାଜ୍ୟର ପ୍ରତିଟି ଗାଁକୁ ଯାଇ ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ଚିହ୍ନଟ କରିବାକୁ ସେ କହିଛନ୍ତି। ସେମାନଙ୍କୁ ବିଦ୍ୟାଳୟ ଶିକ୍ଷାକୁ ଫେରାଇ ଆଣିବା ପାଇଁ ଅଭିଭାବକଙ୍କୁ କାଉନ୍‌ସେଲିଂ କରିବା ସହ ସଚେତନ କରାଯିବ। ଶିଶୁ ବାଟିକା -୧ରୁ ଦ୍ୱାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ ହେଲା ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ନିରନ୍ତର ଶିକ୍ଷାଦାନ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଫଳରେ ଦେଶ ଓ ରାଜ୍ୟର ମାନବ ସମ୍ବଳ ସୁଦୃଢ଼ ଓ ଶିକ୍ଷିତ ହୋଇପାରିବ। ଉନ୍ନତ ସମାଜ ନିର୍ମାଣ କରିବାକୁ ଏକ ନୂତନ ଆରମ୍ଭ କରିବା ପାଇଁ ସଂକଳ୍ପ ନେବାକୁ ସେ ଆହ୍ୱାନ ଦେଇଛନ୍ତି।

**ଏପ୍ରିଲ୍‌ରୁ ଆରମ୍ଭ ହେବ ନାମଲେଖା**

## ଜମିବାଡ଼ି ବିବାଦରୁ ଗଡ଼ିଲା ମୁଣ୍ଡ

**ସୋରଡ଼ା,୨୧।୧(ସମିସ):** ଗଞ୍ଜାମ ବଡ଼ଗଡ଼ ଥାନା ଅଞ୍ଚଳରେ ଜମିବାଡ଼ିକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମୃତକ ହେଲେ ଲେମ୍ବାକୁମ୍ପା ଗାଁର କାର୍ତ୍ତିକା ସ୍ୱାଇଁ। ମଙ୍ଗଳବାର ଓରା ଗାଁ ନିକଟ ମଇଁଷିଆଟାପ ଜଙ୍ଗଲରୁ କାର୍ତ୍ତିକାଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରାଯାଇଥିଲା। ତେବେ ତାଙ୍କୁ କେହି ହତ୍ୟା କରିଥିବା ନେଇ ପରିବାରଲୋକେ ଅଭିଯୋଗ କରିଛନ୍ତି। ପରିବାରଲୋକଙ୍କ କହିବାନୁଯାୟୀ କାର୍ତ୍ତିକା କିଛିଦିନ ତଳେ ନିକଟସ୍ଥ ଘାଇ ନିକଟରେ ଥିବା ଗ୍ରାମବାସୀଙ୍କ ସହ ଜମିବାଡ଼ି ଅକ୍ତିଆର ନେଇ ଯୁକ୍ତି ତର୍କ ହୋଇ କଥା କଟାକଟି ହୋଇଥିଲା। ମଙ୍ଗଳବାର ସକାଳୁ କିଛି ଜାଳେଣି କାଠ ଆଣିବା ପାଇଁ ଜଙ୍ଗଲକୁ ଯାଇ ଆଉ ଘରକୁ ଫେରି ନଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ବିଳମ୍ବରେ ବହୁତ ଖୋଜାଖୋଜି ପରେ ନିଜ ବୋହୂ ଜଙ୍ଗଲ ନିକଟରେ ମୃତଦେହ ଠାବ କରିଥିଲେ। ଶରୀରର ଅନେକ ସ୍ଥାନରେ କ୍ଷତ ଚିହ୍ନ ଥିବା ଦେଖି କେହି ହତ୍ୟା କରିଥିବା ସନ୍ଦେହ କରି ବଡ଼ଗଡ଼ ପୁଲିସକୁ ଖବର ଦେଇଥିଲେ। ଏବଂ ବଡଗଡ଼ ଥାନାଧିକାରୀ ସନ୍ତୋଷ କୁମାର ବେହେରା ସଦଳବଳେ ପହଞ୍ଚି ଘଟଣାର ପାରିପାର୍ଶ୍ୱିକ ସ୍ଥିତି ଓ ଆନୁସଙ୍ଗିକ ସ୍ଥିତି ନେଇ ତଦନ୍ତ କରୁଛନ୍ତି।



ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି ନୂଆଦିଲ୍ଲୀଠାରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ଭେଟୁଛନ୍ତି

## ଜବତ ନିଶାଦ୍ରବ୍ୟ ପରିବହନ ଗାଡ଼ି ଫେରସ୍ତରେ ପ୍ରତିବନ୍ଧକ ନାହିଁ: ହାଇକୋର୍ଟ

**କଟକ, ୨୧।୧(ସମିସ):** ଏନ୍‌ଡିପିଏସ୍ ଅଧିନିୟମ ଅନୁସାରେ ରୁଜୁ ଅପରାଧିକ ମାମଲା ବିଚାରାଧୀନ ଥିବା ବେଳେ ଜବତ ହୋଇଥିବା ଗାଡି ମଧ୍ୟବର୍ତ୍ତୀକାଳୀନ ଫେରସ୍ତରେ ପ୍ରତିବନ୍ଧକ ନାହିଁ। ଏନ୍‌ଡିପିଏସ ଅଧିନିୟମରେ ମଧ୍ୟ ଏଭଳି କିଛି ପ୍ରତିବନ୍ଧକ ନଥିବା ବେଳେ ଅଦାଲତ ଚାହିଁଲେ ଜବତ ଗାଡି ଫେରସ୍ତ ପାଇଁ ନିର୍ଦ୍ଦେଶ ଦେଇପାରିବେ ବୋଲି ହାଇକୋର୍ଟ କହିଛନ୍ତି। ପ୍ରାକ୍ତନ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ରବୀନ୍ଦ୍ର କୁମାର ବେହେରା ଓ ଅନ୍ୟ ମାନଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲା ବିଚାରାଧୀନ ଥିବା ବେଳେ ଆବଶ୍ୟକ ସର୍ତ୍ତାରୋପ ପୂର୍ବକ ଜବତ ଗାଡ଼ିକୁ ନିମ୍ନ ଅଦାଲତ ଫେରସ୍ତ ପାଇଁ ନିର୍ଦ୍ଦେଶ ପ୍ରଦାନ କରିପାରିବେ ବୋଲି କହିଛନ୍ତି ଖଣ୍ଡପୀଠ। ବିଶେଷକରି ମାମଲା ଫଇସଲା ପର୍ଯ୍ୟନ୍ତ ଜବତ ଗାଡି ଗୁଡିକ ପୁଲିସ ହେପାଜତରେ ରହିଲେ କୌଣସି ଉଦ୍ଦେଶ୍ୟ ସାଧନ ହେବ ନାହିଁ। ବରଂ ରକ୍ଷଣାବେକ୍ଷଣ ଅଭାବରୁ ଏହାର ମୂଲ୍ୟ ହ୍ରାସ ହେବ। ଏଣୁ ଆବେଦନକାରୀଙ୍କୁ ସେମାନଙ୍କ ଗାଡ଼ି ଫେରସ୍ତ କରାଯିବ। ତେବେ ଏହି ଗାଡିକୁ କାହାରିକୁ ବିକ୍ରି କରାଯିବ ନାହିଁ। ସେହିଭଳି ନିର୍ଦ୍ଦେଶ ମିଳିଲେ ଗାଡିକୁ ଏକ ସପ୍ତାହ ମଧ୍ୟରେ ପୁଣି ଦାଖଲ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି।

## ବିଶିଷ୍ଟ ଶିକ୍ଷାବିତ୍ ଚିନ୍ତାମଣି ଗୁରୁଜୀଙ୍କ ଶ୍ରାଦ୍ଧୋତ୍ସବ ପାଳନ



**ମାର୍ଶାଘାଇ, ୨୧।୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅଙ୍ଗୁଳାଇ ଗ୍ରାମପଞ୍ଚାୟତସ୍ଥିତ ମଧୁସାଗର ବିଦ୍ୟାପୀଠରେ ପ୍ରତିଷ୍ଠାତା ବିଶିଷ୍ଟ ଗାନ୍ଧୀବାଦୀ ଶିକ୍ଷାବିତ୍ ଚିନ୍ତାମଣି ଗୁରୁଜୀଙ୍କର ୩୮ ତମ ଶ୍ରାଦ୍ଧୋତ୍ସବ ଆଜି ମଧୁସାଗର ବିଦ୍ୟାପୀଠ ପରିସରରେ ମଧୁସାଗର ଟ୍ରଷ୍ଟ ବୋର୍ଡ ଦ୍ୱାରା ପାଳିତ ହୋଇଯାଇଛି। ଏହି ଶ୍ରାଦ୍ଧୋତ୍ସବ ଅବସରରେ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ସ୍ମୃତିସଭାର ଆୟୋଜନ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥିଙ୍କ ମଧ୍ୟରେ ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ତଥା ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସତ୍ୟବ୍ରତ ରାଉତ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶିକା ଶୁଚିସ୍ମିତା ମନ୍ତ୍ରୀ ଏବଂ ମଧୁସାଗର ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ତୁଳସୀ ମଞ୍ଜରୀ ମନ୍ତ୍ରୀ, ଗୁରୁଜୀଙ୍କର କନ୍ୟା ଏବଂ ଜାମାତା ପୂର୍ବତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁରେଶ ଚନ୍ଦ୍ର ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପରଲୋକରେ ଶିବରାମ ମହାପାତ୍ର




**ବ୍ରହ୍ମପୁର,୨୧।୧(ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ)ର ପ୍ରାନ୍ତୀୟ ସ୍ତରୀୟ ଉଚ୍ଚପଦସ୍ଥ ଅଧିକାରୀ ତଥା ସୁଲେଖକ, ସଂଗଠକ ଶିବରାମ ମହାପାତ୍ରଙ୍କ ବିୟୋଗ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୭ବର୍ଷ ବୟସ ହୋଇଥିଲା। ସ୍ୱର୍ଗତଃ ପାତ୍ର ଜଣେ ଅମାୟିକ ଓ ପରୋପକାରୀ ବ୍ୟକ୍ତିତ୍ୱ ଥିଲେ। ସେ ପୂର୍ବରୁ ଆରଏସଏସର ପ୍ରାନ୍ତ ସଂଘ ଚାଳକ ମଧ୍ୟ ଥିଲେ। ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରାଣ ପ୍ରତିଷ୍ଠା କହିଲେ ଅତ୍ୟୁକ୍ତି ହେବ ନାହିଁ। ଜୀବନତମାମ ସେ ବେଦ ଭବନ ଓ ସଂଘ ଲାଗି ସମର୍ପିତ ଥିଲେ। ଆରଏସଏର ମୁଖପତ୍ର ରାଷ୍ଟ୍ରଦୀପର ଶାଖା ପତ୍ର ବାର୍ତ୍ତ ବିଳାସର ସେ ନିୟମିତ ଲେଖକ ଥିଲେ। ସମାଜ ଲାଗି ଚିନ୍ତା କରୁଥିବା ଅନନ୍ୟ ବ୍ୟକ୍ତିତ୍ୱ ଥିଲେ ଶ୍ରୀ ମହାପାତ୍ର। ତାଙ୍କ ବିୟୋଗରେ ବ୍ରହ୍ମପୁର ସହରର ଚାରିଆଡ଼େ ଶୋକର ଛାୟା ଖେଳିଯାଇଛି।

**ଶ୍ରୀମନ୍ଦିରରେ ପ୍ରସ୍ତାବିତ ଧାଡ଼ି ଦର୍ଶନ**

## ମନ୍ତ୍ରୀଙ୍କୁ ଭାଣ୍ଡିଆ କରୁଛି କିଏ?

**ପୁରୀ, ୨୧।୧ (ସମିସ):** ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥା ବିଗିଡ଼ି ଯାଇଛି। ଏହାକୁ ଶୃଙ୍ଖଳିତ କରିବା ଲାଗି ୭ମାସରୁ ଊର୍ଦ୍ଧ୍ୱ ହେବ କସରତ ଚାଲିଛି। ଏଯାଏ ସଫଳତା ମିଳିନଥିବା ବେଳେ ବଡ଼ଦେଉଳରେ ଧାଡ଼ି ଦର୍ଶନ ଆରମ୍ଭ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ହେଲେ, କେବେଠାରୁ ଏହି ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ ହେବ, ତାହା ସ୍ଥିର ହୋଇପାରୁନି। ଆଇନ ମନ୍ତ୍ରୀ ଗୋଟିଏ ପରେ ଗୋଟିଏ ତାରିଖ ଦେଉଥିବା ବେଳେ ତାହା ଘୁଞ୍ଚିଘୁଞ୍ଚି ଯାଉଛି। ତେଣୁ ଏପରି ସ୍ଥିତିରେ ମନ୍ତ୍ରୀଙ୍କ ମୁହଁରେ ଏକାଧିକଥର ତାରିଖ ବଦଳାଇ ତାଙ୍କୁ କିଏ ଭାଣ୍ଡିଆ କରୁଛି ବୋଲି ପ୍ରଶ୍ନ ଉଠିଲାଣି। ଶ୍ରୀମନ୍ଦିର ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଆଇନ ମନ୍ତ୍ରୀ ଏମିତି କାହିଁକି ତରବରିଆ ବିବୃତ୍ତି ରଖୁଛନ୍ତି? ମନ୍ତ୍ରୀଙ୍କୁ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରିବା ନେଇ ସ୍ପଷ୍ଟ ସୂଚନା ଦିଆଯାଉନାହିଁ ନା ତାଙ୍କୁ ଅନ୍ଧାରରେ ରଖାଯାଇ ଭାଣ୍ଡିଆ କରିବାକୁ କିଏ ବିଧିବଦ୍ଧ ଷଡ଼ଯନ୍ତ୍ର କରୁଛନ୍ତି? ଅପରପକ୍ଷେ, ବାରମ୍ବାର ତାରିଖ ବଦଳୁଥିବାରୁ ଭକ୍ତ ବି ଦ୍ୱନ୍ଦ୍ୱରେ ପଡ଼ୁଛନ୍ତି।

ଶ୍ରୀମନ୍ଦିରରେ ଦର୍ଶନ ଶୃଙ୍ଖଳା ଆଣିବା ଲାଗି ଧାଡ଼ି ଦର୍ଶନ କରିବା ଲାଗି ହୋଇଛି ନିଷ୍ପତ୍ତି। ଏଥିରେ ନାଟମଣ୍ଡପରେ କାଠର ରାମ୍ପ ପକାଯିବାର ପ୍ରସ୍ତାବ ରହିଛି। ଏଥିପାଇଁ ସ୍ୱତନ୍ତ୍ର ଭାବେ ବେଙ୍ଗାଲୁରୁରୁ କାଠ ଅଣାଯାଇ ଭୁବନେଶ୍ୱରରେ ରାମ୍ପ ସଂଲଗ୍ନ ବ୍ୟାରିକେଡ୍ ତିଆରି କରାଯାଉଛି। ତେବେ ଏହାକୁ କିପରି ବ୍ୟବସ୍ଥିତ କରାଯିବ, ସେନେଇ ଏକାଧିକ ବୈଠକ ଅନୁଷ୍ଠିତ ହୋଇଛି।



ଗତ ଡିସେମ୍ବର ୨୩ରେ ମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଥିଲେ, ଡିସେମ୍ବର ୨୮ କିମ୍ବା ୨୯ ରେ ପରୀକ୍ଷାମୂଳକ ଭାବେ ଅର୍ଥାତ୍ ଧାଡ଼ି ଦର୍ଶନ ବ୍ୟବସ୍ଥାର ଟ୍ରାଏଲ ରନ୍ କରାଯିବାକୁ ଲକ୍ଷ୍ୟ ରହିଛି। ଡିସେମ୍ବର ୩୧ ଓ ଜାନୁୟାରୀ ୧ ତାରିଖରେ ମନ୍ଦିରରେ ପ୍ରବଳ ଭିଡ଼ ହେବ। ତେଣୁ ଏହା ବିଧିବଦ୍ଧ ଭାବେ କେବେଠାରୁ କାର୍ଯ୍ୟକାରୀ କରାଯିବ ତାହା ଶୀଘ୍ର ଚୂଡ଼ାନ୍ତ ହେବ। ପରେପରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ଡିସେମ୍ବର ୨୮ରେ ଧାଡ଼ି ଦର୍ଶନ ପାଇଁ ଟ୍ରାଏଲ-ରନ୍ ହେବ ନାହିଁ। ଗଙ୍ଗାସ୍ନାନ ପଡ଼ୁଥିବାରୁ ଆସନ୍ତା ୨୦ ତାରିଖ ଯାଏ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ଲାଗି ରହିବ। ଏହି ଅବଧି ମଧ୍ୟରେ ଦର୍ଶନ ବ୍ୟବସ୍ଥାରେ କୌଣସି ପରୀକ୍ଷା ନିରୀକ୍ଷା କରାଯିବ ନାହିଁ। ଜାନୁଆରୀ ୨୦ରୁ ୨୨ ତାରିଖ ମଧ୍ୟରେ ଧାଡ଼ି ଦର୍ଶନ ପୂର୍ଣ୍ଣାଙ୍ଗ ଭାବେ ଲାଗୁ ହେବ। ଏହାପରେ ଗତ ୪ ତାରିଖରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଜାନୁଆରୀ ୨୦ରେ ଧାଡ଼ି ଦର୍ଶନ ବ୍ୟବସ୍ଥାର ଟ୍ରାଏଲ ରନ୍ କରାଯିବ ବୋଲି ବିବୃତ୍ତି ରଖିଥିଲେ। ଗତ ୮ତାରିଖରେ ପୁରୀ ଆସିଥିବା ବେଳେ ଆଇନ ମନ୍ତ୍ରୀ ଆଉ ଟ୍ରାଏଲ-ରନ୍ ନ ହୋଇ ସିଧାସଳଖ ଜାନୁଆରୀ ୨୦ରୁ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ପୁନଶ୍ଚ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଥିଲେ ଯେ ନାଟମଣ୍ଡପରୁ ଏ ପର୍ଯ୍ୟନ୍ତ ହୁଣ୍ଡି ସ୍ଥାନାନ୍ତର ହୋଇନାହିଁ। ହୁଣ୍ଡି ସ୍ଥାନାନ୍ତର କରିବାକୁ ହେଲେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଦରକାର। ଅନୁମୋଦନକୁ ଅପେକ୍ଷା କରିଛୁ। ଧାଡ଼ି ଦର୍ଶନର ଟ୍ରାଏଲ ରନ୍ ନେଇ ନିର୍ଦ୍ଦିଷ୍ଟ ତାରିଖ ବା ବାର କହିହେବ ନାହିଁ। ହୁଣ୍ଡି ସ୍ଥାନାନ୍ତର ନେଇ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

ଏଭଳି ସ୍ଥିତିରେ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗତ ୧୭ ତାରିଖରେ ପୁଣି ତାଙ୍କ ବିବୃତ୍ତି ବଦଳାଇଥିଲେ। ଫେବ୍ରୁୟାରୀ ୧ରୁ ଧାଡ଼ି ଦର୍ଶନ ପ୍ରକ୍ରିୟା ଆରମ୍ଭ ହୋଇପାରେ ବୋଲି ସୂଚନା ଦେଇଥିଲେ। ଏଠାରେ ପ୍ରଶ୍ନ ଉଠୁଛି, ଶ୍ରୀମନ୍ଦିର ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ପୁଣି ଧାଡ଼ି ଦର୍ଶନର ଏକ ନୂଆ ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଥିବା ବେଳେ ବାରମ୍ବାର ମନ୍ତ୍ରୀ କଥା ବଦଳାଉଛନ୍ତି କାହିଁକି? ବାସ୍ତବରେ କାଠର ରାମ୍ପ ନିର୍ମାଣ ବିଳମ୍ବ ହେଉଛି ନା ମନ୍ତ୍ରୀଙ୍କ ପାଖରେ ସଠିକ୍ ତଥ୍ୟ ପହଞ୍ଚୁନି? କାହା ତଥ୍ୟ ବା ସୂଚନା ଆଧାରରେ ଆଇନ ମନ୍ତ୍ରୀ ତାରିଖ ପରେ ତାରିଖ ବଦଳାଉଛନ୍ତି?

ଅନ୍ୟପକ୍ଷରେ ପ୍ରସ୍ତାବିତ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ଅନେକ ବିରୋଧ କରୁଛନ୍ତି। ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିବେ, ହେଲେ ତଳେ ଗୋଡ଼ ଲାଗିବନି, କାଠ ଉପରେ ଠିଆ ହୋଇ ଦର୍ଶନ କରିବେ? ଏମିତି ପୁଣ୍ୟ ମିଳିବ ତ ବୋଲି ମଧ୍ୟ ଚର୍ଚ୍ଚା ହେଲାଣି। ସେହିପରି ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ, ପ୍ରତିଦିନ ବହୁ ଭକ୍ତ ଦର୍ଶନରୁ ବଞ୍ଚିତ ହେବେ ବୋଲି ମଧ୍ୟ ଆଲୋଚନା ହେଉଛି। ଏହି ସବୁ ଚର୍ଚ୍ଚା, ଆଲୋଚନା ଶୁଣି ବଦ୍‌ନାମ ହେବା ଭୟରେ ଜାଣିଶୁଣି ସମୟ ଗଡ଼ାଯାଉନି ତ?

● **ଶ୍ରୀମନ୍ଦିର ଫଟୋ, ଭିଡିଓ ଭାଇରାଲ ପ୍ରସଙ୍ଗ**

## ପୋଷ୍ଟର ମାରି ଭକ୍ତଙ୍କୁ ସଚେତନ କଲା ପୁଲିସ୍

**ପୁରୀ, ୨୧।୧(ସମିସ):** ପୁରୀ ପୁଲିସ୍ ଏବଂ ଶ୍ରୀମନ୍ଦିର ପ୍ରଶାସନର ନିଦ ହଜାଇ ଦେଲାଣି ବଡ଼ଦେଉଳର ଭାଇରାଲ ଫଟୋ ଏବଂ ଭିଡିଓ। ଚଳିତ ମାସରେ ୩ଥର ଫଟୋ ଓ ଭିଡିଓ ଭାଇରାଲ ହୋଇଥିବା ବେଳେ ମନ୍ଦିର ଉପରେ ଦୁଇଥର ଉଡିଲାଣି ଡ୍ରୋନ୍। ଏହାଦ୍ୱାରା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ପଦାରେ ପଡୁଛି। ତେଣୁ, କିଭଳି ଏଥିରେ ରୋକ୍ ଲାଗିବ, ତାହାକୁ ନେଇ ଚିନ୍ତାରେ ପଡ଼ିଥିବା ପୁରୀ ପୁଲିସ ବିଭିନ୍ନ ସ୍ଥାନରେ ପୋଷ୍ଟର୍ ଲଗାଇ ଭକ୍ତଙ୍କୁ ସଚେତନ କରିବା ଆରମ୍ଭ କରିଛି।

ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ପି ବିନୀତ୍ ଅଗ୍ରୱାଲ କହିଛନ୍ତି, ଜଣେ ବ୍ୟକ୍ତି ଶ୍ରୀମନ୍ଦିରର ଭିଡ଼ିଓ ଉତ୍ତୋଳନ କରି ତାଙ୍କ ସୋସିଆଲ ମିଡ଼ିଆରେ ଛାଡିଥିବା ଜଣାପଡ଼ିଥିଲା। ଏହା ପୁଲିସ ନଜରକୁ ଆସିବା ପରେ ସଙ୍ଗେ ସଙ୍ଗେ ସିଂହଦ୍ୱାର ଥାନାରେ ମାମଲା ରୁଜୁ କରାଯାଇ ଏହାର ତଦନ୍ତ ଚାଲିଛି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ସୋମବାର ଶ୍ରୀମନ୍ଦିର ନିକଟରେ ଜଣେ ବ୍ୟକ୍ତି ଡ୍ରୋନ ଉଡାଉଥିବା ବେଳେ ତାଙ୍କ ବିରୋଧରେ କେସ୍ ହେବା ସହ ଡ୍ରୋନ ଜବତ କରାଯାଇଛି। ଭକ୍ତମାନେ ମନ୍ଦିର ଭିତରେ ମୋବାଇଲ କିମ୍ବା କ୍ୟାମେରା ବ୍ୟବହାର ନ କରିବା ଲାଗି ନିବେଦନ କରିଛନ୍ତି ଏସ୍‌ପି। ସେହିପରି ଭକ୍ତଙ୍କୁ ସଚେତନ କରିବା ଲାଗି ପୁରୀ ପୁଲିସ ପକ୍ଷରୁ ଶ୍ରୀମନ୍ଦିର ନିକଟରେ ବିଭିନ୍ନ ସ୍ଥାନରେ ପୋଷ୍ଟର ମରାଯାଇଛି।



# ଭୁବନେଶ୍ୱର ସିଟି

### ରାଜଧାନୀରେ ପ୍ଲାଷ୍ଟିକ୍‌ମୁକ୍ତ ଆଇନକୁ ଆଖିଠାର

# ଦୈନିକ ବାହାରୁଛି ୨୨୫ ଟନ୍ ପ୍ଲାଷ୍ଟିକ୍ ଆବର୍ଜନା

ଭୁବନେଶ୍ୱର, ୨୧।୧(ସମିସ): ପରିବେଶ ପ୍ରଦୂଷଣ ନ ହେବା ପାଇଁ ଅନେକ କାର୍ଯ୍ୟପନ୍ଥା ହାତକୁ ନିଆଯାଉଛି। ବେସରକାରୀ ସ୍ତରରେ ହେଉ କି ସରକାରୀ ସମସ୍ତେ ପରିବେଶକୁ ପ୍ରଦୂଷଣମୁକ୍ତ କରିବା ପାଇଁ ତତ୍ପର। କିନ୍ତୁ ଏବେ ଏହି ତତ୍ପରତା ଏକ ପ୍ରକାରର କମିଯାଇଛି। ବିଶେଷ କରି ପରିବେଶକୁ ପ୍ରଦୂଷଣମୁକ୍ତ କରିବା ପାଇଁ ସରକାରୀ ସ୍ତରରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌କୁ ସରକାର ବ୍ୟାନ୍ କରିଲେ। ପ୍ଲାଷ୍ଟିକ୍‌କୁ ନେଇ ହେଉଥିବା ପ୍ରଦୂଷଣ କିଛି ମାତ୍ରାରେ ହ୍ରାସ ପାଇବ ବୋଲି ଆଶା ରଖାଯାଇଥିଲା। କିନ୍ତୁ ଦୁଃଖର କଥା ଯେ ଏହି ପ୍ଲାଷ୍ଟିକ୍ ସମସ୍ୟା କମିବା ବଦଳରେ ଏବେ ବଢ଼ିଚାଲିଛି। ଯଦି ଦେଖାଯାଏ, ରାଜଧାନୀରୁ ପ୍ରତ୍ୟେକ ଦିନ ବାହାରୁଥିବା ୯୦୦ ଟନ୍ ଆବର୍ଜନାରୁ ପ୍ଲାଷ୍ଟିକ୍ ପାଣି ବୋତଲ କେବଳ ୨୫ ପ୍ରତିଶତ ଅର୍ଥାତ୍ ୨୨୫ ଟନ୍ ରହିଛି।

ବିଭିନ୍ନ ସ୍ଥାନରେ ବାହାଘର, ବ୍ରତଘର, ବିଭିନ୍ନ କର୍ମଶାଳା, ରାଜନୈତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେଉଛି। ଏହିସବୁ କାର୍ଯ୍ୟରେ ଲୋକମାନେ ଭୋଜି ସହ ଛୋଟ ପାଣି ବୋତଲକୁ ବ୍ୟବହାର କରୁଛନ୍ତି। ଫଳରେ ଏହିସବୁ ବୋତଲ ମାଟିରେ ପଡ଼ି ରହୁଛି, ବିଘଟନ ହେଉନାହିଁ। ଯାହାଦ୍ୱାରା ବିଭିନ୍ନ ସ୍ଥାନରେ ଆବର୍ଜନା ବଢ଼ି ନାଳ ନର୍ଦ୍ଦମାରେ ପଡ଼ିବା ପରେ ଅନେକ ପ୍ରକାରର ଅସୁବିଧା ଦେଖାଦେଇଥାଏ। ଏହି କଥାକୁ ଦୃଷ୍ଟିରେ ରଖି ଗତ କିଛିବର୍ଷ ତଳେ ୨୦୦ ଏମ୍‌ଏଲ୍ ଏକକ ବ୍ୟବହୃତ ପାଣି ବୋତଲକୁ ବ୍ୟାନ୍ କରାଯାଇଥିଲା। କିନ୍ତୁ ବିଭିନ୍ନ କମ୍ପାନୀ ଏହି ୨୦୦ ଏମ୍‌ଏଲ୍ ବୋତଲକୁ ଏବେ ୩୦୦ ଏମ୍‌ଏଲ୍ କରିଦେଇଛନ୍ତି। ଫଳରେ ସବୁଠି ଏବେ ଖୋଲାମେଲାରେ ଏହି ୩୦୦ ଏମ୍‌ଏଲ୍ ପାଣି ବୋତଲ ମିଳୁଛି। କୁହାଯାଏ ଛୋଟ ସାପର ବିଷ ଅଧିକ। ଠିକ୍ ଏହିପରି ଦିନକୁ ଦିନ ପ୍ଲାଷ୍ଟିକ୍ ସମସ୍ୟା କମିବା ବଦଳରେ ବଢ଼ିଚାଲିଛି। ବ୍ୟବସାୟୀମାନେ ଆଇନକୁ ଆଖିଠାର ମାରୁଥିବାବେଳେ ସରକାରଙ୍କ ପକ୍ଷରୁ ଏହା ଉପରେ କୌଣସି ପଦକ୍ଷେପ ନିଆଯାଉନି କି କେଉଁଠି ଧରପଗଡ଼ ହେଉନି। ଏହି ଏକକ ବ୍ୟବହୃତ ଜିନିଷ ବ୍ୟାନ୍ କେବଳ ଫାଇଲ୍ ଓ ଆଲୋଚନାରେ ରହିଯାଇଛି। ଫଳରେ ସହରର ଅନେକ ସ୍ଥାନରେ ରହିଥିବା ପାଣି ବୋତଲ କମ୍ପାନୀ ହେଉ କି ଗୋଦାମ୍ କାହା ଉପରେ କୌଣସି ପ୍ରକାରର ପଦକ୍ଷେପ ନିଆଯାଉନାହିଁ। ଯଦି ସରକାରଙ୍କ ପକ୍ଷରୁ ପାଣି ବୋତଲ ଗୋଦାମ କି କମ୍ପାନୀ ଉପରେ ଚଢ଼଼ଉ କରାଯାଇ ଅଧିକ ରକମର ଜରିମାନା ଆଦାୟ କରାଯାଆନ୍ତା; କିଛି ମାତ୍ରାରେ ଏହି ଛୋଟ ପ୍ଲାଷ୍ଟକକୁ ବନ୍ଦ କରି ହୁଅନ୍ତା ବୋଲି ପରିବେଶବିତ୍ ଓ ପ୍ରକୃତିପ୍ରେମୀ କହିଛନ୍ତି।

**ଏବେ ମାର୍କେଟରେ ପ୍ରଚୁର ମିଳୁଛି ୩୦୦ ଏମ୍‌ଏଲ୍ ପାଣି ବୋତଲ**





## ସଡ଼କ ସୁରକ୍ଷା ବାର୍ତ୍ତା ବାଣ୍ଟିଲେ ୫୦୦ ସ୍ୱେଚ୍ଛାସେବୀ

ଭୁବନେଶ୍ୱର, ୨୧।୧(ସମିସ): ସାବଧାନ ହୋଇ ଗାଡ଼ି ଚଳାଇଲେ, ଦୁର୍ଘଟଣା ପାଖ ମାଡ଼ିବ ନାହିଁ। ସୁରକ୍ଷାକୁ କଲେ ତୁମେ ନିଜର, ଦୁର୍ଘଟଣା ନିଶ୍ଚେ ହୋଇବ ଦୂର। ନିଶା ଖାଇ ଗାଡ଼ି ଚଳାନ୍ତୁ ନାହିଁ, ଦୁର୍ଘଟଣାକୁ ଡାକି ଆଣନ୍ତୁ ନାହିଁ। ମୁଣ୍ଡରେ ପିନ୍ଧନ୍ତୁ ହେଲ୍‌ମେଟ୍, ଖୋଲିବନି କେବେ ଯମର ଗେଟ୍। ଏଭଳି ଅନେକ ବାର୍ତ୍ତା ମାଧ୍ୟମରେ ଲୋକଙ୍କୁ ସଚେତନ କରିଛନ୍ତି ସ୍ୱେଚ୍ଛାସେବୀ। ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୫ଶହରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସାମିଲ୍ ହୋଇ ହାତରେ ପ୍ଲାକାର୍ଡ ଧରି ପଦଯାତ୍ରା କରିଛନ୍ତି। ନେହରୁ ଯୁବକେନ୍ଦ୍ର, ଖୋର୍ଦ୍ଧା ଶାଖା ଏବଂ ଭୁବନେଶ୍ୱର ଟ୍ରାଫିକ୍ କମିସନରେଟ୍ ପୁଲିସର ମିଳିତ ସହଯୋଗରେ ଗୋହିରିଆ ଛକ, ମଦନପୁର, କିଟ୍ ବିଶ୍ୱବିଦ୍ୟାଳୟ ଛକ, ପଟିଆ, ସିଆର୍‌ପି, ନୟାପଲ୍ଲୀ ଥାନା, ଏକାମ୍ର କାନନ ପାର୍କ, ରାଜା ମଧୁସୂଦନ ଦେବ କଲେଜ ଛକଠାରୁ କିଟ୍ ଛକ, ଉତ୍ତରା ଛକ, ବାଲକାଟି ବଜାର, ଇନ୍‌ଫୋସିଟି ଛକଠାରୁ ସାଇ ମନ୍ଦିର, ଶୈଳଶ୍ରୀ ବିହାର ଆଦି ଅଞ୍ଚଳରେ ଏହି ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ନେହରୁ ଯୁବକେନ୍ଦ୍ରର ରାଜ୍ୟ ନିର୍ଦ୍ଦେଶକ ଶିବାଜୀ ମୁରଲୀଧର ଖରାତ୍, ଅଧିକାରୀ ବିପିନ କୁମାର, ଆକାଉଣ୍ଟାଣ୍ଟ ଶୁଭେନ୍ଦ୍ର ନାଥ ସାହୁ, କୁଳମଣି ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ୫ ଦିନ ଧରି ଚାଲିବ।

### ଗବେଷଣା ଓ ଅନୁସନ୍ଧାନ ପାଇଁ ସହଯୋଗର ହାତ ବଢ଼ାଇଲା ଓୟୁଏଟି

## ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଯୋଡ଼ିହେବ ଇଲେକ୍ଟ୍ରୋହୋମିଓପାଥି



ଭୁବନେଶ୍ୱର, ୨୧।୧(ସମିସ): ଇଲେକ୍ଟ୍ରୋହୋମିଓପାଥି ଔଷଧର ପ୍ରାଣୀ ଚିକିତ୍ସା ନିମନ୍ତେ ପ୍ରୟୋଗ କ୍ଷେତ୍ରରେ ଗବେଷଣା ଓ ଅନୁସନ୍ଧାନ ଲାଗି ରାଜ୍ୟ ଇଲେକ୍ଟ୍ରୋହୋମିଓ ଚିକିତ୍ସକ ସଂଘ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଅଧୀନସ୍ଥ ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟ ଦ୍ୱାରା ଅନୁବନ୍ଧିତ ହୋଇଛି। ଏହି ଅବସରରେ ଆୟୋଜିତ ଦୁଇଦିନିଆ କର୍ମଶାଳାର ପ୍ରଥମ ଦିବସରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଡ. ପ୍ରଭାତ କୁମାର ରାଉଳ, ପ୍ରାଣୀ ଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଶୁଷେନ କୁମାର ପଣ୍ଡା ଯୋଗଦେଇ ପଶୁ ଚିକିତ୍ସା କ୍ଷେତ୍ରରେ ଇଲେକ୍ଟ୍ରୋହୋମିଓପାଥି ଚିକିତ୍ସା ବିଜ୍ଞାନର ବିନିଯୋଗ ଲାଗି ଗବେଷଣା ଓ ଅନୁସନ୍ଧାନ ପ୍ରକ୍ରିୟାକୁ ଆରମ୍ଭ କରିବାକୁ ମତ ରଖିଥିଲେ। ରାଜ୍ୟ ଇଲେକ୍ଟ୍ରୋହୋମିଓପାଥି ଚିକିତ୍ସକ ସଂଘର ସଭାପତି ଡ. ସରୋଜ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ ଓୟୁଏଟିର ବହୁ ବରିଷ୍ଠ ଚିକିତ୍ସକ ଓ ଗବେଷକଙ୍କ ସହ ରାଜ୍ୟ ତଥା ଦେଶର ବହୁ ରାଜ୍ୟରୁ ୫୦୦ରୁ ଊର୍ଦ୍ଧ୍ୱ ଇଲେକ୍ଟ୍ରୋହୋମିଓପାଥି ଚିକିତ୍ସକ ଯୋଗଦେଇଥିଲେ। ଦ୍ୱିତୀୟ ଦିବସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବରେ ଯୋଗଦେଇ ସ୍ୱାସ୍ଥ୍ୟରକ୍ଷାରେ ଇଲେକ୍ଟ୍ରୋହୋମିଓପାଥି ଔଷଧର ପାରଦର୍ଶିତାର ଭୂୟସୀ ପ୍ରଶଂସା କରିବା ସହ ଏହି ଚିକିତ୍ସା ବିଜ୍ଞାନର ବ୍ୟାପକ ପ୍ରୟୋଗ ଲାଗି ସରକାର ଧ୍ୟାନ ଦେବେ ବୋଲି ମତ ରଖିଥିଲେ। ଏଥିରେ ବିଧାୟକ ବାବୁ ସିଂ, ଲକ୍ଷ୍ମଣ ବାଗ୍ ପ୍ରମୁଖ ଉପସ୍ଥିତ ରହି ଇଲେକ୍ଟ୍ରୋହୋମିଓପାଥି ଚିକିତ୍ସା ବ୍ୟବସ୍ଥାର ବିକାଶ ବିସ୍ତାରର ଆବଶ୍ୟକତା ରହିଥିବା କହିଥିଲେ।

## ଉନ୍ନୟନ କମିସନରଙ୍କୁ ଭେଟିଲେ ଆତିଥ୍ୟେୟତା ଉଦ୍ୟୋଗର ୧୦ ଦିବ୍ୟାଙ୍ଗ କର୍ମଚାରୀ

ଭୁବନେଶ୍ୱର, ୨୧।୧(ସମିସ): ଅନ୍ତର୍ଭୁକ୍ତୀକରଣ ଓ ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହଯୋଗରେ କାମତ ହୋଟେଲ୍ସ (ଇଣ୍ଡିଆ) ଲିମିଟେଡ୍ ପକ୍ଷରୁ ଶ୍ରବଣ ଓ ବାକ୍ ଅକ୍ଷମତା ଥିବା ୧୦ଜଣ ଛାତ୍ରଛାତ୍ରୀଙ୍କୁ ଇରାବାଇ ଅର୍କିଡ୍ ହୋଟେଲ, ଭୁବନେଶ୍ୱର, ଲୋଟସ୍ ରିସୋର୍ଟ, କୋଣାର୍କ ଏବଂ ମହୋଦଧି ପ୍ୟାଲେସ୍, ପୁରୀ ପକ୍ଷରୁ ନିଯୁକ୍ତି ଦେବାକୁ ଘୋଷଣା କରାଯାଇଛି। ଉନ୍ନୟନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏହି ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରି କହିଛନ୍ତି ଯେ ଜଣେ ସାଙ୍କେତିକ ଭାଷା ଅନୁବାଦକଙ୍କ ସାହାଯ୍ୟରେ ସେମାନଙ୍କ ବିଷୟରେ ଜାଣିବାକୁ ସକ୍ଷମ ହେବା ସହ ଏହି ନିଯୁକ୍ତି ପାଇବାରେ ସେମାନେ କେତେ ଖୁସି ଅଛନ୍ତି ଏବଂ ଏହା ସେମାନଙ୍କ ଜୀବନରେ କିପରି ସଫଳତା ଆଣିବାରେ ସାହାଯ୍ୟ କରିବ ସେ ସମ୍ପର୍କରେ ମତବିନିମୟ କରିଥିଲେ। ଏହି ପରାମର୍ଶ କାର୍ଯ୍ୟକ୍ରମ କେବଳ ଆତିଥ୍ୟେୟତା ଶିଳ୍ପରେ ଉତ୍କର୍ଷ ହାସଲ କରିବା ପାଇଁ ଆବଶ୍ୟକ ଦକ୍ଷତା ଏବଂ ଆତ୍ମବିଶ୍ୱାସ ସହିତ ନୂତନ ନିଯୁକ୍ତି ପ୍ରଦାନ କରିବ ନାହିଁ ବରଂ ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ଭାବରେ ମଧ୍ୟ କାର୍ଯ୍ୟ କରିବ। ଲୋକସେବା ଭବନରେ ଆୟୋଜିତ ଏହି ପରାମର୍ଶ କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର କମିସନର ତଥା ଶାସନ ସଚିବ ବଲୱନ୍ତ ସିଂ, କାମତ ହୋଟେଲ୍ସ ଇଣ୍ଡିଆ ଲିମିଟେଡ୍‌ର ଆଞ୍ଚଳିକ ମହାପ୍ରବନ୍ଧକ ଭରତ ଭୂଷଣ ବିଶ୍ୱାଳ, ଆଇଏଚ୍‌ଏମ୍, ଭୁବନେଶ୍ୱରର ଅଧ୍ୟକ୍ଷା ଶାରଦା ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।



## ରବୀନ୍ଦ୍ର ମଣ୍ଡପରେ 'ଶିବରାତ୍ରି'

ଭୁବନେଶ୍ୱର, ୨୧।୧(ସମିସ): ଗୁରୁ ଅଜିତ୍ ଦାସଙ୍କ ନାଟ୍ୟସଂସ୍ଥ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ନାଟ୍ୟ ଉତ୍ସବର ଦ୍ୱିତୀୟ ଦିନରେ ମଙ୍ଗଳବାର ବେଙ୍ଗାଲୁରୁ ନ୍ୟାସନାଲ ସ୍କୁଲ୍ ଓ ଭୁଶାନୁରମଥ। ଏଥିରେ ଅତିଥି ଭାବେ କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତ, ପାରାଦ୍ୱୀପ ଫସ୍‌ଫେଟ୍ ଲିମିଟେଡ୍‌ର କର୍ପୋରେଟ୍ ସୁଧୀରଞ୍ଜନ ମିଶ୍ର, ରିଜିଓନାଲ୍



ଗ୍ରୁପ୍ ପକ୍ଷରୁ ହିନ୍ଦୀ ନାଟକ 'ଶିବରାତ୍ରି' ମଞ୍ଚସ୍ଥ ହୋଇଯାଇଛି। ଏହି ନାଟକର ନିର୍ଦ୍ଦେଶନା ଏବଂ ହିନ୍ଦୀ ଅନୁବାଦ କରିଛନ୍ତି ବୀଣା ଶର୍ମା କଲେଜ ଅଫ୍ ମ୍ୟାନେଜ୍‌ମେଣ୍ଟର ନିର୍ଦ୍ଦେଶକ ପ୍ରୀତମ୍ ପାଲ୍, ନାଟ୍ୟ ନିର୍ଦ୍ଦେଶକ ମାୟା ଦାସ ଯୋଗଦେଇଥିଲେ।

## ଦେଶପ୍ରେମ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୨୧।୧(ସମିସ): ନେତାଜୀଙ୍କ ଦ୍ୱାରା ଗଠିତ ରାଜନୈତିକ ଦଳ 'ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ' ପକ୍ଷରୁ ଭାରତବର୍ଷର ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଦେଶପ୍ରେମ ମହୋତ୍ସବ ଭାବରେ ପାଳନ କରାଯାଉଛି। ଏହି ଅବସରରେ ଫରୱାର୍ଡ ବ୍ଲକ ଓ ଆଜାଦ୍ ହିନ୍ଦ୍ ବାହିନୀ ପକ୍ଷରୁ ୟୁନିଟ୍ ୬ ନେତାଜୀ ଭବନ ପରିସରରେ ଦେଶପ୍ରେମ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା କବି ରତ୍ନାକର ରାଉତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ବିଜୟ ବହିଦାର, ମୁଖ୍ୟବକ୍ତା ଭାବରେ ବିଶିଷ୍ଟ କବି ତଥା ପୂର୍ବତଟ ରେଳବାଇର ଲୋକ ସମ୍ପର୍କ ଅଧିକାରୀ ନିରାକାର ଦାସ, ସମ୍ମାନିତ ଅତିଥି ଭାବରେ ଫରୱାର୍ଡ ବ୍ଲକର ରାଜ୍ୟ ସଭାପତି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ସାମ୍ବାଦିକ ସୁରେନ୍ଦ୍ର ପାତ୍ର ପ୍ରମୁଖ ବକ୍ତବ୍ୟ ରଖି ଦେଶରେ ଅଶିକ୍ଷିତ, ବେକାରୀ, ଦରଦାମ୍ ବୃଦ୍ଧି ଆଦି ସମସ୍ୟା ଉତ୍କଟ ରୂପ ଧାରଣ କରିବାରେ ଲାଗିଛି ବୋଲି ମତବ୍ୟକ୍ତ କରିଥିଲେ। ବ୍ୟବସ୍ଥାରେ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ସାଧାରଣ ମଣିଷଙ୍କର ବିକାଶ ସଂଗଠିତ ହୋଇପାରିବ ନାହିଁ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫରୱାର୍ଡ ବ୍ଲକର ରାଜ୍ୟ ନେତା ଜିତେନ୍ଦ୍ରୀୟ ବେହେରା, ଶମ୍ଭୁପ୍ରସାଦ ମହାନ୍ତି, ଗୟାରାମ ପୂଜାରୀ, ଲକ୍ଷ୍ମୀ ଦୋରା, ଆଜାଦ୍ ହିନ୍ଦ୍ ବାହିନୀର ରାଜ୍ୟ ସମ୍ପାଦିକା ସୁବ୍ରତି ଆଜାଦ୍, ପୂର୍ଣ୍ଣଚନ୍ଦ୍ର ଗଲରି, ଦିଶା ଆଜାଦ, ଦୁର୍ଯ୍ୟୋଧନ ପୂଜାରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଆଗାମୀ ୩ଦିନ ଧରି ଜାରି ରହିବ।



### ୨୩ରେ 'ଚଳଚ୍ଚିତ୍ର ଜଗତ' ପତ୍ରିକାର ବାର୍ଷିକ ଉତ୍ସବ


## ପୃଥ୍ୱୀରାଜ ନାୟକଙ୍କୁ 'ମିହିର ଦାସ ସ୍ମୃତି ସମ୍ମାନ'

ଭୁବନେଶ୍ୱର, ୨୧।୧(ସମିସ): ଚଳଚ୍ଚିତ୍ର ପତ୍ରିକା 'ଚଳଚ୍ଚିତ୍ର ଜଗତ'ର ୪୯ତମ ବାର୍ଷିକ ଉତ୍ସବ ଆସନ୍ତା ୨୩ ତାରିଖ ନେତାଜୀ ଜୟନ୍ତୀ ଅବସରରେ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ୨୦୨୪ରେ ପ୍ରେକ୍ଷାଳୟରେ ମୁକ୍ତିପ୍ରାପ୍ତ ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକରେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ବିବେଚିତ ୨୫ ଜଣ କଳାକାରଙ୍କୁ ପୁରସ୍କୃତ କରାଯିବ। ଏହାସହ ଟେକ୍ନିସିଆନ୍, ଦୂରଦର୍ଶନରେ ପ୍ରସାରିତ କାର୍ଯ୍ୟକ୍ରମରୁ ୫ଟି ବିଭାଗରେ ୫ଜଣଙ୍କୁ 'ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ', ଚିକିତ୍ସା, ଶିକ୍ଷା, ବିଜ୍ଞାନ, ଶିଳ୍ପ, ସାହିତ୍ୟ, କୃଷି, ନୃତ୍ୟ, ବୈଷୟିକ ଜ୍ଞାନ କୌଶଳ, କଳା ସ୍ଥାପତ୍ୟ ପ୍ରଭୃତି ବିଭିନ୍ନ ବର୍ଗରୁ ସମାଜର ୧୦ ଜଣ ପ୍ରତିଷ୍ଠିତ ପ୍ରତିଭାଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯିବ। ସେହିପରି ସିନେମା ଜଗତର ୪ ବିଶିଷ୍ଟ ପ୍ରତିଭାଙ୍କୁ ସ୍ୱତନ୍ତ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ଚଳିତ ବର୍ଷ ବରିଷ୍ଠ ଅଭିନେତ୍ରୀ ସୌଦାମିନୀ ମିଶ୍ରଙ୍କୁ 'ନିତାଇ ପାଲିତ ସମ୍ମାନ', ପ୍ରଯୋଜକ ଓ ଅଭିନେତା ପ୍ରେମାଞ୍ଜନ ପରିଡ଼ାଙ୍କୁ 'ଭୀମ ସିଂ ସ୍ମାରକୀ ସମ୍ମାନ', ସଙ୍ଗୀତକାର ଦିବାକର ମହାନ୍ତିଙ୍କୁ 'ସତ୍ୟନାରାୟଣ ଅଗ୍ରୱାଲ୍ ସ୍ମାରକୀ ସମ୍ମାନ' ଏବଂ ଚଳିତ ବର୍ଷ ପ୍ରଥମ କରି ପ୍ରଚଳିତ ହେଉଥିବା 'ମିହିର ଦାସ ସ୍ମାରକୀ ସମ୍ମାନ'ରେ ବରିଷ୍ଠ ଅଭିନେତା ପୃଥ୍ୱୀରାଜ ନାୟକଙ୍କୁ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।



ସୌଦାମିନୀ ମିଶ୍ର | ପ୍ରେମାଞ୍ଜନ ପରିଡ଼ା | ଦିବାକର ମହାନ୍ତି | ପୃଥ୍ୱୀରାଜ ନାୟକ

## 'ରାଷ୍ଟ୍ର ପରିବର୍ତ୍ତନରେ ସମସ୍ତଙ୍କ ସହଯୋଗ ଆବଶ୍ୟକ'



ଭୁବନେଶ୍ୱର, ୨୧।୧(ସମିସ): ବର୍ତ୍ତମାନ ସମୟରେ ରାଷ୍ଟ୍ରର ମାନବସମ୍ବଳର ସଦ୍‌ବିନିଯୋଗ, ଭୂସମ୍ବଳର ଆଧୁନିକୀକରଣ ଏବଂ ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ପାଇଁ ସମସ୍ତେ ହାତ ମିଳାଇବା ଆବଶ୍ୟକ। ଏ ଦିଗରେ ବିକଳାନନ୍ଦ କର ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଏକ ସମୃଦ୍ଧ ଭାରତ ଗଠନରେ ସଫଳତା ମିଳିବା ବିଳମ୍ବ ହେବନାହିଁ। ବୁଦ୍ଧମନ୍ଦିରଠାରେ ପ୍ରଶାନ୍ତ କୁମାର କରଙ୍କ ଦ୍ୱାରା 'ପରିକଳ୍ପନା' ପୁସ୍ତିକାର ଉନ୍ମୋଚନ ଅବସରରେ ନ୍ୟାୟମୂର୍ତ୍ତି ରଥ ଉଦ୍‌ଘାଟକ ଭାବେ ଯୋଗଦେଇ ଏପରି କହିଛନ୍ତି। ଆହୁରି ମଧ୍ୟ କହିଛନ୍ତି କି, ପରିବର୍ତ୍ତନ ପାଇଁ ଆବଶ୍ୟକ ହେଉଥିବା ଇଚ୍ଛାଶକ୍ତି ଯେତେ କମ୍ ହେଲେ ବି ମିଳିତ ଇଚ୍ଛାଶକ୍ତି ସମସ୍ତ ପ୍ରତିବନ୍ଧକକୁ ଦୂର କରିପାରେ। ପୁସ୍ତିକାର ଲେଖକ ପ୍ରଶାନ୍ତ କୁମାର କର ଏକ ସମୃଦ୍ଧ ରାଷ୍ଟ୍ରର ସ୍ୱପ୍ନ ଦେଖି ମାନବ ସମ୍ବଳର ସୁପରିଚାଳନା କ୍ଷେତ୍ରରେ ବର୍ତ୍ତମାନ ରହିଥିବା ସମସ୍ୟା, ଏସବୁର ସମାଧାନ ନିମିତ୍ତ ଉପାୟ ଏବଂ ସମ୍ଭାବ୍ୟ ଉପକାର ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଡ. ଆଦିତ୍ୟ ମହାନ୍ତି ପୁସ୍ତକଟିର ବିସ୍ତୃତ ଆଲୋଚନା କରିଥିଲେ। ବିକଳାନନ୍ଦ କର ମେମୋରିଆଲ ଟ୍ରଷ୍ଟର ଟ୍ରଷ୍ଟି ହିମାଂଶୁ ଶେଖର ଦାଶ ଏହି ପୁସ୍ତକର ପରିକଳ୍ପନାର ଆରମ୍ଭ, ପରିସମାପ୍ତି, ହିନ୍ଦୀ, ଇଂରାଜୀ ଏବଂ ଓଡ଼ିଆ ତ୍ରିଭାଷାରେ ପ୍ରକାଶନ ସହିତ ବଙ୍ଗଳା ଭାଷାରେ ପ୍ରକାଶନର ବିସ୍ତୃତ ସୂଚନା ଦେଇଥିଲେ। ୨୦୨୪ରେ ସମ୍ବଲପୁରସ୍ଥିତ ଆଇଆଇଏମ୍‌ରେ ଏହି ପୁସ୍ତକ ଲୋକାର୍ପଣ ହୋଇଥିବା ସୂଚନା ଦେଇ ବିନା ମୂଲ୍ୟରେ ଫ୍ଲିପ୍‌କାର୍ଟ ଓ ଆମାଜନ୍‌ରେ କେବଳ ସେବା ଖର୍ଚ୍ଚ ମାଧ୍ୟମରେ ମିଳିପାରିବ ବୋଲି କହିଥିଲେ। ପ୍ରାରମ୍ଭରେ ବିଷ୍ଣୁଚରଣ ମିଶ୍ର ଅତିଥି ପରିଚୟ ଦେଇଥିଲେ। ଆଦୃତା ଶିଶୁ ସଦନର ଅନ୍ତେବାସୀଙ୍କ ଦ୍ୱାରା ଦେଶାତ୍ମବୋଧ ସଙ୍ଗୀତ ଗାନ କରାଯାଇଥିଲା।

# କେବେ କାର୍ଯ୍ୟକାରୀ ହେବ 'କଳାମଣ୍ଡଳ'

ଭୁବନେଶ୍ୱର, ୨୧।୧(ସମିସ): ୨୦୨୫ ସୁଦ୍ଧା କାର୍ଯ୍ୟକାରୀ ହେବ ରାଜ୍ୟର ସବୁଠାରୁ ବଡ଼ ସମ୍ମିଳନୀ କକ୍ଷ 'କଳାମଣ୍ଡଳ'। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ 'କଳାମଣ୍ଡଳ' କଳା, ସଂସ୍କୃତି, ପର୍ଯ୍ୟଟନ, ଐତିହ୍ୟଭରା ଓଡ଼ିଶାର ମିନିଏଚରକୁ ଗୋଟିଏ ଛାତ ତଳେ ଦେଖିବେ ପର୍ଯ୍ୟଟକ। ସେହିପରି ବିଭିନ୍ନ ବଡ଼ବଡ଼ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଞ୍ଚ ଅଭାବ ସମସ୍ୟା ଦୂର କରିବ। ଆଗାମୀ ବର୍ଷ ସୁଦ୍ଧା ଏହାର ସମସ୍ତ କାର୍ଯ୍ୟ ଶେଷ କରାଯିବ ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏକ କାର୍ଯ୍ୟକ୍ରମରେ କହିଥିଲେ। କିନ୍ତୁ ଅନିଶ୍ଚିତତା ମଧ୍ୟରେ ଝୁଲୁଛି 'କଳାମଣ୍ଡଳ'ର ଭାଗ୍ୟ। ଏହି ବହୁ ପ୍ରତୀକ୍ଷିତ ସମ୍ମିଳନୀ କକ୍ଷ କେବେ ଉଦ୍‌ଘାଟନ ହେବ ତାହର ଉତ୍ତର କାହାରି ପାଖରେ ନାହିଁ।


ସ୍ଥାନୀୟ ଗଜପତି ନଗରରେ ନିର୍ମାଣାଧୀନ ଏହି 'କଳାମଣ୍ଡଳ'ର ଗୋଟିଏ ଫ୍ଲୋର୍‌ରେ ୩୬୦ ଡିଗ୍ରୀରେ ଓଡ଼ିଶାକୁ ଦେଖିବେ ପର୍ଯ୍ୟଟକ। ଏଠାରେ ଅଡିଓ ଭିଜୁଆଲ ମାଧ୍ୟମରେ '୩ଡି' କିମ୍ବା (ଆବଶ୍ୟକ ପଡ଼ିଲେ '୭ଡି')ରେ ଦେଖିବାକୁ ମିଳିବ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ଧର୍ମାନୁଷ୍ଠାନ ସମେତ ଐତିହ୍ୟ କିର୍ତ୍ତୀରାଜି। ସେହିପରି ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଐତିହ୍ୟସ୍ଥଳୀ, ନଦୀ, ଝରଣା, ପାହାଡ଼ ସାଙ୍ଗକୁ ବଡ଼ ବଡ଼ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନକୁ ମଧ୍ୟ ସ୍ଥାନିତ କରାଯିବ। ସେହିପରି ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିବା ଓଡ଼ିଶାର ବୀର ସୈନିକଙ୍କଠାରୁ ଆରମ୍ଭ କରି କବି, ଲେଖକ, ଐତିହାସିକଙ୍କ ବିଷୟରେ ସମସ୍ତ ତଥ୍ୟ ମଧ୍ୟ ଉପସ୍ଥାପନ କରାଯିବ। ତା' ସାଙ୍ଗକୁ ଜନଜାତିଙ୍କ ଜୀବନଶୈଳୀ ଏବଂ ସେମାନଙ୍କ ଜୀବନଚର୍ଯ୍ୟା ବିଷୟରେ ଅତି ନିକଟରୁ ଜାଣିବାର ସୁଯୋଗ ସୃଷ୍ଟି ସହିତ ଓଡ଼ିଶାର ବିଭିନ୍ନ ପ୍ରସିଦ୍ଧ ଖାଦ୍ୟ ସମ୍ପର୍କରେ ଭିଜୁଆଲ ମାଧ୍ୟମରେ ପ୍ରଦର୍ଶିତ କରାଯିବ। କଳା, ସଂସ୍କୃତି ଓ ଐତିହ୍ୟ ବହନ କରୁଥିବା ଓଡ଼ିଶାରେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପ୍ରତ୍ୟେକ ପ୍ରସିଦ୍ଧ ସ୍ଥାନକୁ ଗୋଟି ଗୋଟି ପ୍ରଦର୍ଶିତ କରାଯିବ, ଯାହା ଏକ ଛୋଟ ଓଡ଼ିଶା ବା ଓଡ଼ିଶାର ମିନିଏଚର ଅନୁଭୂତି ଦେବ। ଏହା କେବଳ ଆଗାମୀ ପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିବ ନାହିଁ ବରଂ ବାହାର ରାଜ୍ୟ ତଥା ଦେଶର ପର୍ଯ୍ୟଟକଙ୍କୁ ଓଡ଼ିଶା ବିଷୟରେ ପ୍ରାଞ୍ଜଳ ଭାବେ ଜାଣିବା ଓ ବିଭିନ୍ନ ସ୍ଥାନକୁ ପରିଭ୍ରମଣ କରିବାକୁ ଆକର୍ଷିତ କରିବ।

ସୂଚନା ଅନୁସାରେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗରେ ଏହି ପ୍ରକଳ୍ପ ଆରମ୍ଭ କରିଥିଲେ। ଇଡ୍‌କୋ ଦ୍ୱାରା ସମ୍ପାଦିତ ଏହି ପ୍ରକଳ୍ପ ମଧ୍ୟରେ ଅନେକ ସୁବିଧା ରହିଛି। 'କଳାମଣ୍ଡଳ' ପ୍ରେକ୍ଷାଳୟରେ ୨ହଜାର ଦର୍ଶକ ଏକାସାଙ୍ଗରେ ବସି ବିଭିନ୍ନ କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ସାଙ୍ଗକୁ 'କଳାମଣ୍ଡଳ' ପରିସରରେ କଳାଗ୍ରାମ, ସଂଗ୍ରହାଳୟ, ମୁକ୍ତାକାଶ ମଞ୍ଚ, ଅତିଥି ଭବନ, ୫୦୦ ଆସନ ବିଶିଷ୍ଟ ଆମ୍ଫିଥିଏଟର, ଐତିହ୍ୟ ପାର୍କ, କାଫେଟ୍ ଏରିଆର ମଧ୍ୟ ସୁବିଧା ରହିବ। ୬୨ହଜାର ବର୍ଗଫୁଟ୍ ପରିମିତ ବେସ୍‌ମେଣ୍ଟରେ ପାର୍କିଂ ସୁବିଧା ରହିବ। ସେହିପରି ପ୍ରତିଷ୍ଠିତ ଶିଳ୍ପୀଙ୍କ କଳାକୃତି ସ୍ଥାପନ ଓ ପ୍ରଦର୍ଶନୀ ପାଇଁ ଲଳିତକଳା ମଣ୍ଡଳ, କଳାମଣ୍ଡଳ ବାହାରେ ଭିତ୍ତିଭୂମି ନିର୍ମାଣ ସହ ଭିତରେ ଲାଇଟ୍, ସାଉଣ୍ଡ ଓ ଅନ୍ୟାନ୍ୟ ଆର୍କିଟେକ୍‌ଚର ଡିଜାଇନ୍ ସାଙ୍ଗକୁ ଏହାକୁ ଅଧିକ ଆକର୍ଷିତ କରିବାକୁ ବାହାରେ ଏବଂ ଭିତରେ ଅନେକ ସୂକ୍ଷ୍ମ କାରୁକାର୍ଯ୍ୟ ଓ ବୈଷୟିକ କାମ ଆକର୍ଷଣ ପାଲଟିବ। ରାଜଧାନୀରେ ରହିଥିବା ରବୀନ୍ଦ୍ର ମଣ୍ଡପ, ଉତ୍କଳ ମଣ୍ଡପ, ଜୟଦେବ ଭବନ, ଗୀତଗୋବିନ୍ଦ ସଦନ, ଇଡ୍‌କଲ୍ ଅଡିଟୋରିୟମ୍, ଭଞ୍ଜକଳା ମଣ୍ଡପ, ଉତ୍କଳ ରଙ୍ଗମଞ୍ଚରେ ପ୍ରତିଦିନ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି, ଯେଉଁଠି ୨୫୦ରୁ ୫୫୦ ଦର୍ଶକ ବସିବାର ସୁବିଧା ରହିଛି। କିନ୍ତୁ ଏହି ଅଡିଟୋରିୟମ୍ ବଡ଼ ସହରରେ ବଡ଼ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ହେବାକୁ ଥିବାବେଳେ ଏହାର ଉଦ୍‌ଘାଟନୀ ଏବେ ଅନିଶ୍ଚିତତା ଭିତରେ ରହିଛି। ଏନେଇ ସଂସ୍କୃତି ମନ୍ତ୍ରୀଙ୍କଠାରୁ ବିଭାଗୀୟ ଅଧିକାରୀଙ୍କ ପର୍ଯ୍ୟନ୍ତ ଯୋଗାଯୋଗ କରାଯାଇଥିଲେ ବି କୌଣସି ଉତ୍ତର ମିଳିପାରି ନାହିଁ।

**ମଞ୍ଚ ଅଭାବ ପୂରଣ କରିବ ରାଜ୍ୟର ସବୁଠାରୁ ବଡ଼ ସମ୍ମିଳନୀ କେନ୍ଦ୍ର**

**ଗୋଟିଏ ଛାତ ତଳେ ପୂରା ଓଡ଼ିଶାକୁ ଦେଖିବେ ବିଶ୍ୱର ପର୍ଯ୍ୟଟକ**

**'୩ଡି'ରେ ପ୍ରଦର୍ଶିତ ହେବ ଓଡ଼ିଶାର ପର୍ଯ୍ୟଟନ ଓ ଐତିହ୍ୟସ୍ଥଳୀ**





# ଭୁବନେଶ୍ୱର ସିଟି



## ଏସ୍‌ଏଚ୍‌ଜି ମହିଳାଙ୍କ ପ୍ରୟାସ

# ଅନ୍ୟମାନଙ୍କୁ ଦେଖାଉଛନ୍ତି ସ୍ୱାବଲମ୍ବୀ ହେବାର ମାର୍ଗ

**ଭୁବନେଶ୍ୱର,୨୧।୧(ସମିସ):** ବର୍ତ୍ତମାନ ସମୟରେ ମହିଳାମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜୁଛନ୍ତି। ବିଭିନ୍ନ ଉପାୟରେ ନିଜକୁ ସ୍ୱାବଲମ୍ବୀ ମଧ୍ୟ କରୁଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ମହିଳାମାନଙ୍କ ଦ୍ୱାରା ଗଠିତ ସ୍ୱୟଂ ସହାୟକ ଗୋଷ୍ଠୀ ଏକ ବଡ଼ ଭୂମିକା ନିର୍ବାହ କରୁଥିବା ଦେଖିବାକୁ ମିଳୁଛି। ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟଙ୍କୁ ସ୍ୱାବଲମ୍ବୀ ହେବାରେ ସାହାଯ୍ୟ କରିବା ସହିତ ତାଙ୍କ ଆଖପାଖ ଅଞ୍ଚଳର ମହିଳାଙ୍କୁ ମଧ୍ୟ ନିଜ ସହ ସାମିଲ୍ କରି ଆଗକୁ ବଢ଼ିବାର ସୁଯୋଗ ଦେଉଥିବା ଦେଖିବାକୁ ମିଳୁଛି।

ଏହାର ଏକ ଉଦାହରଣ ସାଜିଛି ରାମଚନ୍ଦ୍ରପୁର ଗ୍ରାମର ମା' ଭୁଶୁଣ୍ଡେଇ ଏସ୍‌ଏଚ୍‌ଜି। ଏଥିରେ କାମ କରୁଥିବା




ମହିଳାମାନେ ମିଶି ବଡ଼ି, ପାମ୍ପଡ଼ ସହିତ ଫିନାଇଲ୍, ଧୂପକାଠି, ପେପର ପ୍ଲେଟ୍ ଏବଂ ମାଣ୍ଡିଆରୁ ମଧ୍ୟ ବିଭିନ୍ନ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରୁଛନ୍ତି। ଏହିସବୁ ଜିନିଷ ପ୍ରସ୍ତୁତିକୁ ୧୫ ବର୍ଷ ହୋଇଗଲାଣି ବୋଲି ଗ୍ରୁପ୍‌ର ସଦସ୍ୟ ଜୟନ୍ତୀ ବେହେରା କହିଛନ୍ତି। ତାଙ୍କ କହିବା ଅନୁଯାୟୀ, କେବଳ ବଡ଼ି ଓ ପାମ୍ପଡ଼ରୁ ଆରମ୍ଭ ହୋଇଥିବା ଏହି ଗ୍ରୁପ୍ ବର୍ତ୍ତମାନ ସମୟରେ ଫୁଲ ଚାଷ, ଛେନାରୁ ବିଭିନ୍ନ ଦ୍ରବ୍ୟ, ମାଣ୍ଡିଆରୁ ବିଭିନ୍ନ ସ୍ନାକ୍ସ, ଧୂପ, ଫିନାଇଲ୍ ଆଦି ପ୍ରସ୍ତୁତ କରିବାରେ ସକ୍ଷମ ହୋଇପାରିଛି। ଫଳରେ ଗ୍ରୁପ୍‌ରେ ନ ଥିବା ଆଖପାଖ ଗାଁର ପାଖାପାଖି ୨ରୁ ୩ଶହ ମହିଳା, ଯେଉଁମାନେ କାମ ଆବଶ୍ୟକ କରୁଥିଲେ ସେମାନଙ୍କୁ ନିଜ ସହ ସାମିଲ୍ କରି ସ୍ୱାବଲମ୍ବୀ କରିପାରିଛନ୍ତି। ଫଳରେ ସେମାନେ ନିଜ ପିଲାମାନଙ୍କୁ ପାଠ ପଢ଼ାଇବା ସହ ଘର ଚଳାଇବାରେ ସାହାଯ୍ୟ କରିପାରୁଛନ୍ତି। ବିଭିନ୍ନ ମେଳା ମହୋତ୍ସବରେ ଏବେ ତାଙ୍କ ଷ୍ଟଲ୍ ପଡୁଛି। ସେହିପରି ଗ୍ରୁପ୍‌ର ଅନ୍ୟ ସଦସ୍ୟ ପ୍ରଭାତୀ ଦାସ କୁହନ୍ତି, କେବଳ ମହିଳାମାନେ ନୁହେଁ ବରଂ ଗାଁର ଏପରି ଅନେକ ପିଲା ଅଛନ୍ତି, ଯେଉଁମାନେ ଅର୍ଥାଭାବ ଯୋଗୁଁ ଆଗକୁ ବଢ଼ିପାରୁ ନାହାନ୍ତି କିମ୍ବା ପାଠପଢ଼ି ପାରୁନାହାନ୍ତି। ସେମାନଙ୍କୁ ମଧ୍ୟ ଗ୍ରୁପ୍ ତରଫରୁ ଅନେକ ସମୟରେ ସାହାଯ୍ୟ କରାଯାଇଛି। କରୋନା ସମୟରେ ବିକ୍ରି କିଛି ମାତ୍ରାରେ କମି ଯାଇଥିଲା। ଧୀରେ ଧୀରେ ବ୍ୟବସାୟ ମାନ୍ଦା ପଡ଼ିଗଲା। ତଥାପି ସେ ଧୈର୍ଯ୍ୟହରା ନ ହୋଇ ଗ୍ରୁପ୍‌ର ଅନ୍ୟ ମହିଳାଙ୍କ ସହ ମିଶି କାମକରି ଚାଲିଲେ। ବର୍ତ୍ତମାନ ବିକ୍ରିହାର ବଢ଼ିବା ସହ ଗ୍ରୁପ୍‌ର ପ୍ରତ୍ୟେକ ମହିଳା ମାସକୁ ପାଖାପାଖି ୧୦ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରୁଛନ୍ତି। ଏବେ ନିଜ ସହ ଏପରି ଆହୁରି ମହିଳାଙ୍କୁ ଯୋଡ଼ିବାକୁ ପ୍ରୟାସ ଜାରି ରହିଛି ବୋଲି ସେ କହିଥିଲେ।

**ନିଜ ସହ ସାମିଲ୍ କଲେଣି ୩ଶହ ମହିଳା**

**ଗାଁ ପିଲାଙ୍କୁ ପାଠପଢ଼ାରେ ଦେଉଛନ୍ତି ଆର୍ଥିକ ସହାୟତା**

## ବାଂଲାଦେଶୀ ନାବାଳିକା ଚାଲାଣ ଘଟଣା

# ଭଡ଼ା ଘରୁ ୨ ଦେହ ଦଲାଲ ଗିରଫ

**କଟକ, ୨୧।୧(ସମିସ):** ଯୌନଶୋଷଣ ଏବଂ ଅନୈତିକ କାର୍ଯ୍ୟରେ ବାଂଲାଦେଶୀ ନାବାଳିକାକୁ ନିୟୋଜିତ କରିବା ଘଟଣାରେ ମଧୁପାଟଣା ଥାନା ପୁଲିସ ପୁଣି ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ଗଞ୍ଜାମ ଜିଲ୍ଲା ଆସ୍କା ବଜାର ସାହିର ଗୋପି ଓରଫ ରଜନୀକାନ୍ତ ବେହେରା ଓ ଦିଗପହଣ୍ଡି ଗୋକନପୁରର ଶିବ କୁମାର ଦୋରା। ଏହି ୨ ଜଣ ପୀଡ଼ିତାଙ୍କୁ ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିବା ପୁଲିସ୍ ସୁରାକ୍ ପାଇଥିଲା। ଏହା ପରେ ଅଭିଯୁକ୍ତ ଶିବ ଓ ଗୋପୀକୁ ଧରିବାରେ ସକ୍ଷମ ହୋଇଛି। ଆଜି ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ପୂର୍ବରୁ ଏହି ମାମଲାରେ କମିଶନରେଟ୍ ପୁଲିସ ୪ ଜଣଙ୍କୁ ଗିରଫ କରିଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଗତବର୍ଷ ନଭେମ୍ବର ୧୧ ତାରିଖ ବିଳମ୍ବିତ ରାତିରେ ମଧୁପାଟଣା ଥାନା ପୁଲିସ ଜଣେ ବାଂଲାଦେଶୀ ନାବାଳିକାଙ୍କୁ ଥାନା ନିକଟରୁ ଉଦ୍ଧାର କରିଥିଲା। ଚାଇଲ୍ଡଲାଇନ ହେପାଜତରେ ରହିବା ସମୟରେ ନାବାଳିକାଜଣକ ଚାଞ୍ଚଲ୍ୟକର ବୟାନ ଦେଇଥିଲେ। ଚାକିରି ଦେବାକୁ କହି ତାଙ୍କୁ ସୀମା ପାର କରାଇ ପଶ୍ଚିମବଙ୍ଗ ଅଣାଯାଇଥିଲା। ଏହା ପରେ କୋଲକାତାରୁ ଓଡ଼ିଶାର ଜଣେ ଦଲାଲ ତାଙ୍କୁ ଭୁବନେଶ୍ୱର ଆଣି ସେକ୍ସ ରାକେଟ୍‌ରେ ନିୟୋଜିତ କରିଥିଲା। ପୁଲିସ୍ ଗତ ନଭେମ୍ବର ୨୪ ତାରିଖରେ ପ୍ରଥମେ କଟକ ଗୋପାଳପୁର ଅଞ୍ଚଳରୁ କେନ୍ଦୁଝରର ଜସ୍ମିନ ଚୌଧୁରୀ ଓ ତାଙ୍କ ସ୍ୱାମୀ ରାଜସ୍ଥାନର ଓମପ୍ରକାଶ ଚୌଧୁରୀକୁ ଗିରଫ କରିଥିଲା। ଦମ୍ପତିଙ୍କ ମୋବାଇଲ ଯାଞ୍ଚରୁ ପୁଲିସ ଭୁବନେଶ୍ୱର ଝାରପଡ଼ାର ଦଲାଲ ସାହିଲ ଓରଫ ଅବଦୁଲ୍ ସୟଦୁଲ ସୁଲେମାନ ପାଖରେ ପହଞ୍ଚିଥିଲା। ନଭେମ୍ବର ୨୬ରେ ଭୁବନେଶ୍ୱରର ପୁରୀ ବାଇପାସ ରୋଡ ଅଞ୍ଚଳରୁ ତାକୁ ଗିରଫ କରାଯାଇଥିଲା।

# ନୟାହାଟ ହାଇସ୍କୁଲ ୮୧ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ପୁରୀ/ନୟାହାଟ,୨୧।୧(ସମିସ):** ନୟାହାଟ ହାଇସ୍କୁଲ ୧୯୮୧ ମାଟ୍ରିକ୍ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ କାକଟପୁରସ୍ଥିତ ମା' କୁତାମଚଣ୍ଡୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୀର୍ଘ ୪୫ ବର୍ଷ ପୂର୍ବରୁ ପାଠ ପଢୁଥିବା ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ଯୋଗଦାନ ପୂଜ୍ୟପୂଜାର ପରମ୍ପରା ସୃଷ୍ଟି କରିଥିଲା। ଶିକ୍ଷକ ରାଧାଚରଣ ସ୍ୱାଇଁ, ଗଦାଧର ନନ୍ଦ, ପ୍ରଭାକର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ବାସୁଦେବ ସ୍ୱାଇଁ, ବେଣୁଧର ପରିଡ଼ା, ଜଗନ୍ନାଥ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଉପସ୍ଥିତ ପୁରାତନ ଛାତ୍ରଛାତ୍ରୀଙ୍କ



ଜୀବନ ସୁଖମୟ ହେବାକୁ ଆଶୀର୍ବାଦ କାମନା କରିଥିଲେ। ଏଥିରେ ୭୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ରହି ସେମାନଙ୍କ ପୂଜ୍ୟ ଶିକ୍ଷକଙ୍କୁ ବସ୍ତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜଣାଇଥିଲେ। ବର୍ଷୀୟାନ ଶିକ୍ଷକ ରାଧାଚରଣ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ସୁଚିତ୍ର ମହାନ୍ତି, ଚନ୍ଦ୍ରମଣି ଆଚାର୍ଯ୍ୟ, ଭାସ୍କର ସାହୁ, ଚନ୍ଦ୍ରମଣି ସାହୁ, ଜାହୀର ଖାଁ, କ୍ଷେତ୍ରମୋହନ ଖୁଣ୍ଟିଆ, ରୋଲାପ ସ୍ୱାଇଁ, ରଞ୍ଜାବୋଳା ସିଂହ ଓ ଲାବଣ୍ୟ ସାହୁ ପରିଚାଳନା କରିଥିଲେ। ଶିକ୍ଷକ ନିରଞ୍ଜନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନକିଣା ପ୍ରକ୍ରିୟାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଯୋଗଦାନ

**ଭୁବନେଶ୍ୱର,୨୧।୧(ସମିସ):** ଚଳିତ ଖରିଫ ଋତୁରେ ଧାନକିଣା ପ୍ରକ୍ରିୟାରେ ୪୫୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ର ମା' ମାନେ ସାମିଲ ହୋଇ ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କିଣୁଛନ୍ତି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୧୧ଟି ସ୍ୱୟଂ ସହାୟକ ଗୋଷ୍ଠୀ ଧାନକିଣା ପ୍ରକ୍ରିୟାରେ ସାମିଲ ହୋଇଥିବା ବେଳେ ଭଦ୍ରକରେ ୪୯, ବରଗଡ଼ ଓ ସୁବର୍ଣ୍ଣପୁରରେ ୨୦, ଯାଜପୁରରେ ୩୫, କୋରାପୁଟରେ ୨୪, ନବରଙ୍ଗପୁରରେ ୪୪, ନୂଆପଡ଼ା ଓ ସମ୍ବଲପୁରରେ ୧୩, ଝାରସୁଗୁଡ଼ା ଓ କଳାହାଣ୍ଡିରେ ୨୮ ସମେତ ୩୦ଟି ଜିଲ୍ଲାରେ ମୋଟ୍ ୪୫୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ଧାନକିଣା ପ୍ରକ୍ରିୟାରେ ନିୟୋଜିତ ଅଛନ୍ତି। ଯୋଗ୍ୟ ଚାଷୀଙ୍କଠାରୁ ଧାନ କିଣି ସେମାନଙ୍କ



ଆବଶ୍ୟକତା ଅନୁଯାୟୀ ଏଥିରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରିବା ସହ ବିଭିନ୍ନ କ୍ଷେତ୍ରକୁ ସେବା ଯୋଗାଇ ଦେଉଛନ୍ତି। ସେହିପରି ଧାନ କ୍ରୟ କରିବା ସହ ସଂପୃକ୍ତ ଚାଷୀଙ୍କୁ ପ୍ରାପ୍ୟ ପ୍ରଦାନରେ ମଧ୍ୟ ସହଯୋଗ କରୁଛନ୍ତି। ଜିଲ୍ଲା ପ୍ରଶାସନ ସହଭାଗିତାରେ ଚାଷୀମାନଙ୍କଠାରୁ ଧାନକିଣାରେ ଯୋଗଦାନ କରିବା ସହ ପ୍ରତ୍ୟେକ ମଣ୍ଡିରେ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ଆନୁଷଙ୍ଗିକ ବ୍ୟବସ୍ଥାରେ ମଧ୍ୟ ସହଯୋଗ କରୁଛନ୍ତି। ଏଥିପାଇଁ ଯୋଗ୍ୟ ଚାଷୀଙ୍କ ଆକାଉଣ୍ଟକୁ ୪୮ ଘଣ୍ଟା ମଧ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନ୍‌ପୁଟ୍ ସହାୟତା ରାଶି ପ୍ରଦାନ କରାଯାଉଛି।

# ନକଲି ଟ୍ରେଡିଂ ଆପ୍‌ରେ ୨୪ ଲକ୍ଷ ଠକେଇ

**କଟକ,୨୧।୧(ସମିସ):** ଅନଲାଇନ ଟ୍ରେଡିଂର ତାଲିମ ଆଳରେ ଲକ୍ଷାଧିକ ଟଙ୍କା ଠକିବା ଘଟଣାର ଜଣେ ଅଭିଯୁକ୍ତକୁ କଟକ ସାଇବର ଥାନା ପୁଲିସ ଗିରଫ କରିଛି। ସେ ହେଉଛି ବାଲେଶ୍ୱର ଜିଲ୍ଲା ବସ୍ତା ଅଞ୍ଚଳର ସୁରେନ୍ଦ୍ର ସାହୁ(୪୨)। ସେ ନକଲି ଟ୍ରେଡିଂ ଆପ୍ଲିକେସନ ପ୍ରସ୍ତୁତ କରି ଠକୁଥିଲା। ପୁଲିସ ତାକୁ ରାୟଗଡା ଜିଲ୍ଲା ମୁନିଗୁଡ଼ାରୁ ଗିରଫ କରିଛି। ତା ନିକଟରୁ ୨ଟି ମୋବାଇଲ, ସିମକାର୍ଡ ୬ଟି, ଆଧାର ଓ ପାନ କାର୍ଡ ଗୋଟିଏ ଲେଖାଏ ଜବତ ହୋଇଛି। ଏହି ଘଟଣାରେ ସହଯୋଗୀ କେଶବ ଗୌଡ ଫେରାର ହୋଇଯାଇଛି।

ପୁଲିସ ସୂଚନା ଅନୁସାରେ, ଅଭିଯୁକ୍ତ ସୁରେନ୍ଦ୍ର ଓ ଗଞ୍ଜାମ ଜିଲ୍ଲା ଖଲିକୋଟର କେଶବ ଗୌଡ ମିଶି ଅନଲାଇନ ଟ୍ରେଡିଂ ତାଲିମ କେନ୍ଦ୍ର ଖୋଲିଥିଲେ। ବ୍ରହ୍ମପୁର, କଟକ, ସମ୍ବଲପୁର ଭଳି ଜିଲ୍ଲାରେ ଏମାନେ ନେଟୱର୍କ ବଢାଇଥିଲେ। ମାଗଣାରେ ଅନଲାଇନ ଟ୍ରେଡିଂ ତାଲିମ ଦେବାକୁ ଡାକି ପ୍ରଶିକ୍ଷାର୍ଥୀଙ୍କୁ ଦୈନିକ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାରର ଲୋଭ ଦେଖାଉଥିଲେ। ମର୍କତନଗର ସେକ୍ଟର ୯ରେ ରହୁଥିବା ଏକ ଘରୋଇ କମ୍ପାନି ଅଧିକାରୀ ବାଦାମବାଡିର ଏକ ହୋଟେଲରେ ତାଲିମ ଶିବିରକୁ ଆସିଥିଲେ। ସେଠାରେ ସେ ୨୪ ଲକ୍ଷ ନିବେଶ କରି ଲୁଟର ଶିକାର ହୋଇଥିଲେ। ଏ ସଂକ୍ରାନ୍ତରେ ସେ ଗତ ୧୮ ତାରିଖରେ କଟକ ସାଇବର ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ସୁରେନ୍ଦ୍ର ନିଜ ନାଁରେ ଜାଲ ଆଧାର ଓ ପାନ କାର୍ଡ ପ୍ରସ୍ତୁତ କରିଥିବା ଜଣାପଡିଥିଲା। ଏଥିରେ ସେ ନିଜର ଠିକଣା ରାୟଗଡା ଜିଲ୍ଲା ମୁନିଗୁଡା ଦେଇଥିଲା। ପ୍ରକୃତରେ ମୁନିଗୁଡାରେ ସୁରେନ୍ଦ୍ରର ଶଶୁର ଘର। ତେଣୁ ପୁଲିସ ମୁନିଗୁଡାରେ ଚଢଉ କରି ଶଶୁର ଘରେ ଲୁଚିରହିଥିବା ସୁରେନ୍ଦ୍ରକୁ ଗିରଫ କରିଥିଲା। ସୁରେନ୍ଦ୍ରକୁ ଗିରଫ କରିବା ପରେ ତାଲିମ କେନ୍ଦ୍ରର କେଳେଙ୍କାରୀ ସାମନାକୁ ଆଣିଛି। କେଶବ ତାଲିମ ଦେଉଥିଲା ବେଳେ ସେ ସୁରେନ୍ଦ୍ରର ନକଲି ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଉଥିଲା। ସୁରେନ୍ଦ୍ରର ଦିଲ୍ଲୀ, ପଶ୍ଚିମବଙ୍ଗ ଓ ବାଲେଶ୍ୱରରେ ଥିବା ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଯାଇଥିଲା। ତେବେ ଇଞ୍ଜିନିୟରିଂ ପଢିଥିବା ସୁରେନ୍ଦ୍ର ଅନଲାଇନ ଟ୍ରେଡିଂ ଆପ୍ଲିକେସନ ପ୍ରସ୍ତୁତ କରୁଥିଲା। ଏହି ଆପ୍ଲିକେସନ ମାଧ୍ୟମରେ ଟ୍ରେଡିଂ କରିବାକୁ କେଶବ ମାଧ୍ୟମରେ ପରାମର୍ଶ ଦେଉଥିଲା। ପ୍ରତି ୪ରୁ ୫ ମାସ ମଧ୍ୟରେ ସେ ନୂଆ ଆପ୍ଲିକେସନ ପ୍ରସ୍ତୁତ କରୁଥିଲା। ଏହିଭଳି ଭାବେ ଅଭିଯୁକ୍ତ ଦ୍ୱୟ ପାଖାପାଖି ୬୦ ଲକ୍ଷ ଟଙ୍କା ଠକେଇ ମାଧ୍ୟମରେ ଏକାଠି କରିଥିଲେ। ନିବେଶକଙ୍କ ଏହି ଟଙ୍କାରେ ସୁରେନ୍ଦ୍ର ଓ କେଶବ ନିୟମିତ ଥାଇଲାଣ୍ଡ, ବ୍ୟାଙ୍କକ ଓ ଦୁବାଇ ବୁଲି ଯାଉଥିଲେ ବୋଲି ତଦନ୍ତରୁ ଜଣାପଡିଛି। ଯେହେତୁ ସୁରେନ୍ଦ୍ର ଦିଲ୍ଲୀ, ପଶ୍ଚିମବଙ୍ଗରେ ବ୍ୟାଙ୍କ ଆକାଉଣ୍ଟ ଖୋଲି ଉକ୍ତ ଆକାଉଣ୍ଟକୁ ଓଡିଶାର ନିବେଶକଙ୍କ ଟଙ୍କା ପଠାଉଥିଲା। ଏଥିରେ ଆନ୍ତରାଜ୍ୟ ସାଇବର ଠକ ଗ୍ୟାଙ୍ଗର ସମ୍ପୃକ୍ତି ନେଇ ପୁଲିସକୁ ପ୍ରମାଣ ମିଳିଛି। ଏଣୁ ରାଜ୍ୟ ବାହାରକୁ ଯାଇ ପୋଲିସ ଏହି ଘଟଣା ପଛର ଲିଙ୍କ ଖୋଲିବାକୁ ଉଦ୍ୟମ ଆରମ୍ଭ କରିଛି।

# ଜୟ ବାପୁ, ଜୟ ଭୀମ୍ ଓ ଜୟ ସମ୍ବିଧାନ ସମାବେଶ କରିବ ଛାତ୍ର କଂଗ୍ରେସ

**ଭୁବନେଶ୍ୱର,୨୧।୧(ସମିସ):** ଆସନ୍ତା ଜାନୁଆରୀ ୨୩ତାରିଖରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ 'ଜୟ ବାପୁ, ଜୟ ଭୀମ୍ ଓ ଜୟ ସମ୍ବିଧାନ' ସମାବେଶ କରାଯିବ। ଏହା ପରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ଏକ ଯାତ୍ରା ବାହାରି ଏଜି ଛକଠାରେ ଥିବା ସମ୍ବିଧାନ ରଚୟିତା ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସେଠାରେ ଏହି ଆନ୍ଦୋଳନର ଉଦ୍ଦେଶ୍ୟକୁ ବ୍ୟକ୍ତ କରାଯିବ। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ମଙ୍ଗଳବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ବାପୁ ଯେଉଁ ରାମରାଜ୍ୟ କଥା କହିଥିଲେ, ବିଜେପିର ରାମରାଜ୍ୟ ତା'ଠାରୁ ଭିନ୍ନ। ବାପୁଙ୍କ ରାମରାଜ୍ୟରେ ସମାନତା, ସହନଶୀଳତା, ସାଧୁତା, ସଂଯମତା ଓ ଭ୍ରାତୃଭାବ ରହିଥିବା ବେଳେ ବିଜେପିର ରାମରାଜ୍ୟ ରାବଣ ରାଜ୍ୟ ସଦୃଶ। ଜାତି, ଧର୍ମ, ବର୍ଣ୍ଣ ଆଧାରରେ ଦେଶର ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଛି।



ସୁତରାଂ ମହାତ୍ମା ଗାନ୍ଧୀ ଯେଉଁ ଆଦର୍ଶ ଭାରତର ସ୍ୱପ୍ନ ଦେଖିଥିଲେ, ସେ ସ୍ୱପ୍ନକୁ ଚୂରମାର କରିବାକୁ ବିଜେପି ବିଧିବଦ୍ଧ ଯୋଜନା ଚଳାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଆଜି ଓଡ଼ିଶାରେ ଗୈରିକ ସଂଗଠନ ଦ୍ୱାରା ମୁସଲିମ୍ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଯାଉଛି। ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଘରପାଖରେ ଆଦିବାସୀ ମହିଳାଙ୍କୁ ଯେଉଁଳି ଭାବେ ଉଲଗ୍ନ କରି ଚପଲରେ ମାଡ଼ ମରାଗଲା, ତାହା ମଣିପୁର ବର୍ବରତାକୁ ଅତିକ୍ରମ କରିଛି ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। କଂଗ୍ରେସ ତଥା ଯେଉଁ ଅଣ-ବିଜେପି ଦଳ ମୋଦୀ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି, ସେମାନଙ୍କ ବିରୋଧରେ ଇଡି, ସିବିଆଇ ଆଦି ପ୍ରୟୋଗ କରି ହଇରାଣ ହରକତ କରାଯାଉଛି। ଏହା ବିରୋଧରେ ଛାତ୍ର କଂଗ୍ରେସ ଏହି ଆନ୍ଦୋଳନ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି। 'ଜୟ ବାପୁ, ଜୟ ଭୀମ୍ ଓ ଜୟ ସମ୍ବିଧାନ' ଯାତ୍ରା ଓ ସମାବେଶ ଆନ୍ଦୋଳନରେ ଭାରତୀୟ ଏନ୍‌ଏସ୍‌ୟୁଆଇର ରାଷ୍ଟ୍ରୀୟ ସଭାପତି ବରୁଣ ଚୌଧୁରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ବିଶ୍ୱଭୂଷଣ ମହାପାତ୍ର, କାର୍ତ୍ତିକେଶ୍ୱର କାଣ୍ଡି, ଶୁଭମ ରାଜ ଓ ସୁନୀଲ ସାହୁ ଗାନ୍ଧୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨୦ଟି ବର୍ଗରେ ରାଜ୍ୟ ଏନ୍‌ଏସ୍‌ଏସ୍ ପୁରସ୍କାର ପ୍ରଦାନ

# 'ନିଃସ୍ୱାର୍ଥପର ସମାଜସେବା କରିବାକୁ ଯୁବପିଢ଼ିଙ୍କୁ ପ୍ରେରିତ କରିବ ପୁରସ୍କାର'

**ଭୁବନେଶ୍ୱର, ୨୧।୧(ସମିସ):** ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ୨୦ଜଣଙ୍କୁ ରାଜ୍ୟଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପୁରସ୍କାର ପ୍ରଦାନ କରାଯାଇଛି। ତନ୍ମଧ୍ୟରେ ୧୨ଜଣ ସ୍ୱେଚ୍ଛାସେବୀ, ୩ଜଣ କାର୍ଯ୍ୟକ୍ରମ ଅଧିକାରୀ, ୩ଟି ଏନ୍‌ଏସ୍‌ଏସ୍ ୟୁନିଟ ଏବଂ ରକ୍ତଦାନ ଓ ବୃକ୍ଷରୋପଣ କାର୍ଯ୍ୟରେ ଶ୍ରେଷ୍ଠତା ପ୍ରଦାନ କରିଥିବା ଦୁଇଟି ୟୁନିଟକୁ ପୁରସ୍କୃତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଛନ୍ତି ଯେ ଓଡ଼ିଆ ସଂସ୍କୃତି ଓ ଅସ୍ମିତାକୁ ବିଶ୍ୱ ମଞ୍ଚରେ ଏକ ଅନନ୍ୟ ସ୍ଥାନ ପ୍ରଦାନ କରିବା ପାଇଁ ଯୁବପିଢ଼ି ସର୍ବଦା ଚେଷ୍ଟିତ ହେବା ଉଚିତ। ବିକଶିତ ଓଡ଼ିଶା ନିର୍ମାଣରେ ସେମାନଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ସାହାଯ୍ୟ, ସହଯୋଗ ଓ ସେବା ମନୋଭାବ ନେଇ ସମାଜସେବା କରିବା ଏବଂ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରିବାକୁ ରାଜ୍ୟ ଜାତୀୟ ସେବା ଯୋଜନା ପୁରସ୍କାର ଯୁବପିଢ଼ିଙ୍କୁ ନିଶ୍ଚିତ ଭାବରେ ପ୍ରେରଣା ଯୋଗାଇବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ବ୍ରହ୍ମପୁରବିଶ୍ୱବିଦ୍ୟାଳୟରକୁଳପତିପ୍ରଫେସରଗୀତାଞ୍ଜଳିଦାଶଏବଂଜାତୀୟସେବା ଯୋଜନାଆଞ୍ଚଳିକନିର୍ଦ୍ଦେଶାଳୟରଆଞ୍ଚଳିକନିର୍ଦ୍ଦେଶକସରିତାପଟେଲସମ୍ମାନିତଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ବିଭିନ୍ନ ପ୍ରସଙ୍ଗରେ ମାର୍ଗଦର୍ଶନ କରିଛନ୍ତି। ଶେଷରେ ରାଜ୍ୟ ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ, ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଭାବେ ନିୟୋଜିତ ହୋଇ ସମାଜସେବାରେ ନିଜକୁ ନିୟୋଜିତ କରିଛନ୍ତି। ସ୍ୱଚ୍ଛ ଭାରତ, ବୃକ୍ଷରୋପଣ, ରକ୍ତଦାନ, ସଡ଼କ ନିରାପତ୍ତା, ନିଶା ନିବାରଣ, ସାଇବର ସୁରକ୍ଷା ଆଦି ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ବନ୍ୟା-ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟରେ ସାହାଯ୍ୟ କରୁଛନ୍ତି।

# ଜେଲ୍‌ରୁ ବାହାରି ଅପରାଧ ଘଟାଉଛନ୍ତି ଅପରାଧୀ

**ଭୁବନେଶ୍ୱର,୨୧।୧(ସମିସ):** ରାଜଧାନୀରେ ବଢ଼ିଗଲାଣି ଅପରାଧ। ପ୍ରତିଦିନ କିଛି ନା କିଛି ଅପରାଧ ଘଟୁଛି। ପୁଲିସ ମାମଲା ରୁଜୁ କରି ଅପରାଧୀଙ୍କୁ ଧରିବାକୁ ଚେଷ୍ଟା କଲେ ବି ସଫଳ ହୋଇପାରୁନି। କାରଣ ପୁଲିସ ଏକାଧିକ ଜେଲ୍ ଫେରନ୍ତାଙ୍କ ଉପରେ ରଖୁନି ନଜର। ସେମାନେ ଜାମିନରେ ଜେଲ୍‌ରୁ ବାହାରି ଅପରାଧ ଘଟାଉଛନ୍ତି। ଏହାପରେ ସେମାନେ ସହର ଭିତରେ ଥିବା କୌଣସି ବସ୍ତିରେ ଲୁଚି ଯାଉଛନ୍ତି। ପୁଲିସ ନିକଟରେ ଏହି ଅପରାଧୀଙ୍କ ତଥ୍ୟ ନ ଥିବାରୁ ସେମାନେ ଖୁଲମ୍‌ଖୁଲା ଅପରାଧ ଘଟାଉଛନ୍ତି। ଆହୁରି ମଧ୍ୟ ଜେଲ୍ ପରେଡ୍ ବନ୍ଦ ହୋଇଯାଇଥିବାରୁ ପୁଲିସ ପେସାଦାର ଅପରାଧୀଙ୍କୁ ମଧ୍ୟ ଚିହ୍ନଟ କରିପାରୁନି। ଅପରାଧୀଙ୍କ ଉପରେ ଲଗାମ ରହୁ ନ ଥିବାରୁ ସେମାନେ ମନଇଚ୍ଛା ଅପରାଧ ଘଟାଉଛନ୍ତି। ନିକଟରେ ମଞ୍ଚେଶ୍ୱର ଥାନା ବାଣୀବିହାର ଓଭରବ୍ରିଜ୍ ଉପରେ ସହଦେବ ନାୟକଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କଲେ। ଅପରାଧୀମାନେ ଡ୍ରଗ୍ସ କାରବାର କରି ଏକାଧିକ ଥର ଜେଲ୍ ଯାଇଥିଲେ। ସେଠାରୁ ଫେରି ହତ୍ୟା ପାଇଁ ଯୋଜନା କରିଥିଲେ। ହେଲେ ପୁଲିସ ସେମାନଙ୍କ ଉପରେ ନଜର ରଖି ନ ଥିବାରୁ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟାଇଲେ। ରାଜଧାନୀରେ ଜାମିନରେ ଆସିଥିବା ୧୮୯ ଜଣ ଅପରାଧୀ ଥାନାରେ ହାଜିରା ଦେଉନାହାନ୍ତି। ସେମାନଙ୍କ ପାଇଁ ଏବେ କମିସନରେଟ୍ ପୁଲିସ କଠୋର ହେଉଛି। ହାଜିରା ଦେଉ ନ ଥିବା ୩୦ଜଣ କୁଖ୍ୟାତ ଅପରାଧୀଙ୍କ ଜାମିନ ଖାରଜ କରିବା ପାଇଁ ପୁଲିସ କୋର୍ଟରେ ପିଟିସନ କରିବ। ଆହୁରି ଅନେକ ଅପରାଧୀ ଘର ଠିକଣା ବଦଳାଇଥିବାରୁ ପୁଲିସ ସେମାନଙ୍କ ଟେର୍ ପାଉନି। ଥାନାରେ ହାଜିରା ଦେଉ ନ ଥିବା ଅପରାଧୀଙ୍କୁ ଖୋଜୁଛି ପୁଲିସ।




**ଥାନା ହାଜିରାକୁ ଗୁରୁତ୍ୱ ଦେଉନି ପୁଲିସ**

**ଜେଲ୍ ପରେଡ୍ ହୋଇଗଲାଣି ଅପହଞ୍ଚ**

**ହାଜିରା ଦେଉନାହାନ୍ତି ୧୮୯ ଜେଲ୍ ଫେରନ୍ତା**

**ପ୍ରତି ଛକରେ ମୁଣ୍ଡ ଟେକିଲାଣି ଭାଇଗିରି**

### ବସ୍ତିରେ ସର୍ବାଧିକ ହାଜିରା ଖିଲାପକାରୀ

ରାଜଧାନୀରେ ଘଟୁଥିବା ଏକାଧିକ ଅପରାଧ ପଛରେ ସହରର ବସ୍ତି ଅଞ୍ଚଳରେ ରହୁଥିବା କେହି ନା କେହି ସମ୍ପୃକ୍ତ ରହୁଛନ୍ତି। ସେମାନଙ୍କୁ ପୁଲିସ ଗିରଫ କରି ଜେଲ୍ ପଠାଇଲେ ମଧ୍ୟ ସେମାନେ ଜେଲ୍‌ରୁ ବାହାରି ଆସି ପୁଣି ଅପରାଧ ଘଟାଉଛନ୍ତି। ବସ୍ତିରେ ରହୁଥିବା ଏକାଧିକ ଅପରାଧୀ ନିଜର ଠିକଣା ବଦଳାଉଛନ୍ତି। ସେମାନେ ମାସେ ପୂର୍ବରୁ ଗୋଟିଏ ବସ୍ତିରେ ରହୁଥିବାବେଳେ ଆଉ ଗୋଟେ ମାସରେ ଅନ୍ୟ ଏକ ବସ୍ତିରେ ରହୁଛନ୍ତି। ଯେଉଁ ଅଞ୍ଚଳରେ ରହୁଛନ୍ତି ସେଠାର ଥାନା ପୁଲିସ ସେମାନଙ୍କ ବିଷୟରେ କିଛି ଜାଣିପାରୁନାହିଁ। ନା ଥାନାରେ ହାଜିରା ଦେଉଛନ୍ତି ନା ପୁଲିସ ସେମାନଙ୍କୁ ଜାଣିଛି। ସେମାନେ ନିର୍ଭୟରେ ଅପରାଧ ଘଟାଉଛନ୍ତି। ବିଶେଷ କରି ସହରରେ ଥିବା ଏକାଧିକ ବସ୍ତିରେ ଅଧିକ ସର୍ତ୍ତଖିଲାପକାରୀ ରହୁଛନ୍ତି। ସାଲିଆସାହି, ଭରତପୁର ଆଦି ବଡ଼ ବଡ଼ ବସ୍ତିରେ ଏକାଧିକ ହାଜିରା ଦେଉନଥିବା ଅପରାଧୀ ଅଛନ୍ତି।

### ହାଜିରା ଦେଉନଥିବା ଅପରାଧୀଙ୍କ ତାଲିକା କରିବାକୁ ନିର୍ଦ୍ଦେଶ

ଥାନାରେ ହାଜିରା ଦେଉନଥିବା ବ୍ୟକ୍ତି ଲୁଚି ରହି ଅପରାଧ ଘଟାଉଛନ୍ତି। ତେଣୁ ଯେଉଁମାନେ ଥାନାରେ ହାଜିରା ଦେଉନାହାନ୍ତି ସେମାନଙ୍କ ଘରକୁ ଯାଇ ଉଠାଇ ଆଣିବାକୁ ଡିସିପି ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମେ ସେମାନଙ୍କ ଏକ ତାଲିକା କରିବାକୁ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତାଲିକା ପରେ ସେମାନଙ୍କୁ ଧରିବାକୁ ନିର୍ଦ୍ଦେଶ ଆସିଛି। ଯଦି ସେମାନେ ଦିଆଯାଇଥିବା ଠିକଣାରେ ନଥିବେ ତେବେ ସେମାନଙ୍କୁ ଖୋଜିବାକୁ କୁହାଯାଇଛି। ଯେଉଁଥିପାଇଁ ପ୍ରତି ଥାନାରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ହାଜିରା ଦେଉନଥିବା ଅଭିଯୁକ୍ତର ଠିକଣାରେ ରାତିଅଧିଆ ଚଢ଼ଉ କରୁଛନ୍ତି। ଏହି ଚଢ଼ଉ ସମୟରେ ଦେଖିବାକୁ ମିଳିଛି ଯେ ଅନେକ ଅଭିଯୁକ୍ତ ଠିକଣା ବଦଳାଇ ଦେଇଛନ୍ତି। ସେହି ଠିକଣାରେ ଅନ୍ୟ କେହି ରହୁଛନ୍ତି।

### ଜାଲ୍ ଜମି ପଟ୍ଟା ଦେଇ ଜାମିନରେ ଆସିଛନ୍ତି ଏକାଧିକ ଅପରାଧୀ

ଟଙ୍କା ରୋଜଗାର କରିବା ଲୋଭରେ ଏବେ କିଛି ଜାମିନ୍‌ଦାର ଜାଲ୍ ଜମି ପଟ୍ଟା ଧରି କୋର୍ଟ ଆଗରେ ବସୁଛନ୍ତି। ସେମାନେ ୩ହଜାର ଟଙ୍କା ନେଇ ସାଜୁଛନ୍ତି ନକଲି ଜାମିନ୍‌ଦାର। ଅଭିଯୁକ୍ତର ନିଜ ଲୋକ ହୋଇଥିବା ବିଚାରପତି ଆଗରେ କହି ଜାମିନ କରାଉଛନ୍ତି। ନିକଟରେ ଜଣେ ବ୍ୟକ୍ତି ଅନ୍ୟର ଜମି ପଟ୍ଟାକୁ ନେଇ ନିଜ ପୈତୃକ ସମ୍ପତ୍ତି କହି କୋର୍ଟରୁ ଜଣେ ବ୍ୟକ୍ତିଙ୍କୁ ଜାମିନ କରିଥିଲେ। ଧରାପଡ଼ିବା ପରେ ବଡ଼ଗଡ଼ ଥାନା ପୁଲିସ ଦ୍ୱାରା ଗିରଫ ହୋଇଥିଲେ। ଗିରଫ ହୋଇଥିବା ଅଭିଯୁକ୍ତମାନେ କୋର୍ଟରୁ ଏକାଧିକ ବ୍ୟକ୍ତିଙ୍କୁ ନକଲି ପଟ୍ଟା ଦେଇ ଜାମିନ କରାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଘରବାରି କିସମର ଜମି ମାଲିକଙ୍କୁ ଅଦାଲତ ପ୍ରାୟତଃ ଦାମିନ୍‌ଦାର ଭାବେ ଗ୍ରହଣ କରନ୍ତିନି। କିନ୍ତୁ ଏବେ କିଛି ଜାମିନ୍‌ଦାର ଟଙ୍କା ରୋଜଗାର କରିବା ଲୋଭରେ ଘରବାରି କିସମକୁ ଚାଷଜମି କହି ଜାମିନ କରାଉଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୯୫ ● ପାଉଣ୍ଡ ୧୦୬.୨୮
- ୟୁରୋ ୮୯.୭୩ ● ୟେନ୍ ୦.୫୫

**ସୁନା, ରୁପା ଦର**




୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୪,୫୦୦ (ଭୁବନେଶ୍ୱର)
- ରୁପା : ୯୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୮୩୮.୦୦
- ନିଫ୍ଟି ୨୩,୦୪୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



ଟ୍ରମ୍ପ୍ ୨.୦

# ବ୍ରିକ୍ସ ରାଷ୍ଟ୍ରଙ୍କୁ ଟ୍ରମ୍ପ୍‌ଙ୍କ ଧମକ






ୱାଶିଂଟନ୍, ୨୧।୧(ଏଜେନ୍ସି)

ଆମେରିକାର ୪୭ତମ ରାଷ୍ଟ୍ରପତି ଭାବରେ ଡୋନାଲ୍ଡ ଟ୍ରମ୍ପ୍ ଶପଥ ନେବା କ୍ଷଣି ସାରା ବିଶ୍ୱକୁ ତାଙ୍କର ନାଲି ଆଖି ଦେଖାଇବା ଆରମ୍ଭ କରିଛନ୍ତି। ପ୍ରଥମ ଦିନରୁ ଟ୍ରମ୍ପ୍ ବ୍ରିକ୍ସ ଦେଶମାନଙ୍କ ପ୍ରତି ନିଜର କଠୋର ମନୋଭାବ ଦେଖାଇଛନ୍ତି। ଚୀନ୍ ସମେତ ବ୍ରିକ୍ସ ଦେଶଗୁଡିକ ଉପରେ ଶୁଳ୍କ ମହଙ୍ଗା କରିବା ନେଇ ସେ ଧମକ ମଧ୍ୟ ଦେଇଛନ୍ତି। ଏହା ୟୁରୋପୀୟ ଦେଶମାନଙ୍କୁ ମଧ୍ୟ ଏକ ସଂକେତ। ଟ୍ରମ୍ପ୍ କହିଛନ୍ତି ଯେ, ଯଦି ବ୍ରିକ୍ସ ଦେଶଗୁଡିକ ବାଣିଜ୍ୟ କାରବାର ପାଇଁ ଭିନ୍ନ ମୁଦ୍ରା ଆଣିବେ ତେବେ ସେମାନେ ପରିଣାମ ଭୋଗିବେ। ଏ କ୍ଷେତ୍ରରେ ଆମେରିକା ସେମାନଙ୍କ ଉପରେ ଶତ ପ୍ରତିଶତ ଟାରିଫ୍ ବା ଶୁଳ୍କ ଲାଗୁ କରିବ।

**■ ବ୍ରିକ୍ସ ଦେଶମାନଙ୍କୁ ଚେତାବନୀ ଦେଲେ ଟ୍ରମ୍ପ୍**

ଓଭାଲ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର ଦାୟିତ୍ୱ ଗ୍ରହଣ ସମାରୋହରେ ଗଣମାଧ୍ୟମକୁ ସୂଚନା ଦେଇବା ଅବସରରେ ବ୍ରିକ୍ସ ଦେଶଗୁଡିକୁ ଚେତାବନୀ ଦେଇ ଟ୍ରମ୍ପ କହିଛନ୍ତି, ବାଣିଜ୍ୟ କାରବାର ପାଇଁ ଭିନ୍ନ ମୁଦ୍ରା ଆଣିବା ସମ୍ପର୍କରେ ଯଦି ବ୍ରିକ୍ସ ରାଷ୍ଟ୍ର ଚିନ୍ତା ବି କରନ୍ତି, ତେବେ ସେମାନଙ୍କ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଯିବ। ତେଣୁ ସେମାନେ ଏହାକୁ ଛାଡ଼ିବାକୁ ବହୁତ ଶୀଘ୍ର ବାଧ୍ୟ ହେବ। ବିଶ୍ୱ ବାଣିଜ୍ୟ କାରବାରରେ ବିଭିନ୍ନ ରାଷ୍ଟ୍ରଙ୍କ ଦ୍ୱାରା ବ୍ୟବହାର କମ୍ କରିବା ପ୍ରସଙ୍ଗରେ ଲାର ବ୍ୟବହାର ହ୍ରାସ ସମ୍ପର୍କରେ ସେ ଏହା କହିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ତାଙ୍କ ବକ୍ତବ୍ୟକୁ ଧମକ ଭାବରେ ଦେଖାଯିବା ଉଚିତ୍ ନୁହେଁ ବରଂ ଏହାକୁ ଏକ ପ୍ରସଙ୍ଗ ଦୃଷ୍ଟିକୋଣରୁ ଦେଖାଯିବା ଉଚିତ୍। ରାଷ୍ଟ୍ରପତି ଏହି ପ୍ରସଙ୍ଗରେ ପୂର୍ବର୍ତ୍ତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ମନ୍ତବ୍ୟକୁ ମଧ୍ୟ ଉଲ୍ଲେଖ କରିଥିଲେ। ଏହି ମାମଲାରେ ଆମେରିକା ଦୁର୍ବଳ ସ୍ଥିତିରେ ରହିଛି ବୋଲି ପୂର୍ବରୁ ବାଇଡେନ୍ ସୂଚାଇ ଦେଇଥିଲେ। ଟ୍ରମ୍ପ ଏଥିରେ ଅସହମତି ଦେର୍ଶାଇ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ଉପରେ ଆମେରିକାର ପ୍ରଭାବ ରହିଛି ଏବଂ ବ୍ରିକ୍ସ ସେମାନଙ୍କର ଯୋଜନା ସହିତ ଆଗକୁ ବଢ଼ିପାରିବେନାହିଁ ବୋଲି କହିଛନ୍ତି।

**୧୦୦% ବାଣିଜ୍ୟ ଶୁଳ୍କ ଲଗାଇବାକୁ ଚେତାବନୀ**

**ଭିନ୍ନ ମୁଦ୍ରା ଆଣିଲେ ପରିଣାମ ଭୋଗିବ**

ଟ୍ରମ୍ପ କହିଛନ୍ତି ଯେ, ଯଦି ବ୍ରିକ୍ସ ଦେଶଗୁଡିକ ଡଲାର ପରିତ୍ୟାଗ କରନ୍ତି, ତେବେ ଆମେ ଶତ ପ୍ରତିଶତ ଶୁଳ୍କ ଲାଗୁ କରିବୁ। ବ୍ରିକ୍ସ ଏହା କରିବାକୁ ଚାହିଁଲେ , ଆମେ ଆମେରିକା ସହିତ ସେମାନଙ୍କର ବାଣିଜ୍ୟ କାରବାର ଉପରେ ଅତି କମ୍‌ରେ ୧୦୦ ପ୍ରତିଶତ ଶୁଳ୍କ ଲଗାଇବୁ।

ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୩ ମସିହାରେ ଭିଡିଓ କନଫରେନ୍ସି ମାଧ୍ୟମରେ ୧୫ତମ ବ୍ରିକ୍ସ ଶିଖର ସମ୍ମିଳନୀର ପୂର୍ଣ୍ଣାଙ୍ଗ ଅଧିବେଶନରେ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍ ଡଲାରୀକରଣ ପାଇଁ ଆହ୍ୱାନ ଦେଇଥିଲେ। ସେ କହିଥିଲେ ଯେ ଦେଶଗୁଡ଼ିକ ଜାତୀୟ ମୁଦ୍ରାରେ ସମାଧାନ ବିସ୍ତାର କରିବା ଉଚିତ ଏବଂ ବ୍ୟାଙ୍କଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି କରିବା ଉଚିତ। ୨୦୨୪ ଜୁନ୍‌ରେ, ବ୍ରିକ୍ସ ଦେଶଗୁଡ଼ିକର ବୈଦେଶିକ ମନ୍ତ୍ରୀମାନେ ରୁଷିଆର ନିଜନି ନୋଭଗୋରୋଡରେ ବୈଠକ କରିଥିଲେ ଏବଂ ସଦସ୍ୟ ଦେଶମାନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ବାଣିଜ୍ୟ ଏବଂ ଆର୍ଥିକ କାରବାରରେ ସ୍ଥାନୀୟ ମୁଦ୍ରାର ବ୍ୟବହାର ବୃଦ୍ଧି କରିବାକୁ ଆହ୍ୱାନ କରିଥିଲେ।

ଅପରପକ୍ଷେ ଟ୍ରମ୍ପଙ୍କ ଧମକ ପରେ ଭାରତ ଏହି ପ୍ରସଙ୍ଗରେ ବେଶ ସତର୍କତା ଅବଲମ୍ବନ କରୁଛି। ଭାରତର କହିବା ହେଉଛି ବ୍ରିକ୍ସ ମୁଦ୍ରା ଆପଣାଇଲେ ଦେଶର ଆର୍ଥିକ ସ୍ଥିତି ଉପରେ ତାହାର ପ୍ରତିକୂଳ ପ୍ରଭାବ ପଡିପାରେ। ଅପରପକ୍ଷେ ଭାରତ ଚୀନ୍‌ର ବଢ଼ିଚାଲିଥିବା ପ୍ରଭାବକୁ ନେଇ ମଧ୍ୟ ଚିନ୍ତାରେ। କାରଣ ଚୀନ୍ ଏହାର ଆର୍ଥିକ ଏବଂ ରାଜନୈତିକ ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ବ୍ରିକ୍ସକୁ ଉପଯୋଗ କରୁଛି। ଏଥିରେ ଭାରତର ନୀତି ଏହା ହେଉଛି ଯେ, ଆମେରିକୀୟ ଡଲାରକୁ ଚ୍ୟାଲେଞ୍ଜ ଦେଉଥିବା ମୁଦ୍ରା ପରିଚାଳନାକାରୀ ରାଷ୍ଟ୍ର ସହ ଛିଡା ହୋଇ ଆମେରିକା ଭଳି ପଶ୍ଚାତ୍ୟ ରାଷ୍ଟ୍ରଙ୍କ ସହ ବ୍ୟବସାୟିକ ସମ୍ପର୍କକୁ ବିପଦରେ ପକାଇବା ନୁହେଁ।

## ୟୁକୋ ବ୍ୟାଙ୍କର ନେଟ୍ ଲାଭ ୬୩୯ କୋଟି

ଭୁବନେଶ୍ୱର,୨୧।୧(ସମିସ): ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କର ତୃତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ପ୍ରକାଶ ପାଇଛି। ବ୍ୟାଙ୍କ ଡିସେମ୍ବର ମାସ ଶେଷ ସୁଦ୍ଧା, ତୃତୀୟ ତ୍ରୈମାସରେ ଶତକଡା ୨୭.୦୪ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରି ୬୩୯ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଛି ଯାହା ପୂର୍ବ ବର୍ଷ ଏହି ସମୟରେ ୫୦୩ କୋଟି ଟଙ୍କା ରହିଥିଲା। ବ୍ୟାଙ୍କର ସକଳ ଅଗ୍ରୀମରେ ଶତକଡା ୨୨.୦୧ ପ୍ରତିଶତ ବୃଦ୍ଧି ଘଟି ୧,୧୪, ୩୫୦ କୋଟିରେ ପହଞ୍ଚିଚଛି। ଡିସେମ୍ବର ମାସ ଶେଷ ସୁଦ୍ଧା ବ୍ୟାଙ୍କର ସମୁଦାୟ ବ୍ୟବସାୟିକ



ଅଭିବୃଦ୍ଧି ୪, ୮୮,୯୧୧ କୋଟିରେ ହୋଇଛି। ବ୍ୟାଙ୍କର ନେଟ୍ ସୁଧ ଆୟରେ ଶତକଡା ୧୯.୬୨ ପ୍ରତିଶତ ବୃଦ୍ଧି ଘଟି ୨,୩୭୮ କୋଟିରେ ପହଞ୍ଚିଛି।। ତୃତୀୟ ତ୍ରୈମାସିକ ସୁଦ୍ଧା ବ୍ୟାଙ୍କର ନେଟ୍ ସୁଧ ମାର୍ଜିନ ଶତକଡା ୩.୧୭ ପ୍ରତିଶତ ବୃଦ୍ଧି ପାଇଥିବା ସହ ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍) ଶତକଡା ୧୬.୨୫ ପ୍ରତିଶତ ବୃଦ୍ଧି ପାଇଛି। ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ (ପିସିଆର୍) ଶତକଡା ୯୬.୧୬ ପ୍ରତିଶତରେ ପହଞ୍ଚିଛି। ବ୍ୟାଙ୍କର ପରିଚାଳନାଗତ ଲାଭ ଶତକଡା ୪୧.୭୩ ପ୍ରତିଶତ ଅଭିବୃଦ୍ଧି ହାରରେ ୧,୫୮୬ କୋଟିରେ ପହଞ୍ଚିଛି। ବ୍ୟାଙ୍କର ମୋଟ୍ ଏନ୍‌ପିଏ ୯୪ ବିପିଏସ୍ ହ୍ରାସ ପାଇ ଶତକଡା ୨.୯୧ ପ୍ରତିଶତରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ଏନ୍ପିଏ ୩୫ ବିପିଏସ୍ ହ୍ରାସ ପାଇ ଶତକଡା ୦.୬୩ ପ୍ରତିଶତରେ ପହଞ୍ଚିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୟୁକୋ ବ୍ୟାଙ୍କର ୩, ୨୬୩ ଟି ଘରୋଇ ଶାଖା ରହିଥିବା ବେଳେ ହଂକଂ ଓ ସିଙ୍ଗାପୁରରେ ୨ଟି ଶାଖା ରହିଛି ଏବଂ ଇରାନ୍‌ରେ ଗୋଟିଏ ପ୍ରତିନିଧି କାର୍ଯ୍ୟାଳୟ ରହିଛି। ବ୍ୟାଙ୍କର ୨,୪୭୮ ଟି ଏଟିଏମ୍ ଓ ୧୦୬୫୩ ଟି ବିସି ପଏଣ୍ଟ ରହିଛି।

## ଆମେରିକା ଋଣ ଖିଲାପୀ ହେବାର ନିକଟତର

ନୂଆଦିଲ୍ଲୀ,୨୧।୧(ଏଜେନ୍ସି)




ଡୋନାଲ୍ଡ ଟ୍ରମ୍ପ୍ ରାଷ୍ଟ୍ରପତି ହେବାର ମାତ୍ର ଗୋଟିଏ ଦିନ ପରେ, ଆମେରିକାରେ ଋଣ ସଙ୍କଟ ସ୍ଥିତି ପୁଣି ଥରେ ମୁଣ୍ଡ ଟେକିବା ଆରମ୍ଭ କରିଛି। ବିଦାୟୀ ଆମେରିକାର ଅର୍ଥମନ୍ତ୍ରୀ ଜାନେଟ୍ ୟେଲେନ୍ କିଛି ଦିନ ପୂର୍ବରୁ ଚେତାବନୀ

- **ଦେଶର ଋଣ ପରିମାଣ ୩୬ ଟ୍ରିଲିୟନ ଡଲାର ଟପିବ**
- **ଆଶଙ୍କାରେ ସାରା ବିଶ୍ୱ**

ଦେଇଥିଲେ ଯେ ଆମେରିକା ଜାନୁଆରୀ ୨୧ରେ ଏହାର ଋଣ ସୀମାରେ ପହଞ୍ଚିଯିବ। ଏହା ପରେ ଅର୍ଥ ବିଭାଗ ଅସାଧାରଣ ପଦକ୍ଷେପ ନେବା ଆରମ୍ଭ କରିବ। ଏହାର ଅର୍ଥ ହେଉଛି ବିଭାଗ ସମସ୍ତ ବିଲ୍ ପୈଠ କରିପାରିବନାହିଁ ଏବଂ କେଉଁ ବିଲ୍ ପୈଠ କରାଯିବ ତାହା ପ୍ରାଥମିକତା ଆଧାରରେ ନିଷ୍ପତ୍ତି ନେବ। ଏହା ସାମାଜିକ ସୁରକ୍ଷା ଅର୍ଥାତ୍ ଗରିବ ଲୋକଙ୍କୁ ଦିଆଯାଉଥିବା ସରକାରୀ ସହାୟତାକୁ ପ୍ରଭାବିତ କରିବ। ଏହାଛଡା ଆମେରିକା ଏହାର ଋଣ ଉପରେ ସୁଧ ଦେଇପାରିବନାହିଁ। ଏହା ଆମେରିକାକୁ ଦେବାଳିଆ କରିଦେବ। ବିଶ୍ୱର ସର୍ବବୃହତ ଅର୍ଥନୀତିର ଦେବାଳିଆ ହେବା ଏବେ ସମଗ୍ର ବିଶ୍ୱକୁ ପ୍ରଭାବିତ କରିବ।

ଋଣ ସଙ୍କଟ ଆମେରିକା ପାଇଁ ନୂଆ ନୁହେଁ। ୨୦୨୦ ଠାରୁ, ଦେଶର ଋଣ ୨୩.୨ ଟ୍ରିଲିୟନ ଡଲାରରୁ ବୃଦ୍ଧି ପାଇ ୩୬.୨ ଟ୍ରିଲିୟନ ଡଲାର ହୋଇଛି। ବିଗତ ପାଞ୍ଚ ବର୍ଷ ମଧ୍ୟରେ ଏହା ୧୩ ଟ୍ରିଲିୟନ ଡଲାର ବୃଦ୍ଧି ପାଇଛି। ଏହାର ଅର୍ଥ ହେଉଛି ମହାମାରୀ ଯୋଗୁଁ ଋଣ ୫୭ ପ୍ରତିଶତ ବୃଦ୍ଧି ପାଇଛି। ଗତ ବର୍ଷ, ଆମେରିକାର ଋଣ ୧୦୫ ଦିନରେ ୧ ଟ୍ରିଲିୟନ ଡଲାର ବୃଦ୍ଧି ପାଇଥିଲା। ଋଣ ସୀମାର ଅର୍ଥ ହେଉଛି ଆମେରିକା ସରକାର ଏହି ସୀମାଠାରୁ ଅଧିକ ଋଣ ନେଇପାରିବେ ନାହିଁ। ଯଦି ଋଣ ସୀମା ଏହି ସ୍ତରରେ ପହଞ୍ଚିଯାଏ, ତେବେ କଂଗ୍ରେସକୁ ଋଣ ନେବାର ସୀମା ବୃଦ୍ଧି କରିବାକୁ ପଡିବ। ୨୦୨୩ ଜୁନ୍‌ରେ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ପ୍ରଥମ ଥର ପାଇଁ ଆମେରିକା ଖିଲାପୀ ହେବାର ଆଶଙ୍କା ଥିଲା। ସମ୍ପ୍ରତି ଆମେରିକାର ଋଣ ନିୟନ୍ତ୍ରଣ ବାହାରେ। ଦେଶର ଆର୍ଥିକ ନିଅଣ୍ଟ ୧.୮ ଟ୍ରିଲିୟନ ଡଲାରରେ ପହଞ୍ଚିଛି, ଯାହା ଏହାର ଜିଡିପିର ୬.୪ ପ୍ରତିଶତ। ଏହାର ଅର୍ଥ ହେଉଛି ସରକାରଙ୍କ ଆୟ ହ୍ରାସ ପାଉଛି, ଯେତେବେଳେ ଖର୍ଚ୍ଚ ବୃଦ୍ଧି ପାଇଛି। ଦେଶ ପ୍ରତିବର୍ଷ ଏକ ଟ୍ରିଲିୟନ ଡଲାର ସୁଧ ପ୍ରଦାନ କରୁଛି।

## ସେୟାର ବଜାରରେ ଟ୍ରମ୍ପ୍ ଛନକା

ମୁମ୍ବାଇ,୨୧।୧(ଏଜେନ୍ସି)



**ସେନ୍‌ସେକ୍ସରେ ୧୨୦୦ ପଏଣ୍ଟରୁ ଅଧିକ ହ୍ରାସ**

**ଗୋଟିଏ ଝଟକାରେ ନିବେଶକଙ୍କ ବୁଡ଼ିଲା ୭ ଲକ୍ଷ କୋଟି**

**ଟ୍ରମ୍ପଙ୍କୁ ୪୮ ହଜାର କୋଟିର ଝଟ୍‌କା**

**ଟ୍ରମ୍ପ୍ ମେମେ କଏନ୍‌ରେ ୪୮% ହ୍ରାସ**

ପୁଣି ଧରାଶାୟୀ ହୋଇଛି ଭାରତୀୟ ସେୟାର ବଜାର। ମଙ୍ଗଳବାର କାରବାର ଆରମ୍ଭ ହେବାମାତ୍ରେ କ୍ରାସ୍ ହୋଇଛି ଘରୋଇ ବଜାର। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ) ସେନସେକ୍ସରେ ୧୨୦୦ ପଏଣ୍ଟରୁ ଅଧିକ ହ୍ରାସ ଘଟିଛି। ପାଇ ୭୬,୨୨୪.୭୯ ପଏଣ୍ଟନିବେଶକ ହରାଇଲେ ୫ ଲକ୍ଷ କୋଟି। କେବଳ ବିଏସଇ ନୁହେଁ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍‌ଟିରେ ମଧ୍ୟ ୨୯୯ ପଏଣ୍ଟ ହ୍ରାସ ଘଟିଛି। ଆମେରିକା ରାଷ୍ଟ୍ରପତି ଭାବେ ଶପଥଗ୍ରହଣ କରିବା ପରେ ଡୋନାଲ୍ଡ ଟ୍ରମ୍ପ ବ୍ରିକ୍ସ ଦେଶଗୁଡିକ ଉପରେ ଶତ ପ୍ରତିଶତ ବାଣିଜ୍ୟ ଶୁଳ୍କ ଲାଗୁ କରବାକୁ ଧମକ ଦେବା ପରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ସେୟାର ବଜାରରେ ଏପରି ସ୍ଥିତି ଯୋଗୁ ଆଜି ଦିନକରେ ନିବେଶକମାନେ ୫ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।

ଅପରପକ୍ଷେ ଟ୍ରମ୍ପଙ୍କୁ ମଧ୍ୟ ଆଜି ୪୮ ହଜାର କୋଟିର ଝଟ୍‌କା ଲାଗିଛି। ବଜାର କାରବାରରେ ଟ୍ରମ୍ପ୍ ମେମେ କଏନ୍‌ରେ ୪୮% ହ୍ରାସ ଘଟିଛି।

ମଙ୍ଗଳବାର କାବରାର ଶେଷ ବେଳକୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନସେକ୍ସରେ ୧୨୩୫ ପଏଣ୍ଟ ବା ୧.୬୦ ପ୍ରତିଶତ ହ୍ରାସ ଘଟି ୭୫,୮୩୮.୩୬ ପଏଣ୍ଟରେ କାରବାର ଶେଷ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି କାରବାରରେ ୨୯୯.୩୦ ପଏଣ୍ଟ ବା ୧.୨୮ ପ୍ରତିଶତ ହ୍ରାସ ହୋଇ ୨୩,୦୪୫.୩୦ ପଏଣ୍ଟରେ ବନ୍ଦ ହୋଇଛି। ପ୍ରଥମ ଦିନରୁ ଟ୍ରମ୍ପଙ୍କ ଘୋଷଣାରେ ନିବେଶକ ହତବାକ୍ ହୋଇଯାଇଛନ୍ତି। ଫଳରେ ସେମାନେ କାରବାର ସମୟରେ ସେୟାର ବିକିବା ଆରମ୍ଭ କରିଦେଇଛନ୍ତି। ପୁଞ୍ଜି ବଜାରରେ ଉଭୟ ବେଞ୍ଚମାର୍କ ସୂଚକାଙ୍କ ବିଏସଇ ସେନସେକ୍ସ ଓ ଏନଏସଇ ନିଫ୍ଟିରେ ୨ ପ୍ରତିଶତ ହ୍ରାସ ଦେଖାଯାଇଛି। ବିଏସଇ ମିଡ୍‌କ୍ୟାପ ଓ ସ୍ମଲ କ୍ୟାପ୍ ଇଣ୍ଡେକ୍ସରେ କାରବାର କାଳରେ ୨-୨ ପ୍ରତିଶତରୁ ଅଧିକ ହ୍ରାସ ଦେଖାଯାଇଛି। ଭାରତୀୟ ବଜାରରେ ବିକ୍ରି ଯୋଗୁ ନିବେଶକ ଗୋଟିଏ ଦିନରେ ୭.୪ ଲକ୍ଷ କୋଟି ଟଙ୍କାରୁ ଅଧିକ କ୍ଷତି ସହିଛନ୍ତି। ବିଏସଇ ସୂଚୀବଦ୍ଧ କମ୍ପାନୀଙ୍କ ମୋଟ ବଜାର ପୁଞ୍ଜି ୪୩୨ ଲକ୍ଷ କୋଟି ଟଙ୍କାରୁ ହ୍ରାସ ହୋଇ ୪୨୫.୫ ଲକ୍ଷ କୋଟି ଟଙ୍କା ହୋଇଯାଇଛି। ଅନ୍ୟ ପକ୍ଷେ ଫେବୃଆରୀ ପହିଲାରେ ସାଧାରଣ ବେଜଟ ଆଗତ ହେବାର ଅଛି। ଏଣୁ ନିବେଶକଙ୍କ ନଜର ଏବେ ବଜେଟ୍ ଉପରେ ରହିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରଧାନମନ୍ତ୍ରୀ ମୋଦିଙ୍କ ତୃତୀୟ କାର୍ଯ୍ୟକାଳର ଦ୍ୱିତୀୟ ବଜେଟ୍ ଉପସ୍ଥାପନ କରିବେ। ଆଶା କରାଯାଉଛି ସରକାର ପୁଞ୍ଜି ବ୍ୟୟକୁ ପ୍ରୋତ୍ସାହନ ଦେବେ।

## ଟିସିଏସ୍ ବିଶ୍ୱର ଦ୍ୱିତୀୟ ଆଇଟି ସେବା ବ୍ରାଣ୍ଡ

ମୁମ୍ବଇ,୨୧।୧(ଏଜେନ୍ସି): ବିଶ୍ୱସ୍ତରୀୟ ଅଗ୍ରଣୀ ଆଇଟି କମ୍ପାନି ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ବ୍ରାଣ୍ଡ ମୂଲ୍ୟ ଦ୍ୱିତୀୟ ବିଶ୍ୱସ୍ତରୀୟ ଆଇଟି ସେବା କମ୍ପାନୀ ଭାବେ ୨୧.୩ ବିଲିଅନ୍ ଡଲାର ମାଇଲଖୁଣ୍ଟ ଅତିକ୍ରମ କରିଛି। ଗତ ୧୫ ବର୍ଷ ମଧ୍ୟରେ କମ୍ପାନିର ବ୍ରାଣ୍ଡ ମୂଲ୍ୟ ୮୨୬ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୦ରେ ତାହାର ବ୍ରାଣ୍ଡ ମୂଲ୍ୟ ୨.୩ ବିଲିଅନ୍ ଡଲାର ଥିଲା।

ବ୍ରାଣ୍ଡ ଫାଇନାନ୍ସର ସିଇଓ ତଥା ଅଧ୍ୟକ୍ଷ ଡେଭିଡ୍ ହେଗ୍ କହିଛନ୍ତି ଯେ, ବ୍ରାଣ୍ଡ ଫାଇନାନ୍ସରେ ଆମେ ପ୍ରାୟ ଦୁଇ ଦଶନ୍ଧି ଧରି ଟିସିଏସ୍ ଉପରେ ନଜର ରଖୁଛୁ ଏବଂ କଂପାନି କିପରି ଏହାର ବ୍ୟବସାୟରେ ନୂତନତା ଆଣିଥାଏ ଏବଂ ବିଶ୍ୱସ୍ତରରେ ଏହାର ବ୍ରାଣ୍ଡକୁ ଉପସ୍ଥାପିତ କରୁଛି ତାହା ଦେଖି ମୁଁ କ୍ରମାଗତ ଭାବରେ ପ୍ରଭାବିତ ହେଉଛି। ସେମାନଙ୍କର ନିରନ୍ତର ପ୍ରୟାସ ସେମାନଙ୍କୁ

**ବ୍ରାଣ୍ଡ ମୂଲ୍ୟ ୨୦ ବିଲିଅନ୍ ଡଲାର ଟପିଲା**

ଏକ ମାଇଲଖୁଂଟ ବର୍ଷରେ ପହଂଚାଇଛି ଯେଉଁଠାରେ ସେମାନେ ବ୍ରାଣ୍ଡ ମୂଲ୍ୟରେ ୨୦ ବିଲିୟନ ସଂଖ୍ୟା ଅତିକ୍ରମ କରିବାରେ ଶିଳ୍ପର ଦ୍ୱିତୀୟ କମ୍ପାନି ହୋଇଛନ୍ତି। ସମସ୍ତ ୬୦୦,୦୦୦ ଟିସିଏସ କର୍ମଚାରୀଙ୍କୁ ଅଭିନନ୍ଦନ ଯେଉଁମାନେ ଗର୍ବର ସହ ସେମାନଙ୍କ ବ୍ରାଣ୍ଡକୁ ଆଗକୁ ବଢ଼ାଇଛନ୍ତି। ଜଟିଳ ଆହ୍ୱାନର ମୁକାବିଲା କରୁଥିବା ଉନ୍ନତ ଜ୍ଞାନକୌଶଳ ସମାଧାନ ପ୍ରଦାନ କରି ଟିସିଏସ୍ କ୍ରମାଗତ ଭାବରେ ନିଜକୁ ବିଶ୍ୱସ୍ତରୀୟ ନିଗମଗୁଡିକ ପାଇଁ ଏକ ବିଶ୍ୱସ୍ତ ଅଂଶୀଦାର ଭାବରେ ପ୍ରମାଣିତ କରିଛି।

## ବିଓବି ପକ୍ଷରୁ ୫ଟି ମହିଳା ଶାଖାର ଶୁଭାରମ୍ଭ



ଭୁବନେଶ୍ୱର,୨୧।୧(ସମିସ): ରାଷ୍ଟ୍ରାୟତ ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ଏହାର "ମହିଳାଙ୍କ ଦ୍ୱାରା, ମହିଳାଙ୍କ ପାଇଁ" ଲକ୍ଷ୍ୟ ଅନୁସାରେ ଓଡ଼ିଶା ଓ ଝାଡ଼ଖଣ୍ଡରେ ୫ଟି ମହିଳା ଶାଖାର ଶୁଭାରମ୍ଭ କରାଯାଇଛି। ନୂତନ ମହିଳା ଶାଖାଗୁଡ଼ିକ ନିଳାଦ୍ରୀ ବିହାର (ଭୁବନେଶ୍ୱର), ଖୁଣ୍ଟା (କଟକ), ଇରବା (ରାଞ୍ଚି), ଧନୁପାଲି (ସମ୍ବଲପୁର) ଓ ଜାମସେଦପୁର ମହିଳା ମହାବିଦ୍ୟାଳୟ (ଜାମସେଦପୁର)ରେ ଖୋଲାଯାଇଛି। ଏହି ଶାଖାଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ମହିଳାଙ୍କ ଦ୍ୱାରା ପରିଚାଳିତ ହେବ। ଏହି ଶାଖାଗୁଡ଼ିକୁ ମହିଳା କର୍ମଚାରୀ, ମହିଳା ଗ୍ରାହକ ଏବଂ ସର୍ବୋପରି ସମସ୍ତ ପ୍ରକାର ଗ୍ରାହକଙ୍କ ପାଇଁ ସହାୟକ ହେବ। ବ୍ୟାଙ୍କ୍ ପକ୍ଷରୁ ଓଡ଼ିଶାରେ ୩ଟି ଓ ଝାଡ଼ଖଣ୍ଡରେ ଦୁଇଟି ମହିଳା ଶାଖା ଖୋଲାଯାଇଛି। ଏହି ୫ଟି ଶାଖା ମଧ୍ୟରୁ ୩ଟି ସହରାଞ୍ଚଳ ଓ ଦୁଇଟି ହେଉଛି ଗ୍ରାମୀଣ ଶାଖା। ଏହି ଅବସରରେ ବ୍ୟାଙ୍କ୍ ଅଫ୍ ବରୋଦାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବୀଣା ୱାହିଦ୍ କହିଛନ୍ତ ଯେ, ଓଡ଼ିଶା ଓ ଝାଡ଼ଖଣ୍ଡରେ ୫ଟି ମହିଳା ଶାଖା ଖୋଲିବା ସହିତ ଆମେ ଏଭଳି ଏକ ପରିବେଶ, ସଂସ୍କୃତି ଓ ବ୍ୟବସ୍ଥା ଗଠନ କରିବା ଦିଗରେ କାର୍ଯ୍ୟ କରୁଛୁ, ଯେଉଁଠାରେ ମହିଳାମାନେ ସଫଳତା ପାଇପାରିବେ।

## ବାଗ୍‌ଚୀ କରୁଣାଶ୍ରୟ ପାଲିଏଟିଭ୍ କେଆର୍ ସେଣ୍ଟର ଲୋକାର୍ପିତ

ଭୁବନେଶ୍ୱର, ୨୧।୧ (ସମିସ)



ଭୁବନେଶ୍ୱର ଇନଫୋସିଟି-୨ ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବାଗ୍‌ଚୀ କରୁଣାଶ୍ରୟ ପାଲିଏଟିଭ୍ କେଆର୍ ସେଣ୍ଟର୍ ଉଦ୍‌ଘାଟନ କରିଛନ୍ତି। ଏହି ସେଣ୍ଟର୍ଟି ବାଙ୍ଗାଲୋର୍ ହସ୍ପିସ୍ ଟ୍ରଷ୍ଟ ଅନ୍ତର୍ଭୁକ୍ତ 'କରୁଣାଶ୍ରୟ' ଅନୁଷ୍ଠାନର ସହଯୋଗ ଏବଂ ସୁସ୍ମିତା ବାଗ୍‌ଚୀ ଓ ସୁବ୍ରତ ବାଗ୍‌ଚୀଙ୍କ ଅକୁଣ୍ଠିତ ଅନୁଦାନରେ ପ୍ରତିଷ୍ଠା କରାଯାଇଛି। ଏଠାରେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଜୀବନର ଶେଷାବସ୍ଥାରେ ପହଞ୍ଚିଥିବା ସମସ୍ତ ରୋଗୀମାନଙ୍କର ସେବା ନିଃଶୁଳ୍କ ଭାବରେ କରାଯିବ। ଓଡିଶା ସରକାର ଏହି ସେଣ୍ଟର୍ ପାଇଁ ଜମି ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ରିହାତି ଦରରେ ଯୋଗାଇ ଦେଇଛନ୍ତି। ସେବା ଯତ୍ନ ବ୍ୟତୀତ 'ବାଗ୍‌ଚୀ କରୁଣାଶ୍ରୟ ପାଲିଏଟିଭ୍ କେଆର୍ ସେଣ୍ଟର୍ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ମଧ୍ୟ ଆଗାମୀ ଦିନରେ କାର୍ଯ୍ୟ କରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି କେନ୍ଦ୍ରଟି ହେଉଛି ମାନବୀୟ ଆଦର୍ଶର ଶ୍ରେଷ୍ଠ ଉଦାହରଣ ଏବଂ ଦାନ, ଦୟା ଓ କରୁଣାର ଏକ ମହାନ ପ୍ରତିଫଳନ। ବାଗ୍‌ଚୀ ଦମ୍ପତିଙ୍କୁ ପ୍ରଶଂସା କରି କହିଥିଲେ ଯେ ସମାଜ ସେବା କ୍ଷେତ୍ରରେ ଏପରି ନିସ୍ୱାର୍ଥପର ଅବଦାନ ଆଜିକାଲି ଖୁବ କ୍ୱଚିତ ଦେଖିବାକୁ ମିଳୁଛି। ଏହି ଦମ୍ପତି ହେଉଛନ୍ତି ଓଡିଶା ପାଇଁ ଆଦର୍ଶ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାଗ୍‌ଚୀ ଦମ୍ପତିଙ୍କୁ ପ୍ରଶଂସା କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଥିଲେ ଯେ ମୃତ୍ୟୁ ସହ ସଂଗ୍ରାମ କରୁଥିବା କ୍ୟାନସର ରୋଗୀଙ୍କୁ ସେବା ଯୋଗାଇ ଦେବାପାଇଁ ମହତ୍ ଉଦ୍ଦେଶ୍ୟ ରଖି ଏହି ଅନୁଷ୍ଠାନ ପ୍ରତିଷ୍ଠା ହୋଇଛି। ଏହି କେନ୍ଦ୍ରର ପ୍ରତିଷ୍ଠାତା ଶ୍ରୀ ସୁବ୍ରତୋ ବାଗ୍‌ଚୀ କହିଥିଲେ ଯେ କ୍ୟାନସର ରୋଗ, ରୋଗୀ ସହିତ ସମଗ୍ର ପରିବାରକୁ ପ୍ରଭାବିତ କରିଥାଏ। ଏଥିପାଇଁ ଚିକିତ୍ସା ସହିତ ସମବେଦନାର ଆବଶ୍ୟକତା ରହିଛି। ଏହି କେନ୍ଦ୍ରର ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ମାନେ ରୋଗୀ ମାନଙ୍କ ଘରକୁ ଯାଇ ମଧ୍ୟ ସେବା ଯୋଗାଉଛନ୍ତି। ସମସ୍ତଙ୍କ ସହଯୋଗରେ ଏହି କେନ୍ଦ୍ର ପ୍ରତିଷ୍ଠା ହୋଇଛି। ବେଙ୍ଗାଲୁରୁ ହସ୍ପିସ୍ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଗୁରୁମିତ ସିଂ ରାନ୍ଧୁଆ ସ୍ୱାଗତ ଭାଷଣ ଦେଇଥିଲେ।

## ସମନ୍ୱିତ ପିଏଟି ହାସଲରେ ଏଲ୍‌ଆଣ୍ଡଟିର ରେକର୍ଡ

ମୁମ୍ବାଇ,୨୧।୧(ଏଜେନ୍ସି): ଭାରତର ଅନ୍ୟତମ ଅଗ୍ରଣୀ ଅଣ-ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ୍ କମ୍ପାନୀ (ଏନବିଏଫସି) ଏଲ୍ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ୍ (ଏଲଟିଏଫ୍) ୨୦୨୪ ଡିସେମ୍ବର ୩୧ରେ ଶେଷ ହୋଇଥିବା ୯ ମାସରେ ୨,୦୦୭ କୋଟି ଟଙ୍କାର ସମନ୍ୱିତ ପିଏଟି ରେକର୍ଡ କରିଛି, ଯାହାକି ୨୦୨୩ ଡିସେମ୍ବର ୩୧ରେ ଶେଷ ହୋଇଥିବା ୯ ମାସ ତୁଳନାରେ ୧୪% ଅଧିକ। ଡିସେମ୍ବର ୩୧, ୨୦୨୪ରେ ଶେଷ ହୋଇଥିବା ତୃତୀୟ ତ୍ରୈମାସିକରେ ସମନ୍ୱିତ ପିଏଟି ୬୨୬ କୋଟି ଟଙ୍କା ରହିଥିଲା। ଡିସେମ୍ବର ୩, ୨୦୨୪ରେ ଶେଷ ହୋଇଥିବା ତୃତୀୟ ତ୍ରୟମାସ ରେ କମ୍ପାନୀ ୧୫,୨୧୦ କୋଟି ଟଙ୍କାର ତ୍ରୈମାସିକ ଖୁଚୁରା ବିତରଣ ରେକର୍ଡ କରିଛି। ଏହି ତ୍ରୟମାସରେ ଖୁଚୁରା ପୁସ୍ତକର ଆକାର ୯୨,୨୨୪ କୋଟି ଟଙ୍କାରେ ପହଞ୍ଚିଛି, ପୂର୍ବ ବର୍ଷ ତୁଳନାରେ ବାର୍ଷିକ ୨୩% ବୃଦ୍ଧି ଘଟିଛି। ଏହା ବ୍ୟତୀତ ଗ୍ରାହକଙ୍କ ପାଇଁ ଏକ ଶକ୍ତିଶାଳୀ ଡିଜିଟାଲ ଚ୍ୟାନେଲ ଭାବେ ଉଭା ହୋଇଥିବା କମ୍ପାନୀର ଗ୍ରାହକ ମୁଖୀ ପ୍ଲାନେଟ୍ ଆପ୍ ଡିସେମ୍ବର ୩୧, ୨୦୨୪ ସୁଦ୍ଧା ୧.୫ କୋଟିରୁ ଅଧିକ ଡାଉନଲୋଡ୍ ଅତିକ୍ରମ କରିଛି, ଯେଉଁଥିରେ ଗ୍ରାମାଂଚଳରୁ ୧୩.୮ ଲକ୍ଷରୁ ଅଧିକ ଡାଉନଲୋଡ୍ ହୋଇଛି। ବର୍ତ୍ତମାନ ସୁଦ୍ଧା, ଏହି ଚ୍ୟାନେଲ୍ ୩,୧୦୦ କୋଟି ଟଙ୍କାରୁ ଅଧିକ ସଂଗ୍ରହ କରିଛି ଏବଂ ୧୦,୫୦୦ କୋଟି ଟଙ୍କାରୁ ଅଧିକ (ୱେବ୍ସୁମିଶାଇ) ସୋର୍ସିଂ କରିଛି।

ସକାଳ
THE SAKALA
www.sakalaepaper.com

# ସମ୍ଭାବନା





### ହ୍ୱାଟ୍ସଆପ୍‌ର ନୂଆ ଫିଚର
## ସେଲ୍‌ଫିରୁ ଷ୍ଟିକର୍



ହ୍ୱାଟସ୍ଆପ୍ ତା' ବ୍ୟବହାରକାରୀଙ୍କୁ ଅଧିକ ସୁବିଧା ଓ ସୁଯୋଗ ପ୍ରଦାନ କରିବା ପାଇଁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଫିଚର୍ ମାନ ସାମ୍ନାକୁ ଆଣୁଛି । ଏହି କ୍ରମରେ ଏହା ଏବେ ଏକ ନୂଆ ଫିଚର ଲଞ୍ଚ୍ କରିଛି । ତେବେ ଏ ଫିଚର୍ ସେଲ୍‌ଫି ପ୍ରେମୀଙ୍କ ପାଇଁ ବେଶ୍ ଉପଯୋଗୀ ବୋଲି କୁହାଯାଉଛି । ଏଣିକି ବ୍ୟବହାରକାରୀ ସେଲ୍‌ଫିକୁ ସିଧା ଷ୍ଟିକର୍‌ରେ ବି ରୂପାନ୍ତରିତ କରିପାରିବେ । ସରଳ ଭାଷାରେ କହିଲେ, ବ୍ୟବହାରକାରୀ ନିଜ ସେଲ୍‌ଫି ଫଟୋକୁ ମଜାଦାର ଷ୍ଟିକର୍ ଭାବେ ସାଙ୍ଗସାଥୀଙ୍କୁ ପଠାଇପାରିବେ । ତେବେ ଏହାକୁ ବ୍ୟବହାର କରିବା ପାଇଁ ଷ୍ଟିକର ବିକଳ୍ପକୁ ଯିବାକୁ ହେବ । ଏଠାରେ ସେଲ୍‌ଫି ନେବାର ବିକଳ୍ପ ଦେଖାଇବ । ଯାହାକୁ ନିଆରା ଷ୍ଟିକର୍‌ରେ ରୂପାନ୍ତରିତ କରିପାରିବେ । ଏହି ଷ୍ଟିକର୍ ଆଣ୍ଡ୍ରଏଡ୍ ଡିଭାଇସ୍‌ର ବ୍ୟବହାରକାରୀଙ୍କ ପାଇଁ ଉଦ୍ଦିଷ୍ଟ । ଖୁବ୍‌ଶୀଘ୍ର ଏହାକୁ ଆଇଓଏସ୍ ବ୍ୟବହାରକାରୀଙ୍କ ପାଇଁ ବି ଜାରି କରାଯିବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି ।

### କ୍ୟାରିୟରର ନୂଆ ଦିଶା
## ପଡ୍‌କାଷ୍ଟିଂ





ରୋଜଗାରର ଅନେକ ଉପାୟ: ପଡ୍‌କାଷ୍ଟିଂ ଆଜିର ସମୟରେ କେବଳ ଲୋକପ୍ରିୟ ମାଧ୍ୟମ ପାଲଟି ନାହିଁ, ବରଂ ରୋଜଗାର ପ୍ରଦାନ କରୁଛି । ଉତ୍ତମ ସ୍ୱର, କଣ୍ଟେଣ୍ଟ ତିଆରି କରିବାର କଳା ଏବଂ ଲୋକଙ୍କୁ ଆକର୍ଷିତ କରିବାର କ୍ଷମତା ଥିଲେ, ପଡକାଷ୍ଟିଂ ଏକ ଉତ୍ତମ କ୍ୟାରିୟର ବିକଳ୍ପ ହୋଇପାରିବ । ତେବେ ପଡ୍‌କାଷ୍ଟିଂରୁ ଲକ୍ଷାଧିକ ଟଙ୍କା ରୋଜଗାର କରିବାର ଅନେକ ଉପାୟ ଅଛି । କିଛି ବଡ଼ ବଡ଼ ବ୍ରାଣ୍ଡ ବି ପଡ୍‌କାଷ୍ଟରଙ୍କୁ ସ୍ପନସର କରିଥାନ୍ତି । ସେହିପରି ଦିନକୁ ଦିନ ସେହି ପଡକାଷ୍ଟର ଲୋକପ୍ରିୟତା ବଢ଼ିଲେ, କମ୍ପାନି ବିଜ୍ଞାପନ ପାଇଁ ବହୁତ ଟଙ୍କା ଦେବା ଆରମ୍ଭ କରିଥାନ୍ତି । ଅନେକ ପଡ୍‌କାଷ୍ଟର କଣ୍ଟେଣ୍ଟକୁ ନିଆରା ଓ ନୂତନ ଧରଣର କରିଥାନ୍ତି । ସେଥିଲାଗି ଶ୍ରୋତାଙ୍କୁ ସବ୍‌ସ୍କ୍ରିପସନ ଚାର୍ଜ ଦେବାକୁ ପଡ଼ିଥାଏ । ଏହିପରି ଭାବେ ପଡ୍‌କାଷ୍ଟ ମାଧ୍ୟମରେ ବି ରୋଜଗାର ହୁଏ ।

**ସହଜ ନୁହେଁ ଆୟ:** ସେହିପରି ପଡ୍‌କାଷ୍ଟରେ ବ୍ରାଣ୍ଡ ସହିତ ଜଡ଼ିତ ଉତ୍ପାଦ ବିକ୍ରି କରାଯାଇପାରିବ । ତେବେ କୌଣସି ବିଷୟ ଉପରେ ଗଭୀର ଜ୍ଞାନ ଥିଲେ, ତାହାକୁ ୱାର୍କସପ୍ ଏବଂ କୋର୍ସ ମାଧ୍ୟମରେ ବିକ୍ରି କରିପାରିବେ । ଯଦିଓ ପଡକାଷ୍ଟିଂରୁ ରୋଜଗାର କରିବା ସମ୍ଭବ, କିନ୍ତୁ ଏହା ଏତେ ସହଜ ନୁହେଁ । କାରଣ ଏଥିରେ ନିରନ୍ତରତା, ଗୁଣବତ୍ତା ଏବଂ ଦର୍ଶକଙ୍କ ସହିତ ଯୋଡ଼ି ହେବାର କ୍ଷମତା ରହିବାର ଆବଶ୍ୟକତା ଅଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଶ୍ରୋତାଙ୍କୁ ଆକର୍ଷିତ କରିବା ସହଜ ହୋଇ ନ ଥାଏ । ହେଲେ ନିୟମିତ ଏବଂ ମୂଲ୍ୟବାନ କଣ୍ଟେଣ୍ଟ ଦ୍ୱାରା ଦର୍ଶକଙ୍କୁ ଆକୃଷ୍ଟ କରାଯାଇପାରିବ ।

**ପଡ୍‌କାଷ୍ଟିଂ ଆଜିର ଡିଜିଟାଲ ଯୁଗରେ ଦ୍ରୁତ ଭାବେ ବଢ଼ୁଥିବା ଏକ ଉତ୍ତମ କ୍ଷେତ୍ର । ସମ୍ପ୍ରତି ଯୁବପିଢ଼ିଙ୍କ ଲାଗି ପଡ୍‌କାଷ୍ଟିଂ ଏକ ନୂଆ ଓ ରୋମାଞ୍ଚକ ଦୁନିଆ ଭାବେ ଉଭା ହୋଇଛି । ସେଥିପାଇଁ ପଡ୍‌କାଷ୍ଟିଂର କ୍ରେଜ୍ ଯୁବପିଢ଼ିଙ୍କୁ ଆକର୍ଷିତ କରୁଛି । ଅବଶ୍ୟ ଏହା କେବଳ ମନୋରଞ୍ଜନକୁ ଏକ ନୂଆ ରୂପ ପ୍ରଦାନ କରିନାହିଁ, ବରଂ କ୍ୟାରିୟର ପାଇଁ ଏକ ନୂଆ ମାର୍ଗ ମଧ୍ୟ ଉନ୍ମୋଚନ କରିଛି । ଏହା ହେଉଛି ଏମିତି ଏକ କ୍ଷେତ୍ର, ଯେଉଁଠି ନିଜର ସୃଜନଶୀଳତା ଓ ସ୍ୱର ମାଧ୍ୟମରେ ଜଣେ ଲୋକଙ୍କ ସହ ଯୋଡ଼ି ହୋଇପାରିବେ । ତା'ସହ ଏଥିରେ ସମାଜରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ବି ସୃଷ୍ଟି କରିପାରିବେ ।**

**୧୦ ହଜାରରୁ ଲକ୍ଷାଧିକ ପାରିଶ୍ରମିକ:** ଜଣେ ସଫଳ ପଡ୍‌କାଷ୍ଟର ପ୍ରାରମ୍ଭିକ ପର୍ଯ୍ୟାୟରେ ମାସକୁ ୧୦ ହଜାରରୁ ୫୦ ହଜାର ଟଙ୍କା ରୋଜଗାର କରିପାରିବେ । ସେହିପରି ପଡ୍‌କାଷ୍ଟର ଲୋକପ୍ରିୟତା ବଢ଼ିଲେ, ରୋଜଗାର ଲକ୍ଷାଧିକ ଟଙ୍କା ପର୍ଯ୍ୟନ୍ତ ପହଞ୍ଚେ । ଅନ୍ୟପକ୍ଷରେ ଲୋକପ୍ରିୟ ପଡ୍‌କାଷ୍ଟର ମାସକୁ ୫ ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରିଥାନ୍ତି ।

## କାର୍ଯ୍ୟାଳୟରେ କେଉଁ କଥା ଆଲୋଚନା କରିବେନି

**ପ୍ରତ୍ୟେକ ଅଫିସ୍‌ର ପରିବେଶ ବେଶ୍ ପ୍ରଫେସନାଲ ହୋଇଥାଏ । ଅଫିସ୍‌ରେ କର୍ମଚାରୀଙ୍କ କଥାବାର୍ତ୍ତାର ସିଧା ପ୍ରଭାବ ସେମାନଙ୍କ କ୍ୟାରିୟର ଉପରେ ପଡ଼ିଥାଏ । କିଛି ଲୋକ ଏଭଳି ଅଛନ୍ତି, ଅଫିସ୍‌ରେ କ'ଣ କରିବା ଉଚିତ ଓ ଅନୁଚିତ୍, ସେ ସମ୍ପର୍କରେ ସଚେତନ ନ ଥାନ୍ତି ।**



- ବ୍ୟକ୍ତିଗତ ସମସ୍ୟା, ଯେଉଁଳି ପାରିବାରିକ ଝଗଡ଼ା, ସ୍ୱାସ୍ଥ୍ୟ ସମସ୍ୟା, ଆର୍ଥିକ ସମସ୍ୟାକୁ ନିଜ ସହକର୍ମୀଙ୍କ ସହ ଆଲୋଚନା କରିବାଠୁ ଦୂରେଇ ରହିବା ଭଲ ।
- କୌଣସି ସହକର୍ମୀଙ୍କୁ ଖରାପ କହିବା, ସେମାନଙ୍କ ବିଷୟରେ ଆଲୋଚନା କରିବା ଦ୍ୱାରା ନିଜ ଛବି ଖରାପ ହୋଇଥାଏ । ଏହାଦ୍ୱାରା ପରସ୍ପର ମଧ୍ୟରେ ଥିବା ସମ୍ପର୍କରେ ବି ଦୂରତ୍ୱ ସୃଷ୍ଟି ହୋଇଥାଏ ।
- ଧର୍ମ ଆଦି ପ୍ରସଙ୍ଗ ଉପରେ ଚର୍ଚ୍ଚା ନ କରିବା ଭଲ । ବେଳେ ବେଳେ ଧର୍ମକୁ ନେଇ ମତଭେଦ ସୃଷ୍ଟି ହୁଏ ।
- ନିଜ କମ୍ପାନି ବାବଦରେ ନକାରାତ୍ମକ କଥା କହିବା ଦ୍ୱାରା ମଧ୍ୟ କ୍ୟାରିୟର ପ୍ରଭାବିତ ହୁଏ ।
- ଅଫିସ୍‌ରେ ମିଛ ତଥା ଗୁଜବ ଖବରର ପ୍ରଚାର ପ୍ରସାର କରୁଥିବା ଲୋକଙ୍କୁ କେହି ଭରସା କରି ନ ଥାନ୍ତି । ଏହାଦ୍ୱାରା ଅଫିସ୍‌ରେ କାମ କରିବା କଷ୍ଟକର ହୋଇଥାଏ ।
- ବାରମ୍ବାର ଅନ୍ୟ ସାମ୍ନାରେ ନିଜ ଦୁର୍ବଳତା ବାବଦରେ ଆଲୋଚନା କରିବା ଦ୍ୱାରା ନୂଆ ଜିନିଷ ଶିଖିବା ସହଜ ହୋଇ ନ ଥାଏ ।
- ଅଫିସ୍‌ରେ କେତେ କାମ କରୁଛନ୍ତି, ସବୁବେଳେ ଏକଥା ଦେଖାଇବା ମଧ୍ୟ ଅନୁଚିତ । ଏହା ସହକର୍ମୀଙ୍କ ଉପରେ ଚାପ ସୃଷ୍ଟି କରେ ।

## କିଭଳି କରିବେ ରିଭିଜନ



**ପରୀକ୍ଷା ଯେତେକି ଯେତିକି ପାଖେଇ ଆସେ, ପିଲାମାନେ ରିଭିଜନ ଉପରେ ଗୁରୁତ୍ୱ ଦେଇଥାନ୍ତି । ତେବେ ରିଭିଜନର ଠିକ୍ କୌଶଳ ଜଣା ନ ଥିଲେ, ପରୀକ୍ଷା ସମୟରେ ସମସ୍ୟା ସୃଷ୍ଟି ହୋଇପାରେ ।**


- ପଢ଼ିବା ସମୟରେ ଧ୍ୟାନ ବିଚ୍ୟୁତ କରୁଥିବା ଜିନିଷଠାରୁ ଦୂରେଇ ରୁହନ୍ତୁ ।
- ଏଭଳି ସ୍ଥାନରେ ରିଭିଜନ କରନ୍ତୁ, ଯେମିତି ପରିବେଶ ଶାନ୍ତ ଓ ପଢ଼ିବା ଲାଗି ସହଜ ଅନୁଭବ କରୁଥିବେ ।
- ରିଭିଜନ କରିବା ପୂର୍ବରୁ ପ୍ରଥମେ ଧ୍ୟାନ ଦିଅନ୍ତୁ, ପରୀକ୍ଷା ପାଇଁ ଆଉ କେତେ ଦିନ ବାକି ଅଛି । ତା'ସହ ପ୍ରତ୍ୟେକ ବିଷୟକୁ କେତେ ସମୟ ଦେଇପାରିବେ, ସେହି ହିସାବରେ ରିଭିଜନ କରନ୍ତୁ ।
- ରିଭିଜନ୍ ପାଇଁ ଅଲଗା ନୋଟ୍‌ସ ତିଆରି କରନ୍ତୁ । ଏହାଦ୍ୱାରା ରିଭିଜନ କରିବା ସମୟ ବଞ୍ଚିବ, ଅନେକ ବିଷୟର ରିଭିଜନ ମଧ୍ୟ ହୋଇପାରିବ । ପୂର୍ବ ପରୀକ୍ଷାର ପ୍ରଶ୍ନପତ୍ରକୁ ନେଇ ମଧ୍ୟ ରିଭିଜନ ନୋଟ୍ ତିଆରି କରିପାରିବେ ।
- ଯେତିକି ସମୟ ରିଭିଜନ ପାଇଁ ବସୁଛନ୍ତି, ସେଥିରେ ମନ, ଧ୍ୟାନ ଦେଇ ବସନ୍ତୁ । ମଝିରେ ମଝିରେ ବ୍ରେକ୍ ନିଅନ୍ତୁ ।
- ସେହିପରି ସାଙ୍ଗମାନଙ୍କ ସହିତ ମଧ୍ୟ ମିଶି ରିଭିଜନ କରିପାରିବେ । ଏହାଦ୍ୱାରା କିଛି ପାଠ ସହଜରେ ମନେ ରୁହେ ।
- ଅନ୍ୟପଟେ ଏହି ସମୟରେ ସ୍ୱାସ୍ଥ୍ୟକର ଏବଂ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ ଏବଂ ଉପଯୁକ୍ତ ନିଦ୍ରା ମଧ୍ୟ ଶରୀରକୁ ଆବଶ୍ୟକ ।

## ସକାଳ ପଢ଼ାର ଲାଭ



ସାଧାରଣତଃ ଅଭିଭାବକମାନେ ପିଲାମାନଙ୍କୁ ସକାଳୁ ପାଠ ପଢ଼ିବା ପାଇଁ ପରାମର୍ଶ ଦିଅନ୍ତି । ଅବଶ୍ୟ ଏହା ପଛରେ ଅନେକ କାରଣ ରହିଛି । ସକାଳ ସମୟରେ ବାତାବରଣ ଶାନ୍ତ ରହିଥାଏ । ଏହାଦ୍ୱାରା ପଢ଼ାରେ ଧ୍ୟାନ କେନ୍ଦ୍ର କରିବା ସହଜ ହୁଏ । ସକାଳେ ମନ ଖୁସି ରହୁଥିବାରୁ ପାଠପଢ଼ା ପ୍ରତି ରୁଚି ବଢ଼େ । ଶୀଘ୍ର ଉଠିବା ଦ୍ୱାରା ଦିନଯାକର ସମୟକୁ ଠିକ୍ ଭାବେ ଯୋଜନା କରାଯାଏ । ଶୁଦ୍ଧ ତଥା ଶୀତଳ ପବନ , ସୂର୍ଯ୍ୟ କିରଣ ମନ ଓ ଶରୀର ପାଇଁ ଉପାଦେୟ । ଭଲ ମନରେ ଦିନର ଆରମ୍ଭ କରିବା ଉଚିତ । ସକାଳୁ ଜଲ୍‌ଦି ଉଠିବାର ଅଭ୍ୟାସ ଅନ୍ୟ ଭଲ ଅଭ୍ୟାସକୁ ବିକଶିତ କରିବାରେ ସାହାଯ୍ୟ କରେ । ନିତିଦିନ ସକାଳୁ ଉଠି ଶୀଘ୍ର ପାଠ ପଢ଼ିବା ଦ୍ୱାରା ପରୀକ୍ଷା ଫଳ ଭଲ ହୁଏ ଏବଂ ସ୍ମୃତିଶକ୍ତି ବୃଦ୍ଧି ପାଏ । ତେବେ ବିଶ୍ୱର ଅନେକ ସଫଳ ଲୋକଙ୍କ ଅଭ୍ୟାସ ହେଉଛି ଜଲ୍‌ଦି ଉଠିବା ।

## କ୍ରସ୍ ୱାର୍ଡ ପଜଲ୍ ଅଭ୍ୟାସ



**Across**
2. itsy bitsy, teeny weeny, yellow polka dot ______
4. used to ride the waves
5. protects your skin from sun damage
9. if you build it, they will come (to the beach)
10. you can fill it with sand
11. helps you dry off
13. used to dig in the sand
14. set up a net and play beach ______

**Down**
1. Stay out too long and you'll get ______
3. You might see them flying overhead
6. provides shade
7. You are my ______, my only ______
8. Beach ______ Bingo
12. Some people like to walk the beach and pick these up

## ପାଠପଢ଼ା ଛାଡ଼ି କଣ୍ଟେଣ୍ଟ ଷ୍ଟାର୍ଟଅପ୍ ପ୍ରତିଷ୍ଠା

**ଏବର ଡିଜିଟାଲ ଯୁଗରେ ଲୋକେ କିଛି ନୂଆ କାମ କରିବାକୁ ଚାହୁଁଛନ୍ତି । ଏହି କ୍ରମରେ ବେଙ୍ଗାଲୁରରେ ରହୁଥିବା ଈଶାନ ଶର୍ମା ମଧ୍ୟ ସେଭଳି କିଛି କରି ଚର୍ଚ୍ଚାରେ ଅଛନ୍ତି । ୨୩ ବର୍ଷୀୟ ଈଶାନ ୨୦୨୦ରେ ପଢ଼ା ଛାଡି କଣ୍ଟେଣ୍ଟ ମାର୍କେଟ୍ ଷ୍ଟାଟ୍‌ଅପ୍ ପ୍ରତିଷ୍ଠା କରିଛନ୍ତି । ତା'ସହ ଏ କ୍ଷେତ୍ରରେ ସଫଳତା ମଧ୍ୟ ସାଉଁଟିଛନ୍ତି । ତାଙ୍କ କାମ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ।**

୨୩ ବର୍ଷୀୟ ୟୁଟ୍ୟୁବର ହେଲେ ଈଶାନ ଶର୍ମା । ସେ ଏବେ ବେଙ୍ଗାଲୁରୁରେ ରହୁଛନ୍ତି । ତେବେ ସେ ୨୦୨୨ରେ ବିଟ୍ସ ଗୋଆରୁ ପଢ଼ା ଛାଡ଼ି କଣ୍ଟେଣ୍ଟ ତିଆରି କରିବା ଆରମ୍ଭ କଲେ । ତେବେ ସେ ଏହି କାମ ପାର୍ଟ ଟାଇମ୍ ନୁହେଁ, ବରଂ ପୂର୍ଣ୍ଣକାଳୀନ ଭାବେ ଆରମ୍ଭ କଲେ । ଯେଉଁଥିପାଇଁ ସେ ପଢ଼ା ଛାଡ଼ି ଦେଲେ । ତେବେ ଆଜି ତାଙ୍କ ୟୁଟ୍ୟୁବ୍‌ରେ ୧.୬୩ ମିଲିୟନ ସବସ୍କ୍ରାଇବର, ଇନ୍‌ଷ୍ଟାଗ୍ରାମ୍‌ରେ ୯୧୯ ହଜାର ଅନୁଗାମୀ ଅଛନ୍ତି । ଅନ୍ୟପଟେ ଈଶାନ ୧୮ ବର୍ଷ ବୟସରେ ଆମାଜନରେ ତାଙ୍କର ପ୍ରଥମ ବହି 'କ୍ରଶ୍ ଇଟ୍ ଅନ୍ ଲିଙ୍କ୍‌ଡଇନ୍' ପ୍ରକାଶିତ କଲେ । ସେହିପରି ତାଙ୍କର ଲୋକପ୍ରିୟତା ଖୁବ୍ ବେଶି । ଯେଉଁଥିପାଇଁ ବିଭିନ୍ନ କଲେଜରେ ଭାଷଣ ଦେବାକୁ ତାଙ୍କୁ ଆମନ୍ତ୍ରିତ କରାଯାଏ ।

ତେବେ ଈଶାନ ସାମାଜିକ ଗଣମାଧ୍ୟମରେ କ୍ୟାରିୟର, ଫ୍ରିଲାନ୍ସି ଏବଂ ବ୍ୟବସାୟ ଆଦି ବାବଦରେ ଆଲୋଚନା କରନ୍ତି । ସେ ୨୫ ଜଣିଆ ମାର୍କିଟ୍‌ଅପ୍ ନାମକ ରିମୋଟ୍ ମାର୍କେଟ ଏଜେନ୍ସିର ସହ ସ୍ଥାପନା କରିଛନ୍ତି । ଏହା ମାଧ୍ୟମରେ ସେ ଅଲଗା ଭାଇରାଲ କଣ୍ଟେଣ୍ଟ ମାର୍କେଟିଂ ଷ୍ଟ୍ରାଟେଜି ମାଧ୍ୟମରେ ଷ୍ଟାର୍ଟଅପ୍ ଏବଂ ଲୋକଙ୍କୁ ସାମାଜିକ ଗଣମାଧ୍ୟମରେ ସ୍ୱାଭାବିକ ଭାବେ ବଢ଼ିବା ପାଇଁ ସାହାଯ୍ୟ କରନ୍ତି ।



ଅନ୍ୟପଟେ ଏବେ ସେ ଲୋକଙ୍କୁ ନିଯୁକ୍ତି ଦେବା କଥା ବି ଘୋଷଣା କରିଛନ୍ତି । ତାଙ୍କ ଟିମ୍‌ରେ ସାମିଲ ହେବା ପାଇଁ ଚିଫ୍ ଅଫ୍ ଷ୍ଟାଫ୍‌ଙ୍କ ସନ୍ଧାନ କରୁଛନ୍ତି । ଏକଥା ସେ ସାମାଜିକ ଗଣମାଧ୍ୟମରେ ସେୟାର୍ କରି ଜଣାଇଛନ୍ତି । ତେବେ ଏ ଲାଗି ଆବେଦନ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ଏକ ଭିଡିଓ ପ୍ରସ୍ତୁତ କରିବାକୁ ହେବ । ଯେଉଁଥିରେ ତାଙ୍କୁ ଦେଖାଇବାକୁ ହେବ ଯେ, ସେ ଏହି ପଦ ପାଇଁ କାହିଁକି ଯୋଗ୍ୟ ।

ଈଶାନ କହିଛନ୍ତି, ଯେଉଁମାନଙ୍କର କଣ୍ଟେଣ୍ଟ ମାର୍କେଟିଂରେ ଅଭିଜ୍ଞତା ଅଛି, ଡିଜାଇନ ଏବଂ ଏଡିଟିଂରେ ପ୍ରବୀଣ ତଥା ପ୍ରଭାବୀ ଢଙ୍ଗରେ ଲେଖିବା କଳା ଜଣାଅଛି, ସେମାନେ ଏଡିଟର, ଡିଜାଇନର ଏବଂ ରାଇଟରଙ୍କ ଟିମ୍‌ରେ ନେତୃତ୍ୱ ନେବେ । କେବଳ ସେତିକି ନୁହେଁ, ସେମାନେ ଈଶାନଙ୍କୁ ମଧ୍ୟ ସୋସିଆଲ ମିଡିଆ, ୟୁଟ୍ୟୁବ୍, ଇନ୍‌ଷ୍ଟାଗ୍ରାମ, ଲିଙ୍କଡ୍‌ଇନ୍ ଏବଂ ଟ୍ୱିଟରରେ ପ୍ରଦର୍ଶିତ ହେଉଥିବା ସମସ୍ତ କଣ୍ଟେଣ୍ଟରେ ସାହାଯ୍ୟ କରିବେ । ବଜାର ସ୍ଥିତି ଅନୁସାରେ, ସେମାନଙ୍କୁ ପାରିଶ୍ରମିକ ପ୍ରଦାନ କରିବା କଥା କହିଛନ୍ତି, କିନ୍ତୁ କେତେ ଟଙ୍କା ପାରିଶ୍ରମିକ ପ୍ରଦାନ କରିବେ, ସେକଥା କହି ନାହାନ୍ତି ।

■ ୨୦୩୨ ଅଲିମ୍ପିକ୍ସରେ କ୍ରିକେଟ

## ଆଇଓସି ଅଧକ୍ଷ ବାକ୍‌ଙ୍କୁ ଭେଟିଲେ ଶାହା

ଲାଉସେନ୍,୨୧।୧(ଏଜେନ୍ସି): ୨୦୩୨ରେ ଅଷ୍ଟ୍ରେଲିଆର ବ୍ରିସ୍‌ବେନ୍‌ରେ ଆୟୋଜନ ହେବାକୁଥିବା ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସଭାପତି ଜୟ ଶାହା ଏ ନେଇ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଅଧକ୍ଷ ଥୋମାସ ବାକ୍‌ଙ୍କୁ ଭେଟି ଆଲୋଚନା କରିଛନ୍ତି। ଜାନୁଆରୀ ୩୦ରେ ଲାଉସେନସ୍ଥିତ ଅଲିମ୍ପିକ ହାଉସ୍‌ରେ ଆଇଓସି ଅଧିବେଷଣ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ସକ୍ଷାତ ବେଶ୍ ଗୁରୁତ୍ୱବହନ କରୁଛି। ମଙ୍ଗଳବାର ଆଇସିସି ଜୟ ଶାହାଙ୍କ ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ସହ ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ କରିବାକୁ ପ୍ରୟାସ ବୋଲି ଉଲ୍ଲେଖ କରିଛି। ପୂର୍ବରୁ ଶାହା ଗତମାସ କ୍ରିକେଟ ଅଷ୍ଟ୍ରେଲିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିକ୍ ହାକଲେଙ୍କୁ ଭେଟିଥିଲେ। ଉଲ୍ଲେଖଥାଉ କି, ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଭାବେ ଜୟ ଶାହା ଏହି ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ କରିବାକୁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

■ ଦିବ୍ୟାଙ୍ଗ ଚାମ୍ପିଅନ୍ସ ଟ୍ରଫି କ୍ରିକେଟ

## ଇଂଲଣ୍ଡକୁ ହରାଇ ଭାରତ ଚାମ୍ପିଅନ




କାଟୁନାୟକେ,୨୧।୧(ଏଜେନ୍ସି): ଶ୍ରୀଲଙ୍କାର କାଟୁନାୟକେଠାରେ ଅନୁଷ୍ଠିତ ଦିବ୍ୟାଙ୍ଗ ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାରତ ଚାମ୍ପିଅନ ହୋଇଛି। ଫାଇନାଲରେ ଭାରତ ୭୯ ରନରେ ଇଂଲଣ୍ଡକୁ ପରାସ୍ତ କରି ଟାଇଟଲ ଜିତିଛି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୧୯୭ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୧୧୮ ରନରେ ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଭାରତ ଦିବ୍ୟାଙ୍ଗ ଦଳର ଅଧିନାୟକ ବିକ୍ରାନ୍ତ କେନି ସାରା ଟୁର୍ଣ୍ଣାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ଦଳକୁ ଚାମ୍ପିଅନ କରାଇବାବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଫାଇନାଲରେ ଭାରତର ରାଧିକା ପ୍ରସାଦ ୧୯ ରନ ଦେଇ ୪ ୱିକେଟ ଅକ୍ତିଆର କରିଥିଲେ। ଭାରତୀୟ ବ୍ୟାଟର ଯୋଗେନ୍ଦ୍ର ଭଦୋରିଆ ୭୩ ରନ ସଂଗ୍ରହ କରିଥିଲେ।

## ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ରଗ୍‌ବୀ ଫାଇନାଲରେ କିଟ୍

ଭୁବନେଶ୍ୱର, ୨୧।୧ (ସମିସ): ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟ ଚାଲିଥିବା ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ରଗ୍‌ବୀ ଚାମ୍ପିଅନସିପ୍ (ମହିଳା)ର ଉଭୟ ୭ଏସ୍ ଓ ୧୫ଏସ୍ ବର୍ଗରେ ଫାଇନାଲରେ ସ୍ଥାନ ପକ୍କା କରିଛି। ତୃତୀୟ ଦିବସରେ ମଙ୍ଗଳବାର ଖେଳାଯାଇଥିବା ୭ଏସ୍ ସେମିଫାଇନାଲରେ କିଟ୍ ୨୪-୫ ସ୍କୋରରେ ଲଭଲୀ ପ୍ରଫେସନାଲ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ବୁଧବାର ଫାଇନାଲରେ କିଟ୍‌ର ମୁକାବିଲା ଶିବାଜୀ ବିଶ୍ୱବିଦ୍ୟାଳୟ ସହ ହେବ। ସେହିଭଳି ୧୫ଏସ୍ ବର୍ଗର ସେମିଫାଇନାଲରେ କିଟ୍‌ର ମୁକାବିଲା ଶିବାଜୀ ବିଶ୍ୱବିଦ୍ୟାଳୟ (କୋହ୍ଲପୁର) ସହ ହୋଇଥିଲା। ଏଥିରେ କିଟ୍ ୧୦-୦ରେ ବିଜୟୀ ହୋଇ ଫାଇନାଲରେ ପହଞ୍ଚିଛି। ବୁଧବାର କିଟ୍ ଓ ୟୁନିଭର୍ସିଟି ଅଫ୍ ମୁମ୍ବାଇ ମଧ୍ୟରେ ଫାଇନାଲ ଖେଳାଯିବ।

## ସୁଢଳ ମହାନ୍ତିଙ୍କ ପରଲୋକ

କଟକ,୨୧।୧(ସମିସ): ଓଡ଼ିଶାର ଖାତନାମା ବର୍ଷୀୟାନ କ୍ରୀଡ଼ା ପ୍ରଶାସକ ସୁଢ଼ଳ ମହାନ୍ତିଙ୍କର ପରଲୋକ ହୋଇଯାଇଛି। ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ଏହି ପ୍ରଶାସକ ଜଣଙ୍କ ମୃତ୍ୟୁ ବେଳକୁ ତାଙ୍କ ନିଜ ଘର ସୁକିନ୍ଦାରେ ରହୁଥିଲେ। ଟେବଲ ଟେନିସ ପ୍ରଶାସନରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଇଥିଲେ। ବିଶେଷକରି ସର୍ବଭାରତୀୟ ଟିଟି ମହାସଂଘର ଉପସଭାପତି, ଭାରତୀୟ ଟିଟି ଦଳର ମ୍ୟାନେଜର, ଓଡ଼ିଶା ଟିଟି ସଂଘର ସମ୍ପାଦକ ଭାବେ କାମ କରିଥିଲେ। ସେ ମଧ୍ୟ ଓଡ଼ିଶା ଅଲିମ୍ପିକ୍ ଓ କ୍ରିକେଟ ସଂଘରେ କର୍ମକର୍ତ୍ତାଭାବେ କାମ କରିଥିଲେ। କ୍ରୀଡ଼ାରେ ଜଣେ ବିଜ୍ଞ ବ୍ୟକ୍ତିଭାବେ ତାଙ୍କର ସୁନାମ ରହିଥିଲା। ତାଙ୍କ ମୃତ୍ୟୁରେ ଓଡ଼ିଶା ଟିଟି ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ସନ୍ତୋଷ କୁମାର ମିଶ୍ର ଓ ଅନ୍ୟମାନେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। କ୍ରୀଡ଼ା ପ୍ରଶାସନରେ ତାଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଥିଲା।



କୋଲକାତାରୁ ଭାରତ-ଇଂଲଣ୍ଡ ଟି-୨୦ ସିରିଜ୍ ଆରମ୍ଭ

# ଆଜିଠାରୁ ଦୁଇ ମହାଶକ୍ତି ମଧ୍ୟରେ ଲଢ଼େଇ

କୋଲକାତା,୨୧।୧(ଏଜେନ୍ସି):







ବିଶ୍ୱ ଟି-୨୦ କ୍ରିକେଟରେ ଆୟୋଜକ ଭାରତ ଓ ଇଂଲଣ୍ଡ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତି। ଭାରତ ଏବେ ଟି-୨୦ରେ ବିଶ୍ୱଚାମ୍ପିଅନ ହୋଇଥିଲାବେଳେ ଇଂଲଣ୍ଡ ଦଳରେ ଏକାଧିକ ନୂଆ ଖେଳାଳି ଦଳର ଶକ୍ତିବୃଦ୍ଧି କରିଛନ୍ତି। ଭାରତୀୟ ଦଳର ନେତୃତ୍ୱ ସୂର୍ଯ୍ୟକୁମାର ଯାଦବ ଓ ଇଂଲଣ୍ଡର ଅଭିଜ୍ଞ ତଥା ଭାରତୀୟ ପରିବେଶ ଓ ଖେଳାଳିଙ୍କ ସହ ବେଶ ପରିଚିତ ଥିବା ଜୋସ୍ ବଟଲରଙ୍କ ହାତରେ ରହିଛି। କ୍ରମାଗତ ଟେଷ୍ଟ ସିରିଜ୍ ହାରିବା ପରେ ଭାରତର ହେଡ୍ କୋଚ୍ ଗୌତମ ଗମ୍ଭୀର ନିଜ ସମ୍ମାନ ରକ୍ଷା କରିବା ଲାଗି ଏହି ସିରିଜ୍‌କୁ ଏକ ଚ୍ୟାଲେଞ୍ଜ ଭାବେ ନେଇଛନ୍ତି। ଅନ୍ୟପକ୍ଷରେ ଗତ ଦୁଇବର୍ଷ ଧରି ଇଂଲଣ୍ଡ ଟେଷ୍ଟ ଦଳର ହେଡ୍ କୋଚ୍ ଥିବା ବ୍ରେଣ୍ଡନ ମ୍ୟାକ୍‌କୁଲମ ଏବେ ସୀମିତ ଓଭର ଦାୟିତ୍ୱରେ ରହିଛନ୍ତି। ଉଭୟ କୋଚ୍ ଆଇପିଏଲ୍‌ରେ ସ୍ଥାନୀୟ ଦଳ କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ଖେଳିଛନ୍ତି। ଏଠାରେ ଉଭୟ ବେଶ ପ୍ରଭାବଶାଳୀ ଭୂମିକା ନିଭାଇଛନ୍ତି। ଉଭୟ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ଇଂଲଣ୍ଡ ଟି-୨୦ରେ ବେଶ ପ୍ରଭାବଶାଳୀ ପ୍ରଦର୍ଶନ କରୁଥିଲାବେଳେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ନିଶ୍ଚିତ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ।

ଏହି ମୁକାବିଲା ଲାଗି ଭ୍ରମଣକାରୀ ଇଂଲଣ୍ଡ ତାହା ଚୂଡାନ୍ତ ଏକାଦଶ ଖେଳାଳିଙ୍କ ନାମ ଘୋଷଣା କରିଛି। ଏହି ଦଳରେ ୭ଜଣ ବୋଲିଂ କରିପାରିବାର ଦକ୍ଷତା ରଖିଛନ୍ତି। ବେନ୍ ଡକେଟ ଓ ଫିଲିପ ସଲ୍ଟ ଇନିଂସ ଓପନ କରିବେ। ଇଂଲଣ୍ଡ ଦଳର ସମସ୍ତ ଖେଳାଳି ବେଶ ଦକ୍ଷ। ଏଣୁ ସେମାନେ ଭାରତର ଚ୍ୟାଲେଞ୍ଜକୁ ଖୋଲା ଖୋଲି ଗ୍ରହଣ କରିଛନ୍ତି। ମ୍ୟାକ୍‌କୁଲାମ ଓ ଜୋସ୍ ବଟଲରଙ୍କ ମଧ୍ୟରେ କୋଚ୍-କ୍ୟାପ୍ଟେନ ସମ୍ପର୍କ ଏହି ସିରିଜ୍‌ରେ ପ୍ରତିଷ୍ଠିତ ହେବ। ଏହି ସମ୍ପର୍କ ଦଳର ଭଲ ପ୍ରଦର୍ଶନ ଲାଗି ନିହାତି ଜରୁରୀ।

**ଖେଳ ଆରମ୍ଭ**
**ରାତି ୭ଟା**
**ପ୍ରସାରଣ**
**ଷ୍ଟାର ସ୍ପୋର୍ଟ୍ସ, ହଟ୍ ଷ୍ଟାର**

ଅନ୍ୟପକ୍ଷରୁ ସୂର୍ଯ୍ୟକୁମାର ଟି-୨୦ରେ ଜଣେ କିମ୍ବଦନ୍ତୀ ଖେଳାଳି। ଏହି ଦଳରେ ସ୍ଥାନ ପାଇଥିବା ଖେଳାଳିମାନଙ୍କ ନିକଟରେ ଦୁଃସାହସିକ ଖେଳିବାର ଯଥେଷ୍ଟ ଅଭିଜ୍ଞତା ରହିଛି। ଟି-୨୦ ସିରିଜ୍‌ରୁ ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ ଓ ଋଷଭ ପନ୍ତଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଅନ୍ୟ ଖେଳାଳିଙ୍କୁ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବା ଲାଗି ସୁଯୋଗ ସୃଷ୍ଟି ହୋଇଛି। ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା ଇନିଂସ ଓପନ କରିବେ। ସୂର୍ଯ୍ୟକୁମାର, ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂ ଓ ଅଷ୍ଟ୍ରେଲିଆ ଟେଷ୍ଟ ସିରିଜ୍‌ରେ ଚମତ୍କାର ଖେଳିଥିବା ନୀତୀଶ କୁମାର ରେଡ୍ଡୀଙ୍କ ଲାଗି ଏହି ସିରିଜ୍ ବେଶ ଗୁରୁତ୍ୱପୂର୍ଣ୍ଣ। ସ୍ପିନ ବୋଲିଂ ଅଲରାଉଣ୍ଡର ଅକ୍ଷର ପଟେଲ ପ୍ରଥମଥର ଦଳର ଉପଅଧିନାୟକ ରହିଛନ୍ତି। ଯଶପ୍ରୀତ୍ ବୁମ୍‌ରାଙ୍କ ସ୍ଥାନରେ ଦଳକୁ ଆସିଥିବା ବରିଷ୍ଠ ପେସ୍‌ର ମହମ୍ମଦ୍ ସାମିଙ୍କୁ ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଫିଟ୍‌ନେସ ଓ ପ୍ରଭାବୀ ପ୍ରଦର୍ଶନ କରିବାର ସୁଯୋଗ ରହିଛି।

### ଖେଳାଳି ତାଲିକା

**ଭାରତ:** ସୂର୍ଯ୍ୟକୁମାର ଯାଦବ, ସଞ୍ଜୁ ସାମସନ (ୱିକେଟରକ୍ଷକ), ଅଭିଷେକ ଶର୍ମା, ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ (ଉପଅଧିନାୟକ), ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ମହମ୍ମଦ୍ ସାମି, ଅର୍ଶଦୀପ ସିଂହ, ହର୍ଷିତ ରାଣା ଓ ଧ୍ରୁବ ଜୁରେଲ (ୱିକେଟ ରକ୍ଷକ)

**ଇଂଲଣ୍ଡ ଏକାଦଶ:** ଫିଲିପ୍ ସଲ୍ଟ (ୱିକେଟରକ୍ଷକ), ବେନ୍ ଡକେଟ୍, ଜୋସ୍ ବଟଲର (ଅଧିନାୟକ), ହ୍ୟାରୀ ବ୍ରୁକ୍, ଲିଆମ ଲିଭିଙ୍ଗଷ୍ଟୋନ୍, ଜ୍ୟାକବ ବେଥେଲ, ଜାମି ଓଭରଟନ, ଗସ ଆଟକିନସନ, ଜୋଫ୍ରା ଆର୍ଚର, ଆଦିଲ ରଶିଦ୍, ମାର୍କ ଉଡ୍।

ଆଇସିସି ଚାମ୍ପିଅନ୍ସ ଟ୍ରଫି /

## ଭାରତୀୟ ଜର୍ସିରେ ରହିବନି ପାକିସ୍ତାନର ନାମ

ନୂଆଦିଲ୍ଲୀ,୨୧।୧(ଏଜେନ୍ସି): ମିନି କ୍ରିକେଟ୍ ବିଶ୍ୱକପ୍ ଭାବେ ପରିଚିତ ଆଇସିସି ଚାମ୍ପିଅନ୍ସ ଟ୍ରଫିର ୯ମ ସଂସ୍କରଣ ଆରମ୍ଭ ହେବାକୁ ଆଉ ଗୋଟିଏ ମାସରୁ କମ୍ ସମୟ ବାକି ରହିଛି। ଏହି ମେଗା ଇଭେଣ୍ଟ ଆୟୋଜନ ଅଧିକାର ଏଥର ପାକିସ୍ତାନକୁ ମିଳିଛି। ପାକିସ୍ତାନ ସମେତ ହାଇବ୍ରିଡ୍ ମଡେଲରେ ଏହାର କିଛି ମ୍ୟାଚ୍ ଦୁବାଇରେ ମଧ୍ୟ ଖେଳାଯିବ। ତେବେ ଚାମ୍ପିଅନ୍ସ ଟ୍ରଫିକୁ ନେଇ ବିବାଦ କମିବାର ନାମ ନେଉନାହିଁ। ରାଜନୈତିକ ଓ ସୁରକ୍ଷାଜନିତ କାରଣ ଲାଗି ପ୍ରଥମେ ପାକିସ୍ତାନ ଖେଳିଯିବାକୁ ଭାରତ ରାଜି ହୋଇ ନ ଥିଲା। ଶେଷରେ ଭାରତ ଲାଗି ଏହି ଟୁର୍ଣ୍ଣାମେଣ୍ଟ ହାଇବ୍ରିଡ୍ ମଡେଲରେ ଦୁବାଇରେ ଖେଳାଯିବାକୁ ପରମୁହୂର୍ତ୍ତରେ ନିଷ୍ପତ୍ତି ହୋଇଥିଲା। ଭାରତ ଏହାର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବାକୁ କାର୍ଯ୍ୟସୂଚୀ ପ୍ରକାଶ ପାଇଥିଲା। ଏବେ ସଦସ୍ୟ ଏକ ବିବାଦ ମୁଣ୍ଡ ଟେକିଛି। ରିପୋର୍ଟ ମୁତାବକ, ଭାରତ ଏହାର ଟିମ୍ ଜର୍ସିରେ ଆୟୋଜକ ଦେଶ ପାକିସ୍ତାନ ନାମ ପ୍ରିଣ୍ଟ କରିବ ନାହିଁ ବୋଲି ଜଣାପଡ଼ିଛି। ପରମ୍ପରା ଅନୁସାରେ କୌଣସି ଆଇସିସି ଇଭେଣ୍ଟରେ ସମସ୍ତ ଦେଶ ଟିମ୍ ଜର୍ସିରେ ଟୁର୍ଣ୍ଣାମେଣ୍ଟର ନାମ ସହ ଆୟୋଜକ ଦେଶର ନାମକୁ ମଧ୍ୟ ପ୍ରିଣ୍ଟ କରିଥାନ୍ତି। କିନ୍ତୁ ପାକିସ୍ତାନର ନାମକୁ ଜର୍ସିରେ ପ୍ରିଣ୍ଟ କରିବାକୁ ଭାରତ ମନା କରିଦେଇଥିବା ରିପୋର୍ଟ ପ୍ରକାଶ ପାଇଛି।




ଏହାକୁ ନେଇ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପକ୍ଷରୁ ଆପତ୍ତି ଉଠାଯାଇଛି। ପିସିବିର ଜନୈକ ଅଧିକାରୀ ଏକ ନ୍ୟୁଜ ଏଜେନ୍ସିକୁ ସାକ୍ଷାତ୍‌କାରରେ କହିଛନ୍ତି, ‘ବିସିସିଆଇ ଖେଳରେ ରାଜନୀତି ପୁରାଉଛି। ଯାହା କ୍ରିକେଟ୍ ପାଇଁ ଆଦୌ ଶୁଭଙ୍କର ନୁହେଁ। ସେମାନେ ପ୍ରଥମେ ପାକିସ୍ତାନ ଖେଳିଆସିବାକୁ ମନା କରିଥିଲେ। ଏହାପରେ ଟ୍ରଫି ଫଟୋ ସୁଟ୍ କାର୍ଯ୍ୟକ୍ରମ ଲାଗି ଅଧିନାୟକଙ୍କୁ ପାକିସ୍ତାନ ପଠାଇବା ଲାଗି ଚାହୁଁନାହାନ୍ତି। ଏବେ ରିପୋର୍ଟ ଆସିଛି ଯେ ସେମାନେ ତାଙ୍କ ଜର୍ସିରେ ଆୟୋଜକ ଦେଶର ନାମ ପ୍ରିଣ୍ଟ କରିବାକୁ ମନା କରୁଛନ୍ତି। ଆମର ବିଶ୍ୱାସ ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା (ଆଇସିସି) ଏହାକୁ ହେବାକୁ ଦେବନାହିଁ ଏବଂ ଆମକୁ ସମର୍ଥନ କରିବ।’ ତେବେ ଆଇସିସି ଏହି ସଦ୍ୟ ବିବାଦରେ କାହା ସପକ୍ଷରେ ଠିଆ ହେଉଛି ତାହା ଆଗାମୀ ଦିନରେ ଜଣାପଡ଼ିବ।

୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍

## ୧୭ ବଲ୍‌ରେ ଜିତିଲା ଭାରତ

କ୍ୱାଲାଲମ୍ପୁର,୨୧।୧(ଏଜେନ୍ସି): ଚଳିତ ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣରେ ଗତଥରର ଚାମ୍ପିଅନ ଭାରତ ମଙ୍ଗଳବାର ଆୟୋଜକ ମାଲେସିଆକୁ ୧୦ ୱିକେଟରେ ଅତି ସହଜରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଗ୍ରୁପ୍ ଏ’ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଭାରତ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ ମାଲେସିଆ ୧୪.୩ ଓଭରରେ ମାତ୍ର ୩୧ ରନକରି ଅଲଆଉଟ ହୋଇଥିଲା। ଦଳ ତରଫର କୌଣସି ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନଥିଲେ ଓ ୪ ବ୍ୟାଟର ଖାତା ଖୋଲି ପାରି ନଥିଲେ। ୧୯ ବର୍ଷୀୟ ଭାରତୀୟ ସ୍ପିନର ବୈଷ୍ଣବୀ ନରେନ୍ଦ୍ର ଶର୍ମା ହ୍ୟାଟ୍ରିକ ନେବା ସହ ୪ ଓଭର ବୋଲିଂ କରି ୧ ମେଡେନ ନେବା ସହ ୫ ୱିକେଟ ହାସଲ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଆୟୁଷି ଶୁକ୍ଳା ୩ ଓ ଭିଜେ ଜୋଶିଥା ଗୋଟିଏ ୱିକେଟ ନେଇଥିଲେ। ଜବାବରେ ଭାରତ ମାତ୍ର ୨.୫ ଓଭର ତଥା ୧୭ଟି ବଲ୍‌ରେ ବିନା କ୍ଷତିରେ ୩୨ ରନକରି ବିଜୟୀ ହୋଇଥିଲା। ଓପନର ଗୋଙ୍ଗାଡି ତ୍ରିଶା ୨୭ ଓ ୱିକେଟରକ୍ଷକ ବ୍ୟାଟର ଜେ କାମିନୀ ୪ ରନକରି ଅପରାଜିତ ରହିଥିଲେ। ୨ଟି ମ୍ୟାଚ୍ ଖେଳି ୨ ବିଜୟ ସହ ଭାରତ ୪ ପଏଣ୍ଟ ହାସଲ କରି ଗ୍ରୁପ୍ ଏ’ର ଶୀର୍ଷ ସ୍ଥାନରେ ରହିଛି।




ବୈଷ୍ଣବୀଙ୍କ ହ୍ୟାଟ୍ରିକ୍

## ଆଜି ବେଙ୍ଗାଲୁରୁ-ଓଏଫ୍‌ସି ଲଢ଼େଇ

ବେଙ୍ଗାଲୁରୁ, ୨୧।୧ (ଏଜେନ୍ସି): ଚଳିତ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍ଏଲ୍) ଏକାଦଶ ସଂସ୍କରଣରେ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ବୁଧବାର ଘରୋଇ ବେଙ୍ଗାଲୁରୁ ଏଫ୍‌ସିକୁ ଭେଟିବ। ଭ୍ରମଣକାରୀ ଓଡ଼ିଶା ଏଫ୍‌ସି ଏହି ମ୍ୟାଚରେ ଜିତି ପଏଣ୍ଟ ଟେବଲ୍‌ରେ ସ୍ଥିତି ଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ସର୍ଗିଓ ଲୋବେରାଙ୍କ ପ୍ରଶିକ୍ଷଣପ୍ରାପ୍ତ ଓଡ଼ିଶା ଏଫ୍‌ସି ବର୍ତ୍ତମାନ ୧୬ ମ୍ୟାଚ୍ ଖେଳି ୫ଟି ଲେଖାଏ ବିଜୟ ଓ ପରାଜୟ ସହ ୨୧ ପଏଣ୍ଟ ପାଇ ଟେବଲ୍‌ର ୭ମ ସ୍ଥାନରେ ରହିଛି। ଅପରପକ୍ଷରେ ସୁନୀଲ ଛେତ୍ରୀଙ୍କ ନେତୃତ୍ୱାଧୀନ ବେଙ୍ଗାଲୁରୁ ସମାନ ୧୬ ମ୍ୟାଚ୍ ଖେଳି ୨୮ ପଏଣ୍ଟ ସହ ୩ୟ ସ୍ଥାନରେ ରହିଛି। ଆଇଏସ୍ଏଲ୍‌ରେ ଉଭୟ ଦଳ ୧୧ଥର ପରସ୍ପର ସାମ୍ନାସାମ୍ନି ହୋଇଛନ୍ତି। ଏଥିରେ ବେଙ୍ଗାଲୁରୁ ୫ଥର ଓ ଓଏଫ୍‌ସି ୪ଥର ଜିତିଥିବାବେଳେ ୨ଟି ମ୍ୟାଚ୍ ଡ୍ର’ ରହିଛି। ସେହିଭଳି ଚଳିତ ସଂସ୍କରଣର ପ୍ରଥମ ପର୍ଯ୍ୟାୟରେ ଦୁଇ ଦଳ ଡିସେମ୍ବର ୧ରେ ପରସ୍ପରକୁ ଭେଟିଥିଲେ। ଏଥିରେ ଓଡ଼ିଶା ୪-୨ ଗୋଲରେ ବିଜୟୀ ହୋଇଥିଲା।

## ଆଇଡବ୍ଲ୍ୟୁଏଲ୍: ଓଏଫ୍‌ସିର ପ୍ରଥମ ପରାଜୟ

ଭୁବନେଶ୍ୱର,୨୧।୧(ସମିସ): ଚଳିତ ଭାରତୀୟ ମହିଳା ଲିଗ୍ (ଆଇଡବ୍ଲ୍ୟୁଏଲ୍) ଅଷ୍ଟମ ସଂସ୍କରଣରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ୦-୨ ଗୋଲରେ ସେଥୁ ଏଫ୍‌ସିଠାରୁ ପରାସ୍ତ ହୋଇଛି। ଏହି ପରାଜୟ ସହ ଓଡ଼ିଶା ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୪ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି। ସେହିପରି ସେଥୁ ୩ଟି ମ୍ୟାଚ୍ ଖେଳି ୨ ବିଜୟ ଓ ଗୋଟିଏ ଡ୍ର ସହ ୭ ପଏଣ୍ଟ ପାଇ ଦ୍ୱିତୀୟ ଏବଂ ଇଷ୍ଟବେଙ୍ଗଲ ୩ ମ୍ୟାଚ୍ ଖେଳି ୩ ବିଜୟ ସହ ୯ ପଏଣ୍ଟ ପାଇଁ ଶୀର୍ଷରେ ରହିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସେଥୁ ତରଫରୁ ୬୯ ଓ ୮୨ତମ ମିନିଟ୍‌ରେ ଅମନା ନବାବୀ ଦୁଇଟି ଗୋଲ ସ୍କୋର କରିଥିଲେ। ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ଓଡ଼ିଶା ଗୋଲ ଦେବାରେ ସକ୍ଷମ ହୋଇ ନଥିଲା।




## ଅଷ୍ଟ୍ରେଲିଆନ ଓପନ୍‌ରୁ ଆଲ୍‌କାରାଜ ବିଦା

ମେଲବୋର୍ଣ୍ଣ, ୨୧।୧ (ଏଜେନ୍ସି):

ଚଳିତ ଅଷ୍ଟ୍ରେଲିଆନ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ପ୍ରତିଯୋଗିତାରେ ଅଭିଜ୍ଞ ସର୍ବିୟ ଖେଳାଳି ନୋଭାକ ଜୋକୋଭିଚ୍ ଓ ଜର୍ମାନୀର ଆଲେଜାଣ୍ଡର ଜ୍ୱେରେଭ ପ୍ରଥମ ସେମିଫାଇନାଲରେ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟରଫାଇନାଲରେ ୭ମ ସିଡ ମାନ୍ୟତା ପାଇଥିବା ୩୭ ବର୍ଷୀୟ ଜୋକୋଭିଚ୍ ୪-୬, ୬-୪, ୬-୩, ୬-୪ ସେଟ୍‌ରେ ତୃତୀୟ ସିଡ୍ ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି। ସେହିପରି ଦ୍ୱିତୀୟ ସିଡ୍ ଜ୍ୱେରେଭ ୭-୬, ୭-୬, ୨-୬, ୬-୧ ସେଟ୍‌ରେ ଆମେରିକାର ଦ୍ୱାଦଶ ସିଡ୍ ଖେଳାଳି ଟମି ପଲ୍‌ଙ୍କୁ ପରାସ୍ତ କରି ତୃତୀୟଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

**ଜୋକୋଭିଚ୍-ଜ୍ୱେରେଭ ସେମି ମୁକାବିଲା**

### ଭାରତୀୟ ଅଭିଯାନ ଶେଷ

ଅଷ୍ଟ୍ରେଲିଆ ଓପନରେ ଏକମାତ୍ର ଭାରତୀୟ ଭାବେ ଅଭିଯାନ ଜାରି ରଖିଥିବା ୪୪ ବର୍ଷୀୟ ରୋହନ ବୋପାନ୍ନା ମିଶ୍ରିତ ଯୁଗଳ ପ୍ରତିଯୋଗିତାରୁ ବାଦ୍ ପଡିଛନ୍ତି। ସେ ଓ ତାଙ୍କ ଚୀନ୍ ସାଥି ଶୁଆଇ ଝେଙ୍ଗ୍ ମଙ୍ଗଳବାର ଖେଳାଯାଇଥିବା କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ୬-୨, ୪-୬, ୯-୧୧ ସେଟ୍‌ରେ ମାତ୍ର ଏକ ଘଣ୍ଟା ୮ ମିନିଟ୍‌ରେ ଅଷ୍ଟ୍ରେଲିଆ ଯୋଡି ଜନ୍ ପିୟର୍ସ ଓ ଓଲିଭିଆ ଗାଡେକିଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି ଓ ଏଥିସହ ଭାରତୀୟ ଅଭିଯାନ ଶେଷ ହୋଇଛି।

### ମହିଳା ସେମିରେ ସାବାଲେଙ୍କା-ବଡୋସା

ମହିଳା ଏକକ ବିଭାଗରେ ବେଲାରୁଷ ଅରିନା ସାବାଲେଙ୍କା ଓ ସ୍ପେନ୍‌ର ପାଉଲୋ ବଡୋସା ପ୍ରଥମ ସେମିଫାଇନାଲରେ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ମଙ୍ଗଳବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ଗତଥରର ଚାମ୍ପିଅନ ସାବାଲେଙ୍କା ୬-୨, ୨-୬, ୬-୩ ସେଟ୍‌ରେ ୨୭ତମ ସିଡ୍ ରୁଷିଆର ଆନାଷ୍ଟାସିଆ ପାଭଲ୍ୟୁଚେଙ୍କୋଭାଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଅନ୍ୟଏକ କ୍ୱାର୍ଟରଫାଇନାଲରେ ୧୧ତମ ସିଡ୍ ବଡୋସା ୭-୫, ୬-୪ ସିଧାସଳଖ ସେଟ୍‌ରେ ତୃତୀୟ ସିଡ୍ ଆମେରିକାର କୋକୋ ଗଫଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ମହିଳା ହକି ଇଣ୍ଡିଆ ଲିଗ୍

## ସୁଟ୍‌ଆଉଟ୍‌ରେ ସୁରମାକୁ ହରାଇଲା ଓଡ଼ିଶା

ରାଞ୍ଚି, ୨୧।୧ (ଏଜେନ୍ସି): ସ୍ଥାନୀୟ ଜୟପାଲ୍ ସିଂହ ଷ୍ଟାଡିୟମରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍‌ର ପ୍ରଥମ ସଂସ୍କରଣରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ୱାରିୟର୍ସ ସୁଟ୍‌ଆଉଟ୍‌ରେ ୨-୦ ଗୋଲରେ ସୁରମା ହକି କ୍ଲବକୁ ପରାସ୍ତ କରିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍ ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଗୋଲ୍‌ଶୂନ୍ୟ ରହିଥିଲା। ସୁଟ୍‌ଆଉଟ୍‌ରେ ସୁରମାର ପ୍ରଥମ ୪ଟି ସଟ୍‌କୁ ଓଡ଼ିଶା ଗୋଲ୍‌ରକ୍ଷକ ଜୋସିଲିନ ବାର୍ତରାମ ଅଟକାଇ ଦେଇଥିଲେ। ଅପରପକ୍ଷରେ ଓଡ଼ିଶା ୪ଟି ପ୍ରୟାସରୁ ୨ଟି ଗୋଲ୍ ଦେଇ ମ୍ୟାଚକୁ ରୋମାଞ୍ଚକ ଭାବେ ଜିତିନେଇଥିଲା। ସୁଟ୍‌ଆଉଟ୍‌ରେ ଓଡ଼ିଶା ୱାରିୟର୍ସ ପାଇଁ ସୋନିକା ଓ କାଟଲିନ ନୋବାସ ଗୋଲ୍‌ସ୍କୋର କରିଥିଲେ। ୱାରିୟର୍ସ ୫ମ ମ୍ୟାଚରୁ ୨ ବିଜୟ, ୨ଟି ସୁଟ୍ ଆଉଟ୍ ବିଜୟ ଓ ଗୋଟିଏ ପରାଜୟ ସହ ୯ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଛି। ସେହିଭଳି ପଞ୍ଜାବଭିତ୍ତିକ ଦଳ ସୁରମା ହକି କ୍ଲବ ୫ ମ୍ୟାଚରୁ ୩ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ସୁଟ୍‌ଆଉଟ୍ ପରାଜୟ ସହ ୯ ପଏଣ୍ଟ ପାଇ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ୨ୟ ସ୍ଥାନକୁ ଖସିଛି। ବୁଧବାର ରାରହ ବେଙ୍ଗଲ ଟାଇଗର୍ସ ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ।



### ୫ମ ବିଜୟ ସହ ଶୀର୍ଷରେ ରୁଦ୍ରସ

ରାଉରକେଲା, ୨୧।୧ (ସମିସ): ସ୍ଥାନୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍-୬’ରେ ମଙ୍ଗଳବାର ଏକ ମ୍ୟାଚରେ ୟୁପି ରୁଦ୍ରସ ୨-୦ ଗୋଲରେ ଟିମ୍ ଗୋନାସିକାକୁ ପରାସ୍ତ କରିଛି। ଏହି ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ରୁଦ୍ରସ ୨ଟି ଗୋଲ୍ ଦେଇ ମ୍ୟାଚକୁ ନିୟନ୍ତ୍ରଣକୁ ଆଣିଥିଲା। ୩୭ତମ ମିନିଟ୍‌ରେ ଟି. କୋସିନସ ଓ ୪୦ତମ ମିନିଟ୍‌ରେ କେନ୍ ରସେଲ ଏହି ୨ଟି ଗୋଲ୍ ଦେଇଥିଲେ। ରୁଦ୍ରସ ଏଥିସହ ୮ମ ମ୍ୟାଚରୁ ୫ମ ବିଜୟ ୩ ପରାଜୟ ସହ ୧୫ ପଏଣ୍ଟ ପାଇ ଶୀର୍ଷକୁ ଉଠିଛି। ଭାଇଜାଗଭିତ୍ତିକ ଦଳ ଗୋନାସିକା ୮ମ ମ୍ୟାଚରୁ ୫ମ ପରାଜୟ ସହ ୭ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି। ବୁଧବାର ଦିଲ୍ଲୀ ଏସ୍‌ଜି ପାଇପର୍ସ ଓ ସୁରମା ହକି କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS
AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS